




# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar







RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୩ Vol. 22 No-143 23 AUGUST 2025 SATURDAY, BHUBANESWAR ଶନିବାର, ୨୩ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ନିମ୍ନମାନର କାମ ହେଲେ କାର୍ଯ୍ୟାନୁଷ୍ଠାନ




- ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ
- ରାସ୍ତା ନିର୍ମାଣ କ୍ଷେତ୍ରରେ ଓଡିଶା ଦେଶରେ ଚତୁର୍ଥ
- ସଡକ ଓ ସେତୁ ନିର୍ମାଣ ଗୁଣବତ୍ତା ଉପରେ ଗୁରୁତ୍ୱ
- ଠିକାଦାରମାନଙ୍କ ପାଇଁ ହେବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୮(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ସଡକ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀ କରଣର ଗୁରୁଦାୟିତ୍ୱ ଏହି ବିଭାଗ ଉପରେ ନ୍ୟସ୍ତ ରହିଛି। ୫ ବର୍ଷ ଭିତରେ ୩୦ ହଜାର କିଲୋମିଟର ରାସ୍ତା ଓ ୫୦୦ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବିଭିନ୍ନ ସ୍କିମ୍ ଓ ବଜେଟ୍ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତ ମାନର ଗମନା ଗମନ ସୁବିଧା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥିସହିତ ରାସ୍ତା ଓ ସେତୁ ଗୁଡିକର ଗୁଣବତ୍ତା ସହିତ ଏହାର ରକ୍ଷଣା ବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପାହାଡିଆ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମ ମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପୂର୍ବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ମାର୍ଗଦର୍ଶିକା ଅନୁଯାୟୀ କାମ କରାଯାଉଥିଲା। ବର୍ତ୍ତମାନ ଏହାର ଚତୁର୍ଥ ପର୍ଯ୍ୟାୟର କାମ ମଧ ହାତକୁ ନିଆଯାଇଛି। ଏହି ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳ ମାନଙ୍କରେ ସଡକ ଓ ସେତୁ ନିର୍ମାଣ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗ ବିହୀନ ଜନ ବସତି ପାଇଁ ୯୪୨ଟି ସଡକ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ସେହିଭଳି ୧୦୦ରୁ ଅଧିକ ଚଢ଼େଇ ବର୍ଗର ଜନବସତି ଗୁଡିକର ସଂଯୋଗୀ କରଣ ପାଇଁ ପିଏମ୍ ଜନମନ୍ • ପୃଷ୍ଠା ୫ ଦେଖନ୍ତୁ

## ଦୁର୍ନୀତି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବଡ଼ ବୟାନ

# ଯଦି କର୍ମଚାରୀ ନିଲମ୍ବିତ ହେବେ, ପ୍ରଧାନମନ୍ତ୍ରୀ କାହିଁକି ନୁହେଁ?



ପାଟନା,୨୨।୮: ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ଗସ୍ତରେ ଯାଇ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ଆୟୋଜିତ ସାଧାରଣ ସଭାରେ ସେ ନୂତନ ଆଇନ ଉପରେ ମଧ୍ୟ ଏକ ବୟାନ ରଖିଥିଲେ। ସେ କହିଥିଲେ, ଏନଡିଏ ସରକାର ଏପରି ଏକ ଆଇନ ଦୁର୍ନୀତି ବିରୋଧରେ ଆଣିଛନ୍ତି, ଯେଉଁଥିରେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ମଧ୍ୟ ଏହି ଆଇନରେ ସାମିଲ କରାଯାଇଥିବା ସେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଏହି ଆଇନ ପ୍ରଣୟନ ହେବାପରେ ଯଦି କୌଣସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଗିରଫ କରାଯାଏ ତେବେ ତାଙ୍କୁ ୩୦ ଦିନ ଭିତରେ ଜାମିନ ନେବାକୁ ପଡ଼ିବ। ଯଦି ଜାମିନ ନ ମିଳେ ତେବେ ୩୧ ଦିନ ତାଙ୍କୁ ପଦ ଛାଡିବାକୁ ପଡ଼ିବ। ସେ ଏହି ପ୍ରସଙ୍ଗରେ କଂଗ୍ରେସ ଏବଂ ଆରଜେଡିକୁ କଠୋର ଭାଷାରେ ଟାର୍ଗେଟ କରିଥିଲେ। ସେ କହିଥିଲେ, ମୋ ଶାସନ କାଳରେ ଆମ ସରକାର ବିରୋଧରେ ଦୁର୍ନୀତିର ଗୋଟିଏ ବି ଦାଗ ଲାଗିନାହିଁ। ଯେତେବେଳେ ସ୍ୱାଧୀନତା ପରେ କଂଗ୍ରେସ ସରକାର ୬୦ରୁ ୬୫ ବର୍ଷ ଧରି କ୍ଷମତାରେ ରହିଥିଲେ, ସେତେବେଳେ ସେମାନଙ୍କର ଦୁର୍ନୀତିର ଏକ ଲମ୍ବା ତାଲିକା ରହିଛି। ବିହାରର ପ୍ରତ୍ୟେକ ଲୋକ ଆରଜେଡିର ଦୁର୍ନୀତି ସଂପର୍କରେ ଜାଣନ୍ତି ବୋଲି ସେ କହିଥିଲେ। ନୂତନ ଆଇନ ଉପରେ ଉଲ୍ଲେଖ କରି ମୋଦୀ କହିଥିଲେ ଯେ ଆଜି ଆଇନ ହେଉଛି, ଯଦି ଜଣେ ଛୋଟ ସରକାରୀ କର୍ମଚାରୀଙ୍କୁ ୫୦ଘଣ୍ଟା ପାଇଁ ହାଜତରେ ରଖାଯାଏ ତେବେ ସେ ନିଲମ୍ବିତ ହୋଇଥାନ୍ତି। କିନ୍ତୁ ଯଦି କେହି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ସେ ଜେଲରେ ଥିବା ସମୟରେ ମଧ୍ୟ କ୍ଷମତା ଉପଭୋଗ କରିପାରିବେ। ଏହି ନିୟମ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ କ୍ଷେତ୍ରରେ କାହିଁକି ଲାଗୁ ହେବ ନାହିଁ ବୋଲି ସେ ଓଲଟି ପ୍ରଶ୍ନ କରିଥିଲେ। ମୋଦୀ କହିଥିଲେ ଯେ ଆମେ କିଛି ସମୟ ପୂର୍ବରୁ ଦେଖିଛୁ ଯେ କିପରି ଜେଲରୁ ଫାଇଲରେ ଦସ୍ତଖତ କରାଯାଉଥିଲା। ଜେଲରୁ ହିଁ ସରକାରୀ ନିର୍ଦ୍ଦେଶ ଜାରି ହେଉଥିଲା। ଯଦି ନେତାମାନଙ୍କର ଏଭଳି ମନୋଭାବ ରହିଛି, ତେବେ ଦୁର୍ନୀତି ବିରୋଧରେ ଲଢିବା କିପରି ସମ୍ଭବ ହୋଇପାରିବ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ଉଭୟ କଂଗ୍ରେସ ଓ ଆରଜେଡି ଉପରେ ଆରୋପ ଲଗାଇ କହିଥିଲେ ଯେ ଉଭୟ ଜନସାଧାରଣଙ୍କ ଟଙ୍କା ଲୁଟୁଥିଲେ। ଆମ ଦେଶରେ କଂଗ୍ରେସ ହେଉ କିମ୍ବା ଆରଜେଡି ସରକାର କେବେ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଓସିଏସ୍ ମେନ୍ ରେଜଲ୍ଟ ପ୍ରକାଶିତ

କଟକ,୨୨।୮(ଭାସ୍କର ନ୍ୟୁଜ): ଓଡ଼ିଶା ଲୋକସେବା ଆୟୋଗଦ୍ୱାରା ପରିଚାଳିତ ୨୦୨୩ ଓଡ଼ିଶା ସିଭିଲ ସର୍ଭିସ ମେନ୍ ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ୮୦୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ରହିଛନ୍ତି। ଆସନ୍ତା ସେପ୍ଟେମ୍ବର ୬ ତାରିଖରୁ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହେବ।

### ଅନ୍‌ଲାଇନ ଗେମିଂ ବିଲ୍ ଆଇନରେ ପରିଣତ

ନୂଆଦିଲ୍ଲୀ,୨୨।୮: ଅନ୍‌ଲାଇନ୍ ଗେମିଂ ବିଲ୍ ଶୁକ୍ରବାର ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି। ଏଥିପୂର୍ବରୁ ଏହା ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା। ଏହାର ଉଲ୍ଲଂଘନ କଲେ ୫ ବର୍ଷ ଜେଲଦଣ୍ଡ ସହ ୨ କୋଟିର ଜରିମାନା ଲାଗୁ ନେଇ ଆଇନରେ ବ୍ୟବସ୍ଥା ରହିଛି।

### ଆଜି ଖୋଲିବ ହୀରାକୁଦ ଡ୍ୟାମ୍ ଗେଟ୍

ସମ୍ବଲପୁର,୨୨।୮(ଭାସ୍କର ନ୍ୟୁଜ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ଡ୍ୟାମ୍‌ର ଗେଟ୍ ଖୋଲାଯିବ ବୋଲି ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି।


### ଏଏସ୍‌ଓ ଗିରଫ

ଭୁବନେଶ୍ୱର,୨୨।୮(ଭାସ୍କର ନ୍ୟୁଜ): ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗରେ ଭୁବନେଶ୍ୱର ମହିଳାଥାନା ପୋଲିସ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଏଏସ୍‌ଓ ସୁଶାନ୍ତ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେନ୍‌ସେକ୍ସ: ୮୧,୩୦୬.୮୫
ସର୍ବାଧିକ: ୨୮.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୨୨।୮।୨୦୨୫ ର ମତାମତ**

କ୍ରିମିନାଲ ନେତା ବିଲ୍ କାର୍ଯ୍ୟକାରୀ ହେଲେ ନେତାମାନଙ୍କ ଦୁର୍ନୀତି ମନୋଭାବ ହ୍ରାସ ପାଇବ କି?




**ଆଜିର ପ୍ରସଙ୍ଗ**

ରାଜ୍ୟରୁ ବାଂଲାଦେଶୀ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ଠିକ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ସେପ୍ଟେମ୍ବର ୨୮ରେ ଦ୍ୱିତୀୟ ମେଡିଏସନ କନଫରେନ୍ସ

# ରାଷ୍ଟ୍ରପତି ଯୋଗଦେବା ସମ୍ଭାବନା



ଭୁବନେଶ୍ୱର,୨୨।୮(ଭାସ୍କର ନ୍ୟୁଜ): ଆସନ୍ତାମାସ ୨୮ ତାରିଖରେ ଓଡ଼ିଶାରେ ଦ୍ୱିତୀୟ ମେଡିଏସନ କନଫରେନ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର ସମ୍ଭାବନା ରହିଛି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୩ରେ କେନ୍ଦ୍ର ସରକାର ଏକ ଯୁଗାନ୍ତକାରୀ ଆଇନ ଆଣିଥିଲେ। ପୂର୍ବବର୍ଷ ଏହି ମେଡିଏସନ କନଫରେନ୍ସ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାକୁ ମହାମହିମ ରାଷ୍ଟ୍ରପତି ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହାସହ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସହ ସମସ୍ତ ରାଜ୍ୟର ଆଡଭୋକେଟ ଜେନେରାଲମାନେ ସାମିଲ ହୋଇଥିଲେ। ଆଇନ ପ୍ରଣୟନ ସହ ସଂପର୍କ ଥିବା ରାଜ୍ୟର ପ୍ରମୁଖ ଲୋକଙ୍କ ସହ କନଫରେନ୍ସ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ତେବେ ଆସନ୍ତାମାସ ୨୮ ତାରିଖରେ ହେବାକୁ ଥିବା କନଫରେନ୍ସ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ସଚିବସ୍ତରୀୟ ବୈଠକ ସହ ହାଇକୋର୍ଟ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସଫଳତାର ସହ ଏହା ଯେପରି ଅନୁଷ୍ଠିତ ହେବ ସେଥିପ୍ରତି ସରକାର ନଜର ରଖିଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତିଙ୍କଠାରୁ ଆରମ୍ଭ କରି ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଏବଂ ବରିଷ୍ଠ ବିଚାରପତିମାନେ ଉପସ୍ଥିତ ରହିବେ। ସେମାନଙ୍କ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଫଳରେ ଆଗାମୀ ଦିନରେ ବିଭିନ୍ନ ମାମଲାରେ ଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିବ। ସରକାରୀ ସ୍ତରରେ ଆଇନକୁ ନେଇ ଯେଉଁ ପ୍ରକ୍ରିୟା ରହିଛି, ଏହି ମେଡିଏସନ କ୍ୟାମ୍ପ ଆମକୁ ନୂଆ ଦିଗ ଦେଖାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ମଧ୍ୟ ଚିଠି ଲେଖିଛନ୍ତି। ସବୁ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ପ୍ରତିନିଧି ଏଥିରେ ସାମିଲ ହେବେ। ପାଖାପାଖି ୨୦୦ ପ୍ରତିନିଧି ଯୋଗଦେବେ ବୋଲି ସେ କହିଥିଲେ। ଏଥିରୁ ଓଡ଼ିଶା ଲାଭବାନ ହେବ ବୋଲି ମଧ୍ୟ ସେ ସୂଚାଇଥିଲେ।

## ସଂସଦ ସୁରକ୍ଷାରେ ପୁଣି ତ୍ରୁଟି

# କାନ୍ଥ ଡେଇଁ ପଶିଲେ ଯୁବକ




ନୂଆଦିଲ୍ଲୀ,୨୨।୮: ପୁଣିଥରେ ସଂସଦ ଭବନର ସୁରକ୍ଷାରେ ତ୍ରୁଟି ଦେଖାଦେଇଛି। ସଂସଦ ଭବନର ସୁରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେଇ ଜଣେ ବ୍ୟକ୍ତି ଶୁକ୍ରବାର କାନ୍ଥ ଚଢି ଭିତରେ ପ୍ରବେଶ କରିଥିଲେ। କିନ୍ତୁ ସୁରକ୍ଷାକର୍ମୀ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଶୁକ୍ରବାର ସକାଳ ସାଢେ ୬ଟା ସମୟରେ ଏହି ଅଘଟଣ ଘଟିଛି। ଏ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏହି ଅଘଟଣ ସଂସଦର ମୌସୁମୀ ଅଧିବେଶନ ଶେଷ ହେବାର ଗୋଟିଏ ଦିନପରେ ଘଟିଛି। କୁହାଯାଉଛି, ଜଣେ ବ୍ୟକ୍ତି ଗଛ ସାହାଯ୍ୟରେ କାନ୍ଥ ଚଢି ସଂସଦ ଭବନ ପରିସର ଭିତରକୁ ଡେଇଁଥିଲେ। ଏହି ବ୍ୟକ୍ତି ରେଳଭବନ ପାର୍ଶ୍ୱରୁ କାନ୍ଥରେ ଚଢିଥିଲେ। ଏହାପରେ ସେ ନୂତନ ସଂସଦ ଭବନର ଗରୁଡ଼ ଫାଟକ ନିକଟରେ ପହଞ୍ଚିଥିଲେ। ସେହିବ୍ୟକ୍ତିଙ୍କୁ ସେଠାରେ ବୁଲୁଥିବା ଦେଖି ସୁରକ୍ଷାକର୍ମୀମାନେ ତାଙ୍କୁ ଧରିଥିଲେ। ସୂଚନାଯୋଗ୍ୟ ଯେ ଗତବର୍ଷ ମଧ୍ୟ ସମାନ ଘଟଣା ଘଟିଥିଲା। ସେତେବେଳେ ଜଣେ ୨୦ବର୍ଷୀୟ ଯୁବକ ସଂସଦଭବନ ଆନେକ୍ସରେ ପ୍ରବେଶ କରିଥିଲେ। ଏହି ଘଟଣାର ପତିତ ଭିଡିଓ ମଧ୍ୟ ସେତେବେଳେ ସାମ୍ନାକୁ ଆସିବା • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ



ତିରିଶି ଦିନରେ ବେଡି ପଡିଯିବ
ହେଇଥାଉ ଯେତେ ବଡ,
ପ୍ରଧାନ ହେଉ କି ମୁଖ୍ୟ ହେଇଥାଉ
ଭଙ୍ଗା ହେବ ହାତ ଗୋଡ ।
ଆଇନିର ଯାହା ଦାଢ,
ଛାଡିବନି ସିଏ ଜଣଙ୍କୁ କାହାକୁ
କରେ ଯଦି ଗଡବଡ !

## ଜନ୍ମମାଟିରେ ମନମୋହନଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଭଦ୍ରକ,୨୨।୮(ଭାସ୍କର ନ୍ୟୁଜ): ମନମୋହନ ସାମଲ ଚତୁର୍ଥ ଥରପାଇଁ ରାଜ୍ୟ ବିଜେପିର ସଭାପତି ହେବାପରେ ଶୁକ୍ରବାର ଭଦ୍ରକ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାୟ ୫ ହଜାରରୁ ଅଧିକ ବିଜେପି ସମର୍ଥକଙ୍କ ଗହଣରେ ଏଥିପାଇଁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ଗେଲପୁର ଛକଠାରୁ ଆରମ୍ଭ ହୋଇ ଭଦ୍ରକ ସହର ଦେଇ ଚରମ୍ପାର ଅଗ୍ରସେନ ଭବନ ନିକଟରେ ପହଞ୍ଚିଥିଲା। • ପୃଷ୍ଠା ୫ ଦେଖନ୍ତୁ

## ସୁପ୍ରିମକୋର୍ଟ ବୁଝିଲେ ବୁଲା କୁକୁରଙ୍କ ମନ

# ବନ୍ଧ୍ୟାକରଣ, ଟିକାକରଣ ପରେ ଛାଡ଼

### ପୂର୍ବ ଆଦେଶକୁ କଠୋର ଦର୍ଶାଇଲେ

### ଆଶ୍ରୟସ୍ଥଳକୁ ଯାଇଥିବା କୁକୁରଙ୍କୁ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୮: କୁକୁରପ୍ରେମୀଙ୍କୁ ଆଶ୍ୱସ୍ତି ମିଳିଛି । ଦିଲ୍ଲୀ-ଏନ୍‌ସିଆରରେ ବୁଲା କୁକୁର ମାମଲାରେ ସୁପ୍ରିମ୍‌କୋର୍ଟ ବଡ଼ ରାୟ ଶୁଣାଇଛନ୍ତି । ସର୍ବସାଧାରଣ ସ୍ଥାନରେ କୁକୁରମାନଙ୍କୁ ଖାଇବାକୁ ଦିଆଯାଇପାରିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କୁ ଖାଇବାକୁ ଦିଆଯିବ । ବୁଲା କୁକୁରଙ୍କର ବନ୍ଧ୍ୟାକରଣ କରାଯିବା ପରେ ତାଙ୍କୁ ଛାଡ଼ି ଦିଆଯିବ । ସେଲ୍ଟର ହୋମ୍ ନୁହେଁ ବନ୍ଧ୍ୟାକରଣ ହିଁ ସମାଧାନ । ହିଂସ୍ର ଏବଂ ଅସୁସ୍ଥ କୁକୁର ସେଲ୍ଟର ହୋମ୍‌ରେ ରହିବେ ବୋଲି ଶୁଣାଣି କରି କହିଛନ୍ତି ସୁପ୍ରିମକୋର୍ଟ ତିନି ଜଣିଆ ଖଣ୍ଡପୀଠ । ସାରା ଦେଶରେ ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ୍‌କୋର୍ଟ । ଏ ନେଇ ସବୁ ରାଜ୍ୟକୁ ନୋଟିସ୍ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଦିଲ୍ଲୀ-ଏନ୍‌ସିଆରରେ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆବେଦନ ଉପରେ ୩ ଜଣିଆ ଖଣ୍ଡପୀଠ ରାୟ ଶୁଣାଇଛନ୍ତି । ଖଣ୍ଡପୀଠ ଆହୁରି କହିଛନ୍ତି, 'ସବୁ ରାଜ୍ୟରେ ନିୟମ ଲାଗୁ ହେବ । ନିୟମ ନମାନିଲେ, ଉଦ୍ଧାରକାରୀ ଦଳଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୨ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ। ଅଭିଯୋଗ ପାଇଁ ହେଲ୍ପଲାଇନ ନମ୍ବର ଜାରି ହେବ ।'' ନୂତନ ନିର୍ଦ୍ଦେଶ ଅନୁଯାୟୀ, ବୁଲା କୁକୁରମାନଙ୍କୁ ଟିକାକରଣ ପରେ ଆଶ୍ରୟସ୍ଥଳରୁ ମୁକ୍ତ କରାଯାଇ ସେହି ଅଞ୍ଚଳକୁ ପୁଣି ଫେରାଇ ଦିଆଯାଇପାରିବ । ତେବେ, ଆକ୍ରମଣାତ୍ମକ ଆଚରଣ କରୁଥିବା କିମ୍ବା ଜଳାତଙ୍କ ରୋଗରେ ଆକ୍ରାନ୍ତ କୁକୁରମାନଙ୍କୁ ମୁକ୍ତ କରାଯିବ ନାହିଁ । ଅଗଷ୍ଟ ୧୧ ତାରିଖରେ ଦେଇଥିବା ଏହି ଆଦେଶରେ କୁକୁର କାମୁଡ଼ା ଓ ଜଳାତଙ୍କ ମାମଲା ବୃଦ୍ଧିକୁ ଦୃଷ୍ଟିରେ ରଖି ୮ ସପ୍ତାହ ମଧ୍ୟରେ ବୁଲା କୁକୁରଙ୍କୁ ଅତିକମରେ ୫,୦୦୦ କୁକୁର ରଖିବା କ୍ଷମତା ବିଶିଷ୍ଟ ନୂଆ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ କହିଥିଲେ । ସରକାରୀ ତଥ୍ୟ • ପୃଷ୍ଠା ୫ ଦେଖନ୍ତୁ

## ସେପ୍ଟେମ୍ବର ୧୫ ରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନ



ପୁରୀ,୨୨।୮ (ଭାସ୍କର ନ୍ୟୁଜ) : ସେପଟ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡି ଦର୍ଶନ । ମ୍ୟାନେଜିଙ୍ଗ କମିଟି ଗଠନ ସରିବା ପରେ ପ୍ରଥମ ମିଟିଂରେ ହୁଣ୍ଡି ଶିଫ୍ଟ ପରେ ଧାଡି ଦର୍ଶନ ଆରମ୍ଭ ହେବ । ମନ୍ଦିର ପ୍ରଶାସନ ପ୍ରସ୍ତୁତ ଅଛି ଖୁବ ଶୀଘ୍ର ଧାଡି ଦର୍ଶନ ଆରମ୍ଭ ହେବ । ୩ ରୁ ୪ ଦିନ ଭିତରେ କମିଟି ଗଠନ ଶେଷ ହେବ। ଏହା ପରେ ବୈଠକ ବସିବ।ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ପ୍ରାୟ ବର୍ଷେ ହେଲା ଯୋଜନା ହେଉଥିଲା । କିନ୍ତୁ ଏପର୍ଯ୍ୟନ୍ତ ହୋଇନଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଆଗକୁ କାର୍ତ୍ତିକ ମାସ ଆସୁଥିବାରୁ ଶୀଘ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା । କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ । ବାହାରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥା ଥିବା ବେଳେ • ପୃଷ୍ଠା ୫ ଦେଖନ୍ତୁ




ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ଶିକ୍ଷା ସର୍କଲ ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧୀନସ୍ଥ ଅର୍ତାମୂଳ ସ୍ଥିତ ଜେନାମଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅଭିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୁକୁନ୍ଦପୁର ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି, ସମ୍ମାନିତ ଅତିଥି ଭାବେ ସିଆରସିସି ପଶାନ୍ତ ଶତପଥି, ସନ୍ତୋଷ ମଲିକ ଓ ପ୍ରମୋଦ କୁମାର ମଲ୍ଲ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କ କର୍ମମୟ ଜୀବନରେ ଛାତ୍ର ବତ୍ସଳତା, ସମୟାନୁବର୍ତ୍ତିତା ଓ ଶିକ୍ଷାନୁଷ୍ଠାନ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାର ପ୍ରତ୍ୟୁତ୍ତରରେ ଶ୍ରୀ ଦାଶ ତାଙ୍କ ଚାକିରି କାଳର ବିଭିନ୍ନ ତିକ୍ତ ଓ ମଧୁର ଅନୁଭୂତି ବଖାଣିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିକ୍ଷକ ଶ୍ରୀ ଦାଶଙ୍କ ଅବସରଗ୍ରହଣ ପରେ ବିଦ୍ୟାଳୟକୁ ଆସି ପୂର୍ବପରି ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଉଭୟ ଛାତ୍ରଛାତ୍ରୀ ଓ ବିଦାୟୀ ଶିକ୍ଷକଙ୍କ ମଧ୍ୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବିଦ୍ୟାଳୟ ପରିଚାଳନା ସଭାପତି ଦେବଜାନୀ ମଳିକଙ୍କ ସମେତ ଛାତ୍ର ଅଭିଭାବକମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦିଲ୍ଲିପ ଦାଶ, ମନୋରଞ୍ଜନ ନାୟକ, ରମେଶ ଚନ୍ଦ୍ର ବଳ, ପ୍ରତାପ ଶତପଥି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାପୁରରେ ଆଖୁଚାଷ ଧୂଳିସାତ୍, କୃଷି ବିଭାଗ ନିରବଦ୍ରଷ୍ଟା

ଭାପୁର (ଭାସ୍କର ନ୍ୟୁଜ) : ଦିନ ଥିଲା ନୟାଗଡ ଜିଲ୍ଲା ଭାପୁର ବ୍ଲକର କରବର ଗ୍ରାମ ଆଖୁଚାଷରେ ହାଣ୍ଡିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ। ସେହି ଗ୍ରାମର ପ୍ରତ୍ୟେକ ଚାଷୀ ହେକ୍ଟର ହେକ୍ଟର ଜମିରେ ଆଖୁ ଚାଷ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ। ଟନ୍ ଟନ୍ ଓଜନର ଆଖୁ ନୟାଗଡର ଚିନିକଲକୁ ଯାଉଥିଲା। ନୟାଗଡ ଚିନିକଲ ବନ୍ଦ ହେବା ପରେ ଚାଷୀମାନେ ଆଖୁଚାଷକୁ ଧୀରେ ଧୀରେ ବନ୍ଦ କରିବା ସହିତ ଆଖୁଚାଷୀଙ୍କ ସଂଖ୍ୟା କମିବାରେ ଲାଗିଲା। ରାଜ୍ୟ ସରକାର ଆଖୁଚାଷୀଙ୍କୁ ଅଣଦେଖା କରିବା ସହିତ ପ୍ରୋତ୍ସାହନ ଅଭାବରୁ କରବର ଗ୍ରାମରେ ଏହି ଚାଷ ନିଶ୍ଚିହ୍ନ ହେବାକୁ ବସିଛି। ଏହି କୃଷି ବହୁଳ ଗ୍ରାମଟି ମହାନଦୀ କୂଳରେ ଅବସ୍ଥିତ ହେତୁ ବିଶେଷ ଭାବରେ ଭଲ ଆଖୁଚାଷ ହୋଇଥାଏ କିନ୍ତୁ, ବର୍ତ୍ତମାନ ନାମକୁମାତ୍ର ୫ରୁ ୬ ହେକ୍ଟର ଆଖୁଚାଷ ହେଉଥିବା ଜଣାପଡିଛି। ତେବେ, କରବର ଗ୍ରାମର ମିଠାଆଖୁ ହଠାତ୍ ବନ୍ଦ



ହୋଇଯିବା ପରେ ଆଖୁର ଚାହିଦା ବଢ଼ି ଯାଇଛି ଅର୍ଥାତ୍, ମାଣବସା ପର୍ବରେ ପୂଜା ପାଇଁ ଆଖୁ ଖଣ୍ଡେ ମିଳୁନାହିଁ କି ଖରାଦିନରେ ଆଖୁ ରସ ବହୁତ୍ କମ୍ ବିକ୍ରୟ ହେଉଥିବା ଦେଖା ଯାଉଛି ପୁଣି ଚଢ଼ାଦାମ୍‌ରେ। ରାଜ୍ୟ ସରକାରଙ୍କ ବ୍ଲକ କୃଷି ବିଭାଗ ପକ୍ଷରୁ କୌଣସି ଯୋଜନା କିମ୍ବା ପ୍ରୋତ୍ସାହନ ନଥିବାରୁ ଚାଷୀମାନେ ଆଖୁଚାଷ ପ୍ରତି ବିମୁଖ ହୋଇ ପଡିଛନ୍ତି। ପୂର୍ବରୁ ନୟାଗଡ ଚିନିକଳ ଚାଲୁଥିବା ବେଳେ ଚିନିକଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚାଷୀମାନଙ୍କୁ ଯୋଗେଇ ଦିଆଯାଉଥିଲା ଉନ୍ନତ କିସମର ବିହନ, ସାର ସାଙ୍ଗକୁ ଚାଷୀଙ୍କ କ୍ଷେତ ଠାରୁ ଚିନିକଳ ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥା ହୋଇଥିଲା। କିନ୍ତୁ, ଚିନିକଳ ବନ୍ଦ ହେବା ପରେ କରବର ଗ୍ରାମର ଆଖୁ ଚାଷୀ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି। ରାଜ୍ୟ ସରକାର ଆଖୁ ଭଳି ଅର୍ଥକାରୀ ଫସଲ ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଦେବାକୁ କରବର ଗ୍ରାମର ଆଖୁଚାଷୀ ମାନେ ଦାବି କରିଛନ୍ତି।

# ମତ୍ସ୍ୟଚାଷୀଙ୍କୁ ଯାଆଁଳା ଓ ମାଛଖାଦ୍ୟ ବଣ୍ଟନ

ଛତ୍ରପୁର (ଭାସ୍କର ନ୍ୟୁଜ) : ଛତ୍ରପୁର ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଆତ୍ମା ତରଫରୁ ପାଞ୍ଚ ଜଣ ମତ୍ସ୍ୟ ଚାଷୀଙ୍କୁ ମାଛ ଯାଆଁଳା ଓ ମାଛ ଖାଦ୍ୟ ବଣ୍ଟନ କରାଯାଇଛି। ଆଗ୍ରହୀ ମାଛ ଚାଷୀଙ୍କୁ ଚୟନ କରି ସେମାନଙ୍କ ନିଜସ୍ୱ ପୋଖରୀରେ ମାଛ ଚାଷ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ମାଛ ଯାଆଁଳା ବଂଣ୍ଟନ ବେଳେ ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ସନ୍ଦୀପ କୁମାର ବଢ଼େଇ, ଗୋଷ୍ଠୀ ବୈଷୟିକ ପରିଚାଳିକା ସ୍ମୃତି ସ୍ମରଣିକା ସାହୁ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ଗୋପୀନାଥ ଦାଶ ଓ ସୋନାଲି ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଇଲିଶି କିଲୋ ୨୨୦୦ ଟଙ୍କା



ଚାନ୍ଦବାଲି (ଭାସ୍କର ନ୍ୟୁଜ) : ଓଡିଶାର ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଧାମରା ହେଉଛି ମାଛ ରପ୍ତାନିର ମୁଖ୍ୟ ପେଣ୍ଠସ୍ଥଳୀ। ହେଲେ ଚଳିତ ବର୍ଷ ଧାମରା ଧୀବରଙ୍କ ଜାଲରେ ଇଲିଶି ମାଛର ଗନ୍ଧ ବାସ୍ନା ନାହିଁ କହିଲେ ଚଳେ। ବିଶେଷକରି ଇଲିଶି ଧରା ନ ପଡିବା, ଧାମରା ଟଲର ମାଲିକଙ୍କୁ ଏକ ପ୍ରକାର କ୍ଷତି ସହିବାକୁ ପଡିଛି। ଧାମରା ଧୀବର ମନେ ବର୍ଷା ପବନକୁ ଅନାଇ ଟଲର ଯୋଗେ ମାଛ ମାରିବାକୁ ସମୁଦ୍ର ଭିତରକୁ ଯାଇଥିଲେ। ଦୀର୍ଘ ୧୫ ଦିନ ପରେ ଫେରିବା ପରେ ଅନ୍ୟାନ ମାଛ କମ୍ ବହୁତ ଆଣିଥିଲେ, ହେଲେ ଇଲିଶି ମାଛ କହିବାକୁ ଗଲେ ନାହିଁ। କାରଣ ବୁଝିବାରୁ ଜଣାପଡିଲା କି ସମୁଦ୍ର ଭିତରେ ଯେଉଁ ପବନ ବହିଲା ତାହା ପଶ୍ଚିମା ପବନ। ତେଣୁ ପଶ୍ଚିମା ପବନ ଯୋଗୁ କେବଳ ଇଲିଶି ନୁହେଁ ଅନ୍ୟ ମାଛଙ୍କ ସଂଖ୍ୟା ମଧ୍ୟ କମିଛି, ତେଣୁ ଇଲିସିର ରପ୍ତାନି ଆକାଶ ଛୁଆଁ ହୋଇଛି, ସେଥିପାଇଁ କଥାରେ ଅଛି, ମାଛ ଖାଇବ ଇଲିଶି ଚାକିରି କରିବ ପୋଲିସ। ଇଲିଶି ମାଛର ଏପରି ଦରଦାମ୍‌କୁ ସାଧାରଣ ଲୋକେ କିଣିବା ତ ଦୂରର କଥା ଯେଉଁଠି ବି କାଁ ଭାଁ ମିଳୁଛି, ସେମାନେ ସେବାଟ ଦେଇ ଯିବା ଆସିବା କରୁନାହାନ୍ତି।

## କମିସନରେଟ୍ ଥାନା ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ‘ଡିଜେ-ପଲିଥିନ୍-ନିଶା’ ମୁକ୍ତ ପୂଜା ଓ ଭସାଣି ପାଇଁ ପରାମର୍ଶ

ଫୁଲନଖରା (ଭାସ୍କର ନ୍ୟୁଜ) : କଟକ କମିସନରେଟ୍ ପୁଲିସ ଅଧିନସ୍ଥ ସଦର୍ ଓ ବୟାଳିଶ ମୌଜା ଥାନା ଅଞ୍ଚଳରେ ଗଣେଶ ପୂଜା ଓ ଭସାଣି ନିମନ୍ତେ ପ୍ରସ୍ତୁତି ବୈଠକ ପ୍ରତାପନଗରୀ ସ୍ଥିତ ମା’ ଧାକୁଳେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜୋନ୍ ୪ ଏସିପି ଶଶୀକାନ୍ତ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଡି.ସି.ପି ଦେବଦତ୍ତ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡିଜେ ପଲିଥିନ୍ ଓ ନିଶା ମୁକ୍ତ ପୂଜାର୍ଚ୍ଚନା କରିବା ନିମନ୍ତେ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସଦର ଥାନା ଆଇଆଇସି ଓମପ୍ରକାଶ ମହାନ୍ତି, ଅତିରିକ୍ତ ଆଇଆଇସି ରାମହରି ସେଠୀ, ମା’ ଧାକୁଳେଇ ଗ୍ରାମ୍ୟ ଉନ୍ନୟନ କମିଟିର ବାଦଲ ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ବର୍ଷ ଅଗଷ୍ଟ ୩୧ ସେପ୍ଟେମ୍ବର ୭ ଓ ୧୪ ତାରିଖରେ ମୋଟ ୩ ପର୍ଯ୍ୟାୟରେ ଭସାଣି କରାଯିବ ବୋଲି ଏସିପି ପରିପ୍ରକାଶ କରିଥିଲେ। ପୂଜା ଓ ଭସାଣି କରିବା ନିମନ୍ତେ ଯଥାକ୍ରମେ ତହସିଲ, ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗର ଏନ୍.ଓ.ସି ଆଣି ଥାନାରେ ଦାଖଲ କଲାପରେ ଥାନା ପକ୍ଷରୁ ପୂଜା ଓ ଭଷାଣି ନିମନ୍ତେ ଅନୁମତି ପତ୍ର ପ୍ରଦାନ କରାଯିବ ବୋଲି ଆଇଆଇସି ଶ୍ରୀଯୁକ୍ତ ମହାନ୍ତି ବିବୃତି ରଖିଥିଲେ। ସମସ୍ତେ ପୂଜା କମିଟି ପାଞ୍ଚ ଜଣ ଲେଖାଏଁ ସ୍ୱେଚ୍ଛାସେବୀ ମାନଙ୍କ ନାମ ଓ ଆଧାର କାର୍ଡ ସହ ଥାନାରେ ଦାଖଲ କରିବା ନିମନ୍ତେ ଏସିପି ପରାମର୍ଶ ଦେଇଥିଲେ। ମୂର୍ତ୍ତିରେ ବିକୃତି, ଅରୁଚି




କର ଗୀତ, ଆପତ୍ତିଜନକ ନୃତ୍ୟ ଠାରୁ ଦୂରେଇ ରହିବା ସହ ଶାନ୍ତି ଶୃଙ୍ଖଳା ରକ୍ଷାକରି ପୂଜା ଓ ଭସାଣି କରିବା ନିମନ୍ତେ ଆଇଆଇସି ଶ୍ରୀଯୁକ୍ତ ମହାନ୍ତି ପରାମର୍ଶ ଦେଇଥିଲେ। ବୈଠକରେ ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ବିକ୍ରମ ଶତପଥୀ, ପ୍ରତାପ ନଗରୀ ଗଣେଶ ପୂଜା କମିଟିର ସଭାପତି ଚନ୍ଦ୍ରଶେଖର ରାଉତଙ୍କ ସମେତ ୭୦ରୁ ୮୦ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ପରିଶେଷରେ ମା’ ଧାକୁଳେଇ ଗ୍ରାମ୍ୟ ଉନ୍ନୟନ କମିଟିର ସହ ସମ୍ପାଦକ ବାଦଲ ଜେନା ଧନ୍ୟବାଦ ଦେଇଥିବା ବେଳେ ସଦର ଥାନା କର୍ମଚାରୀ ବୈଠକ ପରିଚାଳନା କରିଥିଲେ।

# ଚାନ୍ଦୋଳ ରାଜସ୍ୱ ସର୍କଲରେ ‘ଆମ ଗାଁରେ ତହସିଲ’ କାର୍ଯ୍ୟକ୍ରମ

ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ତହସିଲ ଅଧିନସ୍ଥ ଚାନ୍ଦୋଳ ରାଜସ୍ୱ ସର୍କଲରେ ଆଜି ‘ଆମ ଗାଁରେ ତହସିଲ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଏହି ଉପଲକ୍ଷେ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁରେନ୍ଦ୍ର ମଳିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ମୃଣ୍ମୟ ରାଉତ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ ଉପସ୍ଥିତ ରହି ୧୮ ଜଣ ହିତାଧିକାରୀଙ୍କୁ ମ୍ୟୁଟେସନ୍ ପଟ୍ଟା, ୧୨ ଜଣଙ୍କୁ ଓଏଲଆର ପଟ୍ଟା, ୧୬୫ ଜଣଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ୭ ଜଣଙ୍କୁ ବେବନ୍ଦୋବସ୍ତ ପଟ୍ଟା ଓ ଜଣେ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରିଥିଲେ। ଏଥିସହ ୨୪ଜଣ ହିତାଧିକାରୀଙ୍କୁ ତତ୍କାଳ ବିଭିନ୍ନ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ସେମାନଙ୍କ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ମଚାରୀ ନିରଞ୍ଜନ ବେହେରା, ମୟଙ୍କ ମଞ୍ଜରୀ ସୋରେନ୍, ଉମାକାନ୍ତ ବେହେରା, ଅନାମ ଚରଣ ଗୋଛାୟତ, ପ୍ରଶାନ୍ତ ବାରିକ, ପିତାମ୍ବର ମଳିକ, ଏସ୍.କେ. ଆବିଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୋରି ମାମଲାରେ ୪ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ) : ଘରେ କେହି ନଥିବା ବେଳେ ତାଲା ଭାଙ୍ଗି ଚୋରି ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଢେପସାହିର ଉତ୍ପଳ ଆଫିର ଉଜେ ଓରଫ ଆଫିର, ମୁକେଶ ବିଶ୍ୱାସ, ପଡେଇଗୁଡାର ଅର୍ଜୁନ କିର୍ସାନି, ଛପର ଗାଁର ଗୋବିନ୍ଦ ଜାନି ଓରଫ ବୁଡୁ। ସମସ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପୋଲିସ ଗୋଟିଏ ସୁନା ଚେନ, ଗୋଟିଏ ସୁନା ମୁଦି, ୩୫୦୦ ଟଙ୍କା ଜବତ କରିଛି। ଏଥି ସହିତ ଚୋରିରେ ବ୍ୟବହୃତ ଟିଭିଏସ ଆପାଚି ବାଇକ (ଓଡି୧୦ଇ୬୪୧୨)କୁ ଜବତ କରିଛି। ପୋଡାଗଡ ଅଞ୍ଚଳର ଦୁଇଟି ଚୋରି ମାମଲାରେ ଉତ୍ପଳ ଆଫିର ଉଜେ ଓ ଅର୍ଜୁନ କିର୍ସାନୀ ସମ୍ପୃକ୍ତି ରହିଛି। କୋରାପୁଟ କଫି ବୋର୍ଡ ସାମନାରେ ରହୁଥିବା ଗଣେଶ କୁମାର ବେହେରା ପରିବାର ସହ ଅଗଷ୍ଟ ୧ରେ ନିଜ ଗାଁକୁ ଯାଇଥିଲେ। ୫ତାରିଖ ରାତିରେ ଅଭିଯୁକ୍ତମାନେ ଶ୍ରୀ ବେହେରାଙ୍କ ଘର ଭିତରେ ପଶି ୪ଟି ଆଲମିରା ଭାଙ୍ଗି ୨୦ହଜାର ନଗଦ, ୧୫ଗ୍ରାମ ଓଜନର ଦୁଇଟି ସୁନା ଚେନ, ୮ଗ୍ରାମ ଓଜନର ଚାରିଟି ମୁଦି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ଏସଆଇ ଫକୀର ମୋହନ ଖରା ଚୋରିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ।

# ଶହୀଦ ଯବାନଙ୍କ ପରିବାରକୁ ସମବେଦନା ଓ ଆର୍ଥିକ ସହାୟତା

ପରଜଙ୍ଗ, (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣିକମରା ଗ୍ରାମର କାର୍ଯ୍ୟରତ ଅବସ୍ଥାରେ ସହିଦ ହୋଇଯାଇଥିବା ସିଆଇଏସ୍ଏଫ ର୍ ୀର ଜବାନ ମନୋଜ ବିଶ୍ୱାଳଙ୍କ ଘରେ ପରିବାରଙ୍କ ଗହଣରେ ଗୁରୁବାର ଅଂଚଳର ସ୍ୱେଚ୍ଛାସେବୀ ଦିଲ୍ଲୀପ କୁମାର ନାଥଙ୍କ ନେତୃତ୍ୱରେ ସମାଜସେବୀ ଜନ୍ମେଶ୍ୱର ବର୍ମା, ଲିପୁ ସିଂହ ଓ କେତେକ ସଦସ୍ୟ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା କରିଥିବା ଜଣାପଡିଛି। ଜାମ୍ମୁ କାଶ୍ମୀର ଇଲାକାରେ କିଛି ଦିନ ତଳେ ପ୍ରକୃତିର ତାଣ୍ଡବରେ ଜଣେ କାର୍ଯ୍ୟରତ ଓଡ଼ିଆ ଯବାନ ନିଖୋଜ ହେବାର ଦୁଇ ଦିନ



ପରେ ମିଳିଲା ଯବାନ ମନୋଜଙ୍କ ମୃତ ଦେହ। ମନୋଜଙ୍କ ପାର୍ଥିବ ଶରୀର ଜନ୍ମସ୍ଥାନକୁ ଅଣାଯାଇ ଗାଁରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏପରି ଅସ୍ୱାଭାବିକ ଅକାଳ ବିୟୋଗରେ ମନୋଜ ସବୁ ଦିନ ପାଇଁ ଅଫେରା ରାଇଜକୁ ଚାଲିଯାଇଥିବା ବେଳେ ପରିବାରରେ ବୃଦ୍ଧ ବାପା, ଭାଇ, ପତ୍ନୀ, ପାଠ ପଢୁଥିଲା ଦୁଇ ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏଭଳି ଦୁଃଖଦ ଘଟଣା ଅବସରରେ ସ୍ୱେଚ୍ଛାସେବୀ ମାନେ ସହିଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଅମର ଆତ୍ମାର ସଦଗତି କାମନା ଜଣାଇବା ସହ ତାଙ୍କ ଗ୍ରାମରେ ସହିଦ ମନୋଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ଏହି ସମୟରେ ସହିଦ ପରିବାରର ନିରୋଦ ବିଶ୍ୱାଳ, କାହ୍ନୁ ଚରଣ ବିଶ୍ୱାଳ, ଦିଲ୍ଲୀପ କୁମାର ବିଶ୍ୱାଳ, ସମୀର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସିଠାଳ ଏକବରୁଆଁରେ ଚୋରା ବାଲି ଚାଲାଣ



ନିଆଳି, (ଭାସ୍କର ନ୍ୟୁଜ) : ଦିନ ଦ୍ୱିପ୍ରହରେ ଚୋରା ବାଲି ଘାଟ ଦୈନନ୍ଦିନ ଶହ ଶହ ବାଲି ଚୋରାଚାଲାଣ କରି ଲକ୍ଷାଧିକ ଟଙ୍କା ରାଜସ୍ୱ ଲୁଟିବା ଶହ ନିଜ ପକେଟକୁ ନେଉଛନ୍ତି ମୋଟା ଅଙ୍କର ଅର୍ଥ। ନିଆଳି ତହସିଲ ଅଧିନ ସିଠାଳ ପଞ୍ଚାୟତ ଅଫିସ ଆଗରେ ନଦୀରେ ଗଡା କରି ଦିନ ରାତି ବୁହା ହଉଚି ଶହ ଶହ ଟ୍ରିପ ବାଲି ସେହିଭଳି ଏକବରୁଆ ପଞ୍ଚାୟତ ଗଡିଆ ହୁଡ଼ା ରୁ ଦୈନନ୍ଦିନ ଜେସିବି ଓ ଟ୍ରାକ୍ଟର ଓ ଜେସିବି ମେସିନ ସହାୟତାରେ ବାଲି ଚୋରା ଚାଲାଣ କରାଯାଉଥିବା ଅଞ୍ଚଳ ବାସୀ ଅଭିଯୋଗ ଆଣିଛନ୍ତି। ବର୍ଷା ଦିନେ ନଦୀରୁ ବାଲି ଉଠାଇବା ଜିଲ୍ଲା ମାଇନ୍ସ ବିଭାଗ ବନ୍ଦ ରଖିଥିବା ବେଳେ ଏଠାରେ ବାଲି ବୋହିବାରୁ ଭାରି ଯାନ ରାସ୍ତାଘାଟ ନଷ୍ଟ ହେଉଛି। ସିଠାଳ ପଂଚାୟତ କାର୍ଯ୍ୟାଳୟ ପାଖରେ ଖୋଲିଥିବା ଚୋରା ବାଲିଘାଟ ଖୋଲିଥିବା ବ୍ୟକ୍ତି ଗଣ ମାଧ୍ୟମକୁ ଦେଇଛନ୍ତି ବିସ୍ଫୋରକ ବୟାନ। ପଞ୍ଚାୟତ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ରାଜନେତାଙ୍କ ଜାଣତରେ ସେ ଘାଟ ଖୋଲିଛନ୍ତି ଓ ମାସିକିଆ ଅର୍ଥ ଦେଉଛନ୍ତି ଏବଂ ଗ୍ରାମବାସୀ ସହାୟତା କରୁଛନ୍ତି। ଏହି ଘାଟ ପ୍ରତି ଜିଲ୍ଲା ମାଇନ୍ସ ବିଭାଗ ନିଆଳି ତହସିଲଦାର ଓ ନିଆଳି ଥାନା ପୋଲିସ ଘାଟ ଗଡା କାଟିବା ଶହଁ ଚୋରା ବାଲିଘାଟ ଚଲାଉ ଥିବା ବ୍ୟକ୍ତିଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୋଲିସକୁ ଖୋଲା ଚାଲେଞ୍ଜ : ବିଭିନ୍ନ ଦୋକାନରୁ ସିରିଜ୍ ଚୋରି

ଫୁଲନଖରା, (ଭାସ୍କର ନ୍ୟୁଜ): ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଲପୁର ବଜାରରୁ ଗତ ସୋମବାର ରାତିରେ ତିନିଟି ଦୋକାନରୁ ଚୋରୀ ହୋଇଛି। ସାରଦାପ୍ରସନ୍ନ ମିଶ୍ରଙ୍କ ପୂଜା ସାମଗ୍ରୀ ଦୋକାନ, ରାକେଶ ନାୟକଙ୍କ ମୋବଇଲ ଦୋକାନ ଏବଂ ଟୁକୁନା ସାହୁଙ୍କ ଲେଡିସି କର୍ନର୍‌ରୁ ଦୁର୍ବୃତ୍ତ ମାନେ କଳାକନା ବୁଲେଇ ଦେଇଛନ୍ତି। ଏହାର ଠିକ୍ ୧୫ ଦିନ ପୂର୍ବରୁ ନାହାଲପୁର ବଜାର କମିଟି ସଭାପତି ବେଣୁଧର ନାୟକଙ୍କ ଗ୍ରୋସରୀ ଦୋକାନରୁ ମଧ୍ୟ ସମାନ ଢଙ୍ଗରେ ଚୋରୀ ହୋଇଥିଲା। ଗୋବିନ୍ଦପୁର ଥାନାରେ ଅଭିଯୋଗ ପରେ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲିଥିବା ବେଳେ, ଅପରାଧୀ ମାନେ ଗୋବିନ୍ଦପୁର ପୋଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ରାତିରେ ତିନି ତିନି ଦୋକାନରୁ ଚୋରୀ କରି ବ୍ୟବସାୟୀ ମାନଙ୍କ ମଧ୍ୟରେଭୟ ସୃଷ୍ଟି କରିଛନ୍ତି। ପୂର୍ବରୁ ଗୋବିନ୍ଦପୁର ଥାନା ଠାରୁ ମାତ୍ର ୩୦୦ ମିଟର ଦୂରତା ମଧ୍ୟରେ ଗୋବିନ୍ଦପୁର ବଜାରର ଯୁବ ସୁନା ବ୍ୟବସାୟୀ ସୁନୀଲ କୁମାର ସାହୁଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନା, ରୂପା ସହିତ ଛଡେଇ ନେଇଥିବା ବେଳେ ଏ ପର୍ଯ୍ୟନ୍ତ ପୋଲିସ ଚୋରଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ, ଗୋବିନ୍ଦପୁର ଥାନା ଅଞ୍ଚଳରେ ଦିନକୁ ଦିନ ବିଗୁଡୁଛି ଆଇନଶୃଙ୍ଖଳା। ଅପରାଧୀ ମାନେ ପୋଲିସକୁ ଦେଉଛନ୍ତି ଖୋଲା ଚ୍ୟାଲେଞ୍ଜ। ଯାହା ଫଳରେ ସାଧାରଣ ଲୋକ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି, ଫଳରେ ଦିନକୁ ଦିନ ଚୋରୀ ରାହାଜାନି ଓ ହତ୍ୟା ଭଳି ଘଟଣା ଅଞ୍ଚଳରେ ବଢ଼ି ଚାଲୁଛି। ସାଧାରଣ ବୃଦ୍ଧିଯିବିଙ୍କ ଅଭିଯୋଗ ଅଞ୍ଚଳରେ ପୋଲିସ ପେଟ୍ରୋଲିଂର ଅଭାବ ଏବଂ ବହୁଦିନ ହେବ ଗୋବିନ୍ଦପୁର ଥାନାର ଆଇଆଇସି ପଦବୀ ଖାଲି ଥିବାରୁ ଚୋରଙ୍କ ଏବେ ଆଉ ଭୟ ନାହିଁ। ନାହାଲପୁର ବ୍ୟବସାୟୀ ମାନେ ଅଭିଯୋଗ କେବେ କେଉଁଦିନ ଚୋରଙ୍କୁ ଧରିବାରେ ଗୋବିନ୍ଦପୁର ପୋଲିସ ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଲା।

# ‘ଆସ ଆମେ ସ୍କୁଲ ଯିବା’ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୪ନମ୍ବର ୱାର୍ଡ଼ ସ୍ଥିତ କପାଳେଶ୍ୱର ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ‘ଆସ ଆମେସ୍କୁଲ ଯିବା’ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ ଯୋଗ ଦେଇ ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀ ମାନେ କିପରି ବିଦ୍ୟାଳୟକୁ ଶତ ପ୍ରତିଶତ ଭାବେ ଆସିପାରିବେ ସେ ନେଇ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସମ୍ବିତ କୁମାର ବେହେରା, ସୋମଜିତ୍ ସେଠୀ, ଶ୍ରୀକାନ୍ତ




ବେହେରା, ଶିକ୍ଷୟିତ୍ରୀ ସୁଚିସ୍ମିତା ପ୍ରଧାନ, ନମିତା ମହାରଣା, ଏଚ ଶିବାନୀ, ଗୀତାରାଣୀ ତ୍ରିପାଠୀ, ଦୀପିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇଲେରିଆ ନିରାକରଣ ଅଭିଯାନ

# ସାମୂହିକ ଔଷଧ ସେବନ କରିବାକୁ ପରାମର୍ଶ

କେନ୍ଦୁଝର, (ଭାସ୍କର ନ୍ୟୁଜ) : ରାଜ୍ୟକୁ ଫାଇଲେରିଆ ରୋଗୀ ମୁକ୍ତ କରିବା ଲକ୍ଷ୍ୟରେ ନରଣପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆନୁକୂଲ୍ୟରେ ନରଣପୁର ଅଞ୍ଚଳରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯାଇଛି। ଫାଇଲେରିଆକୁ ଜିଲ୍ଲାରୁ ସମୂଳେ ବିନାଶ କରିବା ପାଇଁ ନରଣପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡାକ୍ତର ଶିବ ଚରଣ ବାଗଙ୍କ ଉପସ୍ଥିତିରେ ସମସ୍ତଙ୍କୁ ସାମୁହିକ ଭାବେ ଔଷଧ ଖାଇବାକୁ ଦିଆଯାଇଛି। ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣକରି ସମସ୍ତେ ଏହି ଔଷଧକୁ ନିଶ୍ଚିତ ଭାବେ ଖାଇବାକୁ ଅନୁରୋଧ କରିଥିଲେ। ଫାଇଲେରିଆକୁ ସମ୍ପୂର୍ଣ୍ଣ ଭାବେ ନିରାକରଣ କରିବାକୁ ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ପିଲା ଏବଂ ଗୁରୁତର ରୋଗୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହାକୁ ନିଶ୍ଚିତ ସେବନ କରିବାକୁ ସେ ପରାମର୍ଶ



ଦେଇଥିଲେ। ଫାଇଲେରିଆ ରୋଗର ଲକ୍ଷଣ କ୍ୟୁଲେକ୍ସ ମଶା କାମୁଡିବାର ୧୦ ରୁ ୧୫ ବର୍ଷ ପରେ ଦେଖାଯାଇଥିବା ଯୋଗୁଁ ନିଜେ ସୁସ୍ଥ ଥିଲେ ମଧ୍ୟ ସମସ୍ତେ ଏହି ଔଷଧ ଖାଇବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଜିଲ୍ଲାରୁ ଫାଇଲେରିଆ ନିରାକରଣ ପାଇଁ ସମସ୍ତେ ସଚେତନ ହୋଇ ନିଶ୍ଚିତ ଭାବେ ଔଷଧ ସେବନ କରିବାକୁ ସେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଅନୁରୋଧ କରିଥିଲେ। ଚଳିତବର୍ଷ ଏହାକୁ ନିଶ୍ଚିତ ଭାବେ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟକର୍ମୀ ସରସ୍ୱତୀ ସାହୁ ସିଏଚଓ କିରଣବାଳା ଜେନାଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଗୋନାସିକା ଆବାସିକ ବିଦ୍ୟାଳୟ, ନରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଡ଼ାସାହି ପ୍ରାଥମିକ ବିଦ୍ୟାଳୟ, ସିଆରଏମ ପବ୍ଲିକ ସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସରକାରୀ ଏସ୍ଏସ୍‌ଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦିରେ ଥିବା ୧୬୬୨ ଜଣା ଛାତ୍ରଛାତ୍ରୀଙ୍କୁ ସାମୁହିକ ଔଷଧ ସେବନ କରା ଯାଇଥିବା ବେଳେ, ଘରକୁ ଘର ବୁଲି ସାମୁହିକ ଔଷଧ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଖାଇବାକୁ ଦିଆ ଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡାକ୍ତର, ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି।

# ସାରସକଣା ଶିଶୁମନ୍ଦିରରେ ସଦ୍‌ଭାବନା ଦିବସ ପାଳିତ

ସାରସକଣା, (ଭାସ୍କର ନ୍ୟୁଜ) :ଏହି ବ୍ଲକ୍ ଅନ୍ତର୍ଗତ ଶିଶୁ ବିଦ୍ୟାମନ୍ଦିର ଠାରେ ପାନ୍ଧଡା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ଆଦିବାସୀ ଓ ମହିଳା ଉନ୍ନୟନ ଶୋଷାଇଟୀର ଆନୁକୁଲ୍ୟରେ ତଥା ମେରା ଯୁବ ଭାରତ, ମୟୂରଭଞ୍ଜ, କ୍ରୀଡା ଓ ଯୁବସେବା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସଦ୍ ଭାବନା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ୟାମ ସୁନ୍ଦର ମହାଳିକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେ ସମସ୍ତ ଛାତ୍ରଛାତ୍ରୀ ତଥା ଗୁରୁଜୀ ଗୁରୁମା ମାନଙ୍କୁ ବେଦ ମନ୍ତ୍ର ଉଚ୍ଚାରଣ କରାଇଥିଲେ। ସଭା କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଦେବାଶିଷ ଶତପଥୀ। ମୁଖ୍ୟବକ୍ତା ଭାବେ ଅନୁପମ ଜେନା ତାଙ୍କର ସଦ୍‌ଭାବନା ଦିବସ ଅବସରରେ ଛାତ୍ରଛାତ୍ରୀ




ମାନଙ୍କୁ ବିଶଦ ଭାବେ ଆଲୋଚନା କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ଏହି ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ସମାପନ ହେଲା ପରେ, ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ଜାତୀୟ ସଂହତି ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଦୀପଙ୍କର ପଢ଼ିଆରି, ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ସ୍ମୃତି ପ୍ରଜ୍ଞା ବେହେରା, ତୃତୀୟ ସ୍ଥାନରେ ଅଙ୍କିତା କର। କୃତି ଛାତ୍ରଛାତ୍ରୀ ମାନଙ୍କୁ ସଂସ୍ଥା ତରଫରୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମକୁ ଆଗେଇ ନେବାରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ଗୁରୁଜୀ ଅନିଲ କୁମାର ଘୋଷ। ବକ୍ତୃତା ପ୍ରତିଯୋଗିତା ଶେଷ ହେବା ପରେ, ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଗୁରୁଜୀ ମନ୍ମଥ ବେହେରା, ନୁନାରମ୍ ହେମ୍ବ୍ରମ, ବିପ୍ଲବ କୁମାର ପୃଷ୍ଟି, ସଞ୍ଜୀବ କୁମାର ପ୍ରଧାନ, ଅନୁପମ ଜେନା, ଲକ୍ଷ୍ମୀକାନ୍ତ ବେହେରା, ରାଜେଶ ସାହୁ, ଯୋଗେଶ୍ୱର ନାଏକ, ଅଭିନନ୍ଦନ ସାହୁ, ଗୁରୁମା ମାନଙ୍କ ମଧ୍ୟରେ ଲିଲି ମାରାଣ୍ଡି, ରେବତୀ ସେଠୀ, ବିଷ୍ଣୁପ୍ରିୟା ଭୋଳ ଓ ସମୀକ୍ଷା ଶତପଥୀ। ପରିଶେଷରେ ଗୁରୁଜୀ ଅନୁପମ ଜେନା ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ। ବିଦ୍ୟାଳୟର ପରିବେଶ ଓ ଗୁରୁଜୀ, ଗୁରୁମା ମାନଙ୍କର ଆଦର, ଅଭ୍ୟର୍ଥନାରେ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଦେବାଶିଷ ଶତପଥୀ ଅଭିଭୂତ ହୋଇ ବିଦ୍ୟାଳୟର ଉନ୍ନତି ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



କଟକ(ଭାସ୍କର ନ୍ୟୁଜ୍): କଟକ ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ୧୨୫ ରୋଗୀଙ୍କ ମୃତ୍ୟୁ ହେବା ଘଟଣାକୁ ନେଇ ଆଗତ ଜନହିତ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଆବେଦନକାରୀ ଗଙ୍ଗାଧର ପାଣିଗ୍ରାହୀଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଏବଂ ବିଚାରପତି ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଉପରୋକ୍ତ ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଆବେଦନକାରୀ ମାମଲାରେ ଦର୍ଶାଇଛନ୍ତି ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହେଉଛି । ଗତ ୨୦୧୯ ପୂର୍ବରୁ ଏସସିବିରେ ୧୭୫ଜଣଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା ବେଳେ ଉପଯୁକ୍ତ ଚିକିତ୍ସା ଅଭାବରୁ ୧୨୫ଜଣଙ୍କ ମୃତ୍ୟୁ ହୋଇଛି । କିଡ୍‌ନୀ ପ୍ରତିରୋପଣରେ ରୋଗୀଙ୍କ ପରିବାର ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଉଥିବା ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଆସନ୍ତା ସେପ୍ଟେମ୍ବର ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି ।

## କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

# ଡାଇମଣ୍ଡ ଜୁବୁଲି ହଲ୍ ନିର୍ମାଣ ପାଇଁ ୧ କୋଟି ଟଙ୍କା ସହାୟତା ଘୋଷଣା



କଟକ(ଭାସ୍କର ନ୍ୟୁଜ୍): କଟକ କାଳିଆବୁଦା ସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟକୁ ଏକ ଜ୍ଞାନ ଦୀପସ୍ତମ୍ଭ, ଯାହା ୬୦ ବର୍ଷ ହେଲାଣି କଟକ ସହରରେ ଜ୍ଞାନର ଆଲୋକ ବିକିରଣ କରୁଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମଳାକାନ୍ତ ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, ଏହି ବିଦ୍ୟାଳୟକୁ ଖୁବ ଶୀଘ୍ର ପିଏମ ଶ୍ରୀ ଯୋଜନାରେ ସାମିଲ କରିବା, ମିନି ଷ୍ଟାଡିଅମ ନିର୍ମାଣ, ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରିବା ଓ ବିଦ୍ୟାଳୟର ଆନୁସଙ୍ଗିକ ଆବଶ୍ୟକତା ସବୁ ଖୁବଶୀଘ୍ର ପୂରଣ କରିବା ପାଇଁ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହୀରକ ଜୟନ୍ତୀ କେବଳ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ଏହା ପୂର୍ବତନ ଛାତ୍ରଛାତ୍ରୀଙ୍କ ମିଳନ ମହୋତ୍ସବ। ଯେଉଁମାନେ ଏହି ବିଦ୍ୟାଳୟରୁ ପଢ଼ି ସମାଜରେ ବଡ଼ ବଡ଼ ସ୍ଥାନରେ ପହଞ୍ଚିଛନ୍ତି, ସେମାନଙ୍କ ଉପଲବ୍ଧି ଏହି ବିଦ୍ୟାଳୟର ପ୍ରତିଷ୍ଠାକୁ ଆରୋହିତ କରିଛି। ଆଜି ସେମାନଙ୍କୁ ଦେଖି, ଆମେ ଅନୁଭବ କରୁଛୁ, ବିଦ୍ୟାଳୟର ସଫଳତା ହେଉଛି ଏହାର ଛାତ୍ରଛାତ୍ରୀଙ୍କର ସଫଳତା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ସହ ସମନ୍ୱୟ ରଖି ନୂତନ ଭାବରେ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 'ପିଏମ୍ ଶ୍ରୀ' ଅଧୀନରେ ରାଜ୍ୟର ୭୬୨ ସ୍କୁଲକୁ ଆଦର୍ଶ ସ୍କୁଲ ଭାବରେ ବିକଶିତ କରାଯିବ । ପିଲାମାନଙ୍କର ମୌଳିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ 'ନିପୁଣ ଓଡ଼ିଶା' ମିଶନ କାର୍ଯ୍ୟକାରୀ କରାଯାଉଛି। ପ୍ରତ୍ୟେକ ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ସମସ୍ତ ବିଦ୍ୟାଳୟକୁ ସଂରକ୍ଷଣ ଏବଂ ପୁନଃନିର୍ମାଣ କରିବା ଲକ୍ଷ୍ୟ ନେଇ ଐତିହ୍ୟ ବିଦ୍ୟାଳୟ ଯୋଜନା ଲାଗୁ କରାଯାଇଛି । 'ଆସ ସ୍କୁଲ ଯିବା' ଅଭିଯାନ ଅଧୀନରେ ସାରା ରାଜ୍ୟରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ଘରକୁ ଘର ସର୍ଭେ କରାଯାଇଛି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ନୟନ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ, କଟକ-ସଦର, ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ କଟକ-ଚୌଦ୍ୱାର ସୌଭିକ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶୁଭଦର୍ଶିନୀ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

## ୨୬ବର୍ଷରେ ଭାରତ ମସଲା

# କ୍ୟାପଟେନ୍ ଦୁର୍ଯ୍ୟୋଧନ ମହାନ୍ତି ପାଇବେ 'ଭାରତ ଗୌରବ' ସମ୍ମାନ



କଟକ(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ ନିଜର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଭାରତ ମସଲା କମ୍ପାନୀ ତାର ୨୬ବର୍ଷ ପୂର୍ତ୍ତି ଆସନ୍ତା ୨୭ ତାରିଖ ଗଣେଶ ଚତୁର୍ଥୀ ଦିନ ପାଳନ ହେବାକୁ ଯାଉଛି । ବାରଙ୍ଗ ରାମଦାସପୁରସ୍ଥିତ ଭାରତ ମସଲା କଂପାନୀ ପରିସରରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ନାଁକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇଥିବା ପ୍ରତିଭାଙ୍କୁ ସେହିଦିନ ସମ୍ବର୍ଦ୍ଧିତ କରାଯିବ । ୧୯୭୧ ମସିହାରେ କାର୍ଗିଲରେ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧକୁ ଲମ୍ଫ ଦେଇଥିବା ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତ ବର୍ଷର ସମ୍ମାନଜନକ 'ଭାରତ ଗୌରବ' ସମ୍ମାନ ପ୍ରଦାନ କରାଯିବ । ସେହିପରି ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ 'ସେବା ଭାରତ' ସମ୍ମାନ, ପଞ୍ଚାୟତରାଜ ବ୍ୟବସ୍ଥା ଓ ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ସନ୍ଦର୍ଭ ଲେଖି ଚର୍ଚ୍ଚାରେ ଥିବା ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରାଙ୍କୁ 'କଥା ଭାରତ' ସମ୍ମାନ, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ.ଶ୍ୱେତକୁମାର ଦାଶଙ୍କୁ 'ସଂସ୍କୃତି ଭାରତ' ସମ୍ମାନ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ 'କ୍ରୀଡା ଭାରତ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆହୂତ ସାମ୍ବାଦିକ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି । ସେହିପରି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ +୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଚି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ 'ବିଦ୍ୟା ଭାରତ' ସମ୍ମାନରେ ସମ୍ମାନିତ କରାଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତିଭାଧାରୀଙ୍କୁ ନଗଦ ଅର୍ଥ ରାଶି ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧକ୍ଷତା କରୁଥିବା ଜୟଭାରତ ଫାଉଣ୍ଡେସନ୍‌ର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି । ଏସ୍.ଏନ୍ ମିଲେନିୟମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିସ ମନ୍ମଥ ପ୍ରମୁଖ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଟକ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



କଟକ(ଭାସ୍କର ନ୍ୟୁଜ୍): ଐତିହାସିକ କଟକ ସହରର ବିଡାନାସୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ କଟକ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ନୂତନ କୋଠା ଆମ ଜିଲ୍ଲାର ପ୍ରଶାସନିକ ବିକାଶରେ ଏକ ନୂତନ ଅଧ୍ୟାୟ ସଂଯୋଗ କରିବାକୁ ଯାଉଛି । ଦକ୍ଷ, ସ୍ୱଚ୍ଛ ଓ ନାଗରିକ ଅନୁକୂଳ ସେବା ଯୋଗାଇବାରେ ଏହି ନୂତନ କାର୍ଯ୍ୟାଳୟ ନିଶ୍ଚିତ ଭାବରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରସ୍ତାବିତ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ପାଞ୍ଚ ମହଲା ବିଶିଷ୍ଟ ହେବ । ଏଥିପାଇଁ ମୋଟ ବ୍ୟୟ ଅଟକଳ ୯୪ କୋଟି ୪୬ ଲକ୍ଷ ୪୪ ହଜାର ଟଙ୍କା ରଖାଯାଇଛି । ଦୁଇ ବର୍ଷ ୬ ମାସ ମଧ୍ୟରେ ନୂତନ କାର୍ଯ୍ୟାଳୟର କାର୍ଯ୍ୟ ଶେଷ ହେବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ସମୁଦାୟ ୫ ଏକର ୭୦ ଡିସିମିଲ ଜମି ଉପରେ ନିର୍ମାଣ ହେବାକୁ ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମନ୍ୱିତ କୋଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ସଦର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିବ । ପରବର୍ତ୍ତୀ ପର୍ଯ୍ୟାୟରେ ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ରାଜସ୍ୱ ପର୍ଷଦ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯିବ । ବିଭିନ୍ନ ବିଭାଗ, ଲାଇବ୍ରେରୀ, କନଫରେନ୍ସ ହଲ, କାଫେଟେରିଆ, ୨୦୦ ଲୋକ ବସିପାରିବା ଭଳି ଅଡିଟୋରିଅମ ରଖାଯିବା ବ୍ୟବସ୍ଥା କରାଯାଇଛି । ସମସ୍ତ ଅତ୍ୟାଧୁନିକ ଭିତିଭୂମୀ ସହ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ । ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ, ଚତୁଃପାର୍ଶରେ ବିଭିନ୍ନ ବୃକ୍ଷରୋପଣ କରାଯାଇ ପରିବେଶ ଅନୁକୂଳ ସୁନିଶ୍ଚିତ କରାଯିବ । ପ୍ରକଳ୍ପ ଶେଷ ହେବା ଦ୍ୱାରା ଜନସାଧାରଣ ଗୋଟିଏ ସ୍ଥାନରେ ସରକାରୀ ସେବା ପାଇବେ । ନୂତନ କାର୍ଯ୍ୟାଳୟ ଲୋକଙ୍କ ସେବାରେ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସୁରେଶ ପୂଜାରୀ, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ, ଚୌଦ୍ୱାର-କଟକ ସୌଭିକ ବିଶ୍ୱାଳ, ବିଧାୟକ, ବାଙ୍କୀ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟିକା, ବାରବାଟୀ-କଟକ, ଇଂ. ସୋଫିଆ ଫିରଦୋସ, ବିଧାୟକ, କଟକ ସଦର, ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, ମାହାଙ୍ଗା ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ବଡ଼ମ୍ବା ବିଜୟ କୁମାର ଦଳବେହେରା, କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଉପରେ ଷ୍ଟଣ୍ଟ ମାରିବା ଘଟଣାରେ ଚାଲାଣ କାଟିଲା ଆରଟିଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ରାଜରାସ୍ତାରେ ଷ୍ଟଣ୍ଟ ମାରିବା ମହଙ୍ଗା ପଡିଛି । ଗାଡି ମାଲିକଙ୍କ ନାଁରେ ୧୦ହଜାର ଟଙ୍କା ଚାଲାଣ କାଟିଛି ପରିବହନ ବିଭାଗ। ଆରଟିଓ-୧ ପକ୍ଷରୁ ଗାଡି ମାଲିକ ସତ୍ୟଭାମା ସାହୁଙ୍କ ନାଁରେ ଚାଲାଣ କଟାଯାଇଛି। ପଳାଶୁଣୀ ଓଭର ବ୍ରିଜ ଉପରେ ବେପରୁଆ ଭାବରେ ଗାଡି ଚଳାଉ ଥିବା ଦୃଶ୍ୟ ଭାଇରଲ ହୋଇଥିଲା।

## ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ନବୀନ ନିବାସରେ ପ୍ରେମ ପଟ୍ଟନାୟକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବୀନ ନିବାସରେ ପହଞ୍ଚିଛନ୍ତି ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ। ସାନଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ସେ ଶୁକ୍ରବାର ଗୋଟାଏ ବେଳେ ନବୀନ ନିବାସରେ ପହଞ୍ଚିଛନ୍ତି। ମୁମ୍ବାଇରେ ନବୀନଙ୍କ ଚିକିତ୍ସା ବେଳେ ପ୍ରେମ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏବେ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇ ଫେରିବା ପରେ ପ୍ରେମ ନବୀନଙ୍କୁ ଭେଟିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି।

## ରାଜଧାନୀରେ ହେବ କୁକୁର ଗଣନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ହେବ କୁକୁର ଗଣନା। ଉଭୟ ବୁଲା ଓ ପୋଷା କୁକୁର ଗଣନା କରାଯିବ ବୋଲି ବିଏମସି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଗଣନା ପରେ କୁକୁରଙ୍କ କାନରେ ଟ୍ୟାଗ ଲଗାଯିବ। ବିଏମସି ପାଖରେ ସବୁ ତଥ୍ୟ ରହିବ। ପୋଷା କୁକୁର ମାଲିକ କିଏ, ବୁଲା କୁକୁର କୁଆଡ଼େ ଯାଉଛନ୍ତି ସବୁ ତଥ୍ୟ ରହିବ। ବନ୍ଧ୍ୟାକରଣ ଓ ଭ୍ୟାକ୍ସିନ ହୋଇଛି କି ନାହିଁ ସମସ୍ତ ତଥ୍ୟ ରହିବ।

## 'ଅଣ୍ଡର ସିକ୍ସଟିନ' ଓଡ଼ିଶୀ ନୃତ୍ୟ ପରିବେଷଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଗଷ୍ଟ ୨୨ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ଭଞ୍ଜ କଳା ମଣ୍ଡପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ (ଓଡିସି) ଦ୍ୱାରା ଆୟୋଜିତ ଷୋହଳ ବର୍ଷରୁ କମ୍ 'ଅଣ୍ଡର ସିକ୍ସଟିନ' ୨୦୨୫ ନୃତ୍ୟ କାର୍ଯ୍ୟକ୍ରମର ୧୧ତମ ସଂସ୍କରଣରେ ଦଶ ଜଣ ପ୍ରତିଭାବାନ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ମଞ୍ଚରେ ସେମାନଙ୍କର ଅପାର ସାମର୍ଥ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ । ଯେହେତୁ ଅଧିକାଂଶ ନୃତ୍ୟ ମହୋତ୍ସବ କେବଳ ୧୬ ବର୍ଷରୁ ଅଧିକ ବୟସର କଳାକାରମାନଙ୍କୁ ଏକକ ମଞ୍ଚ ପ୍ରଦାନ କରିଥାଏ, ତେଣୁ ୧୬ ବର୍ଷରୁ କମ୍ ବୟସର ନୃତ୍ୟ ଶିଳ୍ପୀମାନଙ୍କୁ ଓଡ଼ିଶୀ ନୃତ୍ୟ ପ୍ରତି ସେମାନଙ୍କର ଆଗ୍ରହକୁ ଆବିଷ୍କାର କରିବା, ଭବିଷ୍ୟତର କଳାକାର ଭାବରେ ଉତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ବୃତ୍ତିଗତ ମନୋଭାବ ଏବଂ କଳା ଏବଂ ସଂସ୍କୃତି ପ୍ରତି ଉତ୍ସର୍ଗୀକୃତ ମନୋଭାବ ସୃଷ୍ଟି କରିବା ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରଦାନ କରିବା ଉଦ୍ଦେଶ୍ୟରେ ୧୬ ବର୍ଷରୁ କମ୍ 'ଅଣ୍ଡର ସିକ୍ସଟିନ' ଓଡିଶୀ ନୃତ୍ୟ ୨୦୨୫ ଆୟୋଜନ କରାଯାଇଥିଲା ।ସନ୍ଧ୍ୟାରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ (ଓଡିସି)ର ସଭାପତି ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ, ଓଡିସିର ସଚିବ ଡକ୍ଟର ଇଲିଆନା ସିତାରିଷ୍ଟି ଏବଂ ଓଡିସିର କାର୍ଯ୍ୟନିର୍ବାହୀ ସଦସ୍ୟ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ । ପ୍ରଥମେ ସୁଶ୍ରୀ ଅଭିଜିତା ପଣ୍ଡା ପରେ ସୁଶ୍ରୀ ଜିଭିକା କୁମାରୀ ପରିବେଷଣ କରିଥିଲେ ବନ୍ଧନୃତ୍ୟ ଯାହା ରାଗ ମେଘ ଓ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା । ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଥିଲା ପିଙ୍କି ଦେବରମାଙ୍କ ଶିଷ୍ୟା ସୁଶ୍ରୀ ବ୍ରିଷ୍ଟି ମଜୁମଦାରଙ୍କ ଦ୍ୱାରା ଅଭିନୟ ଦଶାବତାର ଯାହା ରାଗ କଲ୍ୟାଣ ଏବଂ ତାଳ ଅର୍ଦ୍ଧ ଝମ୍ପାରେ ପ୍ରସ୍ତୁତ । ଏହି କାଳଜୟୀ ଉପସ୍ଥାପନାଟି କିମ୍ବଦନ୍ତୀ ଯୋଡ଼ି ଗୁରୁ କେଳୁଚରଣ ମହାପାତ୍ର ଏବଂ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଦ୍ୱାରା ନୃତ୍ୟ ଏବଂ ସଙ୍ଗୀତରେ ରଚିତ ହୋଇଥିଲା ।

## ଏଚ୍ଆଇଭି ସଚେତନତା ପାଇଁ ସମସ୍ତ କଲେଜରେ ଖୋଲିବ ରେଡ୍ ରିବନ କ୍ଲବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଚଆଇଭି ବା ଏଡସ ବାବଦରେ ସଚେତନତା ପାଇଁ ରାଜ୍ୟର ସମସ୍ତ କଲେଜରେ ଖୋଲିବ ରେଡ୍ ରିବନ କ୍ଲବ । ଏନେଇ ସମସ୍ତ ସରକାରୀ ଓ ବେସରକାରୀ ଏବଂ ଟେକ୍ନିକାଲ କଲେଜକୁ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ । ଛାତ୍ରଛାତ୍ରୀଙ୍କୁ ନେଇ କଲେଜରେ ଗଠନ କରାଯିବ ରେଡ ରିବନ୍ କ୍ଲବ୍ । ଏହି କ୍ଲବ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବୟସକୁ ଦୃଷ୍ଟିରେ ରଖି ଏଚଆଇଭି ବିଷୟରେ ସୂଚନା ଦିଆଯିବ । ଏହାସହ କଲେଜ ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ମଧ ଏଚଆଇଭି ସଂକ୍ରମଣ ବାବଦରେ ସଚେତନତା ବାର୍ତ୍ତା ବାଣ୍ଟିବ ରେଡ୍ ରିବନ କ୍ଲବ ।

## ଓଡ଼ିଶା ୨୦୨୪ ନିର୍ବାଚନୀ ସମ୍ପର୍କିତ ପୁସ୍ତକ ଭଏସ୍ ଆଣ୍ଡ୍ ଭୋଟ୍ସ ଉନ୍ମୋଚିତ

# ଆକ୍ସିଡେଣ୍ଟାଲ୍ ନୁହେଁ, ପରିଶ୍ରମ ବଳରେ ଓଡ଼ିଶାରେ ସରକାର କରିଛି ବିଜେପି: ଧର୍ମେନ୍ଦ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆକ୍ସିଡେଣ୍ଟାଲ୍ ନୁହେଁ ବରଂ ଜନଆସ୍ଥା ଓ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ବଳରେ ବିଜେପି ଓଡ଼ିଶାରେ ଏକକ ସରକାର କରିପାରିଛି ବୋଲି ଶୁକ୍ରବାର ଭୁବନେଶ୍ୱରରେ ବିଶିଷ୍ଟ ଲେଖକ ତଥା ପ୍ରଫେସର ଡଃ ନେତାଜୀ ଅଭିନନ୍ଦନ ଓ ପ୍ରୀତ୍ ବୁବନାଙ୍କ ଦ୍ୱାରା ରଚିତ ଇଂରାଜି ପୁସ୍ତକ 'ଭଏସ୍ ଆଣ୍ଡ୍ ଭୋଟ୍ସ : ଓଡ଼ିଶା ଇଲେକ୍ଟୋରାଲ ରିନେସନ୍ସ ଅଫ୍-୨୦୨୪' ପୁସ୍ତକ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଂପ୍ରତିକ ଓଡ଼ିଶା ରାଜନୀତିର ଏହି ବିଶ୍ଳେଷଣାତ୍ମକ ପୁସ୍ତକର ଶୁଭ ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ ଏହାର ଲେଖକ ତଥା ପ୍ରକାଶକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଇତିହାସ ଓ ବର୍ତ୍ତମାନକୁ ପୁସ୍ତକର ରୂପ ଦେଲେ ଭବିଷ୍ୟତକୁ ଯିବା ସହଜ ହୁଏ । ଗତ କିଛି ଦିନ ପୂର୍ବରୁ ଚୌଧୁରୀ ଅମିତାଭ ଦାସଙ୍କ ଦ୍ୱାରା ଲିଖିତ 'ନିର୍ବାଚନ ୨୦୨୪ - ଓଡ଼ିଶା ରାଜନୀତିର କଡ଼ ଲେଉଟାଣି' ପୁସ୍ତକକୁ ଉନ୍ମୋଚନ କରିବାର ସୌଭାଗ୍ୟ ମିଳିଥିଲା । ଓଡ଼ିଶାର ରାଜନୀତିକୁ ଜାଣିବା ପାଇଁ ଏପରି ବିଶ୍ଳେଷଣାତ୍ମକ ପୁସ୍ତକ ଉନ୍ମୋଚନ ସ୍ୱାଗତଯୋଗ୍ୟ । ସେ କହିଥିଲେ ଭାରତୀୟ ଜନସଙ୍ଘ କିମ୍ବା ଭାରତୀୟ ଜନତା ପାର୍ଟି କେବଳ ଏକ ସଂଗଠନ ନୁହେଁ ବରଂ ଏକ ବିଚାର। ବିଜେପି ଏକ ଆକ୍ସିଡେଣ୍ଟାଲ୍ ପାର୍ଟି ଭାବରେ ନୁହେଁ, ବରଂ ଅନେକ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ସମର୍ପଣ ବଳରେ ଏହା ବିଶ୍ୱର ସର୍ବବୃହତ ଦଳ ଭାବରେ ଅଭ୍ୟୁଦୋୟ ହୋଇଛି ଏବଂ ଜନଆଶୀର୍ବାଦରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକକ ସରକାର ଗଠନ କରିଛି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପୁସ୍ତକର ଲେଖକଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜାରାମ ଶତପଥୀ, ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରକାଶକ ସୁଭ୍ରାଂଶୁ ପଣ୍ଡା ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ ।

## ରିମାଣ୍ଡ ପରେ ଜେଲ ଫେରିଲେ ଅଭିଯୁକ୍ତ ରାମଜୀ, ସନାତନ

କଟକ(ଭାସ୍କର ନ୍ୟୁଜ୍): ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରା ଗୁରୁବାର ରିମାଣ୍ଡରେ ଆଣିଥିବା ଅନ୍ୟ ଦୁଇ ଅଭିଯୁକ୍ତ ରାମଜି ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇ ଜେଲକୁ ଶୁକ୍ରବାର ଫେରିଛନ୍ତି । ଅଦାଲତଙ୍କ ଅନୁମତି କ୍ରମେ ଦିନିକିଆ। ରିମାଣ୍ଡ ଅବଧି ଗୁରୁବାର ଦିନ ୨ଟାରୁ ଶୁକ୍ରବାର ଦିନ ୨ଟା ପର୍ଯ୍ୟନ୍ତ ରହିଥିଲା। ସୂଚନାଯୋଗ୍ୟ ଯେ, ଉଭୟ ଅଭିଯୁକ୍ତଙ୍କୁ ଗୋଟିଏ ଦିନ ପାଇଁ ରିମାଣ୍ଡରେ ନେବା ପାଇଁ କୋର୍ଟ ଅନୁମତି ଦେଇଥିଲେ।

## ଆଗକୁ ଆସୁଛି ପାର୍ବଣ ଋତୁ

# ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗକୁ ଆସୁଛି ପାର୍ବଣ ଋତୁ। ଏହି ସମୟରେ କିଛି ବ୍ୟକ୍ତିବିଶେଷ ବେଆଇନ ଚାନ୍ଦା ଆଦାୟ କରି ପୂଜା ଉତ୍ସବ ପାଳନ କରିବା ଭଳି ଘଟଣା ବିଭିନ୍ନ ସମୟରେ ନଜରକୁ ଆସିଥାଏ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲ୍ଲା ଏସପିଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହ ସହ ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତା ତଥା ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍ବଣ ଋତୁରେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସଦାସର୍ବଦା ସତର୍କତା ଏବଂ ଯେକୌଣସି ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ସହ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସିସିଟିଭି ଲଗାଇବା, ଗୁଇନ୍ଦା ସୂଚନା ସଂଗ୍ରହ, ପୂଜା କମିଟି ସହ ଆଲୋଚନା, ବିଭିନ୍ନ ଗୋଷ୍ଠୀଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ସୁସମ୍ପର୍କ ସ୍ଥାପନ, ଗୁଜବକାରୀଙ୍କୁ ଚିହ୍ନଟ, ପୂଜା ହେଉଥିବା ସ୍ଥାନରେ ବ୍ୟାପକ ପୋଲିସ ମୁତୟନ, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ୟତିନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ଆଇଜିପି (କ୍ରାଇମବ୍ରାଂଚ) ସଫିନ ଅହମ୍ମଦ, ଆଇଜିପି (କ୍ରାଇମବ୍ରାଞ୍ଚ) ଡଃ ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସମେତ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଆଇଜି, ଡିଆଇଜି ପ୍ରମୁଖ ଉପସ୍ଥିତ ଥିଲେ ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## ଓଡ଼ିଶାରେ ହାତୀ ମୃତ୍ୟୁହାର ସର୍ବାଧିକ

# ବିଳମ୍ବରେ ପ୍ରଶାସନର ନିଦ୍ରା ଭଙ୍ଗ

ରାଜ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ସରକାରୀ ଓ ବେସରକାରୀ ସ୍ତରରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି। ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଅବାଧ ଚଳପ୍ରଚଳ ପାଇଁ ଅଭୟାରଣ୍ୟର ମଧ୍ୟ ବ୍ୟବସ୍ଥା ହୋଇଛି। ଏସବୁ ସତ୍ତ୍ୱେ ଆମ ରାଜ୍ୟରେ ବୃହତ୍ ସ୍ଥଳଚର ପ୍ରାଣୀ ରୂପେ ବିବେଚିତ ଗଜରାଜ ବା ହାତୀଙ୍କ ମୃତ୍ୟୁହାର ବର୍ଷକୁ ବର୍ଷ ବୃଦ୍ଧି ପାଇବା ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ହାତୀମୃତ୍ୟୁ ରୋକିବାକୁ ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲେ ହେଁ ତାହା ବିଶେଷ ଫଳପ୍ରଦ ହୋଇପାରୁ ନାହିଁ। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତ ୨୦୧୦-୧୧ବର୍ଷରୁ ୨୦୨୪-୨୫ ପର୍ଯ୍ୟନ୍ତ ପନ୍ଦର ବର୍ଷ ମଧ୍ୟରେ ଓଡ଼ିଶାରେ ୧୨୧୪ ହାତୀଙ୍କ ମୃତ୍ୟୁ ଘଟିଛି ଓ କେବଳ ୨୦୨୪-୨୫ ବର୍ଷରେ ବିଦ୍ୟୁତ୍ ଆଘାତରେ ୩୨ ହାତୀଙ୍କ ଜୀବନ ଯାଇଛି। ଓଡ଼ିଶା ବନ୍ୟପ୍ରାଣୀ ସୁରକ୍ଷା ସମିତି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଦଶନ୍ଧି ଦଶନ୍ଧି ଧରି ରାଜ୍ୟରେ ହାତୀ ମୃତ୍ୟୁସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି। ରିପୋର୍ଟ ଅନୁଯାୟୀ ୧୯୯୦ରୁ ୨୦୦୦ ମସିହା ଦଶବର୍ଷ ମଧ୍ୟରେ ରାଜ୍ୟରେ ପ୍ରତିବର୍ଷ ହାରାହାରି ୩୩ଟି ହାତୀ ମରୁଥିବା ବେଳେ ପରବର୍ତ୍ତୀ ଦଶବର୍ଷରେ ଏହି ସଂଖ୍ୟା ୪୬କୁ ବୃଦ୍ଧି ପାଇଥିଲା। ପ୍ରାଣ ହରାଇଥିବା ହାତୀଙ୍କ ମଧ୍ୟରୁ ୩୮ ପ୍ରତିଶତଙ୍କ ଜୀବନ ଅସ୍ୱାଭାବିକ କାରଣ ଯୋଗୁଁ ଯାଇଥିବାର ଜଣାପଡିଛି। ବିଦ୍ୟୁତ୍ ଆଘାତ ଯୋଗୁଁ ସର୍ବାଧିକ ୨୨୦ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅସାଧୁ ଶିକାରୀଙ୍କ ଦ୍ୱାରା ୧୨୧ ଓ ଟ୍ରେନ୍ ଧକ୍କାରେ ୪୫ଟି ହାତୀ ପ୍ରାଣ ହରାଇଛନ୍ତି। ରାସ୍ତା ପାରି ହେଉଥିବା ବେଳେ ଗାଡ଼ି ଧକ୍କାରେ ୭ଟି ହାତୀ ମରିଥିବାର ଦର୍ଶାଯାଇଛି। ହାତୀ ମୃତ୍ୟୁ ନେଇ ଟାଟା ପାୱାର୍‌ର ଅବହେଳାକୁ ଅନେକାଂଶରେ ଦାୟୀ କରାଯାଉଛି। କମ୍ ଉଚ୍ଚତାରେ ବିଦ୍ୟୁତ୍ ତାର ଟଣାଯିବା ଓ ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ଦୁର୍ବଳ ଅବସ୍ଥାରେ ରହିବା ଯୋଗୁଁ ଏହାର ସଂସ୍ପର୍ଶରେ ଆସି ଅନେକ ହାତୀ ମରୁଥିବାର ଅଭିଯୋଗ ହେଉଛି। ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁହାର ହ୍ରାସ କରିବାକୁ ଗତ ୨୦୧୦ ମସିହାରେ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏକ ତଦନ୍ତ କମିଟି ଗଠିତ ହେବା ସହିତ ସରକାରଙ୍କୁ ଅନେକ ସୁପାରିଶ କରାଯାଇଥିଲା। ମାତ୍ର ଏଯାବତ୍ ଏହିସବୁ ସୁପାରିଶକୁ କାର୍ଯ୍ୟକାରୀ କରାନଯିବା ପରିବେଶପ୍ରେମୀଙ୍କୁ ମର୍ମାହତ କରିଛି। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ପନ୍ଦର ବର୍ଷ ଭିତରେ ବିଦ୍ୟୁତ୍ ଆଘାତରେ ୨୨୦ ହାତୀଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ଏହି ସମୟସୀମା ଭିତରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଜଣେ ହେଲେ କେହି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଏବେ ହାତୀଙ୍କ ସଂଖ୍ୟା ସ୍ଥିର ରହିବା କିଛିଟା ଆଶ୍ୱସ୍ତି ଆଣି ଦେଇଛି। ଗତ ୧୯୭୯ ମସିହାରେ ଓଡ଼ିଶାରେ ହାତୀଙ୍କ ସମୁଦାୟ ସଂଖ୍ୟା ୨୦୪୪ ଥିବା ସ୍ଥଳେ ୨୦୨୪ ମସିହାର ଶେଷ ହାତୀଗଣନାରୁ ଏହି ସଂଖ୍ୟା ୨୦୯୮ ଥିବାର ଜଣାପଡିଛି। ସମଗ୍ର ଭାରତରେ ଅଧିକାଂଶ ହାତୀ ବାସ କରୁଥିବା ରାଜ୍ୟ ତୁଳନାରେ ଓଡ଼ିଶାରେ ହାତୀଙ୍କ ପ୍ରାଣହାନୀ ସର୍ବାଧିକ ହେବା ଲଜ୍ଜାକର ମନେ ହେଉଛି। ଗତ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ତରର ବିଶେଷଜ୍ଞମାନେ ଏକ ବୈଠକରେ ମିଳିତ ହୋଇ ହାତୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପନ୍ଥା ନିର୍ଦ୍ଧାରଣ କରିଥିଲେ। ହାତୀ ସୁରକ୍ଷା ଲକ୍ଷ୍ୟରେ ଆଞ୍ଚଳିକ ସ୍ତରରେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଜେ ଏହି ବୈଠକରେ ଉପସ୍ଥିତ ରହି ହାତୀ ମୃତ୍ୟୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ କେତେକ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ବିଳମ୍ବରେ ହେଲେ ମଧ୍ୟ ସରକାରୀ ସ୍ତରରେ ଏଭଳି ତତ୍ପରତା ପ୍ରକାଶ ପାଇବା ସ୍ୱାଗତଯୋଗ୍ୟ ମନେ ହେଉଛି।

# ମହାଶକ୍ତିର ଆଗ ଧାଡ଼ିରେ ଭାରତ



ମାନସ କୁମାର କର
କୋଡାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଗତ ଏଗାର ବର୍ଷ ମଧ୍ୟରେ ଭାରତର ସର୍ବାଙ୍ଗୀନ ବିକାଶର ଗତି ସମଗ୍ର ବିଶ୍ୱ ନିଜ ଆଖିରେ ଦେଖିଛି। ଏବେ ଭାରତ ଏସିଆର ଏକ ବଡ଼ ଶକ୍ତି କେନ୍ଦ୍ର ଭାବରେ ଉଭା ହେଉଛି। ଚୀନ୍ ପରେ, ଭାରତ ମଧ୍ୟ ଏକ ବହୁତ ବଡ଼ ରଣନୈତିକ ଶକ୍ତି ପାଲଟିଛି। ଭାରତ ଖାଦ୍ୟ ଶସ୍ୟ ଏବଂ ଔଷଧ, ଚିକିତ୍ସା ଉପକରଣ, ଲୁହା ସାମଗ୍ରୀ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିମାନ, ଜାହାଜ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଅସ୍ତ୍ରଶସ୍ତ୍ର ଉତ୍ପାଦନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଆରମ୍ଭ କରିଛି। ବର୍ତ୍ତମାନ ଭାରତ ଅସ୍ତ୍ରଶସ୍ତ୍ରର ରପ୍ତାନିକାରୀ ମଧ୍ୟ ହୋଇସାରିଛି। ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ, ଭାରତ ରୁଷରୁ ଅଶୋଧିତ ତେଲ ଆମଦାନି କରିବା ଆରମ୍ଭ କରିଥିଲା ଏବଂ ଏହାକୁ ବିଶୋଧନ କରିବା ପରେ, ଅନ୍ୟ ଦେଶକୁ ବିକ୍ରି କରିବା ଆରମ୍ଭ କରିଥିଲା, ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପସନ୍ଦ ଆସିନଥିଲା। ଫଳସ୍ୱରୂପ, ସେ ଭାରତ ଉପରେ ୨୫ରୁ ୫୦% ଆମଦାନି ଶୁଳ୍କ ଲାଗୁ କରି ଏକ ନୂତନ ବିବାଦ ଆରମ୍ଭ କରିଛନ୍ତି, ଯାହା ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କକୁ ଅସ୍ଥାୟୀ ଭାବରେ ଖରାପ କରିଛି।

ସ୍ୱାଧୀନତା ପରେ ଅକ୍ଳାନ୍ତ ପ୍ରୟାସ କରିବା ପରେ, ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ଆଧୁନିକ ଭାରତର ଦୂରଦୃଷ୍ଟିଦାତା, ପଣ୍ଡିତ ଜବାହରଲାଲ ନେହେରୁ ଏହି ଚିନ୍ତାଧାରା ସହିତ ତାଙ୍କର କାର୍ଯ୍ୟଶୈଳୀକୁ ଆଗକୁ ବଢ଼ାଇଥିଲେ। କୁହାଯାଉଥିଲା ଯେ ଭାରତ ବର୍ତ୍ତମାନ ବିଶ୍ୱ ସ୍ତରରେ ଏକ ସମୃଦ୍ଧ, ଶକ୍ତିଶାଳୀ ଏବଂ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ରାଷ୍ଟ୍ର ଭାବରେ ଉଭା ହୋଇଛି। ଏହି କ୍ରମରେ, ୧୯୫୨ ମସିହାରେ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହୋଇଥିଲା, କୃଷି, ଶିଳ୍ପ, ବିଜ୍ଞାନ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈଜ୍ଞାନିକ ଆଭିମୁଖ୍ୟ ଏବଂ ଚିନ୍ତାଧାରାକୁ ଠୋସ୍ ରୂପ ଦିଆଯାଇଥିଲା। ସମୟ ସମୟରେ ସରକାର ପରିବର୍ତ୍ତନ ହେଉଥିଲା ଏବଂ ଭାରତ ବିକାଶ ଆଡ଼କୁ ଧୀରେ ଧୀରେ ଆଗକୁ ବଢ଼ି ଚାଲିଥିଲା। ବର୍ତ୍ତମାନ, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ଏହାର ଆର୍ଥିକ ଅବସ୍ଥାରେ ପ୍ରଚଣ୍ଡ ବିକାଶ କରିଛି, ଭାରତ ବିଶ୍ୱର ପଞ୍ଚମ ଅର୍ଥନୈତିକ ରାଷ୍ଟ୍ର ପାଲଟିଛି। ଅନ୍ୟପକ୍ଷରେ, ଏହା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ରଣନୀତିକ ଦୃଷ୍ଟିରୁ ମଧ୍ୟ, ଭାରତୀୟ ସେନା ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ପାକିସ୍ତାନ କିମ୍ବା ଚୀନ୍ ସିଧାସଳଖ ଭାରତ ଉପରେ ଆକ୍ରମଣ କରିବାକୁ ସାହସ କରିବେ ନାହିଁ। ଭାରତ ଏହାର ବିକାଶ ଦ୍ୱାରା ପ୍ରମାଣିତ କରିଛି ଯେ ଭାରତ ଆଉ ପୁରୁଣା ଭାରତ ନୁହେଁ, ଏବଂ ବର୍ତ୍ତମାନ ଭାରତ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଠିଆ ହୋଇଛି।

ଆଜି, ଆମେରିକାରୁ ଜାପାନ ଏବଂ ଆଫ୍ରିକୀୟ ଦେଶ ପର୍ଯ୍ୟନ୍ତ ଭାରତର ପ୍ରଭାବ ଅନୁଭୂତ ହେଉଛି। ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମେରିକା, ଫ୍ରାନ୍ସ, ସାଉଦି ଆରବ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବ୍ରାଜିଲ, ଇସ୍ରାଏଲ ଇତ୍ୟାଦି ଦେଶର ରାଷ୍ଟ୍ରମୁଖ୍ୟମାନେ ପୂର୍ଣ୍ଣ ହୃଦୟରେ ସ୍ୱାଗତ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ବିଶ୍ୱସ୍ତରୀୟ ସ୍ଥିତି ଏହି କଥାରୁ ସ୍ପଷ୍ଟ ଯେ ମହାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଅଟୋଗ୍ରାଫ ପାଇଁ ଅନୁରୋଧ କରିଥିଲେ ଏବଂ ପାପୁଆ ନ୍ୟୁ ଗିନିର ରାଷ୍ଟ୍ରମୁଖ୍ୟ ତାଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କ ପାଦ ଛୁଇଁଥିଲେ। ଏହି ଚମତ୍କାର ପ୍ରଭାବ ଭାରତର ଶକ୍ତି ଏବଂ ବିଶ୍ୱ ଶାନ୍ତି ପ୍ରତି ଏହାର ପ୍ରତିବଦ୍ଧତାର ଏକ ସଙ୍କେତ।

ମୁଁ ଏଠାରେ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସପକ୍ଷରେ କହୁନାହିଁ। ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ, ଡକ୍ଟର ମନମୋହନ ସିଂହ ଏବଂ ବର୍ତ୍ତମାନ ନରେନ୍ଦ୍ର ମୋଦି ଭାରତକୁ ବିଶ୍ୱ ସ୍ତରରେ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଆମେ ଏକ ପରମାଣୁ ଶକ୍ତିଶାଳୀ ହୋଇଥିଲୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଆମେ ୧୯୭୧ ମସିହାରେ ପାକିସ୍ତାନକୁ ଶୋଚନୀୟ ଭାବରେ ପରାସ୍ତ କରି ତାହାକୁ ବିଭାଜିତ କରିଥିଲୁ ଏବଂ ବାଂଲାଦେଶ ନାମକ ଏକ ନୂତନ ଦେଶକୁ ଜନ୍ମ ଦେଇଥିଲୁ।

କିନ୍ତୁ ଏଠାରେ ମୁଁ ବିକାଶର ପ୍ରକୃତ ଭୂମି ଏବଂ ଦେଶରେ ଦାରିଦ୍ର୍ୟ ଏବଂ ବେକାରୀ ଦୂରୀକରଣ ବିଷୟରେ କଥା ହେବାକୁ ଚାହୁଁଛି। ଆମ ଦେଶ ଏବେ ବି ଦାରିଦ୍ର୍ୟ, ବେକାରୀ, କ୍ଷୁଧା, ଅସମାନତା, ଅନ୍ଧବିଶ୍ୱାସ, କପଟତା ଏବଂ ଧାର୍ମିକ ମୌଳବାଦର ସମ୍ମୁଖୀନ ହେଉଛି ଏବଂ ଯେଉଁ ଗତିରେ ଏହା ପାଇଁ ସକ୍ଷମ ତାହା ସହିତ ବିକାଶ କରିପାରୁନାହିଁ,।

କିନ୍ତୁ ଅନ୍ୟପକ୍ଷରେ, ଭାରତର ଆଭ୍ୟନ୍ତରୀଣ ପରିସ୍ଥିତିରେ, ଭାରତ ୧୪୧ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ ପାଲଟିଛି। ବିକାଶର ଚିନ୍ତାଧାରାରେ, ଭାରତକୁ ଏକ ଆର୍ଥିକ ମହାଶକ୍ତି ଭାବରେ ପ୍ରତିଷ୍ଠିତ କରାଯିବା ଉଚିତ, ଏହି ସ୍ଥାନରେ ଦାରିଦ୍ର୍ୟ, ବେକାରୀ ଏବଂ ଅସମାନତା ଦୂର କରାଯିବା ଉଚିତ। ସେହିପରି, ଭାରତ ଅଶୋଧିତ ତୈଳ ସଙ୍କଟରୁ ମୁକ୍ତି ପାଇ ଏକ ଶକ୍ତି ସମୃଦ୍ଧ ଦେଶ ହେବା ଉଚିତ ଏବଂ ବିଶ୍ୱ ସ୍ତରରେ ଭାରତୀୟ ମୁଦ୍ରାକୁ ସମ୍ମାନର ସହିତ ବ୍ୟବହାର କରାଯିବା ଉଚିତ୍। ସାମାଜିକ ସ୍ତରରେ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଆଦିବାସୀ, ମହିଳା ଏବଂ ଶିଶୁ ଭଳି ବିଭିନ୍ନ ଲକ୍ଷ୍ୟ ଗୋଷ୍ଠୀ ପାଇଁ ଲାଭଦାୟକ ନୀତି ପ୍ରସ୍ତୁତ କରାଯିବା ଉଚିତ।

ବର୍ତ୍ତମାନ ସାମାଜିକ-ପ୍ରଶାସନିକ-ବୈଜ୍ଞାନିକ-ଚିକିତ୍ସା ସ୍ତରରେ ପୁରୁଷମାନଙ୍କ ସହିତ ମହିଳାଙ୍କ ଅଂଶଗ୍ରହଣ କେବଳ କାଗଜପତ୍ରରେ ଦୃଶ୍ୟମାନ। ଭାରତରେ ମହିଳା ନିର୍ଯାତନାର ପ୍ରତିଶତ ଏବେ ବି ବହୁତ ଅଧିକ। ଗ୍ରାମାଞ୍ଚଳରେ ଶିଶୁ ଶ୍ରମିକର ପରିସ୍ଥିତି ଭୟଙ୍କର। ଶସ୍ୟର ପର୍ଯ୍ୟାପ୍ତ ସଂରକ୍ଷଣ ସତ୍ତ୍ୱେ, ଭାରତରେ କ୍ଷୁଧା ଏବଂ ବେକାରୀ ବ୍ୟାପକ। ସେହିପରି, ଭାରତରେ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରମୁଖ ଚ୍ୟାଲେଞ୍ଜ ରହିଛି ଯେପରିକି ଧାର୍ମିକ କଠୋରତା, ନକ୍ସଲବାଦ, ଉଗ୍ରବାଦୀ ଚିନ୍ତାଧାରା ଏବଂ ବିଭିନ୍ନ ରାଜ୍ୟ ମଧ୍ୟରେ ପାରସ୍ପରିକ ବିବାଦ, ଯାହାକୁ ଆମକୁ ଦୃଢ଼ତାର ସହିତ ମୁକାବିଲା କରିବାକୁ ପଡିବ। ତେବେ ହିଁ ବିକାଶର ଧାରଣାକୁ ଏକ ଠୋସ୍ ରୂପ ଦିଆଯାଇପାରିବ।

ଆନ୍ତର୍ଜାତୀୟ ସ୍ତରରେ ଭାରତର ମୁଣ୍ଡପିଛା ଆୟ ଆଶାଠାରୁ ବହୁତ କମ୍। ଭାରତ ଏପର୍ଯ୍ୟନ୍ତ ବୈଜ୍ଞାନିକ-ସୁରକ୍ଷାର ଉଚ୍ଚସ୍ତରକୁ ପହଞ୍ଚିପାରିନାହିଁ, ଯାହାଦ୍ୱାରା ଏହା ଆର୍ଥିକ-ସାମାଜିକ-ରାଜନୈତିକ ଦୃଷ୍ଟିରୁ ସନ୍ତୁଳନ ବଜାୟ ରଖିପାରିବ ଏବଂ ପ୍ରତ୍ୟେକ ଦେଶ ସହିତ ମୁହାଁମୁହିଁ ବସିପାରିବ ଏବଂ ଏତେ ସକ୍ଷମ ହୋଇପାରିବ ଯେ ଏହାକୁ ଜାତିସଂଘର ସୁରକ୍ଷା ପରିଷଦର ନିମନ୍ତ୍ରିତ ସଦସ୍ୟ ଭାବରେ ନିମନ୍ତ୍ରିତ କରାଯାଇପାରିବ।

ସ୍ୱାଧୀନତା ପରେ, ଗାନ୍ଧୀଜୀ କହିଥିଲେ- 'ମୋ ସ୍ୱପ୍ନର ଭାରତ କି ପ୍ରକାରର ହେବା ଉଚିତ? ଏହା ଏପରି ହେବା ଉଚିତ ଯେଉଁଥିରେ ଗରିବରୁ ଗରିବ, ସବୁଠାରୁ ବଞ୍ଚିତ ଏବଂ ପଛୁଆ ବ୍ୟକ୍ତିଙ୍କ ପାଇଁ ଏକ ସରକାର ରହିବା ଉଚିତ୍ ଯାହା ଭାରତକୁ ନିଜର ଦେଶ ବୋଲି ମନେ କରୁଥିବ ଏବଂ ଭାରତର ଶେଷ ବ୍ୟକ୍ତି ବିଷୟରେ ଚିନ୍ତା କରି ଏହାର ନୀତି ପ୍ରସ୍ତୁତ କରିପାରୁଥିବ ଏବଂ ସେହି ବ୍ୟକ୍ତି ସର୍ବାଧିକ ଲାଭ ପାଇପାରିବ।' ଗାନ୍ଧୀଜୀଙ୍କ ସ୍ୱପ୍ନର ଭାରତ ନିର୍ମାଣ କରିବାକୁ ହେଲେ, ଦେଶକୁ ସାମାଜିକ-ସାଂସ୍କୃତିକ-ବୈଜ୍ଞାନିକ-ରାଜନୈତିକ ଭାବରେ ଶକ୍ତିଶାଳୀ କରିବାକୁ ପଡିବ, ତେବେ ହିଁ ଭାରତର ପ୍ରତ୍ୟେକ ନାଗରିକ ଭାରତର ନାଗରିକ ହେବା ପାଇଁ ଗର୍ବ ଅନୁଭବ କରିପାରିବେ।

# ନାହଂ ବସାମି ବୈକୁଣ୍ଠେ



ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ପରମ ପୁରୁଷ ଲୀଳାପୁରୁଷୋତ୍ତମ ତଥା ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ଶ୍ରୀବିଷ୍ଣୁ ଦେବର୍ଷି ନାରଦଙ୍କୁ କହିଥିବା ଏହି ମୋକ୍ଷ ପ୍ରଦାୟକ ଶ୍ଳୋକଟି ହେଉଛି, 'ନାହଂ ବସାମି ବୈକୁଣ୍ଠେ ଯୋଗିନାମ ହୃଦୟେ ନ ଚ। ମଦ୍ ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ।' ଏହି ଶ୍ଳୋକର ଅର୍ଥ ହେଉଛି ଭଗବାନ ଶ୍ରୀବିଷ୍ଣୁ କେବଳ ବୈକୁଣ୍ଠ ଅଥବା ଯୋଗିମାନଙ୍କ ହୃଦୟରେ ବାସକରି ରହିନ'ଥାନ୍ତି; ପରନ୍ତୁ ସର୍ବଦା ସେହି ଭକ୍ତମାନଙ୍କ ନିକଟରେ ଥାଆନ୍ତି ଯେଉଁମାନେ ତାଙ୍କ ନିକଟରେ ନିଜ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦେଇଥା'ନ୍ତି।ଧ୍ରୁବ, ପ୍ରହ୍ଲାଦ ଓ ଯାଜ୍ଞସେନୀ ପ୍ରମୁଖ ଭକ୍ତଗଣ ଶ୍ରୀବିଷ୍ଣୁଙ୍କର ପ୍ରକୃତ ଭକ୍ତ ଅଟନ୍ତି। ଏହି ଘୋର କଳିଯୁଗରେ ବାମାକ୍ଷେପା, ଶ୍ରୀରାମକୃଷ୍ଣ ପରମହଂସ, ନିଗମାନନ୍ଦ ପରମହଂସ, ନଣ୍ଡାବାବା ଓ ବାୟାବାବା ପ୍ରମୁଖ ଭକ୍ତଗଣ ଶ୍ରୀବିଷ୍ଣୁଙ୍କ କୃପାପ୍ରାପ୍ତ ଭକ୍ତ ଅଟନ୍ତି। କଳିଯୁଗ ଆଗମନ ପୂର୍ବରୁ ଶ୍ରୀବିଷ୍ଣୁଙ୍କ ପ୍ରିୟ ଭକ୍ତ ଦେବର୍ଷି ନାରଦ ପରମେଶ୍ୱରଙ୍କୁ ପଚାରିଥିଲେ ଯେ କିପରି ଅତି ସହଜରେ ଈଶ୍ୱରଙ୍କ ଭକ୍ତଗଣ ତାଙ୍କର କୃପାପ୍ରାପ୍ତ ହୋଇପାରିବେ। ଏହାର ଉତ୍ତରରେ ଶ୍ରୀବିଷ୍ଣୁ ନାରଦଙ୍କୁ ଉପରୋକ୍ତ ମୋକ୍ଷଦାୟୀ ଶ୍ଳୋକ କହିଥିଲେ। ଅର୍ଥାତ୍ ଯେଉଁ ଭକ୍ତଗଣ ପରମେଶ୍ୱରଙ୍କୁ ସେମାନଙ୍କର ପିତାମାତା ଓ ଶେଷ ଆଶ୍ରୟସ୍ଥଳ ବୋଲି ବିଶ୍ୱାସ କରି ଧ୍ରୁବ, ପ୍ରହ୍ଲାଦ ଓ ଦ୍ରୌପଦୀଙ୍କ ପରି ତାଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପିତ ହୋଇଯିବେ ଓ ତାଙ୍କର ନାମକୁ ଭଜନ କରିବେ, ସେ ସେହିଠାରେ ହିଁ ବାସ କରିବେ।

ପ୍ରଥମେ ଶ୍ରୀବିଷ୍ଣୁଙ୍କର ସତ୍ୟଯୁଗର ଦୁଇ ପରମ ଭକ୍ତ ଧ୍ରୁବ ଓ ପ୍ରହ୍ଲାଦଙ୍କ ଶ୍ରୀହରିଙ୍କ ପ୍ରତି ଥିବା ଅତୁଟ ବିଶ୍ୱାସ ଓ ଅନାବିଳ ଭକ୍ତି ଓ ପ୍ରେମଭାବ ସମ୍ବନ୍ଧରେ ଉଲ୍ଲେଖ କରିବା। ମାତ୍ର ୫ ବର୍ଷର ବାଳକ ଧ୍ରୁବ ମାତ୍ର ୫ ମାସର କଠୋର ତପସ୍ୟା ପରେ ଶ୍ରୀବିଷ୍ଣୁଙ୍କର ଦର୍ଶନ ଲାଭ ପୂର୍ବକ ତାଙ୍କର କୃପାପ୍ରାପ୍ତ ହୋଇଥିଲା। ସେହିପରି ପରମେଶ୍ୱରଙ୍କ ଅନ୍ୟତମ ପ୍ରିୟ ଭକ୍ତ ପ୍ରହ୍ଲାଦ ମଧ୍ୟ ମାତ୍ର ୫ବର୍ଷ ବୟସରେ ନୃସିଂହ ଭଗବାନଙ୍କ ଦର୍ଶନ ଓ କୃପାପ୍ରାପ୍ତ ହୋଇଥିଲା। ଦ୍ୱାପର ଯୁଗରେ ଅସହାୟ-ନିଃସହାୟ ଯାଜ୍ଞସେନୀ ନିଜକୁ ପରମେଶ୍ୱର ଶ୍ରୀକୃଷ୍ଣଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପିତ କରାଇ ତାଙ୍କର କୃପାପ୍ରାପ୍ତ ହୋଇଥିଲେ। ଏହି ଘୋର କଳିଯୁଗରେ ମଧ୍ୟ ମୀରାବାଈ, ନିଗମାନନ୍ଦ ପରମହଂସ, ନଣ୍ଡାବାବା ଓ ବାୟାବାବା ପ୍ରମୁଖ ଭକ୍ତଗଣ ଶ୍ରୀବିଷ୍ଣୁଙ୍କର କୃପାପ୍ରାପ୍ତ ହୋଇ ଜଗତକଲ୍ୟାଣ କରିବା ସହିତ ମୋକ୍ଷପ୍ରାପ୍ତ ହୋଇଛନ୍ତି। ବର୍ତ୍ତମାନ ଅନେକ ଲୋକ ନିଜ କୃତ ଅପକର୍ମ ଓ ପାପରୁ ମୁକ୍ତି ପାଇବାର ଅଭିଳାଷ ରଖି ଅନ୍ୟାୟୋପାର୍ଜିତ ଧନ ଖର୍ଚ୍ଚ କରି ହିନ୍ଦୁ ଦେବଦେବୀଙ୍କ ମନ୍ଦିର ନିର୍ମାଣ କରୁଛନ୍ତି ଏବଂ ଦୈନିକ ପ୍ରତିଷ୍ଠିତ ଦେବଦେବୀଙ୍କୁ ସୁସ୍ୱାଦୁ ଭୋଗ ଅର୍ପଣ କରୁଛନ୍ତି; ହେଲେ ସେମାନେ ଏହା ଗ୍ରହଣ କରୁନାହାଁନ୍ତି। ଦ୍ୱାପର ଯୁଗରେ ପରମେଶ୍ୱର ଶ୍ରୀକୃଷ୍ଣ ନିଜର ପ୍ରିୟ ଭକ୍ତ ତଥା ସଖା ସୁଦାମା ଠାରୁ ମାତ୍ର ୨ ମୁଠାଏ ଖୁଦ ଭଜା ଖାଇ ତାଙ୍କୁ ଦୁଇ ଲୋକ ପ୍ରଦାନ କରିଦେଇଥିଲେ। ଯଦି ମାତା ମହାଲକ୍ଷ୍ମୀଙ୍କ ଅବତାର ରୁକ୍ମଣୀ ଭଗବାନ ଶ୍ରୀକୃଷ୍ଣଙ୍କୁ ତୃତୀୟ ମୁଠା ଖୁଦ ଭଜା ଖାଇବାରୁ ନିବୃତ୍ତ କରିନଥା'ନ୍ତେ, ତେବେ ମହାପ୍ରଭୁ ସୁଦାମାକୁ ଆଉ ଏକ ଲୋକ ପ୍ରଦାନ କରି ସଂପୂର୍ଣ୍ଣ ନିସ୍ୱ ଓ କାଙ୍ଗାଳ ହୋଇଯାଇଥା'ନ୍ତେ ।

ଏଠାରେ ଯବନ କବି ସାଲବେଗଙ୍କ ଭକ୍ତିଭାବର କଥା ଉଲ୍ଲେଖନୀୟ। ସପ୍ତଦଶ ଶତାବ୍ଦୀରେ, ଅର୍ଥାତ୍ ୧୬୦୮ ମସିହାରେ ସାଲବେଗ ଆସିବା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ବଡଦାଣ୍ଡରେ ଅଟକି ରହିଥିଲା। ସେହିପରି ନୀଚ୍ଚ ଜାତିରେ ଜନ୍ମିତ ଦାସିଆ ବାଉରୀକୁ ଶ୍ରୀମନ୍ଦିର ପ୍ରବେଶ ନିଷିଦ୍ଧ କରାଯାଇଥିଲା। ତେଣୁ ସେ ତାଙ୍କ ଗ୍ରାମର ଜନୈକ ବ୍ରାହ୍ମଣ ହସ୍ତରେ ମହାପ୍ରଭୁଙ୍କ ପାଖକୁ ଏକ ନଡିଆ ପଠାଇ କହିଥିଲା ଯେ ଯଦି ଶ୍ରୀଜଗନ୍ନାଥ ସ୍ୱହସ୍ତରେ ତାଙ୍କର ନଡ଼ିଆକୁ ଗ୍ରହଣ ନକରନ୍ତି, ତେବେ ସେ ତାହା ଫେରାଇ ଆଣିବେ। ମହାପ୍ରଭୁ କିନ୍ତୁ ତାହାକୁ ଗ୍ରହଣ କରିଥିଲେ। ସେହିପରି ଷୋଡ଼ଶ ଶତାବ୍ଦୀରେ ମହାପ୍ରଭୁଙ୍କ ପଞ୍ଚସଖାଙ୍କ ମଧ୍ୟରୁ ବଳରାମ ଦାସ ଥିଲେ ଅନ୍ୟତମ। ସେହି ସମୟରେ ଅନୁଷ୍ଠିତ ରଥଯାତ୍ରା ସମୟରେ ସଦା ଅଶୌଚ ରହୁଥିବା ବଳରାମ ଦାସଙ୍କୁ ଶ୍ରୀଜଗନ୍ନାଥଙ୍କ ସେବାୟତଗଣ ରଥ ଉପରକୁ ଆସିବାକୁ ବାରଣ କରିଥିଲେ। ଏଣୁ ସେ ମହୋଦଧିର ବାଲୁକା ଶଯ୍ୟାରେ ଏକ ବାଲିରଥ ନିର୍ମାଣ କରି ସେଥିରେ ବିଜେ କରିବାକୁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ ଓ ଭକ୍ତ ବତ୍ସଳ ଭଗବାନ ସେହି ରଥରେ ବିଜେ କରିବାରୁ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକି ରହିଥିଲା।

ଇଚ୍ଛା ମାତ୍ରକେ ଅନନ୍ତ କୋଟି ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତାଙ୍କୁ ଛାଡି ଆମେ ସବୁ ମାୟାରେ ବାୟା ହେବା ଉଚିତ୍ ନୁହେଁ। ମାନବ ଶରୀର ମୁକ୍ତିର ଦ୍ୱାର ହୋଇଥିବାରୁ, ଆମେ ଇହ ଜନ୍ମରେ ଶ୍ରୀହରିଙ୍କ କୃପାପ୍ରାପ୍ତ ହେବା ଉଚିତ୍। ସୁତରାଂ, ଆମେ ସମସ୍ତେ ଉପରୋକ୍ତ ମହାପୁରୁଷମାନଙ୍କ ପରି ଆବାଲ୍ୟରୁ ଅତୁଟ ଭକ୍ତି ଓ ବିଶ୍ୱାସର ସହିତ ଶ୍ରୀହରିଙ୍କ ଭଜନ କୀର୍ତ୍ତନ କରି ତାଙ୍କୁ ନିଜର ପିତାମାତା ଓ ଶେଷ ଆଶ୍ରୟସ୍ଥଳ ବୋଲି ଗ୍ରହଣ କଲେ, ଆମେ ନିଶ୍ଚୟ ତାଙ୍କର କୃପାପ୍ରାପ୍ତ ହୋଇପାରିବା। ଏଣୁ ଆମେ ଆଜୀବନ ମିଛ କାମିନୀ ଓ କାଞ୍ଚନ ପଛରେ ଧାଇଁ ଧାଇଁ ଦୁର୍ଲଭ ମାନବ ଜନ୍ମକୁ ନିଃଶେଷ କରିଦେବା ଉଚିତ୍ ନୁହେଁ। ହୁଏତ ଆମକୁ ପୁନଃ ଦୁର୍ଲଭ ମାନବ ଶରୀର ପ୍ରାପ୍ତ ହୋଇନ'ପାରେ !

# ଆନନ୍ଦମୂର୍ତ୍ତି ଶ୍ରୀଜଗନ୍ନାଥ



ଅଲେଖ ଚନ୍ଦ୍ର ସାମଲ
ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର
ଯାଜପୁର, ମୋ: ୯୪୩୭୨୫୭୧୨୩

ଜୀବର ସ୍ୱରୂପ ଆନନ୍ଦମୟ ହୋଇଥିଲେ ସେ ସର୍ବଦା ଆନନ୍ଦମୟ ବ୍ରହ୍ମଚୈତନ୍ୟଙ୍କ ପରି ଆନନ୍ଦିତ ରହନ୍ତା। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ହେଉନାହିଁ। ସେ ଦେହସର୍ବସ୍ୱ ହୋଇ ନିଜେ ପରମାତ୍ମାଙ୍କ ଅଂଶବିଶେଷ ବୋଲି ଚିନ୍ତା କରେନାହିଁ। ଆତ୍ମାକୁ ଭୁଲି ଭୌତିକ ଜଗତରେ ଦେହ ସର୍ବସ୍ୱ ହୋଇ ଘୂରି ବୁଲେ। କ୍ଲେଶ ଭୋଗେ। ଏଠାରେ ମୟଟ ପ୍ରତ୍ୟୟ ବିକାର ଅର୍ଥରେ ନୁହେଁ, ପ୍ରଚୁରତା ଅର୍ଥରେ ବ୍ୟବହୃତ। କୌଣସି କଥାକୁ ସୁଦୃଢ଼ କରିବା ନିମନ୍ତେ ବାରବାର ଦୋହରାଇବାକୁ ଅଭ୍ୟାସ କୁହାଯାଏ। ତୈତ୍ତିରୀୟ ତଥା ବୃହଦାରଣ୍ୟକ ଆଦି ଅନେକ ଉପନିଷଦରେ ଆନନ୍ଦ ଶବ୍ଦର ବାରମ୍ବାର ପ୍ରୟୋଗ ଦେଖିବାକୁ ମିଳେ। ଭାବାର୍ଥ ହେଉଛି ବ୍ରହ୍ମଙ୍କ ଠାରେ ସତ୍ ଓ ଚିତ୍ ତୁଳନାରେ ଆନନ୍ଦ ଅଧିକ ପରିମାଣରେ ଥାଏ। ଜୀବ ଲୌକିକ ଶତ ଶତ ଆନନ୍ଦ ଲାଭ କରୁଥିବାର ଦେଖାଯାଏ।

ବ୍ରହ୍ମ ଆନନ୍ଦ ସିନ୍ଧୁ ହେଲେ ଜୀବ ସେହି ସିନ୍ଧୁର ବିନ୍ଦୁ। ବ୍ରହ୍ମ ଅଖଣ୍ଡ ଆନନ୍ଦ ହେଲାବେଳେ ବ୍ରହ୍ମା ଆଦି ଦେବଗଣ ଓ ଅନ୍ୟମାନେ ବ୍ରହ୍ମାନନ୍ଦର ଏକ କଣିକା ଆଶ୍ରା କରି ବିଭିନ୍ନ ପରିମାଣ ତାରତମ୍ୟର ବିଷୟାନନ୍ଦରେ ଆନନ୍ଦିତ ହୋଇଥାନ୍ତି। ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ସ୍କନ୍ଦ ପୁରାଣ (୨୭/୧୯)ରେ ଉଲ୍ଲେଖ କରାଯାଇଛି ଯେ ପରମ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ସହଜ ଓ ସ୍ୱାଭାବିକ। ଆନନ୍ଦସାଗରରୁ ବିନ୍ଦୁଏ ଆନନ୍ଦ ପାଇଲା ପରି ପ୍ରାଣୀ ବିଷୟାନନ୍ଦ ପାଇ ଜୀବନ ଧାରଣ କରିଥାନ୍ତି।

ସହଜ ଆନନ୍ଦରୂପୀ ଶ୍ରୀଜଗନ୍ନାଥଙ୍କର ଏକ ବିନ୍ଦୁ (ଅଂଶ)କୁ ଆଶ୍ରୟ କରି, ନିଖିଳ ବିଷୟାନନ୍ଦ ପ୍ରତିଭାତ ହୁଏ। ଉକ୍ତ ପୁରାଣ (୮/୨୮)ରେ କୁହାଯାଇଛି ଶ୍ରୀଜଗନ୍ନାଥ ଆନନ୍ଦରୂପୀ ଓ ଜଗତବାସୀ ତାଙ୍କର ଆନନ୍ଦାଂଶ ବଳରେ ଜୀବିତ ହୋଇଥାନ୍ତି : ଯଦଂଶମୁପଜୀବନ୍ତି ଜଗନ୍ତ୍ୟାନନ୍ଦରୂପିଣଃ। ଯୋଗୀଋଷିମାନେ ରସମୟ ପରଂବ୍ରହ୍ମଙ୍କୁ ଉପଲବ୍ଧି କରି ଆନନ୍ଦ ପାଇଥାନ୍ତି। ମିଳିଥାଏ କାରଣ ବ୍ରହ୍ମରୂପୀ ଶ୍ରୀଜଗନ୍ନାଥ ଆନନ୍ଦର କାରଣ ହେତୁ। ତାଙ୍କଠାରୁ ହିଁ ଆନନ୍ଦପ୍ରାପ୍ତି ହୋଇଥାଏ। ଜ୍ଞାନୀଜନ ଅଭ୍ୟାସ ଦ୍ୱାରା ଆନନ୍ଦମୟ ବ୍ରହ୍ମଙ୍କୁ ଅନୁଭବ କରି ତାଙ୍କ ଠାରୁ ମୋକ୍ଷ ଓ ବ୍ରହ୍ମପଦ ପ୍ରାପ୍ତ ହୋଇଥାନ୍ତି। ଶ୍ରୀଜଗନ୍ନାଥ ଆନନ୍ଦମୂର୍ତ୍ତି। ସ୍କନ୍ଦ ପୁରାଣ ମତେ ତେଣୁ ଚିନ୍ତନ, ମନନ, ଧ୍ୟାନ, ଦର୍ଶନ ଓ ସ୍ପର୍ଶନ କଲେ ଜୀବ ପରମ ଆନନ୍ଦ ଲାଭ କରେ।

# ବଢୁଛି ଯୁବପିଢ଼ିଙ୍କ ଆତ୍ମହତ୍ୟା



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

ବର୍ତ୍ତମାନ ସମାଜରେ ଯୁବପିଢ଼ିଙ୍କ ନିକଟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ବଢ଼ି ଚାଲିଛି। ଆତ୍ମହତ୍ୟାର ବିଭିନ୍ନ କାରଣ ରହିଛି, ଯେପରି କି ପରୀକ୍ଷାରେ ସଫଳ ନହେବା, ମାନସିକ ଓ ସାମାଜିକ ନିର୍ଯାତନା, ପ୍ରେମରେ ବିଫଳ ହେବା, ନ୍ୟାୟପାଳିକାରେ ନ୍ୟାୟ ନ ପାଇବା, ପାରିବାରିକ ସମସ୍ୟା ଇତ୍ୟାଦି। ଯୁବପିଢ଼ିଙ୍କୁ ଆତ୍ମହତ୍ୟାରୁ ନିବୃତ କରିବାର ଗୋଟିଏ ମାତ୍ର ରାସ୍ତା ହେଲା କାଉନସେଲିଂ ବା ପରାମର୍ଶ ଦେବା। ଓଡ଼ିଶାରେ ନିକଟରେ ବାଲେଶ୍ୱରର ଏଫଏମ କଲେଜର ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଖବର ଲୋକଲୋଚନକୁ ଆସିଥିଲା ଏବଂ ଏହି ଖବର ସମଗ୍ର ଓଡିଶାବାସୀଙ୍କୁ ସ୍ତବ୍ଧ କରିଛି। କେବଳ ଏହା ଗୋଟିଏ ଘଟଣା ନୁହେଁ ଏମିତି ଅନେକ ଘଟଣା ପ୍ରତିଦିନ ଦେଶରେ ଏବଂ ରାଜ୍ୟରେ ଘଟି ଚାଲିଛି। ଯୁବପିଢ଼ି ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ, ଯେଉଁମାନଙ୍କ ଆଖି ଆଗରେ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ରହିବା କଥା କାହିଁକି ଜୀବନ ଠାରୁ ବିମୁଖ ହୋଇଯାଉଛନ୍ତି? ୧୫ରୁ ୨୪ବର୍ଷର ଯୁବପିଢ଼ିଙ୍କ ଭିତରେ ସବୁଠାରୁ ବେଶି ଆତ୍ମହତ୍ୟା କରିବା ଦେଖାଯାଉଛି। ଏହା ବିଶ୍ୱର ଯୁବପିଢ଼ିଙ୍କ ଆତ୍ମ ହତ୍ୟାର ୩୫%। ମନସ୍ତତ୍ତ୍ୱବିତ୍ ମାନଙ୍କର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ, ବାପା ମାଆଙ୍କୁ ଓ ଶିକ୍ଷକଙ୍କୁ ସହଯୋଗ ମିଳିବା କଥା। ଶିକ୍ଷା ମନ୍ତ୍ରୀଙ୍କ ମନ ଦର୍ପଣ କାର୍ଯ୍ୟକ୍ରମ ଲକ୍ଷ ଲକ୍ଷ ବିଦ୍ୟାର୍ଥୀଙ୍କ ପାଖକୁ ପହଞ୍ଚିଛି। ଏହା ଏକ କାଉନସିଲିଂ ହେଲପ ଲାଇନ। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମେଣ୍ଟାଲ ହେଲଥ କାର୍ଯ୍ୟକ୍ରମ ୭୬୭ ଜିଲ୍ଲାକୁ ପହଞ୍ଚିଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା ସ୍କୁଲ ଏବଂ କଲେଜର ବିଦ୍ୟାର୍ଥୀଙ୍କୁ ଆତ୍ମହତ୍ୟା ପରି ଗୋଟିଏ ଜଘନ୍ୟ କାମରୁ ବିରତ କରିବ। ଆଇଆଇଟି ଗୌହାଟି, ଆଇଆଇଟି ଦିଲ୍ଲୀ, ଆଇଆଇଟି ମାଡ୍ରାସରେ ଷ୍ଟ୍ରେସ ମ୍ୟାନେଜମେଣ୍ଟର କାର୍ଯ୍ୟକ୍ରମ ଚାଲିଲାଣି। ଅନେକ ସମୟରେ ବିଦ୍ୟାର୍ଥୀ ମାନେ ନିଶାର ଶିକାର ହୋଇଥାନ୍ତି। ସେଥିପାଇଁ ଏଣ୍ଟି ଡ୍ରଗ କେମ୍ପେନିଂ ମଧ୍ୟ ଶିକ୍ଷା ଅନୁଷ୍ଠାନ କ୍ୟାମ୍ପସରେ ଆରମ୍ଭ କରାଯାଉଛି।

ଆମ ଯୁବପିଢ଼ି ଆମର ଭବିଷ୍ୟତ ।ଯେତେବେଳେ ଜଣେ ଯୁବକ ବା ଯୁବତୀ ଆତ୍ମହତ୍ୟା କରିଥାନ୍ତି ସେତେବେଳେ ସେହି ପରିବାରର ସମସ୍ତ ସ୍ୱପ୍ନ ଚୁରମାର୍ ହୋଇଯାଏ। ମା-ବାପା ବଞ୍ଚିଥିବା ଯାଏଁ ଏ ଦୁଃଖରୁ ମୁକ୍ତି ପାଇପାରିନ୍ତି ନାହିଁ। ସେଥିପାଇଁ ଯୁବପିଢ଼ି ଯେତେ ସମସ୍ୟା ହେଲେ ମଧ୍ୟ ମୃତ୍ୟୁକୁ ତାର ସମାଧାନ ବୋଲି ଭାବନ୍ତୁ ନାହିଁ। ବଞ୍ଚି ରହିଲେ ସେମାନେ ନିଶ୍ଚିତ ଭାବରେ ସମସ୍ତ ସମସ୍ୟାର ସମାଧାନକୁ ଖୋଜି ପାରିବେ।

# ଅନୁପ୍ରବେଶକାରୀଙ୍କ ହାତରେ ଗ୍ରାମ୍ୟ ରୋଜଗାର



ଇଂ ସତ୍ୟନାରାୟଣ ମାଝୀ
ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ, ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ
ମୋ: ୯୪୩୮୫୩୭୦୧୩

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆମ ରାଜ୍ୟ ବହୁ ଆଗକୁ ବଢ଼ିବାରେ ଲାଗିଛି। ଗାଁରୁ ସହର ପର୍ଯ୍ୟନ୍ତ ସବୁ ଜାଗାରେ କଂକ୍ରିଟର ଆସ୍ତରଣରେ ଭୂପୃଷ୍ଠକୁ ଆଚ୍ଛାଦିତ କରିଚାଲିଛି ଏବେ। ସରକାରଙ୍କର ନିଷ୍ପତ୍ତିକୁ ଦୃଷ୍ଟିକୋଣରୁ ଆବାସ ଯୋଜନା ଆଧାରରେ ସମସ୍ତଙ୍କୁ ପକ୍କାଘର ମିଳିବା ନିଶ୍ଚିତ। କେହି ବି କଚ୍ଚାଘରେ ରହିବେ ନାହିଁ, ସମସ୍ତଙ୍କୁ ମିଳିବ ପକ୍କାଘର। ସେଥିପାଇଁ ଏବେ ଜୋରସୋରରେ ଚାଲିଛି ପ୍ରତିଯୋଗିତାମୂଳକ ଭାବରେ ପକ୍କାଘର ନିର୍ମାଣ। ପକ୍କାଘର ଓ କୋଠା ଆଦି ନିର୍ମାଣ ତ ହେବ ନିହାତି। ଆମ ନିକଟରେ ସେତିକି ନିର୍ମାଣ ଶ୍ରମିକ ଅଛନ୍ତି ତ? ଏହି କଥାକୁ ଯଦି ବିଚାରକୁ ନିଆଯିବ, ଆମ ଗାଁ ଅବା ସହରର କୋଠାବାଡି ନିର୍ମାଣରେ ଆମ ଅଞ୍ଚଳ ତଥା ରାଜ୍ୟର କେତେ ଶ୍ରମ ଲାଗିଛି। ଆମ ଅଞ୍ଚଳ ତଥା ରାଜ୍ୟର କେତେ ଶ୍ରମିକ ସରକାରୀ ବା ବେସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ। ଗାଁରୁ ସହର ପର୍ଯ୍ୟନ୍ତ ଯେତେସବୁ କୋଠା ନିର୍ମାଣ ହେଉଛି ସେଥିରେ ପ୍ରାୟତଃ ଆମ ଅଞ୍ଚଳର କୁଶଳୀ ଶ୍ରମିକଙ୍କର ଅବଦାନ ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ। ସାଂପ୍ରତିକ ସ୍ଥିତିରେ ରାଜ୍ୟର ଅଧିକାଂଶ ସହର ବଜାର କିମ୍ବା ଗାଁମାନଙ୍କରେ ନିର୍ମାଣ ହେଉଥିବା କୋଠାଘର ଗୁଡିକ ଆମଦାନୀ ଶ୍ରମିକମାନଙ୍କ ଦ୍ୱାରା ହେଉଛି। ଲକ୍ଷ୍ୟ କରାଯାଇଛି ବିଗତ ଦଶବର୍ଷ ମଧ୍ୟରେ ଯେତିକି କୋଠାଘରର ନିର୍ମାଣ ହୋଇଛି ତା'ର ସିଂହଭାଗ ନିର୍ମାଣ ଆମଦାନୀ ଶ୍ରମିକମାନେ କରିଛନ୍ତି। କଥା ଉଠୁଛି ଯେ ଆମଦାନୀ ଶ୍ରମିକ କିଏ, କୁଆଡୁ ଆସୁଛନ୍ତି ଏବଂ କେଉଁଥିଲାଗି ତାଙ୍କ ଚାହିଦା ବଢ଼ିଛି।

ଏହା ବ୍ୟତୀତ ବହୁ ବିଭିନ୍ନ ଏଜେନ୍ସିରେ ରହି ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ କାମ କରୁଛନ୍ତି। ରାଜ୍ୟର ବିଭିନ୍ନ କନଷ୍ଟ୍ରକ୍ସନ ସାଇଟରେ ଠିକା ଭାବେ କିଏ ସିମେଣ୍ଟ ମିସ୍ତ୍ରୀ ତ କିଏ ଟାଇଲ ମିସ୍ତ୍ରୀ ବା ଶ୍ରମିକ କାମ କରି ବିଭିନ୍ନ ସଂସ୍ଥାର ଅଣ ଆଡୁଆଳରେ ରହିଛନ୍ତି। କେବଳ ସେହି କାମ ନୁହେଁ ବିଭିନ୍ନ ବଡ଼ବଡ଼ ଅଫିସ ବା ବହୁ ତାଲାବିଶିଷ୍ଟ କୋଠା ମାନଙ୍କରେ ଇଣ୍ଟେରିୟର ଡିଜାଇନ୍ କାମରେ ମଧ୍ୟ କମ୍ ମୂଲ୍ୟରେ ମିସ୍ତ୍ରୀ ଓ ବଢେଇ ଭାବେ ନିୟୋଜିତ ହୋଇଛନ୍ତି । ପ୍ଲାଏ ଓ ଇଣ୍ଟେରିୟର ଡିଜାଇନ, ପୁଟି ରଙ୍ଗ କାମ ଭଳି କଣ୍ଟ୍ରାକ୍ଟରଙ୍କ ପାଖରେ କାମ କରୁଛନ୍ତି।

ବାଂଲାଦେଶୀ ଅନୁପ୍ରବେଶକାରୀ ଯୁବକଯୁବତୀମାନେ ବିଭିନ୍ନ ସ୍ପା, ହୋଟେଲ, ଡ୍ୟାନ୍ସ ବାରରେ ମଧ୍ୟ ଲୁଚିଛପି ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏମିତିକି ଏମାନେ ଭୋଟର ପରିଚୟ ପତ୍ର ରାସନ କାର୍ଡ ଓ ଆଧାର କାର୍ଡ ଆଦି ହାତେଇ କରିସାରିଲେଣି। ଏହା ସହିତ ବିଭିନ୍ନ କବାଡିଆ ଦୋକାନ ଓ ଗାଡି ଗାରେଜ୍, ମେକାନିକ ସପ୍‌ଗୁଡ଼ିକରେ ମଧ୍ୟ ସେମାନେ କାମ କରୁଛନ୍ତି। ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ବାଂଲାଦେଶୀମାନଙ୍କର ପ୍ରାଦୁର୍ଭାବ ବହୁମାତ୍ରାରେ ବଢିଯାଇଛି। ପଶ୍ଚିମବଙ୍ଗ, ଓଡ଼ିଶା, ଝାଡଖଣ୍ଡ, ବିହାର, ଆସାମ ସମେତ ଅନ୍ୟସମସ୍ତ ଉତ୍ତର-ପୂର୍ବ ରାଜ୍ୟରେ ମଧ୍ୟ ପତିଆରା ଜାହିର କଲେଣି। ଏମାନେ କେବଳ ଲୋକଙ୍କ ରୋଜଗାରକୁ କବ୍‌ଜା କରିନାହାନ୍ତି, ରୋଜଗାର କରିବା ଆଳରେ ଭିନ୍ନ ଭିନ୍ନ ଅସମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଛନ୍ତି। ଅନୁପ୍ରବେଶକାରୀ ମାନେ ସ୍ଥାନୀୟ ଲୋକଙ୍କ ରୋଜଗାର ଠପ୍ କରୁଥିବା ବେଳେ ସାଧାରଣରେ ଅସାମାଜିକ କାର୍ଯ୍ୟରେ ବି ଲିପ୍ତ ରହୁଛନ୍ତି। ଚୋରି ଠୁ ଆରମ୍ଭ କରି ମହିଳାମାନଙ୍କ ଉପରେ ଖରାପ ଦୃଷ୍ଟି ରଖି ଅସଦାଚରଣ ମଧ୍ୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକତାର ଭାବ ହଜି ଯାଉଥିବାରୁ ଏମାନେ ସକ୍ରିୟ ହୋଇଯାଉଛନ୍ତି। ବାହାରୁ ଲୋକେ ଆସି କାର୍ଯ୍ୟ କଲେ ନିଶ୍ଚିତ ଭାବରେ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ସୃଷ୍ଟି ହେବ। ଆମ ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ କୁଶଳୀ ଅଣକୁଶଳୀ ଶ୍ରମିକ ଭାବରେ ବେଶ୍ ଆଡ୍ଡା ଜମାଇଛନ୍ତି ଅନୁପ୍ରବେଶକାରୀ। ଏମାନେ ବେଆଇନ ଅନୁପ୍ରବେଶ କରୁଥିବାରୁ ସରକାରୀସ୍ତରରେ ରୋକ ଲଗାଯିବା ଆବଶ୍ୟକ। ସରକାର ନୀତିଗତ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ କରୁଥିବା କାରଣରୁ ବୋଧେ ଆମ ରାଜ୍ୟରେ କୁଶଳୀ ଶ୍ରମିକର ଅଭାବ ଦେଖାଦେଇଛି। ବିଗତ ସରକାର ତ ଅନୁପ୍ରବେଶକାରୀମାନଙ୍କ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ନନେବା ଯୋଗୁଁ ଅନେକ ବ୍ୟାପକ ବୃଦ୍ଧିପାଇଛି ଏମାନଙ୍କର କାର୍ଯ୍ୟକଳାପ। ଯେପର୍ଯ୍ୟନ୍ତ ଅନୁପ୍ରବେଶକାରୀଙ୍କ ଉପରେ ରୋକ୍ ଲଗା ନଯିବ ସେତେ ପର୍ଯ୍ୟନ୍ତ ରାଜ୍ୟରେ ସ୍ଥାନୀୟ ବାସିନ୍ଦା କୁଶଳୀ ହେବାକୁ କୁଣ୍ଠାବୋଧ କରିବେ। ତତ୍‌ସହିତ ସ୍ଥାନୀୟ ଅଞ୍ଚଳରେ ଦାରିଦ୍ର୍ୟତା ବଢିବାରେ ଲାଗିବ, କାରଣ ରୋଜଗାର ତ ସବୁ ଅନୁପ୍ରବେଶକାରୀ ନିକଟକୁ ଯାଉଛି। ଏହା ଆଗାମୀ ଦିନରେ ରାଜ୍ୟ ପ୍ରତି ଘୋର ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନୁପ୍ରବେଶକାରୀ ମାନଙ୍କର ସୁଅ ଏଭଳି ଛୁଟି ଚାଲିଲେ ଆମର ରାଜ୍ୟବାସୀ ହାତଗୋଡ ବାନ୍ଧି ଅଳସୁଆ ହୋଇଯିବେ। ନିଜେ ସ୍ୱାବଲମ୍ବୀ ହେବା ତ ଦୂରର କଥା କାର୍ଯ୍ୟ ଦକ୍ଷତା ସ୍ଥାଣୁ ହୋଇଯିବ।



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ରେଙ୍ଗୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ନୂତନ ପ୍ରବର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଲ ସମୀରଣ ସେଲୋମନ ବେହେରା ବିଶେଷଜ୍ଞ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ । ଏଥିସହ ଜୀବନରେ ଉଦ୍ୟୋଗୀ ହୋଇ ନିଜ ଭବିଷ୍ୟତକୁ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ । ସେହିପରି ଅଧିକ ସଂଖ୍ୟା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପଛରେ ନଗୋଡାଇ ନିଜେ ଜଣେ ନିଯୁକ୍ତିଦାତା ହେବାକୁ ଉତ୍ସାହିତ କରିଥିଲେ । ଅଧ୍ୟାପିକା କାଞ୍ଚନେଶୀ ରାଉତ, ସ୍ମିତାରାଣୀ ପ୍ରଧାନ, ସୁଜାତା ଦାସ, ସ୍ୱାଗତିକା ଦାସ, ଝିଲି ପାତ୍ର, କବିତା ବେହେରା ଓ ଅଧ୍ୟାପକ ହିମାଂଶୁ ଜେନା, ବାବଲ ପ୍ରସାଦ ସିଂହ, ରଞ୍ଜନ ମହାନ୍ତି, ସତ୍ୟେନ୍ଦ୍ର ନାୟକ ଓ ସରୋଜକାନ୍ତ ମିଶ୍ର ପ୍ରମୁଖ ନୂତନ ପ୍ରବର୍ତ୍ତନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ବିଶାଖା ପାଣ୍ଡା ପ୍ରଥମ, ମୌସୁମୀ ଦାସ ଦ୍ୱିତୀୟ ଓ ପ୍ରିୟଙ୍କା ସେଠି ତୃତୀୟ ସ୍ଥାନ ହାସଲ କରିଥିଲେ । ଅଧ୍ୟାପକ ପ୍ରତାପ ଲେଙ୍କା ସଭା ସଞ୍ଚାଳନ ଓ ସୌମ୍ୟା ମହାନ୍ତି ଧନ୍ୟବାଦ ଦେଇଥିଲେ । ଶିକ୍ଷା କର୍ମଚାରୀ ବାବୁଲି ସ୍ୱାଇଁ, ନକୁଳ ନାୟକ ଓ କୈଳାସ ଚନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ ।

# ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିଲେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଆହ୍ୱାନରେ ବିଭିନ୍ନ ଦାବି ନେଇ ବିଞ୍ଝାରପୁର ବ୍ଲକ ଖରସ୍ରୋତା ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି । ଏହି ଧାରଣାରେ ୨୫ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସାମିଲ ହୋଇଛନ୍ତି । ଫଳରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି । ବାରମ୍ବାର ସେମାନଙ୍କ ଦାବିକୁ ସରକାର ଏଡାଇ ଦେଉଥିବାରୁ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ମାନେ ସେମାନେ କାମ କରି ମଧ୍ୟ ଅତି ସ୍ୱଳ୍ପ ଦରମାରେ କାମ କରୁଛନ୍ତି । ୨୦୦୮ରୁ ୨୦୧୮ କିଆଇଏ ଦାବି ପୂରଣ ସହ ଅନ୍ୟାନ୍ୟ ଦାବି ପୂରଣ ନହେଲେ ଏହି ଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ଆନ୍ଦୋଳନରତ ମାନେ ଚେତାବନୀ ଦେଇଥିଲେ । ଖରସ୍ରୋତା ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ ଜଣାଉଛନ୍ତି ବେସରକାରୀ ଅଧ୍ୟାପକ ଓ କର୍ମଚାରୀ । ଧାରଣାରେ ଅଧ୍ୟାପିକା ଅର୍ପିତା ସ୍ୱାଇଁ, ସତ୍ୟ ନାରାୟଣ ଓଝା, ଚନ୍ଦନ ପତି, ରାକେଶ ପୃଷ୍ଟି, କୃତିପ୍ରଭା ମହାନ୍ତି, ରୋଜାଲିନ କୁଅଁର, ସସ୍ମିତା ନାୟକ, ତାପସ ଓଝା, ଶର୍ମିଷ୍ଠା ସାହୁ ପ୍ରମୁଖ ଧାରଣାରେ ବସିଥିଲେ । ତେବେ ମହାବିଦ୍ୟାଳୟର ଏହି ଠିକା କର୍ମଚାରୀ ଓ ଅଧ୍ୟାପକ ଧାରଣାରେ ବସିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢା ସମେତ କଲେଜ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସରକାର ଏମାନଙ୍କ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ନିମାପଡ଼ା ପରିଦର୍ଶନରେ ପୁରୀ ଜିଲ୍ଲାପାଳ



ନିମାପଡ଼ା(ଭାସ୍କର ନ୍ୟୁଜ): ଅଚାନକ ନିମାପଡ଼ା ପରିଦର୍ଶନରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା । ଜିଲ୍ଲାପାଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ବେଳେ ସମସ୍ତ କାର୍ଯ୍ୟ ସଠିକ ଚାଲିଛି ବୋଲି ଜାଣି ପାରିଥିଲେ । ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ନିମାପଡ଼ା ରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ପୂର୍ବାହ୍ନରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ରୋଗୀଙ୍କ ଠାରୁ ଚିକିତ୍ସା ସଂପର୍କରେ ପଚାରି ବୁଝିଥିଲେ । ସଠିକ ଭାବେ ନିରାମୟ ଯୋଜନା କାର୍ଯ୍ୟକାରୀ ହେଉଛି ନା ନାହିଁ ସେ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଙ୍କୁ ପଚାରି ଥିଲେ । କାର୍ଯ୍ୟକ୍ରମରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ସୁବ୍ରତ କୁମାର ମହାପାତ୍ର, ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ଫାର୍ମାସିଷ୍ଟ ଆଇ.ଡ଼ି.ମାଝୀ ପାତ୍ରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟକୁ ଯାଇ ରେକର୍ଡ ପତ୍ର ଯାଞ୍ଚ କରିଥିଲେ । ତହସିଲ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ରେକର୍ଡ ଯାଞ୍ଚ କରିବା ସହ ଲିକ୍ (ବସୁଧା ଯୋଜନା, କିସମ ପରିବର୍ତ୍ତନ, ମ୍ୟୁଟେସନ, ଓ୍ୱାରସ ସଂଶୋଧନ) ସମ୍ପର୍କରେ ପଚାରି ବୁଝିବା ସହ ରେକର୍ଡ ତନଖି କରିଥିଲେ । ସବୁ ଠିକଠାକ୍ ଥିବା ଜାଣି ପାରିବା ସହ ଶୀଘ୍ର ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, କ୍ଷେତ୍ର ପରିଦର୍ଶକ ରାମଚନ୍ଦ୍ର ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ପୋଲିସକୁ ବଡ଼ ସଫଳତା ମିଳିଛି । ପୋଲିସ ଟିମ୍ ଚଢ଼ଉ କରି ଜଣେ ପେସାଦାର ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରିବା ସହ ତା'ଠାରୁ ବ୍ୟାପକ ପରିମାଣରେ ଗଞ୍ଜେଇ, ଟଙ୍କା, ସ୍କୁଟି ଜବତ କରିବାରେ ସଫଳ ହୋଇଛି । ସଂପୃକ୍ତ ଗଞ୍ଜେଇ ବ୍ୟବସାୟୀ ନାମରେ ଇଣ୍ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଚାରିଛକ ଥାନା ଅଞ୍ଚଳରେ ଗଞ୍ଜେଇ ବ୍ୟବସାୟ ହେଉଥିବା ଖବର ପାଇ ପୁରୀ ଆରକ୍ଷୀ ଅଧୀକ୍ଷକ ଓ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଚାରିଛକ ଥାନାଧିକାରୀ ମମତାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା । ଯେଉଁ ପୋଲିସ ଟିମ୍‌ରେ ଚାରିଛକ ଥାନା ସବ୍-ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍ଆଇ ସବିତା କୁମାରୀ ଦେବୀ, ଏଏସ୍ଆଇ ବିଭୂରାମ ମୁର୍ମୁ, ଏଏସ୍ଆଇ ଇନ୍ଦୁଲତା ମିଶ୍ର, କର୍ମଚାରୀ ରଂଜନ ବେହେରା ସାମିଲ ଥିଲେ । ଶୁକ୍ରବାର ପୂର୍ବାହ୍ନରେ ଚାରିଛକ ଥାନା ଅଧୀନସ୍ଥ ତୁଳସୀପୁର ପଞ୍ଚାୟତ ସଭା ମଣ୍ଡପ ନିକଟରେ ଗଞ୍ଜେଇ ବିକ୍ରି ହେଉଥିବା ଖବର ପାଇ ସେଠାରେ ପୋଲିସ ଚଢ଼ଉ କରି ୧ କେଜି ୮ଶହ ଗ୍ରାମ ଓଜନର ଗଞ୍ଜେଇ, ୩୬ ହଜାର ଟଙ୍କା ଓ ଏକ ସ୍କୁଟିକୁ ପୋଲିସ ଜବତ କରିଛି । ଗଞ୍ଜେଇ ବ୍ୟବସାୟୀ ବାବୁନା ଓରଫ ସାଗର ପଣ୍ଡା (୨୬) ନାମରେ ଇଣ୍ଡିପିଏସ୍ ଆକ୍ଟରେ ପୋଲିସ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି । ଜାମିନ୍ ନାମଞ୍ଜୁର ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି ।

# ଗମନାଗମନ ଅନୁପଯୋଗୀ ଜହ୍ନାର ମୁଖ୍ୟ ରାସ୍ତା, ଆନ୍ଦୋଳନ ଚେତାବନୀ



କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ଅନ୍ତର୍ଗତ ଏନଏଚ ୨୧୫ ରୁ ଫର୍ତ୍ତାପୁର ଭାୟା ଜହ୍ନା ଗ୍ରାମ ଉର୍ନ୍ନୟନ ବିଭାଗର ରାସ୍ତା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଅସରାଏ ବର୍ଷାରେ ବେହାଲ ହୋଇପଡିଛି । ରାସ୍ତାରେ ବଡ ବଡ କୃତ୍ରିମ ଗର୍ତ୍ତ ସୃଷ୍ଟି ହୋଇ ଏହା ଗମନାଗମନ ଅନୁପଯୋଗୀ ହୋଇଯାଇଛି । ପଞ୍ଚାୟତର ଏହି ମୁଖ୍ୟ ରାସ୍ତା ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ରାସ୍ତାର ଦୂରବସ୍ଥା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରତିଦିନ ଏହି ରାସ୍ତା ଦେଇ ଅନେକ ଛାତ୍ରଛାତ୍ରୀ ସ୍କୁଲ, କଲେଜ, ମାର୍କେଟ ଯିବାଆସିବା କରିବା ସହ ପଞ୍ଚାୟତ ଅଫିସ, ପୋଷ୍ଟ ଅଫିସ ଓ ଜାତୀୟକରଣ ବ୍ୟାଙ୍କକୁ ଆସିବାକୁ ଲୋକମାନେ ମଧ୍ୟ ନାନାଦି ହଇରାଣ ହେଉଛନ୍ତି । ଦୁଃଖର ବିଷୟ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ଏହି ରାସ୍ତାର ୪.୭କିମି ନିର୍ମାଣ ଓ ରକ୍ଷଣାବେକ୍ଷଣା ପାଇଁ ସମୁଦାୟ ୨.୫ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ ଥିବାବେଳେ ରାସ୍ତା ନିର୍ମାଣର ଅବଧି ୨ବର୍ଷ ତଳୁ ସରିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଯେତିକି ବି କାମ ହୋଇଛି ଠିକାଦାରଙ୍କ ମୁନଫାଖୋର ମନୋବୃତ୍ତି, ବେପାରୁଆ ମନୋଭାବ, ନିମ୍ନମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ଖରାପ ହୋଇପଡ଼ିଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମିଳିତ ସହଯୋଗରେ ଏହି ରାସ୍ତା କାମରେ ବ୍ୟାପକ ଦୁର୍ନୀତି ହେବା ସହ ଏହା ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି ବୋଲି କୋରେଇର ଯୁବନେତା ବିକ୍ରମ ବିଶ୍ୱାଳ ଅଭଯୋଗ କରିଛନ୍ତି ଓ ଏହାର ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହ ଏହି ପ୍ରକଳ୍ପର ହୋଇଥିବା ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଶ୍ରୀ ବିଶ୍ୱାଳଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି । ଏହାର ସମାଧାନ ନହେଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି ।

# ଟିହିଡ଼ି ବ୍ଲକ୍‌ର ୨୬୬୦୦ ଛାତ୍ରଛାତ୍ରୀ ପାଇନାହାନ୍ତି ୟୁନିଫର୍ମ

ଟିହିଡ଼ି(ଭାସ୍କର ନ୍ୟୁଜ): ସରକାର ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ ଲକ୍ଷ୍ୟ ନେଇ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି । ପ୍ରଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ୟୁନିଫର୍ମ ଓ ଜୋତା ଯୋଗାଇ ଦେଉଛନ୍ତି । ଶିକ୍ଷାବର୍ଷର ୬ମାସ ବିତି ଯାଇଥିଲେ ମଧ୍ୟ ଛାତ୍ରଛାତ୍ରୀ ସ୍କୁଲ ୟୁନିଫର୍ମ ପାଇନଥିବା ବେଳେ ଘରୋଇ ପୋଷାକ ବଣ୍ଟନ ଚାଲିଛି । ବ୍ଲକର ୨୩୬ ସ୍କୁଲର ୨୬୬୦୦ ଛାତ୍ରଛାତ୍ରୀ ସ୍କୁଲ ୟୁନିଫର୍ମ ପାଇନାହାନ୍ତି । ସ୍କୁଲ ୟୁନିଫର୍ମ ବଣ୍ଟନ ପାଇଁ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚ୍‌ଜି) ଆବେଦନ କରିଛନ୍ତି । ଆବେଦନ କରିଥିବା ଏସଏଚଜିଙ୍କ ମଧ୍ୟରୁ କିଏ ବଣ୍ଟନ କରିବାକୁ ଯୋଗ୍ୟ ବିବେଚିତ ହେବ ସେ ନେଇ ୟୁନିଫର୍ମ ବଣ୍ଟନ ବ୍ଲକ କମିଟି ନିଷ୍ପତ୍ତି ନେବେ । ବ୍ଲକ କମିଟିର ଏହି ନିଷ୍ପତ୍ତିକୁ ଜିଲା ୟୁନିଫର୍ମ ବଣ୍ଟନ କମିଟିକୁ ସୁପାରିଶ ପାଇଁ ପଠାଯିବ । ଜିଲା କମିଟିର ଅନୁମୋଦନ ପରେ ଯେଉଁ ଏସଏଚଜି ୟୁନିଫର୍ମ ବଣ୍ଟନ ପାଇଁ ଯୋଗ୍ୟ ବିବେଚିତ ହେବ ତାକୁ କାର୍ଯ୍ୟାଦେଶ ଦିଆଯିବ । ଛାତ୍ରଛାତ୍ରୀଙ୍କୁ ଘରୋଇ ପୋଷାକ ବଣ୍ଟନ ପାଇଁ କୌଣସି ଅନୁମତିର ଆବଶ୍ୟକତା ନାହିଁ । ସ୍କୁଲ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ଏହି ପୋଷାକ ବଣ୍ଟନ କରିପାରିବେ । ବ୍ଲକର ୨୩୬ଟି ସ୍କୁଲ ମଧ୍ୟରୁ ୩୫ ହାଇସ୍କୁଲ ଓ ୨୦୧ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି । ସରକାରଙ୍କ ପକ୍ଷରୁ ଗଙ୍ଗାଧର ମେହେର ପୋଷାକ ଯୋଜନାରେ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷାକ ଯୋଜନାରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ଯୋଗାଇ ଦିଆଯାଉଛି । ସ୍କୁଲ ୟୁନିଫର୍ମ ପାଇଁ ପ୍ରତେକ ପିଲା ପ୍ରତି ୧ହଜାର ଟଙ୍କା ପ୍ରଦାନ କରାଯାଉଛି । ପ୍ରତି ପିଲାକୁ ୫ଶହ ଟଙ୍କାର ୨ହଳ ପୋଷାକ ଓ ୨ଶହ ଟଙ୍କାର ଜୋତା ଓ ମୌଜ, ୨୫୦ଟଙ୍କାର ଘରୋଇ ପୋଷାକ ଓ ୫୦ ଟଙ୍କାର ଟୋପି ଓ ପରିଚୟ ପତ୍ର ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ଏଥିପାଇଁ ୬୦୦ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ୪୦୦ଟଙ୍କା ଦେଉଛନ୍ତି । ଚଳିତବର୍ଷ ନୂତନ କରି ଖୋଲିଥିବା ଶିଶୁବାଟିକା ପିଲାଙ୍କୁ ମଧ୍ୟ ପୋଷାକ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି କୁହାଯାଉଛି । ଯେଉଁ ଏସଏଚଜି ୟୁନିଫର୍ମ ବଣ୍ଟନ କରିବାକୁ ଅନୁମତି ପାଇବେ ସେମାନଙ୍କୁ ମାର୍ଚ୍ଚ ଶେଷ ସୁଦ୍ଧା ପ୍ରାପ୍ୟ ପ୍ରଦାନ କରାଯିବ । ସମସ୍ତ ବ୍ଲକ ଜିଲା କମିଟିକୁ ଏସଏଚଜି ତାଲିକା ସହିତ ତଥ୍ୟ ପ୍ରଦାନ କରିବା ପରେ ଜିଲା କମିଟି ୟୁନିଫର୍ମ ବଣ୍ଟନ ପାଇଁ ଅନୁମତି ଦେବେ ବୋଲି ଜଣାପଡ଼ିଛି । ତେବେ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ୟୁନିଫର୍ମ ବଣ୍ଟନ ପାଇଁ ଆବେଦନ କରିଥିବା ଏସଏଚଜିଙ୍କୁ ଯାଞ୍ଚ କରି ବ୍ଲକ କମିଟି ଜିଲା କମିଟି ନିକଟକୁ ଯଥାଶୀଘ୍ର ପଠାଇବାକୁ ପଦକ୍ଷେପ ନେଉଛି । ଜିଲା କମିଟିରୁ ଅନୁମୋଦନ ଲାଭ ପରେ ୟୁନିଫର୍ମ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନ କରାଯିବ ।

# ରସାୟନ ବିଭାଗ ପକ୍ଷରୁ ନବାଗତଙ୍କୁ ସ୍ୱାଗତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଅଧ୍ୟକ୍ଷ ଡ ପ୍ରଭାତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଉତ୍ସବରେ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ସାହୁ, ଜୀବନ ରଞ୍ଜନ ସାହୁ, ଡେମନଷ୍ଟ୍ରେଟର ସୁରେଶ କୁମାର ସାହୁ, ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର, ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ନିଷ୍ଠା ଏକାଗ୍ରତାର ସହ ଅଧ୍ୟୟନ କରି ଅଭିଭାବକ ଓ ମହାବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ ।

# ତବଲାଗୁଡ଼ା ଗାଁରେ ସରକାରୀ ସୁବିଧା ଅପହଞ୍ଚ

ମାଲକାନଗିରି/ଚିତ୍ରକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପଣସପୁଟ, ଧୂଳିପୁଟ ଓ ଯନ୍ତ୍ରୀ ପଞ୍ଚାୟତ ସୀମାକୁ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଲାଗି ରହିଛି । ସୀମାନ୍ତରେ ଅବସ୍ଥିତ ଓଡ଼ିଶାର ଗାଁକୁ ନିଜ ଅକ୍ତିଆରକୁ ନେଇ କ୍ଷେତ୍ର ବିସ୍ତାର କରିବାକୁ ଆନ୍ଧ୍ର ପ୍ରୟାସ ଜାରି ରଖୁଛି । ଅନ୍ୟପଟେ ଓଡ଼ିଶାର ସୀମାନ୍ତ ଗାଁ ଗୁଡ଼ିକରେ ମଧ୍ୟ ବିକାଶ ଅପହଞ୍ଚ । ତେଣୁ ଜୀବନ ସହ ଜୀବିକା ପାଇଁ ଆନ୍ଧ୍ର ଉପରେ ବର୍ଷ ତମାମ ସୀମାନ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି । ଯାହାର ଗୋଟିଏ ନମୁନା ହେଲା ପଣସପୁଟ ପଞ୍ଚାୟତର ତବଲାଗୁଡ଼ା ଗ୍ରାମ । ଉପରୋକ୍ତ ଗାଁରେ ପରଜା ସଂପ୍ରଦାୟର ପ୍ରାୟ ୩୦ ପରିବାର ବସବାସ କରୁଛନ୍ତି । ପଡ଼ୋଶୀ ରାଜ୍ୟ ସୀମାକୁ ଲାଗି ଗାଁ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଲୋକେ ଆନ୍ଧ୍ର ଉପରେ ନିର୍ଭରଶୀଳ । ଏପରିକି ଦିଆସିଲି ଖଣ୍ଡିଏ ପାଇଁ ଆନ୍ଧ୍ରକୁ ଯାଉଛନ୍ତି । ଆନ୍ଧ୍ର ସରକାର ବହୁବର୍ଷ ହେଲା ଏହି ଗାଁ ଉପରେ ନଜର ରଖୁଛନ୍ତି । ପୂର୍ବରୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଯାଇଥିଲା । ଅନ୍ୟ ସେବା ଯୋଗାଇବାକୁ ମଧ୍ୟ ପ୍ରୟାସ କରିଥିଲେ । ଯାହାକି ସମ୍ଭବ ହୋଇନଥିଲା । ପଣସପୁଟ ପଞ୍ଚାୟତ ସଦରଠାରୁ ଗାଁର ଅବସ୍ଥିତି ୭କିମି ହୋଇଥିଲା ବେଳେ ଆନ୍ଧ୍ରର । ଏଏସ୍ଆର୍ ଜିଲ୍ଲାର ପଣସପୁଟ ପଞ୍ଚାୟତ ସଦରଠାରୁ ଗାଁର ଅବସ୍ଥିତି ୭କିମି ହୋଇଥିଲା ବେଳେ ଆନ୍ଧ୍ରର ଏଏସ୍ଆର୍ ଜିଲ୍ଲାର ଗଙ୍ଗାପୁଟ ପଞ୍ଚାୟତଠାରୁ ମାତ୍ର ୫୦୦ମିଟର ଦୂରରେ ରହିଛି । ତେଣୁ କାମ ଥିଲେ ପଣସପୁଟ ଯାଉଛନ୍ତି, ନଚେତ ଗଙ୍ଗାପୁଟ ପଞ୍ଚାୟତକୁ ଅଧିକାଂଶ ସମୟରେ ଯାଉଛନ୍ତି । ଗାଁରେ ବିଦ୍ୟାଳୟ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ । ଏଥିପାଇଁ ୪କିମି ଦୂର କୁସୁମପୁଟ ବିଦ୍ୟାଳୟରେ ପିଲା ନାମ ଲେଖାଇଛନ୍ତି । ତେବେ ଦୂରତା ଯୋଗୁ ନିୟମିତ ସ୍କୁଲ ଯାଉନଥିବା ଜଣାପଡ଼ିଛି । ଅଧିକାଂଶ ଲୋକ ଓଡ଼ିଆ ଏବଂ ଆଦିବାସୀ ଭାଷା ଜାଣିଥିଲେ ସୁଦ୍ଧା ତେଲୁଗୁ କହିବାକୁ ପସନ୍ଦ କରୁଛନ୍ତି । ଏପରିକି ପିଲାଙ୍କୁ ଓଡ଼ିଆରେ ପ୍ରଶ୍ନ କଲେ ତେଲୁଗୁରେ ଉତ୍ତର ମିଳୁଛି । ସେହିପରି ଗ୍ରାମବାସୀଙ୍କୁ ଆନ୍ଧ୍ରରେ ମୂଲ ଲଗାବାକୁ କାମ ମିଳୁଥିବା କହିଛନ୍ତି । ସରକାର ଗାଁ ନିକଟରେ ରହିଥିବା ନଦୀରେ ପୋଲ ନିର୍ମାଣ କରିଛନ୍ତି । । ଯାହା ଆନ୍ଧ୍ର ଏବଂ ଓଡ଼ିଶାକୁ ଦୁଇଭାଗ କରିଛି । ପୋଲ ଅତିକ୍ରମ କଲେ ଆନ୍ଧ୍ର ସୀମା ଆରମ୍ଭ ହେଉଥିବାରୁ ଓଡ଼ିଶା ବଦଳରେ ଆନ୍ଧ୍ର ଉପରେ ପରେ ନିର୍ଭରଶୀଳତା ଲୋକଙ୍କର ବଢ଼ିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଭଳି ମୌଳିକ ସୁବିଧା ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଇନି । ବହୁ ଲୋକ ଆବାସ ଯୋଜନା ଏବଂ ଭତ୍ତାରୁ ବଞ୍ଚିତ ରହିଛନ୍ତି । ଯଦି ପ୍ରଶାସନ ଏଥିପ୍ରତି ନଜର ନଦିଏ ଲୋକେ ଆନ୍ଧ୍ର ଆଡ଼କୁ ଢଳିବା ନିଶ୍ଚିତ ।

# ଆଳି ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ



ଆଳି(ଭାସ୍କର ନ୍ୟୁଜ): ଆଳି ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଶୁକ୍ରବାର ୧୧ ଘଟିକାରେ ଆଳି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ସଭାପତିତ୍ୱ କରିଥିଲେ । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ଉପାଦକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମିନତି ବାରିକ, ଜିଲ୍ଲାପରିଷଦ ସଭ୍ୟା କନକଲତା ବେହୁରା ଏବଂ ୩୪ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ସରକାରୀ ସ୍ତରରେ ଆଳି ବ୍ଲକ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ଏବିଡିଓ ସୁମନ୍ତ କୁମାର ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ସହ ବ୍ଲକର ସମସ୍ତ ଅଧିକାରୀ ଏବଂ ଅନ୍ୟ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ପ୍ରଥମେ ପୂର୍ବ ପଞ୍ଚାୟତ ସମିତି ବୈଠକର ବିବରଣୀ ପାଠ ସରିବା ପରେ ସରକାରଙ୍କ ତରଫରୁ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷର ଆର୍ଥିକ ରାଶି ସମ୍ପର୍କରେ ବିସ୍ତୃତ ଆଲୋଚନା ମୁଖ୍ୟ ପ୍ରସଙ୍ଗ ହୋଇଥିଲା । ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ପଞ୍ଚାୟତସ୍ତରୀୟ ସମସ୍ୟା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟର ଉନ୍ନତିକରଣ, ପାନୀୟ ଜଳର ସମସ୍ୟା, କୁମ୍ଭୀର ଆକ୍ରମଣ ସକାଶେ ସୁରକ୍ଷା ବାଡ଼ ନିର୍ମାଣ, ଆଇନଶୃଙ୍ଖଳା ପରିସ୍ଥିତି ସହ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ସରକାରୀ ସହାୟତା ଏବଂ ଏକମାଣିଆ ପଞ୍ଚାୟତରେ ହୋଇଥିବା ମଇଁଷି ମଡ଼କ ଘଟଣାରେ ମଇଁଷି ପାଳକଙ୍କୁ ଆର୍ଥିକ ସହାୟତା ଆଦି ଯୋଗାଇଦେବା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ବିଡ଼ିଓ ଶ୍ରୀ ସେଠୀ ଅଧିବେଶନରେ ବ୍ଲକରେ ଗାଁର ବିକାଶ ଓଡିଶାର ବିକାଶ କାର୍ଯ୍ୟକ୍ରମରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ହେବାକୁ ଥିବା ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ ଦେଇ କେଉଁ କେଉଁ ଯୋଜନା ମାଧ୍ୟମରେ ସରକାରଙ୍କ ଅର୍ଥ ବିନିଯୋଗ ହେବା ସହ ଜନସାଧାରଣଙ୍କ କାର୍ଯ୍ୟ ସମ୍ପନ୍ନ କରିହେବ ସେ ବିଷୟରେ ବିଡିଓ ପ୍ରାଞ୍ଜଳ ଭାବେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ । ଶେଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

# ଏନ୍‌ଏସି ଦାବି ନେଇ ୨୯ରେ ନିଆଳି ବିଜେଡିର ବନ୍ଦ ଡାକରା



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଏନ୍‌ଏସିରୁ ବାଦ୍ ପଡିବା ପରେ ବିଭିନ୍ନ ରାଜନୀତିକ ଦଳ ଓ ସଂଗଠନ ପକ୍ଷରୁ ଆନ୍ଦୋଳନ ଓ ପ୍ରତିବାଦ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ନିଆଳି ବ୍ଲକ ଅଧ୍ୟକ୍ଷଙ୍କ ବାସ ଭବନରେ ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନାଙ୍କ ସଭାପତିତ୍ୱରେ ନିଆଳି ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ଶୁକ୍ରବାର ୨୯ ତାରିଖରେ ନିଆଳି ବନ୍ଦ ଡାକରା ଦେବା ସହ ନିଆଳି ବଜାରରେ ଏକ ବିଶାଳ ପ୍ରତିବାଦ ସଭା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଦେବାଶିଷ ଷଡଙ୍ଗୀ, ଆମ୍ବା ଅଧ୍ୟକ୍ଷ ବିଷ୍ଣୁ ସ୍ୱାଇଁ, ସରପଞ୍ଚ ତ୍ରିନାଥ ମହାନ୍ତି, ସୁରେଶ ପଟନାୟକ, ଅଶ୍ୱିନୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡ୍ଡୁ, ବିଜୟ ରାମ ପଣ୍ଡା, ବିଜେଡିର ଆଗ ଧାଡ଼ିର ନେତା ପ୍ରଦୀପ ଦାଶ, ସେକ ହୁସେନ, ସେକ ହୁମାୟୁନ, ପରୀକ୍ଷିତ ବାରିକ, ପ୍ରମୋଦ ବେହେରା, ତୃପ୍ତି ରଂଜନ ରାଉତ, ପ୍ରଭାକର ପରିଡା, ମିଟୁ ବଡ୍ଡୁ ସମେତ ଅନେକ ରାଜନୀତିକ ଆଗଧାଡିର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# କାକଟପୁର ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ



କାକଟପୁର(ଭାସ୍କର ନ୍ୟୁଜ): ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଏହି ମୂଳ ଲକ୍ଷ୍ୟକୁ ସାକାର କରିବା ପାଇଁ ଏବଂ ସାମ୍ବାଦିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା କାକଟପୁରର ଏକ ସଶକ୍ତ ସାମ୍ବାଦିକ ସଂଘ କାକଟପୁର ପ୍ରେସ୍ କ୍ଲବ୍‌ର ଏକ ସାଧାରଣ ପରିଷଦ ବୈଠକ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଖୁଣ୍ଟିଆ କନଭେନ୍ସନଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାକଟପୁର ପ୍ରେସ୍ କ୍ଲବ୍ କୋର କମିଟିର ସଦସ୍ୟଙ୍କୁ ମନୋନୀତ କରାଇଥିବା ବେଳେ ଆନୁସଙ୍ଗିକ କାର୍ଯ୍ୟକ୍ରମକୁ ସ୍ଥିରୀକୃତ କରାଯାଇଛି । ଏଥିସହ ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ଅନିଲ କୁମାର ଦୀକ୍ଷିତଙ୍କୁ ମନୋନୀତ କରାଯାଇଥିବା ବେଳେ ପରାମର୍ଶଦାତା ଭାବେ ସମାଜସେବୀ ସୁମନ୍ତ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି । ସଙ୍ଘର ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡାଙ୍କୁ ସଂଗଠନ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯିବା ସହ ଆଗାମୀ ଦିନରେ ସଚେତନତା ମୂଳକ କାର୍ଯ୍ୟକ୍ରମ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ଆଦି ଦାବିଗୁଡିକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଦାବି ଉପସ୍ଥାପନ କରାଯିବ । ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, ସହ ସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା, ପ୍ରଦୀପ୍ତ କୁମାର ଦୀକ୍ଷିତ, ସଞ୍ଜୟ ପତି, ସନ୍ତୋଷ ଦାଶ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଭାସ କୁମାର ପୃଷ୍ଟି, ନୃସିଂହ ବେହେରା, ବ୍ରଜକିଶୋର ସାହୁ, ନିରଞ୍ଜନ ଦାଶ, ଲୋକନାଥ ସ୍ୱାଇଁ, ଅଭୟ କୁମାର ପୃଷ୍ଟି, ପ୍ରକାଶ ଦାଶ, ଶୁଭଦର୍ଶନ ମିଶ୍ର ସମେତ ୩୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ପୁଝାରିଙ୍କ ମୃତ୍ୟୁ

ଧର୍ମଗଡ(ଭାସ୍କର ନ୍ୟୁଜ): ଧର୍ମଗଡ ଥାନା ଅନ୍ତର୍ଗତ କଦଲିମୁଣ୍ଡା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବିଦ୍ୟୁତ ସଂସ୍ପର୍ଶରେ ଆସି ଗାଁ ପୁଝାରିଙ୍କ ମୃତ୍ୟୁ ଘଟିଛି । ମୃତକ ଦିନେଶ ପୁଝାରି (୨୬) । ଆଗକୁ ନୂଆଁଖାଇ ପର୍ବ । ନୂଆଁଖାଇ ପର୍ବ ପୂର୍ବରୁ ଗାଁ ଦେବଦେବୀଙ୍କ ଠାରେ ଅସରଖିଆ ପୂଜାର୍ଚ୍ଚନା କରାଯାଏ । ମୃତକ ଗାଁ ପଡୋଶୀ ଗାଁ ଦେବଦେବୀଙ୍କ ଠାରେ ଅସରାଖିଆ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ । ପିନ୍ଧିଥିବା ଲୁଗା ପାଲଟି ଘରରେ ଟଙ୍ଗା ଯାଇ ଥିବା ତାରରେ ରଖିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ । ପରିବାର ଲୋକେ ଉଦ୍ଧାର କରି ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି । ଧର୍ମଗଡ ପୋଲିସ ଖବର ପାଇ ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଡାକ୍ତରଖାନା ପଠାଇଛି ।

# ପତ୍ନୀହନ୍ତା ହାତରେ ପଡିଲା ହାତକଡ଼ି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପତ୍ନୀକୁ ଆକ୍ରମଣ ତାହା ପୁଣି ନିଶା ଶକ୍ତ ଅବସ୍ଥାରେ ବିଭିନ୍ନ ସମୟରେ ଅକଥନିୟ ଅତ୍ୟାଚାର ପରେ ନିଖୋଜର ଚାରିଦିନ ପରେ ମହିଳାଙ୍କ ଗଳିତ ମୃତଦେହ ଦେବୀ ନଦୀ କୂଳରୁ ମିଳିବା ପରେ ବଢ଼ିଛି ସସ୍ପେନ୍ସ । ମହିଳାଙ୍କୁ ହତ୍ୟା କରାଯାଇଛି ନା ଆତ୍ମହତ୍ୟା । ଦ୍ୱିତୀୟ ଦିନରେ ପୁରୀ ସାଇଣ୍ଟିଫିକ ଟିମ୍ ସହ ପୋଲିସର ଶାଶୂଘର ଲୋକଙ୍କୁ ଘଣ୍ଟା ଘଣ୍ଟା ଜେରା । ଯାହାକି ଖୋଲିବ କି ନିଖୋଜ ମହିଳା ଲିଲିପ୍ରଭାଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା । ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ଗ୍ରାମର ଅଜୟ ନାୟକଙ୍କ ପତ୍ନୀ ଲିଲିପ୍ରଭା ନାୟକ ଗତ ୧୮ତାରିଖ ନିଖୋଜ ହୋଇଥିବା ବେଳେ ଲିଲିଙ୍କ ବାପା ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ଲିଲିଙ୍କ ଭାଇଙ୍କ ଅଭିଯୋଗ ମୁତାବକ ଭଉଣୀକୁ ଭିଣୋଇ ଅଜୟ ଓ କିଛି ସହଯୋଗୀ ମାରି ଦେଇ ଲୁଚାଇ ଥିବା ଗଣମାଧ୍ୟମ ସାମ୍ନାରେ କହିଥିବା ବେଳେ ଚାରି ଦିନ ପରେ ଗୁରୁବାର ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ପଥରଡି ନିକଟରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା । ଯାହାକୁ ନେଇ ଲିଲିଙ୍କ ବାପ ଘର ଲୋକଙ୍କ ମୁଣ୍ଡରେ ଚଡକ ପଡ଼ିଥିବା ବେଳେ କେମିତି ହେଲା ମହିଳାଙ୍କ ମୃତ୍ୟୁ ? ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଏମିତି କରାଯାଇ ଥିଲା କି ? ଯାହାକୁ ନେଇ ଶୁକ୍ରବାର ଅପରାହ୍ନରେ ପୁରୀ ସାଇଣ୍ଟିଫିକ ଟିମ୍ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, ରମେଶ ଚନ୍ଦ୍ର ବାରିକ, ବିଶ୍ୱଜିତି ସାହୁ, ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଅଜୟଙ୍କ ତାଳଦା ବାସଭବନରେ ପହଞ୍ଚି ମହିଳାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ପରିବାର ଲୋକଙ୍କୁ ଘଣ୍ଟା ଘଣ୍ଟା ଜେରା ସହ ପାରିପାର୍ଶ୍ୱିକ ସ୍ଥିତିରୁ ଅନୁସନ୍ଧାନ କରିଥିଲେ । ଅନ୍ୟପଟେ ଲିଲିପ୍ରଭା ସ୍ୱାମୀ ଅଜୟ ଗୁରୁବାରଠାରୁ ଅସ୍ତରଙ୍ଗ ଥାନାରେ ଅଟକ ଥିବା ବେଳେ ଥାନା କେଶ ନମ୍ବର ୧୭୨/୨୫ରେ ମାମଲା ରୁଜୁ କରି ଅଦାଲତ ଚାଲାଣ ହୋଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ବୋଲି ଅସ୍ତରଙ୍ଗ ଥାନା ପକ୍ଷରୁ ସୂଚନା ମିଳିଛି । ଯାହା ସୂଚନା ମିଳିଛି ପୋଷ୍ଟମର୍ଟମ ରିପୋର୍ଟ ଓ ସାଇଣ୍ଟି ଫିକ ରିପୋର୍ଟ ଆସିବା ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡିଛି ।

# ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା, ଲୋକେ ହିନସ୍ତା



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ଯାଇଥିବା କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କଟିକଟା-ଜୟପୁର ରାସ୍ତା କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧିନରେ ରହିଛି । ଏହି ରାସ୍ତାଟି କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଜିଲ୍ଲାକୁ ସଂଯୋଗ କରୁଛି । ପ୍ରତିଦିନ ଏହି ରାସ୍ତା ଦେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଜଗତସିଂହପୁର ଜିଲ୍ଲା ଝଙ୍କଡସ୍ଥିତ ମା' ଶାରଳାଙ୍କ ପୀଠ, ପ୍ରଭୁ ଗୋରଖନାଥଙ୍କ ପୀଠ, ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ, ଛପଚିକଣାସ୍ଥିତ ମା' ହରଚଣ୍ଡି ମନ୍ଦିର, ଅିସୁରେଶ୍ୱରସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ଓ କୋଇଲୋସ୍ଥିତ ପ୍ରସିଦ୍ଧ ପ୍ରଭୁ ଦଧିବାମନ ଜୀଉଙ୍କ ପୀଠକୁ ଦର୍ଶନ କରିବା ନିମନ୍ତେ ଯାଇଥାନ୍ତି । ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଯାନବାହନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଆସ କରିଥାଏ । ଏପରିସ୍ଥଳେ ଏହି ରାସ୍ତାର ନରେନ୍ଦ୍ରପୁର ଚିତ୍ରୋତ୍ପଳା ନଦୀ ଗଡାଠାରୁ ସେକସନ ବଜାର ପର୍ଯ୍ୟନ୍ତ ଓ କଟିକଟାଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଟିକିଏ ବର୍ଷା ହେଲେ ଏହି ଗର୍ତ୍ତରେ ପାଣି ଜମି ରହୁଛି । ଫଳରେ ଦୈନନ୍ଦିନ ବହୁ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଏହି ରାସ୍ତାଟି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ନିମନ୍ତେ ଏକ ରକମ ଲେଉଟିଆ କିଆରିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟର ଅଧିକାଂଶ ମାସରେ ଏହି ରାସ୍ତା ମରାମତି ଓ ସମ୍ପ୍ରସାରଣ ନାମରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟ ହେଉଛି । ନାମକୁ ମାତ୍ର କାମ କରି ବିଭାଗୀୟ ଯନ୍ତ୍ରୀଙ୍କ ଜ୍ଞାତସାରରେ ଠିକାଦାର କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି । ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁନଥିବାରୁ ନିର୍ମାଣର ମାତ୍ର ଅଳ୍ପଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି । ଏପରିକି ଜରୁରୀ କାଳୀନ ପରିସ୍ଥିତିରେ ଏହି ରାସ୍ତା ଦେଇ ଦମକଳ ଗାଡି ଓ ଆମ୍ବୁଲାନ୍ସ ଯିବା ନିମନ୍ତେ ନାକେଦମ ହେବାକୁ ପଡୁଥିବାର ଅଭିଯୋଗ ହୋଇଛି । ଏହି ରାସ୍ତାକୁ ତୁରନ୍ତ ମରାମତି କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି । ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ମତପ୍ରକାଶ ପାଇଛି ।



କୋରାପୁଟ, (ଭାସ୍କର ନ୍ୟୁଜ) ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଢାପଦର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଅନ୍ତର୍ଗତ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସମାପିକା ସାହୁ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଦେଶରୁ ବେରୋଜଗାରୀ ସମାପ୍ତ କରିବାକୁ ହେଲେ ଉଦ୍ୟମିତା ମାଧ୍ୟମରେ ସ୍ୱରୋଜଗାର ସ୍ଥାପନ କରି ଦେଶକୁ ସମୃଦ୍ଧ କରାଯାଇପାରିବ ବୋଲି କହିଥିଲେ । ରୋଜଗାର କହିଲେ ଯେ, ଚାକିରି ବୋଲି ମାନସିକତାକୁ ବଦଳାଇ ସ୍ୱରୋଜଗାର ଆଡକୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଥିଲେ । ଦଶମନ୍ତପୁର ଯୁବ ସଫଳ ଉଦ୍ୟୋଗୀ ବ୍ରଜ କଂସାରି ଅତିଥି ଭାବେ ଯୋଗଦେଇ କେବଳ ଚାକରି ପଛରେ ନଗୋଡାଇ ଉଦ୍ୟୋକ୍ତ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଆଜି ବେରୋଜଗାରି ଆମ ଦେଶର ବଡ ସମସ୍ୟା ପାଲଟିଥିବା କହି ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବାକୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ରାଧାକୃଷ୍ଣ ଶତପଥୀ ମଂଚ ପରିଚାଳନା କରିଥିବାବେଳେ ଶିକ୍ଷକ କେଶବ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶିକ୍ଷକ ଶେଖର ଗରଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ




ସମ୍ବଲପୁର, (ଭାସ୍କର ନ୍ୟୁଜ୍) : ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ 'ବିଶ୍ୱ ବରିଷ୍ଠ ନାଗରିକ ଦିବସ' ପାଳିତ ହୋଇଯାଇଛି । ଭାରତୀୟ ସଂସ୍କୃତିରେ ପୂଜ୍ୟ ପୂଜା କାହିଁ ଅନାଦି ଅନନ୍ତ କାଳରୁ ପ୍ରଚଳିତ ଅଛି ଓ ଏହାକୁ ଆଧାର କରି ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପଦେଷ୍ଟା, ସୁକାନ୍ତ ମହାପାତ୍ର ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କୁ ଏହି ଦିବସରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିବା ସହ ବରିଷ୍ଠ ମାନଙ୍କ ପରାମର୍ଶରେ ପରିବାର ତଥା ସମାଜ ଆଗକୁ ଯାଇଥାଏ । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତି ମତପ୍ରକାଶ କରିଥିଲେ । ଯେଉଁ ଜାଗାରେ ବରିଷ୍ଠ ନାହାନ୍ତି ସେ ସ୍ଥାନରେ ଶୃଙ୍ଖଳା ନାହିଁ ଓ ବରିଷ୍ଠ ନାଗରିକ ସଂଗଠନର ଆଶୀର୍ବାଦ ହିଣ୍ଡାଲକୋ ସହିତ ସଦା ସର୍ବଦା ଥାଉ ଏବଂ ହୀରାକୁଦ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି କ୍ରମେ ଆପଣଙ୍କ ମାର୍ଗଦର୍ଶନ ଓ ସହଯୋଗ ଥାଉ ଓ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପକ୍ଷରୁ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନାର ଉତ୍ତରରେ ବରିଷ୍ଠ ସଂଗଠନର ସମ୍ପାଦକ ମଧୁସୂଦନ ଦାସ ମତପ୍ରକାଶ କରିଥିଲେ । ବରିଷ୍ଠ ମାନଙ୍କ ବର୍ତ୍ତମାନ ସମାଜରେ ଆବଶ୍ୟକତାକୁ ବର୍ତ୍ତମାନ ମଧ୍ୟ ସମାଜ କିଛି ଅଂଶରେ ଗ୍ରହଣ କରୁନଥିବା ହେତୁ ବିଶୃଙ୍ଖଳା ଦେଖାଯାଉଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ କୁମାର ସାହୁ ସହଯୋଗ କରିଥିଲେ । ଅନ୍ୟ ବରିଷ୍ଠ ନାଗରିକ ମାନେ ମଧ୍ୟ ହିଣ୍ଡାଲକୋ 'ବିଶ୍ୱ ବରିଷ୍ଠ ନାଗରିକ ଦିବସ' ପାଳନ କରିଥିବାରୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗକୁ ଧନ୍ୟବାଦ ଦେଇଥିଲେ ।

### ରାଇଘର ବ୍ଲକରେ ୟୁରିଆ ସାର ସମସ୍ୟା ଉତ୍କଟ

# ସାଢ଼େ ୫ହଜାର ମେଟ୍ରିକ ଟନ ଆସିବା ସତ୍ତ୍ୱେ ଅଭାବ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ୟୁରିଆ ସାର କଳାବଜାରୀ ହେଉଛି । ଚାଷୀଙ୍କୁ ଖୁଲମ୍ ଖୁଲା ଚଢ଼ା ଦରରେ ଶୋଷଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ମଧ୍ୟ ହେଉଛି । କୃଷି ବିଭାଗ ପକ୍ଷରୁ ଚଢାଉ ମଧ୍ୟ ଜୋରଦାର ହେଉଥିଲେ । ଏସବୁ ସତ୍ତ୍ୱେ ସାର କଳା ବେପାରୀ ରୋକିପାରୁନି ଅବକାରୀ ବିଭାଗ । ବର୍ତ୍ତମାନ ରାଇଘର ବ୍ଲକରେ ୟୁରିଆ ସାର ଅଭାବ ଦେଖା ଦେଉଥିବା ବେଳେ ଅସାଧୁ ବ୍ୟବସାୟୀ ପ୍ୟାକେଟ ପିଛା ଚଢ଼ା ଦରରେ ବିକ୍ରି କରୁଛନ୍ତି । ଚାଷୀଙ୍କୁ ସାର ଉଚିତ ଦରରେ ଯୋଗାଇ ଦେବା ନିମନ୍ତେ ଗତ ୧ ତାରିଖ ଦିନ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କିଶାନ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଓ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ କୌଣସି ପ୍ରକାର ସମସ୍ୟାର ସମାଧାନ ହୋଇ ପାରିନାହିଁ । ହୋଲସେଲର ବ୍ୟବସାୟୀ ଡିଲର ମାନଙ୍କୁ ଉଚିତ ଦରରେ ଦେଉ ନ ଥିବା ଯୋଗୁଁ ଚାଷୀଙ୍କୁ ଚଢା ଦରରେ ବିକ୍ରି ନେଇ ବିଭାଗ ହାତରେ ତଥ୍ୟ ହସ୍ତଗତ ହେବା ସହ ଦୁଇ ଦୁଇ ଥର ଜିଲ୍ଲାସ୍ତରୀୟ ଟିମ୍ ତଦନ୍ତ ପାଇଁ ଆସିବା ସମୟରେ ବ୍ୟବସାୟୀ ମାନେ ଦୋକାନ ବନ୍ଦ କରୁଥିବା ଯୋଗୁଁ କୌଣସି ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅପରପକ୍ଷରେ ରାଇଘର ବ୍ଲକରେ ବର୍ତ୍ତମାନ୍ ସୁଦ୍ଧା ୟୁରିଆ ସାର ୫ହଜାର ୫ ଶହ ମେଟ୍ରିକ ଟନ ଆସିଥିବା ବେଳେ ଏହି ସାର ଗଲା କୁଆଡେ ବୋଲି ଚର୍ଚ୍ଚା ଜୋର ଧରିଛି । ସାର ପାଇଁ ପରିସ୍ଥିତି ଅଧିକ ଜଟିଳ ହେବା ପରେ ଗୁରୁବାର ଦିନ କୃଷି ଅଧିକାରୀ ରଶ୍ମୀ ରଞ୍ଜନ ସାହୁ ଲ୍ୟାମସଙ୍କ ଜରିଆରେ ପୋଲିସ ପ୍ରଶାସନ ଉପସ୍ଥିତିରେ ସାର ବଣ୍ଟନ କରିଛନ୍ତି । ଶହ ଶହ ଚାଷୀ ଲମ୍ବା ଲାଇନ ଯୋଗେ ଠିଆ ହୋଇଥିବା ବେଳେ ସାର ଅଭାବ ଚିତ୍ର ସାମ୍ନାକୁ ଆସିଛି । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୁପେ ପରିଚିତ । ଏହି ବ୍ଲକରେ ୨୬ ଗୋଟି ପଞ୍ଚାୟତର ଅଧିବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରିଥାନ୍ତି । ଏଠାରେ ମୁଖ୍ୟତଃ ଧାନ ଓ ମକା ଚାଷ କରାଯାଇଥାଏ । ପ୍ରତି ବର୍ଷ ସାର ପାଇଁ ହାହାକାର ହେଉଥିବା ବେଳେ ଚଳିତବର୍ଷ ମଧ୍ୟ ସମାନ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି । ୟୁରିଆ ପ୍ୟାକେଟ ପିଛା ସରକାରୀ ଦର ୨୭୦ ବଦଳରେ ୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିକ୍ରି ଚାଲିଛି । ସରକାରୀ ସ୍ତରରେ ଏତେ ଷ୍ଟକ୍ ସାର ଆସିବା ସତ୍ତ୍ୱେ ଅଭାବ ଦେଖାଇ ଚାଷୀଙ୍କୁ ଶୋଷଣ କରୁଛନ୍ତି କିଛି ବ୍ୟବସାୟୀ । ହୋଲସେଲର ଡିଲର୍ ମାନେ ସରକାରୀ ଦରରେ ବିକ୍ରି କରୁନାହାଁନ୍ତି । ରାଇଘର ବ୍ଲକରେ ଚଢା ଦରରେ ବିକ୍ରି ଲମ୍ବା ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁନ ମାସ ୪ ତାରିଖ ଦିନ ସମସ୍ତ ବ୍ୟବସାୟୀ ମାନଙ୍କ ଷ୍ଟକ୍ ଯାଞ୍ଚ କାଗଜ ପତ୍ର ତଦନ୍ତ ପାଇଁ ଟିମ୍ ଆସିଥିବା ବେଳେ ତଦନ୍ତକାରି ଟିମ୍ ରାଇଘର ବ୍ଲକରେ ପହଞ୍ଚିବା ପୂର୍ବରୁ ସମସ୍ତ ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଥିଲା । ପୁନର୍ବାର ସମାନ ଅଭିଯୋଗ ଅଧିକ ହେବା ପରେ ଅଗଷ୍ଟ ମାସ ୨ ତାରିଖ ଦିନ ଜିଲ୍ଲାସ୍ତରୀୟ ଏକ ଟିମ୍ ତଦନ୍ତ ପାଇଁ ଆସିବା ସମୟରେ ପୁଣି ବଡ଼ ବଡ଼ ହୋଲସେଲର ଦୋକାନ ବନ୍ଦ କରି ଦେଇଥିବା ଯୋଗୁଁ ତଦନ୍ତ ନ କରି ଅସନ୍ତୋଷ ପ୍ରକାଶ କରି ଫେରି ଯାଇଥିଲେ । ତେବେ ଗ୍ରାମାଞ୍ଚଳ ୮ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ୨୩ ଗୋଟି ସାମ୍ପଲ୍ ସଂଗ୍ରହ କରାଯାଇଥିଲା । ରାଜ୍ୟ ସରକାର କୃଷି ବିଭାଗ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ରାଇଘର ବ୍ଲକକୁ ସାର ଦେଉଥିବା ବେଳେ ଏଠାରେ ସଠିକ୍ ଚାଷୀଙ୍କ ପାଖରେ ନ ପହଞ୍ଚି ଗଳାବାଟ ଦେଇ ଚାଷୀଙ୍କୁ ଶୋଷଣ ଉଦ୍ଦେଶ୍ୟରେ ବଡ଼ ଘୋଟାଲା ହୋଇଥିବା ଅନୁମାନ କରାଯାଉଛି । ବର୍ତ୍ତମାନ ସମୟରେ ଚାଷୀ ସାର ପାଇଁ ହାହାକାର ହେଲେଣି ରାଜ୍ୟ ସରକାର ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି । ଏପଟେ ଛତିଶଗଡ଼ ସୀମାନ୍ତ କଚାନା ପାରା, ମାରିଙ୍ଗା, କାଉଡୋଳା, କୁନ୍ଦେଇ, ହାଟ ଭରାଣ୍ଡି, ଅଞ୍ଚଳରେ ଖୁଲାମ ଖୋଲା ୟୁରିଆ ସାର ୧୦୦୦, ଟଙ୍କାରୁ ୧୨୦୦, ୧୩୦୦ ଟଙ୍କା ରେ ବିକ୍ରି ହଉଥିବା ଖବର ମିଳିଛି । ତେଣୁ କୃଷି ବିଭାଗୀୟ ଅଧିକାରୀ ନଜର ଦେବାକୁ ସାଧାରଣରେ ଦାବି ହେଉଛି ।

## ମହଙ୍ଗା ପଡିଲା ବିଦେଶ ବୁଲା : ତିନି ପେକ୍ସ ସଂପାଦକ ନିଲମ୍ବିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : କାର୍ଯ୍ୟରେ ଅବହେଳା ଯୋଗୁଁ ବୌଦ୍ଧ ଜିଲ୍ଲାର ତିନି ପେକ୍ସ ସଂପାଦକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି । ଜିଲ୍ଲାରେ ଚାଷୀ ପଞ୍ଜିକରଣ ଓ ସାର ବିକ୍ରୟ ଚାଲିଥିବା ବେଳେ ତିନିଜଣ ପେକ୍ସ ସମ୍ପାଦକ ବିଦେଶ ବୁଲିବାକୁ ଯାଇଥିଲେ । ଏ ସମ୍ପର୍କ ରେ ଜଣା ପଡିବା ପରେ ତିନି ସମ୍ପାଦକଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ପାଇଁ ଆଦେଶ ଦିଆଯାଇଛି । ନିଲମ୍ବନ ହୋଇଥିବା ତିନି ପେକ୍ସ ସଂପାଦକ ହେଲେ ଖୁଣ୍ଟବନ୍ଧ, ବୌଦ୍ଧ ଓ ଲୁଣିବାହାଲ ପେକ୍ସ ସଂପାଦକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି । ଖୁଣ୍ଟବନ୍ଧ ପେକ୍ସ ସଂପାଦକ ଦେବାଶୀଷ ମିଶ୍ର ତାଙ୍କର ଦାୟୀତ୍ୱ ତେଲିବନ୍ଧ ପେକ୍ସ ସଂପାଦକ ସୀତାରାମ ମେହେରଙ୍କୁ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବୌଦ୍ଧ ପେକ୍ସ ସଂପାଦକ ସତ୍ୟଜିତ କର ତାଙ୍କର ଦାୟୀତ୍ୱ ବଢିଗାଁ ପେକ୍ସ ସଂପାଦକ ଶିରିଶ ପ୍ରସାଦ ବେହେରାଙ୍କୁ ଗ୍ରହଣ କରିବାକୁ ଓ ଲୁଣିବାହାଲ ପେକ୍ସ ସଂପାଦକ ସଂଜିବ କୁମାର ପ୍ରଧାନ ତାଙ୍କ ଦାୟିତ୍ୱ ତିଲେଶ୍ୱର ପେକ୍ସ ସଂପାଦକ ସୁଭ୍ରଜିତ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

## ଷ୍ଟେସନରୁ ୧୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ) ଜୟପୁର ରେଳ ଷ୍ଟେସନରୁ କୋରାପୁଟ ଜିଆରପି ଓ ଆରପିଏଫ ପୋଲିସ ପକ୍ଷରୁ ୧୦କିଲୋ ଗଞ୍ଜେଇ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, କୋରାପୁଟ ଜିଆରପି ଓ ଆରପିଏଫ ପୋଲିସ ଜୟପୁର ଷ୍ଟେସନରେ ଯାଞ୍ଚ କରୁଥିଲେ । ଏହି ସମୟରେ ଜଣେ ଯୁବକ ଏକ ବସ୍ତା ଧରି ସମଲେଶ୍ୱରୀ ଏକ୍ସପ୍ରେସକୁ ଅପେକ୍ଷା କରିଥିବାବେଳେ ପୋଲିସ ଯାଞ୍ଚ କରିଥିଲା । ବସ୍ତା ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା । ପରେ ଗଞ୍ଜେଇ ଚାଲାଣକାରୀ ପଞ୍ଜାବର ଲୁଧିଆନ ଅଞ୍ଚଳର ଅସମାନ(୨୫)ଙ୍କୁ ଗିରଫ କରାଯାଇଥିଲା । ଜବତ ଗଞ୍ଜେଇ ୧୦କିଲୋ ଏବଂ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କା ହେବ । ଏହା ଜୟପୁରରୁ ରାୟଗଡା ଦେଇ ଦିଲ୍ଲୀ ଏବଂ ପରେ ପଞ୍ଜାବ ଚୋରା ଚାଲାଣ ହେବାର ଯୋଜନା ଥିଲା ବୋଲି ଜିଆରପି ପୋଲିସ କହିଛି । ଅଭିଯୁକ୍ତ ଅସମାନ ଏହି ଗଞ୍ଜେଇ କେଉଁଠୁ ଆଣିଲା ଏବଂ ଲୁଧିଆନା ଅଞ୍ଚଳରେ କାହାକୁ ବିକ୍ରି କରିଥାନ୍ତ । ସେନେଇ ତଦନ୍ତ ଜାରି ରହିଥିବା ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି । ଏନେଇ କୋରାପୁଟ ଜିଆରପି ଥାନାରେ କେଶ୍ ନଂ ୨୪/୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ମରଣଯନ୍ତା ପାଲଟିଛି ଅଷ୍ଟଶମ୍ଭୁ ମନ୍ଦିର ରାସ୍ତା



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୋ ଠାରେ ଥିବା ସର୍ବପୁରାତନ ଅଷ୍ଟଶମ୍ଭୁ ଶିବ ମନ୍ଦିରକୁ ଯାଇଥିବା ଉଭୟ ପାର୍ଶ୍ୱ ରାସ୍ତା ଯଥା ୧୪୯ନଂ ଜାତୀୟ ରାଜପଥର ପରମହଂସପୁର ଛକରୁ ମନ୍ଦିର ହୋଇ କଲେଜ ରୋଡ଼ ସିଂହଡା ଛକ ପର୍ଯ୍ୟନ୍ତ ରାସ୍ତାଟି ଅତି ଶୋଚନୀୟ ଅବସ୍ଥାରେ ରହିଛି । ଏହି ରାସ୍ତାଟି ୫୩ ନମ୍ବର ଜାତୀୟ ରାଜପଥ ହାତିଲୁଚାଣି ଛକ ଠାରୁ ପାଲହଡା ଯାଇଥିବା ୧୪୯ନଂ ଜାତୀୟ ରାଜପଥକୁ ସଂଯୋଗ ରହିଥିବା ଯୋଗୁଁ ଶତାଧିକ ଗାଡି ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି । ଯାହାଫଳରେ ବଡ ବଡ଼ ଖାଲ ଖମା ହୋଇଥିବାରୁ ବର୍ଷା ଦିନରେ ରାସ୍ତାରେ ପାଣି ଜମି ରହିବା ଦ୍ୱାରା ପଥଚାରୀ ମାନେ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି । ବର୍ତ୍ତମାନ ସିଂହଡା ଛକରୁ ପରମହଂସପୁର ପର୍ଯ୍ୟନ୍ତ ରହିଥିବା ରାସ୍ତାଟି ମରଣଯନ୍ତା ସାଜିଥିଲେ ସୁଦ୍ଧା ମରାମତି କରିବାରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ରହୁଛି । ଏହି ରାସ୍ତାରେ ସ୍କୁଲ କଲେଜ ପିଲା ଦୈନନ୍ଦିନ ଚଳପ୍ରଚଳ କରୁଥିବା ସହ ସମସ୍ତ ଗାଁ ର ଲୋକମାନେ ହନ୍ତସନ୍ତରେ ଯାତାୟାତ ହେଉଥିବା ବେଳେ ଅନ୍ୟ ପଥଚାରୀ ଅନେକ ଦୁର୍ଦ୍ଦଶା ମଧ୍ୟରେ ଯାତାୟତ କରୁଛନ୍ତି । ଶୋଚନୀୟ ଅବସ୍ଥାରେ ପଡିରହିଥିବା ରାସ୍ତାଟି ମରାମତି କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ ନକରି ନୀରବ ଦ୍ରଷ୍ଟା ସାଜିଛନ୍ତି, ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଗତ ଦିନ ଶ୍ରାବଣ ମାସରେ କାଉଡ଼ିଆ ଭକ୍ତ ଓ ଅନ୍ୟ ଶ୍ରଦ୍ଧାଳୁ ଭକ୍ତମାନେ କୃତ୍ରିମ ପାଣିରେ ହନ୍ତସନ୍ତ ହୋଇ କୁଆଲୁ ସର୍ବପୁରାତନ ଐତିହ୍ୟ ଅଷ୍ଟଶମ୍ଭୁ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ ମଧ୍ୟ ସେମାନଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥିପ୍ରତି ବିଭାଗୀୟ ଦୃଷ୍ଟି ଦେଇ ତୁରନ୍ତ ମରଣଯନ୍ତା ସାଜିଥିବା ରାସ୍ତାଟି ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

# ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଶପଥ ନେଲେ କାକୁଡ଼ିଅମ୍ବା ଗ୍ରାମବାସୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ କାକୁଡ଼ିଅମ୍ବା ଗ୍ରାମରେ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ଲୋକେ ଦୃଢ଼ ଶପଥ ନେଇଛନ୍ତି । ଶପଥରେ ସେମାନେ କହିଛନ୍ତି ତାଙ୍କ ଗାଁରେ ଆଗରୁ କେହି ବିଦ୍ୟୁତ୍ ଜନିତ ହୁକିଂ କରି ନାହାନ୍ତି କି ଆଗକୁ ମଧ୍ୟ କରିବେ ନାହିଁ, ଯଦି କୌଣସି ବ୍ୟକ୍ତି ହୁକିଂ କରନ୍ତି ତେବେ ଗ୍ରାମବାସୀ ତାକୁ କଠୋର ଦଣ୍ଡ ଦେବା ପାଇଁ ଆଇନ୍‌ର ଆଶ୍ରୟ ନେବେ ବୋଲି କହିଛନ୍ତି । ଶପଥ ପାଠ ବେଳେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, ବନପାଳ ଅଜିତ୍ କୁମାର ଦାସ, ବନପାଳିକା ପ୍ରଭାତୀ ଦାସ, ପୁଷ୍ପଲତା ମହାନ୍ତ ଓ ତାଙ୍କ ସହ କର୍ମୀମାନେ ଉପସ୍ଥିତ ଥିଲେ । ସେହିପରି ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ମୁକେଶ କୁମାର ସାହୁ ଓ ପ୍ରିୟରଂଜନ ବେହେରା ଉପସ୍ଥିତ ଥିଲେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ତେଲକୋଇ ଅଞ୍ଚଳରେ ବିଦ୍ୟୁତ୍ ଜନିତ ହୁକିଂରେ ହାତୀ ମୃତ୍ୟୁ ଓ ଅନ୍ୟ ଜୀବ ଜନ୍ତୁଙ୍କ ଜୀବନ ଯାଉଥିବା ସନ୍ଦେହରେ, ରାତି ହେଲେ ଏହି ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଛି, ତେଣୁ ଲୋକେ ନାହିଁ ନଥିବାର ହଇରାଣ ହେଉଛନ୍ତି । ତେଣୁ ଏହି ସମସ୍ୟାକୁ ରୁକିବା ପାଇଁ ତେଲକୋଇ ବନାଞ୍ଚଳ ଅଧିକାରୀ ଗ୍ରାମ ବାସୀଙ୍କ ସହଯୋଗ ଲୋଡ଼ିଛନ୍ତି । ସେ କହିଛନ୍ତି ଲୋକେ ଯଦି ଆମକୁ ସହଯୋଗ କରିବେ ଆଉ ହୁକିଂ କରିବେନି ତେବେ ମୁଁ କଥା ଦେଉଛି । ବିନା କାରଣରେ ଆପଣଙ୍କ ଅଞ୍ଚଳରେ ରାତିରେ ବିଦ୍ୟୁତ୍ କାଟ କରାଯିବ ନାହିଁ । ଏହି ବୈଠକ କାକୁଡ଼ିଅମ୍ବା ଗ୍ରାମରୁ ପ୍ରଥମ ଆରମ୍ଭ ହେଇଛି । ଏହା ସମଗ୍ର ତେଲକୋଇ ଅଞ୍ଚଳରେ ଆଲୋଚନା କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ମତ ପ୍ରକାଶ କରିଛନ୍ତି ଓ ଦୁଇଟି ଟର୍ଚ୍ଚ ଲାଇଟ୍ ଗ୍ରାମବାସୀଙ୍କୁ ପ୍ରଦାନ କରିଛନ୍ତି । ଲୋକେ ମଧ୍ୟ ଏହାକୁ ଦୃଢ଼ ସମର୍ଥନ କରିଛନ୍ତି । ଆଲୋଚନା ବେଳେ ଜଗମୋହନପୁର ସରପଞ୍ଚଙ୍କ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମର ଭଦ୍ର ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ବ୍ଲକର ଉନ୍ନୟନମୂଳକ କାର୍ଯ୍ୟରେ ବାଧା: ତଦାରଖ କଲେ ଜିଲ୍ଲାପାଳ




କଣାସ(ଭାସ୍କର ନ୍ୟୁଜ) : କଣାସ ବ୍ଲକ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା( ମନରେଗା) ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ପ୍ରଭାତୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଉପାଧକ୍ଷ ଅଭିମନ୍ୟୁ ଜୟସିଂହଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ, ଏମ୍‌ଜି ଏନ୍‌ଆରଜିଏସ ନରେଗା, ବିଭିନ୍ନ ରାସ୍ତାଘାଟ ଆଦି ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଠିକ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ବିଷୟରେ ଶ୍ରୀଯୁକ୍ତ ବେହେରା ସମୀକ୍ଷା କରିଥିଲ । ତେବେ କଣାସ ପଞ୍ଚାୟତ ସମିତିର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ମୃତ ବ୍ୟକ୍ତିଙ୍କ ନାମରେ ରାସନ ଚାଉଳ ଉଠାଣ ସମ୍ବନ୍ଧୀୟ ଅଭିଯୋଗ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମହୋଦୟ ଅସନ୍ତୋଷ ପ୍ରକାଶ କରିବା ସହ ବ୍ଲକର ଅନେକ ଅନିୟମିତତା ଆସିଥିବା ଅଭିଯୋଗର ତଦନ୍ତ କରି ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଓ ନରେଗା କାର୍ଯ୍ୟକ୍ରମରେ ପଞ୍ଚାୟତ ଗୁଡିକରେ ସଠିକ ଭାବରେ ସୂଚନା ଫଳକ ଲାଗିନଥିବାରୁ ଅନେକ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ ଶ୍ରୀଯୁକ୍ତ ବେହେରା ବର୍ଷିବା ସହିତ ଅନ୍ୟ ସବୁ ପଞ୍ଚାୟତରେ ଲାଗିଛି କି ନାହିଁ ଏହାର ତଦାରଖ କରିବାକୁ ଶ୍ରୀ ବେହେରା ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ସରକାରଙ୍କ ସମସ୍ତ ଯୋଜନା ଉଚିତ ଢଙ୍ଗରେ କାର୍ଯ୍ୟକାରୀ ନ ହେଲେ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କଡ଼ା ତାଗିଦ କରିଥିଲେ । ଶେଷରେ ବ୍ଲକ ସୋସିଆଲ ଅଡିଟର ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

## ଡ. ସତ୍ୟନାରାୟଣ ରାଜଗୁରୁଙ୍କ ଉତ୍କଳ ହିତୈଷିଣୀ ସଭା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସତ୍ୟ ନାରାୟଣ ରାଜଗୁରୁ ସ୍ମୃତି ସଂସଦ,ପାରଳାଖେମୁଣ୍ଡି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇସାରିଛି ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୂର୍ବତନ ଅଧକ୍ଷ ଡ.ଭାଗ୍ୟଲିପି ମଲ୍ଲ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଡ.କଲ୍ୟାଣୀ ମିଶ୍ର, ସମ୍ମାନିତ ଅତିଥି ଅର୍ଚ୍ଚନା ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି, ଶଙ୍କର ସାହୁ,ସଂପାଦକ ବିନୋଦ ଚନ୍ଦ୍ର ଜେନା ମଞ୍ଚ ମଣ୍ଡନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ବିଚିତ୍ରାନନ୍ଦ ଦେବର୍ତ୍ତା ସଂଯୋଜନା କରିଥିଲେ । ସଭାର ସଭାପତିତ୍ୱ କରିଥିଲେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଶେଷରେ ବିଜୟ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଗ ଶଶ ଭୂଷଣ ପଟ୍ଟନାୟକ.ଧନ୍ୟବାନ ଦେଇଥିଲେ ।

# ଧାନ କିଣା ପାଇଁ ଚାଷୀ ପଞ୍ଜିକରଣ

- ସ୍ୱ-ଘୋଷଣାନାମା ଗ୍ରହଣ କରିବାକୁ ସମିତି ସମ୍ପାଦକଙ୍କୁ ନିର୍ଦ୍ଦେଶ
- ଦୁଇ ତୃତୀୟାଂଶ ପଞ୍ଜିକରଣ ସରିବା ପରେ ନଇଁଲେ ସରକାର
- ଝିନଝଟ ଦେଖି ସାଜିପଟ୍ଟା ଦାଖଲ କରିନାହାନ୍ତି ଅନେକ ଚାଷୀ




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପ୍ରାୟ ମାସେ କାଳ ବଂଶାବଳୀ ନିୟମରେ ଘାଣ୍ଟି ହେଲେ ଚାଷୀ । ଆରଆଇ ଅଫିସ ଦୌଡ଼ି ନୟାନ୍ତ ହେଲେ । ବଂଶାବଳୀ ଓ ଅନୁମତିପତ୍ର ଝିନଝଟ ଦେଖି ମଣ୍ଡିରେ ଧାନ ବିକିବାକୁ କିଏ ମୁହଁ ଫେରାଇଲା ତ ଆଉ କିଏ ସାଜିପଟ୍ଟାକୁ ବାଦ ଦେଇ କେବଳ ନିଜ ନାମରେ ଥିବା ପଟ୍ଟା ଦାଖଲ କରି ପଞ୍ଜିକରଣ କଲେ । ହେଲେ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଚାଷୀ ପଞ୍ଜିକରଣ ସରି ଆସିଲା ବେଳକୁ ସରକାର ବଂଶାବଳୀ ନିୟମକୁ ସରଳ କରିଛନ୍ତି । ଆଉ ଆରଆଇ ଅଫିସ ଦୌଡ଼ିବାକୁ ପଡ଼ିବନି କି ବଂଶାବଳୀ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବନି ବୋଲି ସରକାର ଘୋଷଣା କରିଛନ୍ତି । ୪ ଦିନ ହେଲା ଏହି ନୂଆ ନିୟମରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ପଞ୍ଜିକରଣ ଚାଲିଥିବା ବେଳେ ସରିଲା ବେଳକୁ ସରକାରଙ୍କ କୋହଳ ନୀତିକୁ ଚାଷୀ ମହଲରେ ନାପସନ୍ଦ କରିଛନ୍ତି । ସରକାରଙ୍କର ଏ ଅଦୁରଦର୍ଶୀ ନୀତି ନେଇ ଅସନ୍ତୋଷ ଝାଡ଼ିଛନ୍ତି ସାଜି ପଟ୍ଟା ଦାଖଲ କରିବାରୁ ବଞ୍ଚିତ ହୋଇଥିବା ଶତାଧିକ ଚାଷୀ । ସାଜିପଟ୍ଟା ଥିବା ଜମିରେ ହୋଇଥିବା ଧାନ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଜଳ ଜଳ ଦେଖାଗଲାଣି । ସରକାର ମୂଳରୁ ଏ ବ୍ୟବସ୍ଥା କରିଥିଲେ ଚାଷୀ ଅନେକାଂଶରେ ଉପକୃତ ହୋଇଥାନ୍ତେ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି । ଚାଷୀଙ୍କ ଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ଟଙ୍କାରେ କିଣୁଛନ୍ତି ସରକାର । ଫଳରେ ମଣ୍ଡିରେ ଧାନ ବିକିବାକୁ ଚାଷୀ ବେଶ ଉତ୍ସାହୀ । ଏଭଳି ସ୍ଥିତିରେ ଏ ବର୍ଷ କିନ୍ତୁ ଚାଷୀ ପଞ୍ଜିକରଣରେ ଅଡୁଆ ସୃଷ୍ଟି କରିଥିଲା ସରକାରଙ୍କ ନୂଆ ଗାଇଡିଲାଇନି । ପୂର୍ବରୁ ସାଜି ପଟ୍ଟା ନିମିତ୍ତ କୌଣସି ବଂଶାବଳୀ ପ୍ରମାଣପତ୍ର କି ଅଂଶୀଦାର ମାନଙ୍କଠାରୁ ଅନୁମତିପତ୍ର ଲୋଡ଼ା ହେଉନଥିଲା । ହେଲେ ଏ ବର୍ଷ ସରକାର ଆରମ୍ଭରୁ ସାଜିପଟ୍ଟାରେ ଚାଷୀକୁ ଉତ୍ତରାଧିକାରୀ ପ୍ରମାଣପତ୍ର ଓ ଅନ୍ୟ ଅଂଶୀଦାର ମାନଙ୍କ ଠାରୁ ଅନୁମତିପତ୍ର ବାଧ୍ୟତାମୂଳକ କରିଥିଲେ । ଯାହାକୁ ନେଇ ଚାଷୀ ନାହିଁ ନ ଥିବା ଅସୁବିଧାର ସାମ୍ନା କରିଥିଲେ ଚାଷୀ । ଆର ଆଇ ଅଫିସ ଧାଇଁ ବଂଶାବଳୀ ପ୍ରମାଣପତ୍ର ଆଣିବା କଷ୍ଟକର ବ୍ୟାପାର ଥିଲା । ସେ ପଟେ ଆଜିକାଲି ଭାଇ -ଭାଇ, ଭାଇ -ଭଉଣୀ ବିବାଦ ମଧ୍ୟରେ ଅଂଶୀଦାର ମାନଙ୍କଠାରୁ ଅନୁମତି ପତ୍ର ଆଣିବା ଆହୁରି କଷ୍ଟକର ବ୍ୟାପାର ଥିଲା । ଫଳରେ ଏହି କଡା ନିୟମକୁ ସରଳ କରିବାକୁ ରାଜ୍ୟ ବ୍ୟାପି ଦାବୀ ହୋଇଥିଲା । ଯୋଗାଣ ମନ୍ତ୍ରୀ ନିୟମ କୋହଳ କରିବା ନେଇ ଅଗଷ୍ଟ ପହିଲାରେ ମୌଖିକ ଘୋଷଣା ମଧ୍ୟ କରିଥିଲେ । ହେଲେ ଲିଖିତ ନିର୍ଦ୍ଦେଶନାମା ଆସି ନଥିଲା । ଫଳରେ ପ୍ୟାକ୍ସ ସ୍ତରରେ ସମ୍ପାଦକ ମାନେ ବଂଶାବଳୀ ପ୍ରମାଣପତ୍ର ନ ହେଲେ ସାଜିପଟ୍ଟାରେ ପଞ୍ଜିକରଣ କରୁନଥିଲେ । ଯଦ୍ୱାରା ଅନେକ ଚାଷୀ ଝିନଝଟ ଦେଖି ପଞ୍ଜିକରଣରୁ ସାଜିପଟ୍ଟାକୁ ବାଦ ଦେଇଥିଲେ । ପ୍ରାୟ ମାସେ କାଳ ବଂଶାବଳୀ ନିୟମରେ ସରକାର ଅଟଳ ରହିବା ପରେ ଗତ ୧୬ତାରିଖରେ ଚାଷୀଙ୍କ ନିୟମ ଦାବି ମାନିଥିଲେ ।ଏଣିକି ସ୍ୱ -ଘୋଷଣାପତ୍ର ଗ୍ରହଣ କରିବାକୁ ଜିଲ୍ଲାପାଳ ମାନଙ୍କୁ ଚିଠି କରିଥିଲେ । ପରେ ଏ ନେଇ ପ୍ୟାକ୍ସ ସମ୍ପାଦକମାନଙ୍କୁ ଚିଠି ହୋଇଥିବା ବେଳେ ସୋମବାର ଠାରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପ୍ୟାକ୍ସ ସ୍ୱ - ଘୋଷଣାପତ୍ରରେ ଚାଷୀ ପଞ୍ଜିକରଣ ଚାଲିଛି । ପଞ୍ଜିକୃତ ହୋଇ ନଥିବା ଚାଷୀ ମାନେ ସ୍ୱ -ଘୋଷଣାପତ୍ର ଦେଇ ସାଜିପଟ୍ଟା ପଞ୍ଜିକରଣ କରୁଛନ୍ତି । ହେଲେ ପୂର୍ବରୁ କଠୋର ନିୟମ ଯୋଗୁଁ ସାଜିପଟ୍ଟା ଦାଖଲ କରିନଥିବା ଚାଷୀ ଚିନ୍ତାରେ ପଡିଛନ୍ତି । ପଞ୍ଜିକରଣ ସରିଥିବାରୁ ଆଉ ବାଦ ପଡ଼ିଥିବା ସାଜିପଟ୍ଟା ଦାଖଲ ହୋଇ ପାରିବ ନାହିଁ । ଫଳରେ ସାଜିଜାଗାକୁ ଅମଳ ହେବାକୁ ଥିବା ଧାନର ଉଚିତ ମୂଲ୍ୟ ମିଳିବ ନାହିଁ ବୋଲି ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୧୦ଗୋଟି ପ୍ୟାକ୍ସରେ ଏ ଯାବତ ୧ହଜାର ୩ଶହ ୦୭ଜଣ ଚାଷୀ ପଞ୍ଜିକୃତ ହେଲେଣି । ଏ ସଂକ୍ରାନ୍ତରେ ଅସ୍ତରଙ୍ଗ ବ୍ଲକ ଏରିଆ ଅଫିସର ଦେବଦତ୍ତ ତ୍ରିପାଠୀ ଯୋଗାଯୋଗ କରିବାରୁ ସେ କହିଲେ, ସରକାରୀ ନିର୍ଦ୍ଦେଶ ଅନୁସାରେ ସ୍ୱ-ଘୋଷଣାପତ୍ର ଗ୍ରହଣ କରି ପଞ୍ଜିକରଣ କରିବାକୁ ପ୍ୟାକ୍ସ ସମ୍ପାଦକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଞ୍ଜିକରଣ କରି ସାରିଥିବା ଚାଷୀ ମାନେ କୋହଳ ନିୟମର ଲାଭ ପାଇପାରିବେ ନାହିଁ । ପଞ୍ଜିକରଣ ସରିଥିବାରୁ ଆଉ ସାଜିପଟ୍ଟା ଏଣ୍ଟ୍ରି ନେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

## ପ୍ୟାନେଲ୍ ଆଇନଜୀବୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗଜପତି ସିଭିଲ୍ କୋର୍ଟର ସଭାଗୃହରେ ପ୍ୟାନେଲ୍ ଆଇନଜୀବୀଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତର ନ୍ୟାୟାଧୀଶ ଅଶୋକ କୁମାର ପାହି ଅଧ୍ୟକ୍ଷତା କରିଥିଲେ । ସେ ବିଭିନ୍ନ ଆଇନ ସମ୍ବନ୍ଧୀୟ ପ୍ରାସଙ୍ଗିକ ବିଷୟରେ ଆଲୋକ ପାତ କରିଥିଲେ ଏବଂ ପ୍ୟାନେଲ ଆଇନଜୀବୀଙ୍କର ବୃତ୍ତିଗତ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଲ୍ୟବାନ ମତାମତ ଦେଇଥିଲେ । ବିମଳ ରାଉଳ, ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସଚିବ, ଗଜପତି ଜେଏମ୍‌ଏଫସି ସତ୍ୟଜିତ ପାଣି ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେମାନେ ବିଧି ସହାୟତା ସେବାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ ଏବଂ ପ୍ୟାନେଲ୍ ଆଇନଜୀବୀଙ୍କୁ ଆଇନର ଗଭୀର ଜ୍ଞାନ ଅର୍ଜନ କରିବାକୁ ପ୍ରୋତ୍ସାହିତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ପ୍ୟାନେଲ୍ ଆଇନଜୀବୀଙ୍କର କୌଶଳକୁ ବୃଦ୍ଧି କରିବା ଏବଂ ଗ୍ରାମୀଣ ସ୍ତରରେ ନ୍ୟାୟ ବିତରଣକୁ ଆହୁରି କାର୍ଯ୍ୟକ୍ଷମ କରିବା ।

# ୧୨ ଦିନରେ ପହଞ୍ଚିଲା ରାଜସ୍ୱ ଅମଲାଙ୍କ କାର୍ଯ୍ୟ ବନ୍ଦ ଡାକରା



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଫଳରେ ଜନସାଧରଣ ବହୁତ ହଇରାଣ ହେଉଛନ୍ତି ।କିନ୍ତୁ ବାହାରେ ରହିଥିବା ଜନସେବା କେନ୍ଦ୍ର ଗୁଡିକ ଜନସାଧରଣଙ୍କୁ କୌଣସି କାମରେ ରସିଦ ନ ଦେଇ ମନଇଚ୍ଛା ଟଙ୍କା ଲୁଟୁଛନ୍ତୁ । ଏହା ଦ୍ୱାରା ଜନସାଧରଣ ହଇରାଣ ହେଉଛନ୍ତି । ସରକାର ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଆମଲାଙ୍କ କଥା ମଧ୍ୟ ଶୁଣୁନାହାନ୍ତି । ବହୁ ପ୍ରତୀକ୍ଷିତ ଦଶ ଦଫା ଦାବି ପୁରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହିବା ପରିପେକ୍ଷିରେ କନ୍ଧମାଳ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୁହିକ ଛୁଟିରେ ଅଛନ୍ତି । ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀଙ୍କୁ ସମୁହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବୀ ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନ୍ଧମାଳର ସଭାପତି ଶ୍ରୀ ଗଣେଶ ନାୟକ, ସଂପାଦକ ସିମାଞ୍ଚଳ ପଣ୍ଡା ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଉମରକୋଟ (ଭାସ୍କର ନ୍ୟୁଜ୍) : ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଆହତ ଯୁବକ ଜଣକ ହେଲେ ଉମରକୋଟ ବ୍ଲକ ହିରାପୁର ପଞ୍ଚାୟତ ନାଗଝରି ଗ୍ରାମର ଯୁଜେଷ୍ଟି ସାନ୍ତା (୨୩)। ମିଳିଥିବା ସୂଚନା ଅନୁସାରେ ଯୁଜେଷ୍ଟି ଆଜି ସକାଳେ ମକା ବାଡ଼କୁ ଯାଉଥିଲେ। ଏହି ସମୟରେ ଏକ ମାଈ ଭାଲୁ ତାହାର ଦୁଇଟି ଛୁଆ କୁ ଧରି ମକା ବାଡ ଭିତରୁ ବାହାରି ଥିଲା ଭାଲୁ ଓ ଯୁଜେଷ୍ଟି ମୁହାଁମୁହିଁ ହୋଇଯାଇଥିଲେ।ଭାଲୁକୁ ଦେଖି ଯୁଜେଷ୍ଟି କୌଣସି ଉପାୟ ନପାଇ ସେହି ଠାରେ ହିଁ ଶୋଇପଡ଼ିଥିଲେ। କିନ୍ତୁ ଭାଲୁ ଯୁଜେଷ୍ଟିଙ୍କୁ ଛାଡି ନଥିଲା।କାଳେ ନିଜ ଛୁଆ ଗୁଡିକର କିଛି କ୍ଷତି ହେବ ଭାବି ଯୁଜେଷ୍ଟି କୁ ଆକ୍ରମଣ କରିଥିଲା।ଭାଲୁ ଯୁଜେଷ୍ଟି ର ମୁଣ୍ଡ ଓ ଗୋଡରେ ରାମ୍ପୁଡି ଦେଇ ମକା ବାଡ ଭିତରକୁ ଚାଲି ଯାଇଥିଲା।ଯୁଜେଷ୍ଟି ଭାଲୁ ଯିବାର କିଛି ସମୟ ପରେ ସେଠାରୁ ଉଠି ଘରକୁ ଫେରିଆସି ଘଟଣା ସଂପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏକ ଗାଡ଼ି ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଯୁଜେଷ୍ଟିଙ୍କ ର ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ଉପସ୍ଥିତ ବୁଦ୍ଧି ଯୋଗୁଁ ଯୁଜେଷ୍ଟି ଏକ ବଡ ବିପଦରୁ ରକ୍ଷା ପାଇଥିଲେ।



# ଦେଶ ତଥା ବିଦେଶ ଭ୍ରମଣ ପାଇଁ ଆକର୍ଷଣୀୟ ଯୋଜନା




ପାରାଦୀପ (ଭାସ୍କର ନ୍ୟୁଜ୍) : ଭାରତୀୟ ରେଲୱେର ପର୍ଯ୍ୟଟନ ଶାଖା ଇଣ୍ଡିଆନ ରେଲୱେ କାଟରିଙ୍ଗ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେସନ ଲିମିଟେଡ୍ (ଆଇଆରସିଟିସି) ପକ୍ଷରୁ ଆସନ୍ତା ପାର୍ବଣ ଓ ପର୍ଯ୍ୟଟନ ଋତୁ ପରିପ୍ରେକ୍ଷୀରେ ଦେଶ ତଥା ବିଦେଶର ଆକର୍ଷଣୀୟ ସ୍ଥାନ ଗୁଡିକୁ ଭ୍ରମଣ କରିବା ପାଇଁ ଯୋଜନା ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ଭ୍ରମଣ ପ୍ୟାକେଜ ସମ୍ବନ୍ଧୀୟ ସଚେତନତା ପାଇଁ ପାରାଦୀପର ଇଣ୍ଟରନ୍ୟାସନାଲ ହୋଟେଲରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଆଇଆରସିଟିସିର ଯୁଗ୍ମ ମହାପ୍ରବନ୍ଧକ ଡ. କ୍ରାନ୍ତି ପି ସାବରକର ଉପସ୍ଥିତ ରହି ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଭୁବନେଶ୍ୱରରୁ ଘରୋଇ ବିମାନ ସେବା ଓ ରେଳ ଯାତ୍ରାରେ ବିଭିନ୍ନ ଭ୍ରମଣୀୟ ସ୍ଥାନ ବୁଲିବା ବ୍ୟବସ୍ଥା କରାଯିବା ସହିତ ଷ୍ଟାର ହୋଟେଲ ମାନଙ୍କରେ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। ଏହି ଭ୍ରମଣ ସ୍ଥାନ ମଧ୍ୟରେ ମହାରାଷ୍ଟ୍ରର ଜ୍ୟୋତିର୍ଲିଙ୍ଗ ସମେତ ଅନ୍ୟାନ୍ୟ ଆକର୍ଷଣୀୟ ସ୍ଥାନ, ଲଦାଖ, କେରଳ, ବଦ୍ରିନାଥ, କେଦାରନାଥ, ରାଜସ୍ଥାନ, ଆଣ୍ଡାମାନ, ଗୁଜୁରାଟ, ମଧ୍ୟପ୍ରଦେଶର ପ୍ରସିଦ୍ଧ ସ୍ଥାନ ସହିତ ଥାଇଲାଣ୍ଡ, ନେପାଳ, ଶ୍ରୀଲଙ୍କା, ଭିଏତନାମ ଭଳି ଦେଶ ଭ୍ରମଣର ବ୍ୟବସ୍ଥା ରହିଛି। ଏହି ଭ୍ରମଣ ସମୟରେ ସମସ୍ତଙ୍କର ଜୀବନ ବୀମା କରାଯିବା ସହ ଆଇଆରସିଟିସି ପକ୍ଷରୁ ଜଣେ ଟ୍ୟୁରିଷ୍ଟ ମ୍ୟାନେଜର ନିୟୋଜିତ ରହିବେ ବୋଲି ଡ. ସାବରକର ସୂଚନା ଦେଇଥିଲେ। ଏହି ପ୍ୟାକେଜ ଅଗଷ୍ଟ ୨୯ ଠାରୁ ଆରମ୍ଭ ଆସନ୍ତା ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ ଚାଲିବ। ତେବେ ବିଭିନ୍ନ ସ୍ଥାନ ପାଇଁ ବିମାନ ଓ ରେଳ ଯାତ୍ରା ପାଇଁ ଟିକେଟର ମୂଲ୍ୟ ଓ ସବିଶେଷ ବିବରଣୀ ପାଇଁ ଆଇଆରସିଟିସିର ଟୋଲ ଫ୍ରି ନମ୍ବର ୯୨୮୧୦୩୦୭୩୯/୯୨୮୧୦୩୦୭୨୫ କିମ୍ବା www.irctctourism.com ୱେବସାଇଟରେ ଯୋଗାଯୋଗ କରିବାକୁ ଆଇଆରସିଟିସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଆରସିଟିସି ଟ୍ୟୁରିଜିମ୍ ନିର୍ବାହୀ ଅଧିକାରିଣୀ ସଂଘମିତ୍ରା ରାଉଳଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଚଣ୍ଡିଖୋଲକୁ ମିଳିଲାନି ଏନ୍‌ଏସି ମାନ୍ୟତା

# ବିଜେଡ଼ିର ଦୁଇ ଘଣ୍ଟିଆ ଗଣଧାରଣା



ବଡ଼ଚଣା (ଭାସ୍କର ନ୍ୟୁଜ୍) : ପୂର୍ବ ସରକାର ବିଧାନ ସଭା ନିର୍ବାଚନ ପୂର୍ବରୁ ଓଡ଼ିଶାରେ ୫୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଥିଲେ। ଏବେ ଗତ ୧୬ ତାରିଖରେ ରାଜ୍ୟ ସରକାର ଓଡ଼ିଶାରେ ୧୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକାରେ ଚଣ୍ଡିଖୋଲ ବାଦ୍ ପଡିଛି। ଏହାର ପ୍ରତିବାଦରେ ଆଜି ବଡଚଣା ବ୍ଲକ୍ ବିଜେଡ଼ି ପକ୍ଷରୁ ଏକ ପ୍ରତିବାଦ ସଭା ସହିତ ଗଣ ଧାରଣା ଦିଆଯାଇଛି। ବ୍ଲକ୍ ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର କହିଥିଲେ ତିନୋଟି ଜାତୀୟ ରାଜପଥର ମିଳନସ୍ଥଳ ଚଣ୍ଡିଖୋଲ ଓଡ଼ିଶାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ସାମାଜିକ, ଅର୍ଥ ନୈତିକ, ଭୌଗୋଳିକ ଅବସ୍ଥିତି ଯୋଗୁ ଚଣ୍ଡିଖୋଲ ଏକ ପ୍ରକୃଷ୍ଟ ସ୍ଥଳ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥିଲେ ମଧ୍ୟ ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା ନକରିବା ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଥିଲେ। ବିକଶିତ ବଡଚଣା, ସ୍ୱାଭିମାନୀ ବଡଚଣା, ମାଟିର ପୁଅ କହି ନିର୍ବାଚନୀ ବୈତରଣୀ ପାର ହୋଇଥିବା ବିଧାୟକ ଏହି ଘଟଣାରେ ଚୁପ୍ ରହିବା ନିଜ ପାରିବା ପଣିଆ କଥା ଜଣାପଡ଼ିବା ସହିତ ଚଣ୍ଡିଖୋଲ ଅଞ୍ଚଳର ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ବଡଚଣାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ନକରି ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ବୁଡି ରହିଥିବା ବିଧାୟକଙ୍କୁ ଆଗାମୀ ଦିନରେ ବଡଚଣାବାସୀ ଉଚିତ୍ ଜବାବ ଦେବେ ବୋଲି କହିବା ସହିତ ଆଗାମୀ ୧୫ଦିନ ମଧ୍ୟରେ ଯଦି ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରାନଯାଏ ତେବେ ଚଣ୍ଡିଖୋଲ ଦେଇ କୌଣସି ମନ୍ତ୍ରୀଙ୍କୁ ଛଡାଯିବ ନାହିଁ ବୋଲି କହିବା ସହିତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାସ ରାଉତ, ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଆଶିଷ ରଞ୍ଜନ ଚୌଧୁରୀ, ମାନକେତନ ସେଠୀ, ଅମର ମହାନ୍ତି, ମଧବା ନନ୍ଦ ମହାପାତ୍ର, ଦୟାନ୍ତୀ ସାମଲ, ସରସ୍ୱତୀ ବେହେରା, ଜଗନ୍ନାଥ ମୁଦୁଲି, ଦିଲ୍ଲିପ କୁମାର ରାଉତ, ଦିଲ୍ଲୀପ କୁମାର ସାମଲ, ଉମେଶ ଚନ୍ଦ୍ର ଜେନା, ନିରଞ୍ଜନ ବିଶ୍ୱାଳ, ବିବେକ ସୁକ୍ଲି, ମାନଗୋବିନ୍ଦ ସେଠୀ, ମନ୍ମଥ ସାହେବ ରାୟ, ଧନେଶ୍ୱର ବେହେରା ଜ୍ଞାନରଞ୍ଜନ ସାହୁ, ପ୍ରଭାତ ଦାସ, ସଞ୍ଜୟ ବେହେରା ଯୁବନେତା ପ୍ରଦୀପ କୁମାର ମହାନ୍ତି, ରବିନ୍ଦ୍ର ସାମନ୍ତଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ସରକାରଙ୍କର ନିଷ୍ପତିର ଦୃଢ ପ୍ରତିବାଦ କରିବା ସହିତ ଏହାର ପୁର୍ନବିଚାର କରିବାକୁ ଦାବି କରିଥିଲେ। ଆରମ୍ଭରେ ବିଜେଡ଼ି କର୍ମୀ ମାନେ ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଚଣ୍ଡିଖୋଲ ଛକ ପରିକ୍ରମା କରିବା ସହିତ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ ଦେବା ସହିତ ପ୍ଲାଗ କାର୍ଡ ପ୍ରଦର୍ଶନ କରିଥିଲେ।

# ହୃଦ୍‌ରୋଗରେ ପୀଡିତ ଆଶୁତୋଷଙ୍କୁ ଆର୍ଥିକ ସହାୟତା

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ବାଲିତୁଠ ପଞ୍ଚାୟତ ଅନ୍ତର୍ଗତ ସାନକବପୁର ଗ୍ରାମର ହୃଦ୍‌ରୋଗରେ ପଡ଼ିତ ଆଶୁତୋଷ ସାହୁଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନାଯୋଗ୍ୟ, ଆଶୁତୋଷ



ଗତ କିଛି ମାସ ହେବ ହୃଦ୍‌ରୋଗରେ ପୀଡିତ ହୋଇ ବର୍ତ୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ବାପା ଜଣେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ପୁଅର ଚିକିତ୍ସା କରିବାକୁ ଅସମର୍ଥ। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଙ୍କ ଶଙ୍କେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ଉପସଭାପତି ବିଜୟ କୁମାର ସାହୁ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ, ସସ୍ମିତ ଦାସ ଏବଂ ରାକେଶ ତରାଇ ପ୍ରମୁଖ ଆଶୁତୋଷଙ୍କ ବାସଭବନରେ ପହଞ୍ଚି ତାଙ୍କ ମା'ଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଆଶୁତୋଷଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।


# ଆଇପିଟି ଡ୍ରାଇଭରଙ୍କ ସମସ୍ୟାକୁ ନେଇ ୟୁନିୟନ, ଷ୍ଟିଭେଡୋର୍ସ ଓ ଡମ୍ପର ସଙ୍ଘ ମଧ୍ୟରେ ଆଲୋଚନା ସଫଳ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଭିତରେ ଡମ୍ପର ଚଳାଉଥିବା ଡ୍ରାଇଭର ମାନେ ଗତ ଫେବୃଆରୀ ମାସରେ ବାପି ସରଖେଲ ଓ ଅନ୍ୟ ଏକ ସଙ୍ଘ ଛାଡି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ସଙ୍ଘ ପକ୍ଷରୁ ଡ୍ରାଇଭରଙ୍କର ମୁଖ୍ୟତଃ ତିନୋଟି ମୌଳିକ ଦାବୀ କୁ ନେଇ ଡମ୍ପର ମାଲିକ ସଙ୍ଘ, ଷ୍ଟିଭେଡୋର୍ସ ଆସୋସିଏସନ, ବନ୍ଦର ଅଧ୍ୟକ୍ଷ ଓ ସ୍ଥାନୀୟ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଏ ବାବଦରେ ଗତ ଗୁରୁବାର ଦିନ ହୋଟେଲ ଏମ୍ପାୟାର୍ସରେ ଷ୍ଟିଭେଡୋର୍ସ



ଆସୋସିଏସନ ସଭାପତି ମହିମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବାରିକ, ଡମ୍ପର ମାଲିକ ସଙ୍ଘ ସଭାପତି ବିଜୟ ନାୟକ ଓ ଷ୍ଟିଭେଡୋର୍ସ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଆନ୍ତଃ ବନ୍ଦର ପରିବହନ (ଆଇପିଟି) କାର୍ଯ୍ୟରେ ନିୟୋଜିତ ଡମ୍ପର ଡ୍ରାଇଭରଙ୍କ ତିନୋଟି ମୁଖ୍ୟ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଷ୍ଟିଭେଡୋର୍ସ ଓ ଡମ୍ପର ମାଲିକ ସଙ୍ଘ ଡ୍ରାଇଭରଙ୍କ ଦୁଇଟି ଦାବିକୁ ମାନିନେଇଥିଲେ। ପ୍ରତ୍ୟେକ ମାସର ୧୦ରୁ ୧୫ ତାରିଖ ମଧ୍ୟରେ ନିୟମିତ ଦରମା ସହ ଏହାକୁ ବ୍ୟାଙ୍କ ଖାତା ଦ୍ୱାରା ପ୍ରଦାନ କରିବା ଏବଂ ସମସ୍ତ ସୁରକ୍ଷା ସାମଗ୍ରୀ ଦେବାକୁ ମାନି ନେଇଥିଲେ। ତେବେ ପିଏଫ ଓ ଇଏସ୍ଆଇ ସହିତ ଡ୍ରାଇଭରଙ୍କ ଦରମା ବୃଦ୍ଧି ସଂକ୍ରାନ୍ତରେ ଆସନ୍ତା ଅକ୍ଟୋବର ୨୧ ତାରିଖ ଦିନ ପୁଣି ଏକ ବୈଠକ ବସି ନିଷ୍ପତି ନିଆଯିବ ବୋଲି ମହିମାନନ୍ଦ ମିଶ୍ର ଘୋଷଣା କରିଥିଲେ। ଏବାବଦରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କହିଛନ୍ତି ଯେ ଡ୍ରାଇଭର ମାନେ ସଠିକ ଭାବରେ ଶୃଙ୍ଖଳିତ ହୋଇ ୮ ଘଣ୍ଟା କାର୍ଯ୍ୟ କରିବେ ଏବଂ ଡମ୍ପର ମାଲିକ ସଙ୍ଘ ଡ୍ରାଇଭରଙ୍କ ଦାବିକୁ ନିଶ୍ଚିତ ଗ୍ରହଣ କରିବେ।

# ଭିଜିଲାନ୍ସ ଜାଲରେ ସିନିୟର ଆସିଷ୍ଟାଣ୍ଟ



କଟକ/ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ସରକାରୀ ଅର୍ଥ ହେରଫେର ଅଭିଯୋଗରେ କଟକ ସିଡ଼ିଏମ୍ଓ ଅଫିସ୍‌ର ସିନିୟର ଆସିଷ୍ଟାଣ୍ଟ କିଶୋର କୁମାର ସାହାଣୀଙ୍କ ଅଫିସ୍, ଘର ଓ ଚୌଦ୍ୱାର ସ୍ଥିତ ଫାର୍ମହାଉସ୍ ସମେତ ଏକକାଳୀନ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। କଟକ ସିଟି ହସ୍ପିଟାଲରେ କାର୍ଯ୍ୟରତ ଶ୍ରୀ ସାହାଣୀଙ୍କ ନାମରେ ଆୟ ବହିର୍ଭୁତ ସମ୍ପତ୍ତି ଅଭିଯୋଗରେ ଆଜି କଟକର କିଶୋରନଗର ସ୍ଥିତ ପୈତୃକ ଘର, ତୁଳସୀପୁରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର, ନୂଆସାହି, ଦେଉଳସାହି ସମେତ ଚୌଦ୍ୱାର ଥାନା ଅନ୍ତର୍ଗତ ପଳାସିଆ ସ୍ଥିତ ଫାର୍ମହାଉସ୍‌ରେ ଭିଜିଲାନ୍ସ ପକ୍ଷରୁ ଏକକାଳନୀ ଚଢ଼ାଉ ଜାରି ରହିଛି। ଶ୍ରୀ ସାହାଣୀ ଦୀର୍ଘ ବର୍ଷ ଧରି ଚାକିରି କରିଆସୁଥିବା ବେଳେ ଆଉ ମାତ୍ର ୨ବର୍ଷ ପରେ ସେ ଅବସର ନେବାକୁ ଥିବା ବେଳେ ୧କୋଟି ୨୪ଲକ୍ଷ ଟଙ୍କା ସରକାରୀ ଅର୍ଥ ହେରଫେର ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଆଜି ଭୋରରୁ ଏହି ଚଢ଼ାଉ ଜାରି ରହିଥିବା ବେଳେ ଭିଜିଲାନ୍ସ ପକ୍ଷରୁ ୯ଜଣ ଡିଏସ୍‌ପି, ୧୦ଜଣ ଇନସ୍‌ପେକ୍ଟର, ୭ଜଣ ଏଏସ୍ଆଇ ସାମିଲ ଥିବାର ଜଣାପଡ଼ିଛି। ଚୌଦ୍ୱାର ସ୍ଥିତ ଫାର୍ମ ହାଉସ୍‌ରେ ଯାଞ୍ଚ କରାଯାଇ ଆବଶ୍ୟକୀୟ କାଗଜପତ୍ରକୁ ଜବତ କରାଯାଇଛି।

# ହାଇକୋର୍ଟର ଅତିରିକ୍ତ ସରକାରୀ ଓକିଲ ବିମ୍ବିସାରଙ୍କ ପରଲୋକ


କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ଚକ୍ରଧରପୁର ଶାସନର ସ୍ୱର୍ଗତ ଲମ୍ବୋଧର ଦାଶଙ୍କ ବଡପୁଅ ତଥା ଓଡିଶା ଉଚ୍ଚ ନ୍ୟାୟାଳୟର ଅତିରିକ୍ତ ସରକାରୀ ଓକିଲ ବିମ୍ବିସାର ଦାଶ(୬୨)ଙ୍କ ଆକସ୍ମିକ ବିୟୋଗ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ କରଞ୍ଜିଆ ତଥା ସମଗ୍ର ମୟୁରଭଞ୍ଜ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲାର ଜଣେ ସୁଯୋଗ୍ୟ ସନ୍ତାନ ଏବଂ ଦକ୍ଷ ଓ ସଚୋଟ ଆଇନଜୀବୀ ଭାବେ ପରିଚିତ ବିମ୍ବିସାରଙ୍କ ପାଇଁ ଜିଲ୍ଲାର ଅଧିକାଂଶ ଓକିଲ, ବୁଦ୍ଧିଜୀବୀ ଶୋକପ୍ରକାଶ ସହ ପରିବାରକୁ ସ୍ୱାନ୍ତନା ଦେଇଛନ୍ତି। ସ୍ୱର୍ଗତ ବିମ୍ବିସାର କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ହୃଦଘାତ ସମସ୍ୟା ନେଇ ଚିକିତ୍ସିତ ହେବା ପରେ ବୁଧବାର କଟକସ୍ଥିତ ବାସଭବନକୁ ଫେରିଥିଲେ। ମାତ୍ର ରାତି ପ୍ରାୟ ୧୦.୩୦ରେ ସେ ଅସୁସ୍ଥ



ଅନୁଭବ କରିଥିଲେ ଏବଂ ତତକ୍ଷଣାତ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ସମୟରେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ସମୟରେ ରାଜ୍ୟ ଆଇନମନ୍ତ୍ରୀ , ଆଡଭୋକେଟ ଜେନେରାଲ କାର୍ଯ୍ୟାଳୟର ପଦାଧିକାରୀ ଓ ଅନେକ ବରିଷ୍ଠ ଓକିଲ ଯୋଗଦେଇ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବେନିୟମ କାର୍ଯ୍ୟ ବିରୋଧରେ କଣ୍ଟାପଡା ବିଜେଡିର ବିକ୍ଷୋଭ

କଣ୍ଟାପଡା (ଭାସ୍କର ନ୍ୟୁଜ୍) : ସରକାରଙ୍କ ସମସ୍ତ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରିବା ସହ ଗଣତନ୍ତ୍ରର ମୂଳ ପିଣ୍ଡ ଗ୍ରାମପଞ୍ଚାୟତର କ୍ଷମତାକୁ ପାଦରେ ଆଡେଇ ଦେଇ କଣ୍ଟାପଡା ବ୍ଲକ ପ୍ରଶାସନ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ କଣ୍ଟାପଡା ବିଜୁ ଜନତା ଦଳ ତରଫରୁ ତୀବ୍ର ବିରୋଧ କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଆଜି ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଓ ନିର୍ବାଚିତ ଜନପ୍ରତିନିଧି ମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ଆଜି କଣ୍ଟାପଡା ବିଜୁ ଜନତା ଦଳ ତରଫରୁ କଣ୍ଟପଡା ବ୍ଲକ ପ୍ରଶାସନର ମନମୁଖୀ ବେନୀୟମ କାର୍ଯ୍ୟ ବିରୋଧରେ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ନିଆଳି ବିଜେଡିର ସର୍ବମାନ୍ୟ ନେତା ପ୍ରଫେସର ଡ଼ାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ କଣ୍ଟାପଡା ବିଜୁଜନତା ଦଳ ସଭାପତି କୈଳାସ ଚନ୍ଦ୍ର ମହାରାଣାଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ଓ ନିର୍ବାଚିତ ଜନପ୍ରତିନିଧିମାନେ ଏକାଠି ହୋଇବିକ୍ଷୋଭ ପ୍ରର୍ଦଶନ କରିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନା/ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜନପ୍ରତିନିଧିଙ୍କ ପରାମର୍ଶକୁ ଉପେକ୍ଷା କରିବା ଓ ବହୁସଂଖ୍ୟାରେ ହିତାଧିକାରୀ ଯୋଜନାରୁ ବାଦ ପଡିବା, ଗ୍ରାମ ସଭା କରାଯାଇ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ତାଲିକା ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ନିର୍ବାଚିତ ଜନପ୍ରତିନିଧିଙ୍କ ପରାମର୍ଶକୁ ଉପେକ୍ଷା କରାଯିବା, ପ୍ରଧାମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇ ଅତୀତରେ ପ୍ରକଳ୍ପ ତାଲିକା ଚୂଡାନ୍ତ ହୋଇଥିବା ବେଳେ କାର୍ଯ୍ୟକାରି ସମୟରେ ସରପଞ୍ଚ ଓ ଗଠିତ କମିଟିକୁ ଅଣଦେଖା କରାଯିବା, ସେହିପରି ସାମାଜିକ ସୁରକ୍ଷା ଆଇନ ଅନ୍ତର୍ଗତ ବାର୍ଦ୍ଧକ୍ୟ/ବିଧବା/ଭିନ୍ନକ୍ଷମ ଭତ୍ତା ଯୋଜନାରେ ବହୁ ହିତାଧିକାରୀ ସରକାରଙ୍କ ନୂତନ ମାସିକ ଭତ୍ତା ପାଇବାରୁ ବଞ୍ଚିତ ହେବା, ମହିଳା ଶସକ୍ତି କରଣ ଓ ବିଭିନ୍ନ ସାମାଜିକ ଅର୍ଥନୈତିକ କାର୍ଯ୍ୟକ୍ରମରେ ପଞ୍ଚାୟତ ମହିଳା ମହାସଂଘ ଓ ବ୍ଲକ ମହିଳା ମହାସଂଘକୁ ଉପେକ୍ଷା କରାଯିବା, ବ୍ଲକର ବିଭିନ୍ନ ଯୋଜନାରେ ଅନୁମୋଦିତ ହୋଇଥିବା ପ୍ରକଳ୍ପ ଗୁଡିକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲେ ମଧ୍ୟ ସେମାନଙ୍କ ଅନୁପସ୍ଥିତରେ ଏଜେଣ୍ଟ ମାନଙ୍କ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ କରାଯିବା ଓ କୌଣସି ମଞ୍ଜୁରି ନଥାଇ, ଅର୍ଥବ୍ୟବସ୍ଥା ନଥାଇ ଏପରିକି ଜିଓ ଟ୍ୟାଗ କରାନଯାଇ ମଧ୍ୟ ବ୍ଲକର ପ୍ରାୟ ସବୁ ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଛି। ଯାହାକି ସମ୍ପୂର୍ଣ୍ଣ ବେନିୟମ କାର୍ଯ୍ୟ ବୋଲି ଦଳ ତରଫରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ପୂର୍ବରୁ ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ



କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଦଳ ତରଫରୁ ଏପରି ବିକ୍ଷୋଭ କରାଯାଉଛି ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଶେଷରେ ଉପରୋକ୍ତ ସମସ୍ତ ଦାବିକୁ ନେଇ ପୁନରାୟ ଏକ ସ୍ମାରକ ପତ୍ର କଣ୍ଟାପଡା ବିଡିଓ ସ୍ୱପ୍ନୀତା ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ପିୟୁଷ ରଞ୍ଜନ ମିଶ୍ର, କ୍ରିଷ୍ଣାରାଣୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମିତାରାଣୀ ସ୍ୱାଇଁ, ଅଭିମନ୍ୟୁ ମଲିକ, ବିମାନ ବିହାରୀ ବେହେରା, ପ୍ରଶାନ୍ତ ପାଢ଼ୀ,ସରପଞ୍ଚ ସୁବ୍ରତ ଦାଶ, ତୃପ୍ତି ମୟୀ ରାଉତ, ମାନସୀ ମଲିକ, ସୁବ୍ରତ ପାତ୍ର, ନକୂଳ ରାଉତ, ଶିତିକାନ୍ତ ପ୍ରଧାନ, କବି ପ୍ରସାଦ ବେହେରା, ଧର୍ମବୀର କାନୁନଗୋଙ୍କ ସମେତ ଏକ ହଜାର ରୁ ଉର୍ଦ୍ଧ୍ୱ କର୍ମୀମାନେ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ, ଓଲଟପୁର ଥାନା ଅଧିକାରିଣୀ କାଦମ୍ବିନୀ ପରିଡାଙ୍କ ସହ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା।

# ଜୀବନ ସହ ସଂଗ୍ରାମ କରୁଛି ଭିନ୍ନକ୍ଷମ ନାବାଳକ, ସହାୟତା ପାଇଁ ସରକାରଙ୍କୁ ଗୁହାରି

ବାଙ୍କୀ (ଭାସ୍କର ନ୍ୟୁଜ୍) : ସରକାର ବିଭିନ୍ନ ସମୟରେ ଗରିବ, ଭିନ୍ନକ୍ଷମ, ଅସହାୟ, ଦିନ ମଜୁରିଆ ପରିବାର ଲୋକଙ୍କ ଭିନ୍ନ ଭିନ୍ନ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଲୋକପ୍ରତିନିଧି ଓ ପ୍ରଶାସନର କାର୍ଯ୍ୟରେ ଅବହେଳା ଯୋଗୁ ସାଧାରଣ ଲୋକ ସରକାରୀ ଯୋଜନାରୁ ବଞ୍ଚିତ ରହିଥାନ୍ତି। ଜଣେ ହରିଜନ ପରିବାରରେ ଜନ୍ମିତ ୧୩ ବର୍ଷର ଭିନ୍ନକ୍ଷମ ନାବାଳକ ସରକାରୀ ସୁବିଧାରୁ ବଞ୍ଚିତ ଥିବା ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ପଞ୍ଚାୟତରେ। ସୂଚନା ଥାଉ କି ବୈଦେଶ୍ୱର ଗ୍ରାମର ୪ନଂ ୱାର୍ଡରେ ଶୈଳବାଳା ମହାଳିକ(୩୫)ଙ୍କ ପରିବାର ଲୋକେ ବାସ କରନ୍ତି। ପରିବାର କହିଲେ ସ୍ୱାମୀ ଓ ଦୁଇଟି ପୁଅ। ବିଲବାଡ଼ି କିଛି ନଥିବା ବେଳେ ସ୍ୱାମୀ ଜିତେନ୍ଦ୍ର ମହାଳିକ (୩୭) ଦିନମଜୁରିଆ ଭାବେ କାର୍ଯ୍ୟ କରି ଯେଉଁ ଦି ପଇସା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା କଷ୍ଟକର। ବଡ଼ପୁଅ ସିଦ୍ଧେଶ୍ୱର ମହାଳିକ ଦେଢ଼ ବର୍ଷ ବୟସରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ କୁକୁର କାମୁଡି ଦେଇଥିଲା। ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଠୁ ଆରମ୍ଭ କରି କଟକ ଶିଶୁ ଭବନ ଓ ବିଭିନ୍ନ ଘରୋଇ ଚିକିତ୍ସାଳୟରେ ଡ଼ାକ୍ତର




ଦେଖାଇ ସର୍ବସ୍ୱାନ୍ତ ହୋଇପଡିଥିବା ବେଳେ ଅର୍ଥ ଅଭାବରୁ ଆଉ ଚିକିତ୍ସା କରିନପାରିବାରୁ ଆଜକୁ ୧୧ ବର୍ଷ ହେଲା ପୁଅ ବିଛଣାରେ ପଡ଼ିରହିଛି ବୋଲି କୋହଭରା କଣ୍ଠରେ କହିଛନ୍ତି ମା' ଶୈଳବାଳା। ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସରକାରୀ ବାବୁ ମାନଙ୍କୁ ବହୁ ନେହୁରା ହୋଇ ଗୁହାରୀ କରିଥିଲେ ମଧ୍ୟ ତାଙ୍କ ଦୁଃଖ କେହି ଶୁଣିନଥିବା କହିଛନ୍ତି ସେ। ରାସନ କାର୍ଡରେ ନାମ ଥିଲେ ମଧ୍ୟ ଚାଉଳ କଟାଯାଇଥିବା ବେଳେ ଭିନ୍ନକ୍ଷମ ସାର୍ଟିଫିକେଟ ୧୦୦ ପ୍ରତିଶତ ମିଳିଥିବା ବେଳେ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଏହି ଭିନ୍ନକ୍ଷମ ବାଳକ ସିଦ୍ଧେଶ୍ୱର। ରାସନ କାର୍ଡରେ ମାତ୍ର ୧୦ କିଲୋ ଚାଉଳ ଓ ସ୍ୱାମୀଙ୍କ ମଜୁରୀ ଟଙ୍କାରେ ଘରେ ଚଳିବା କଷ୍ଟ ହେଉଥିବା ବେଳେ ଅର୍ଥ ବାଧକ ସାଜିଥିବାରୁ ଭିନ୍ନକ୍ଷମ ପୁଅକୁ ଟିକେ ଭଲରେ ଖାଇବାକୁ କିଣି ଦେଇ ପାରୁନଥିବା ଅତି ଦୁଃଖର ସହ କୁହନ୍ତି ଶୈଳବାଳା। ଯଦି ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ମେଡିକାଲ ସୁବିଧା ମିଳିପାରନ୍ତା ତେବେ ଉକ୍ତ ଭିନ୍ନକ୍ଷମ ବାଳକଟି ସୁସ୍ଥ ହୋଇ ପାଠପଢି ଭଲ ମଣିଷଟିଏ ହୋଇପାରିବ ବୋଲି ପରିବାର ଲୋକେ ଆଶା ବାନ୍ଧି ରଖିଛନ୍ତି। ଅର୍ଥ ବାଧକ ସାଜିଥିବାରୁ ପୁଅର ଆରୋଗ୍ୟ ନିମନ୍ତେ ଭଗବାନଙ୍କ ଉପରେ ଭରସା କରି ହାତ ଟେକି ଦେଇଛନ୍ତି ପରିବାର ଲୋକେ। ଭତ୍ତା ସହିତ ଅନ୍ତୋଦୟ ଯୋଜନାରେ ସାମିଲ କରି ବାଙ୍କୀ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଭିନ୍ନକ୍ଷମ ପରିବାରକୁ ୩୫ କିଲୋ ଚାଉଳ ଯୋଗଦେଲେ ଭୋକ ଉପାସରେ ଦିନ କାଟୁଥିବା ପରିବାର ଦି ଓଳି ଦିମୁଠା ଶାନ୍ତିରେ ଖାଇ ବଞ୍ଚି ପାରିବେ ବୋଲି ପରିବାର ଲୋକଙ୍କ ସହିତ ସ୍ଥାନୀୟ ଲୋକେ ମଧ୍ୟ ଅନୁରୋଧ କରିଛନ୍ତି। ଏଥିପ୍ରତି ବାଙ୍କୀ ପ୍ରଶାସନ କିମ୍ବା କଟକ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ଉକ୍ତ ଭିନ୍ନକ୍ଷମ ବାଳକକୁ ସରକାରୀ ସୁବିଧା ଓ ମେଡିକାଲ ସୁବିଧା ଯୋଗାଇଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି। ଯଦି କୌଣସି ଅନୁଷ୍ଠାନ, ଫାଉଣ୍ଡେସନ ଓ ହୃଦୟବାନ୍ ସହଯୋଗୀ ବ୍ୟକ୍ତି ଏହି ଭିନ୍ନକ୍ଷମ ବାଳକ ଙ୍କ ଆରୋଗ୍ୟ ନିମନ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ଚାହାନ୍ତି ତେବେ ଏହି ନମ୍ବର ମୋବାଇଲ ନମ୍ବର ୮୩୨୮୯୪୨୮୩୬ରେ ଯୋଗାଯୋଗ କରିବା ସହିତ ଗ୍ରାମ୍ୟ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ୪୧୧୧ ୩୪୦୦୬୦୦୫୪୦୮ / କୋଡ ନଂ 10BAOROGB01 ଯୋଗାଯୋଗ କରିବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି। ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କୁ ପଚାରିବାରୁ କହିଲେ ତଦନ୍ତ କରି ସରକାରୀ କ୍ଷେତ୍ରରେ ପ୍ରଥମେ ଭତା ଯୋଗାଇଦିଆଯିବ ସହ ସରକାରୀ ସୁବିଧା ଯୋଗାଇ ଦିଆଯିବ। ମେଡିକାଲ ଚିକିତ୍ସା ନିମନ୍ତେ ଜିଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଡ଼ିଓ ଭୋଳ କହିଛନ୍ତି।

# ରାଶିଫଳ


**ଶନିବାର, ୨୩ ଅଗଷ୍ଟ ୨୦୨୫**



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ। ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ। ବିବାହିତ ଜୀବନ ଭଲ ହେବ। ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ। ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ। କାର୍ଯ୍ୟରେ ଅଳ୍ପ ସମୟ ରହିପାରେ।




**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ। ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ,, ଯାହା ଲାଭଦାୟକ ହେବ। ପରିବାର ସହିତ ଏକ ଖୁସିର ଦିନ ବିତାଇବ। ପିକନିକ୍ କିମ୍ବା ଅନ୍ୟ କୈଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ। ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ। ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ। ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ। ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ। ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ। ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ। ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ। ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ। ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିବ।




**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ। ବ୍ୟବସାୟରେ ଲାଭଜନକ କାରବାର ହେବ। ନୂତନ ବିନିଯୋଗ ସୁଯୋଗ ମିଳିବ। ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଇଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ। ବୌଦ୍ଧିକ ଏବଂ ଲେଖା କାର୍ଯ୍ୟରେ ସକ୍ରିୟ ହୋଇପାରେ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ। ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ। ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ। ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍): କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ମାରଡ଼ାପାଲ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଏମ.ପି.ଭି. ୧୮(ବି )ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ମା ' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବନ ବିଭାଗ, କାଳିମେଲା ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ବନବିଭାଗ ଏସିଏଫ ପ୍ରିୟଙ୍କା ମହୁଲା ମୁଖ୍ୟ ଅତିଥି, ଅସିତ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣାକରା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଅତିଥି ପରିଚୟ ସହ ଅତିଥିମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥି ଗଣ ଉପସ୍ଥିତ ଛାତ୍ର ଛାତ୍ରୀ, ଗ୍ରାମବାସୀ, ମହିଳାମାନଙ୍କୁ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ। ବନବିଭାଗ ତରଫରୁ ବିଦ୍ୟାଳୟ ପରିସରମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଆମ, ପଣସ, ଦେବଦାରୁ, ବଉଳ, ଛତିଆନା, କଦମ୍ବ ପ୍ରଭୃତି ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ ସରକାର, ଗ୍ରାମ କମିଟି ସଭାପତି ବିଜୟ ମଲ୍ଲିକ,ୱାର୍ଡ ମେମ୍ବର ଗ୍ରାମ ପୂଜାରୀ, ବିଦ୍ୟାଳୟ ସହକାରୀ ଶିକ୍ଷକ ରାମା ପୂଜାରୀ,ଏମ. ଭି. ୨୫ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରାନୀ ମଣ୍ଡଳ, ସହକାରୀ ଶିକ୍ଷୟିତ୍ରୀ ସଂଗୀତା ନାୟକ, ରାଖାଲଗୁଡା ଉ. ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବପ୍ରସାଦ ସାମନ୍ତରାୟ, ଏମ. ଭି. ୨୫ଉ. ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମା ପଡିଆମୀ ପ୍ରମୁଖ ବିଦ୍ୟାଳୟ ପରିସରମଧ୍ୟରେ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ । ମାରିଡ଼ାପାଲ ସି. ଆର. ସି. ସି ଉତ୍ତମ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସମାପ୍ତ ଘୋଷଣା କରାଯାଇଥିଲା ।



ଖମାରୀପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାସେବା ବିପର୍ଯ୍ୟସ୍ତ

# ୯ ଶ୍ରେଣୀ ପାଇଁ ଅଛନ୍ତି ୪ ଶିକ୍ଷକ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ସରକାରୀ ସ୍କୁଲକୁ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ମାଗଣା ପୋଷାକ, ବହି, ଜୋତା ମୋଜା ଓ ମଧ୍ୟାହ୍ନ ଭୋଜନ ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ଗୁଣାତ୍ମକ ଶିକ୍ଷା ପ୍ରତି ଗୁରୁତ୍ୱ ଦେଉନଥିବାରୁ ଦିନକୁ ଦିନ ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ର ଛାତ୍ରୀମାନେ ମୁହଁ ମୋଡୁଛନ୍ତି ଏବଂ ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ବଢୁଛି । ଏହାର ଜ୍ୱଳନ୍ତ ଉଦାହରଣ ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ ଖମାରୀପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବିପର୍ଯ୍ୟସ୍ତ ହୋଇ ପଡିଛି। ୧୯୫୪ ମସିହାରେ ସ୍ଥାପିତ ହୋଇଥିବା ଏହି ସ୍କୁଲରେ ବର୍ତ୍ତମାନ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୬ ଜଣ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ଏମାନଙ୍କ ପାଇଁ ଅଛନ୍ତି ମାତ୍ର ୪ ଜଣ ଶିକ୍ଷକ। ଫଳରେ ଶିକ୍ଷା ସେବା ଭୁଶୁଡି ପଡିଛି। ଠିକ୍ ଭାବେ ପାଠପଢ଼ା ହୋଇପାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦିନକୁ ଦିନ ଛାତ୍ରଛାତ୍ରୀ ସଂଖ୍ୟା କମିବାରେ ଲାଗିଛି । ଏଠାରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବିଞ୍ଚୁ ଦେହୁରୀ ମେ ୨୦୨୪ ମସିହାରେ ଅବସର ଗ୍ରହଣ କରିଛନ୍ତି। ବର୍ଷେ ରୁ ଊର୍ଦ୍ଧ୍ୱ ହେଲା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି ସତ୍ୟପ୍ରିୟ ପ୍ରଧାନ। ପ୍ରାଥମିକ ଶିକ୍ଷା ଦାନ ପାଇଁ ୩ ଜଣ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୨ ଜଣ ଶିକ୍ଷକ ଆବଶ୍ୟକ ହେଉଥିବା ବେଳେ ୪ ଜଣ ଶିକ୍ଷକ ଅଛନ୍ତି । ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ଗ୍ରାମ ବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉନ ଥିବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୨୯ ନକ୍ସଲଙ୍କ ଆତ୍ମସମର୍ପଣ, ୭ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଏବଂ ନାରାୟଣପୁର ଜିଲ୍ଲା ପୋଲିସ ନିକଟରେ ୨୯ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ସରକାର ୫୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିପରି ବିଭିନ୍ନ ଥାନା ପକ୍ଷରୁ ୭ ଜଣ ଦୁର୍ଦ୍ଦାନ୍ତ ନକ୍ସଲଙ୍କୁ ଗିରଫ କରାଯାଇଛି। ଦାନ୍ତେୱାଡ଼ା ଜିଲ୍ଲା ପୁଲିସ ନିକଟରେ ୨୫ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ୧୩ ଜଣ ନକ୍ସଲ ସମେତ ୨୧ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ । ଏମାନଙ୍କ ମଧ୍ୟରୁ କାୟେ ଓରଫ କେସା ଲଖମା ନାମରେ ୮ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ସେହିପରି ନାରାୟଣପୁର ଜିଲ୍ଲା ପୁଲିସ ନିକଟରେ ୩୦ ଲକ୍ଷ ଟଙ୍କା ଘୋଷିତ ୬ ମହିଳା ନକ୍ସଲ ସହ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ସଂଗଠନରେ ହେଉଥିବା ଭେଦଭାବ, ନିର୍ଯାତନା, ପୁଲିସର ତତ୍ପରତା ଯୋଗୁଁ ଭୟଭୀତ ହୋଇ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ପ୍ରଶାସନ ତରଫରୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଯୁଗଲାଲ ଓ ହିମାଂଶୁ ନାମରେ ୮ ଲକ୍ଷ, କମଳ। ଓ ସୁନିତା ନାମରେ ୫ ଲକ୍ଷ ଏବଂ କାଗ୍‌ରେ ନକ୍ସଲମାନଙ୍କ ନାମରେ ୧ ଲକ୍ଷ ଲେଖାଏଁ ରହିଥିବା ପୁଲିସ କହିଛି। ସେହିପରି ବିଜାପୁର ପୁଲିସ ୫ ଜଣ ନକ୍ସଲଙ୍କୁ ଗିରଫ କରିଥିବା ବେଳେ ସୁକମା ପୁଲିସ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ନକ୍ସଲମାନଙ୍କ ନାମରେ ମଧ୍ୟ ୮ ଲକ୍ଷ ଟଙ୍କା ପୁରସ୍କାର ରହିଥିବା ପୋଲିସ କହିଛି ।

# ବନ୍ଦ ହେଲା ବେଆଇନ ଘରୋଇ ଛାତ୍ରାବାସ ଡ୍ରିମ୍ ସେଣ୍ଟର



ପାରଳାଖେମୁଣ୍ଡି , (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବି. ସାତାପୁରଠାରେ ବେଆଇନ ଭାବେ ପରିଚାଳିତ ଏକ ଘରୋଇ ଛାତ୍ରାବାସକୁ ଜିଲ୍ଲା ପ୍ରଶାସନ ତରଫରୁ ବନ୍ଦ କରାଯାଇଛି। ପ୍ରକାଶ ଥାଉକି କି ସୀତାପୁରଠାରେ ଦୀର୍ଘ ଦିନରୁ ବେଆଇନଭାବେ ଗୁଡ ନିଉଜ ଇଣ୍ଡିଆ, ଡ୍ରିମ ସେଣ୍ଟର ନାମରେ ଏକ ଘରୋଇ ଛାତ୍ରାବାସ ଚାଲିଥିଲା । ଘରୋଇ ଛାତ୍ରାବାସର ପ୍ରକୃତ ମାଲିକ, ଛାତ୍ରାବାସ ଚାଲିବା ବିରୁଦ୍ଧରେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ ଓଡ଼ିଶା ମାନବଅଧିକାର କମିଶନଙ୍କର ଦ୍ୱାରସ୍ଥ ହୋଇଥିଲେ । ଜାତୀୟ ଶିଶୁ ସୁରକ୍ଷା ଆୟୋଗଙ୍କର ନିର୍ଦ୍ଦେଶାବଳୀ (ଘରୋଇ ଛାତ୍ରାବାସ ପଞ୍ଜୀକରଣ )-୨୦୧୮ ଅନୁସାରେ ପ୍ରଥମେ ଜିଲ୍ଲାପାଳ,ଜିଲ୍ଲା ଶିକ୍ଷା ଅଧିକାରୀ, ଗଜପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶାବଳୀ ଅନୁସାରେ ତର୍ଜମା କରି, ଅନୁଷ୍ଠାନର ଦରଖାସ୍ତକୁ ରଦ୍ଦ କରିଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରି ଘରୋଇ ଛାତ୍ରାବାସର ଦରଖାସ୍ତ , ମାନ୍ୟବର ଉଚ୍ଚତମ ନ୍ୟାୟଳୟର ନିର୍ଦ୍ଦେଶ ଉପରେ ଆଲୋଚନା କରିବାପରେ ଛାତ୍ରାବାସକୁ ବନ୍ଦ କରି , ସମସ୍ତ ଅନ୍ତେବାସୀଙ୍କୁ ଶିଶୁ ମଙ୍ଗଳ ସମିତି, ଗଜପତିଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ନିର୍ଦ୍ଦେଶ ଥିଲା । କମିଟିର ସମସ୍ତ ଅଧିକାରୀ ଉକ୍ତ ନିର୍ଦ୍ଦେଶନୁସାରେ ଗୁଡ ନିଉଜ ଇଣ୍ଡିଆ ଡ୍ରିମ ସେଣ୍ଟରରେ ପହଞ୍ଚି , ସେଠାରେ ରହୁଥିବା ସମସ୍ତ ୬୮ ଅନ୍ତେବାସୀଙ୍କର ବିବରଣୀ ସଂଗ୍ରହ କରିବା ପରେ ଉପସ୍ଥିତ ଥିବା ୧୮ ଅନ୍ତେବାସୀଙ୍କୁ ଶିଶୁ ମଙ୍ଗଳ ସମିତି, ଗଜପତିଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏହା ପରେ ଶିଶୁ ମଙ୍ଗଳ ସମିତି ସମସ୍ତ ଅନ୍ତେବାସୀଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରିଥିଲେ । ଅନ୍ୟପକ୍ଷେ ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ ଅନ୍ତେବାସୀମାନଙ୍କୁ ଉପଯୁକ୍ତ ଶିକ୍ଷାନୁଷ୍ଠାନ / ଛାତ୍ରାବାସରେ ଥଇଥାନ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ଏ ବଂ ଜିଲ୍ଲା ଶିକ୍ଷା ଅଧିକାରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସଚେତନତା ରଥର ଶୁଭାରମ୍ଭ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସଂପର୍କିତ ସଚେତନା ରଥର ଶୁଭାରମ୍ଭ ହୋଇଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଏଲଏମ ବିପିମ୍ ପାଙ୍କଜିନୀ ତରାସିଆ, ବି ଏଲ ସି ପ୍ରଶାନ୍ତ ନନ୍ଦ , ମିଶନ ଶକ୍ତି ବିପିସି ବିଭୂତି ଭୂଷଣ ମିଶ୍ର ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ।

# ପଦ୍ମପୁର ଏନ୍ଏସି ମାନ୍ୟତା ଦାବି ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଗୁଣୁପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏନ୍ଏସି ମାନ୍ୟତା ନେଇ ସଂକ୍ଷିପ୍ତ ତାଲିକା ଘୋଷଣା କରିବା ପରେ ଏହି ତାଲିକାରୁ ବାଦ ପଡିଥିବା ରାୟଗଡା ଜିଲ୍ଲା ପଦ୍ମପୁର ଅଞ୍ଚଳ ରେ ଜନସାଧାରଣ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୨୦୧୧ ଜନଗଣନା ରେ ଲୋକସଂଖ୍ୟା ଅନୁଯାୟି ପଦ୍ମପୁର କୁ ଏନଏସି ମାନ୍ୟତା ପୂର୍ବ ସରକାର ଙ୍କ ଅମଳରେ ଘଷଣା ହୋଇଥିଲା। ସେହି ସମୟରେ ଲୋକ ସଂଖ୍ୟା ଅଧିକା ରହିଛି। ବର୍ତ୍ତମାନ ସରକାର ଯେଉଁ ତାଲିକା ଘୋଷଣା କଲେ ପଦ୍ମପୁର କୁ ବାଦ୍ ଦିଆଯାଇଛି। ଏଣୁ ଗୁରୁବାର ଦିନ ଗୁଣୁପୁର ନିର୍ବାଚନ ମଣ୍ଡଳିର କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଅଭିଶେକ ଦିଲିପ୍ ଦୁଧାଲ ଙ୍କୁ ଭେଟି ଜିଲ୍ଲାପାଳ ଙ୍କ ଉଦେଶ୍ୟରେ ପଦ୍ମପୁରକୁ ଏନଏସି ମାନ୍ୟତା ଦାବୀ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାପରେ ନଗର ଉନ୍ନୟନ ମନ୍ତ୍ରୀ ଓ ସଚିବ ଙ୍କୁ ଏକ ପ୍ରତିନିଧି ଦଳ ଦେଖାକରି ଦାବି ଜଣାଇବେ। ଦାବିମୁତାବକ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ କଂଗ୍ରେସ ଦଳ ଓ ପଦ୍ମପୁର ଜନସାଧାରଣ ରାଜ ରାସ୍ତା କୁ ଓହ୍ଲାଇବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ତୁର୍ଲାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁର୍ଲା ଗାଁ ରେ କେନ୍ଦୁପତ୍ର ବିଭାଗ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ରୂପେ କେନ୍ଦୁପତ୍ର ବିଭାଗ ପାଟଣାଗଡ ଏ ସି ଏଫ୍ ପ୍ରଭାତୀ ସେଠୀ, ଧଣ୍ଡାମୁଣ୍ଡା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଦିନବନ୍ଧୁ ପଟେଲ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ର ଆଭିମୁଖ୍ୟ ଉପସ୍ଥାପନ ସହିତ କେନ୍ଦୁପତ୍ର ତୋଳାଳୀ, କେନ୍ଦୁପତ୍ର ବନ୍ଧେଇ ଶ୍ରମିକ ତଥା ଜନସାଧାରଣ ଉପକୃତ ହେବେ ବୋଲି କହିଥିଲେ। ଏହି ଅବସରରେ ୧୬୭ ଜଣ ମହିଳା ପୁରୁଷ ଙ୍କ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡାକ୍ତର ବିନୟ କୁମାର ମେହେର, ଡାକ୍ତର ରଶ୍ମିତା ବେହେରା , ଫାର୍ମାସୀ ଅଫିସର ଗଗନ ବିହାରୀ ପଣ୍ଡା , ଏ ଏନ ଏମ କାଦମ୍ବିନି ପୁରୋହିତ, ଫରେଷ୍ଟର ଉପେନ୍ଦ୍ର ଧରୁଆ , ଫରେଷ୍ଟର ସତ୍ୟନାରାୟଣ ପୁଟେଲ ପ୍ରମୁଖଙ୍କ ସମେତ କେନ୍ଦୁପତ୍ର ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

# ସଦ୍ଭାବନା ଦିବସ ପାଳିତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମାଇଁ ଭାରତ ଫୁଲବାଣୀ ତରଫରୁ ସରକାରୀ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟ ସଭାଗୃହ ଫୁଲବାଣୀ ଠାରେ ସଦଭାବନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର୍ ନାୟକ ଯୋଗ ଦେ ଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସପ୍ରାପ୍ତ ଶିକ୍ଷା ବିଭାଗର ଏଏସଆଇ ନବ କିଶୋର ରଥ, ଜିଲ୍ଲା ନିଯୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର, ଶିଶୁ ସମାଜ ମଙ୍ଗଳ କାର୍ଯ୍ୟାଳୟ କମିଟିର ସଦସ୍ୟ ପ୍ରଫେସର ପ୍ରସନ୍ନ ବିଶୋଇ, ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ଫୁଲବାଣୀର ସୁବ୍ରତ କୁମାର ଦାସ, ଭିକ୍ରମ୍ ଦାସ, ସରିତା ପଟ୍ଟନାୟ କ, ସେଲିନାମୟୀ ରାୟ ଏବଂ ମାଇଁ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇ ଥିଲେ । ଏହି ଦିବସ ରେ ସ୍ୱର୍ଗତ୍ ପ୍ରଧାମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୀବନୀ ଉପରେ ଆଲଚନା ମୁଖ୍ୟ ବିଷୟ ବସ୍ତୁ ଥିଲା । ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଲାସି ନାୟକ ପ୍ରଥମ, ରଞ୍ଜନ କଂହର୍ ଦ୍ୱିତୀୟ ଏବଂ ପପିନା ପ୍ରଧାନ, ତୃତୀୟ ହୋଇଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ କ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବୈଠକରେ ମାଇ ଭାରତ କନ୍ଧମାଳର ସହ କର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ମିନୀ କଂହର ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଶିଶୁଶ୍ରୀ'ର ୧୮୯ତମ ସଂସ୍କରଣ ଆୟୋଜିତ



ବରଗଡ଼, (ଭାସ୍କର ନ୍ୟୁଜ୍): ପୁସ୍ତକ କେବଳ ମନୁଷ୍ୟର ଅନ୍ତର୍ଦୃଷ୍ଟିକୁ ପରିବର୍ତ୍ତନ କରି ନଥାଏ ବରଂ ସମଗ୍ର ଜୀବନକୁ ବଦଳାଇବାରେ ସକ୍ଷମ ହୋଇଥାଏ। ବ୍ୟକ୍ତିର ବ୍ୟକ୍ତିତ୍ୱ କୁ ବଦଳାଇ ସାଧାରଣକୁ ଅସାଧାରଣରେ ପରିବର୍ତ୍ତିତ କରିଦେଇଥାଏ ଓ ଆମଭଳି ଛାତ୍ରଛାତ୍ରୀ ମାନଙ୍କ ମାର୍ଗ ଦର୍ଶନ କରି ସଫଳତାର ରାସ୍ତା ଦେଖେଇ ଥାଏ ବୋଲି ସ୍ଥାନୀୟ ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟ ଠାରେ ଆୟୋଜିତ ୧୮୯ତମ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ମତାମତ ରଖିଛନ୍ତି ଉକ୍ତ ମହାବିଦ୍ୟାଳୟର ଯୁକ୍ତଦୁଇ ଶ୍ରେଣୀର ଛାତ୍ରଛାତ୍ରୀମାନେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ଆୟୋଜିତ ୧୮୯ତମ ସଂସ୍କରଣ ଅବସରରେ ପ୍ରଦର୍ଶିତ ପୁସ୍ତକରୁ ପସନ୍ଦ ମୁତାବକ ପୁସ୍ତକ ପଠନ କରି ପଠିତ ପୁସ୍ତକ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ମାନେ ଆଗ୍ରହର ସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ଆଲୋଚନାରେ ଭାଗନେଇ ଥିଲେ। ସେମାନଙ୍କ ମଧ୍ୟରୁ କପିଳ ପ୍ରଧାନ, ଓପାଲିନା ରିୟାନା ରଥ ଓ କିରନ ଷାଣ୍ଢ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଶିଶୁଶ୍ରୀ'ର ଆବାହକ ଡକ୍ଟର ରବିନାରାୟଣ ସାହୁ ଓ କଲେଜର ନିର୍ଦ୍ଦେଶକ ଡକ୍ଟର ପ୍ରଦୀପ କୁମାର ହୋତା ଉପସ୍ଥିତ ଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ଷ୍ଟାର୍ଟ-ଅପ୍ ଓ ନବସୃଜନ ଭିତ୍ତିକ ପ୍ରତିଯୋଗିତା




ବରଗଡ଼, (ଭାସ୍କର ନ୍ୟୁଜ୍): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଷ୍ଟାର୍ଟ ଅପ୍ ଏବଂ ନବସୃଜନ ଭିତ୍ତିକ ପ୍ରତିଯୋଗିତାଗୁଡ଼ିକ ଅଞ୍ଚଳ ମହାବିଦ୍ୟାଳୟ ପଦମପୁରରେ ଅଧକ୍ଷ ଖଗେଶ୍ୱର ଦାଶଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାଗୁଡ଼ିକର ତିନୋଟି ମୁଖ୍ୟ ବର୍ଗ ଥିଲା ଯଥା ସ୍ଥାନୀୟ ସମସ୍ୟାର ସମାଧାନ, ଜୀବନଧାରଣର ସହଜତା ଏବଂ ଏକ ନୂତନ ବ୍ୟବସାୟ ପାଇଁ ଷ୍ଟାର୍ଟ-ଅପ୍। ବର୍ଗ ଉପରେ ଆଧାରିତ ନୂତନ ଚିନ୍ତାଧାରା ପ୍ରଦାନ କରିବା ପାଇଁ ପ୍ରତିଯୋଗିତାରେ ମୋଟ ୨୬ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିଲେ। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ବିଚାରକ ଏବଂ ପରାମର୍ଶଦାତାଙ୍କ ସମ୍ମୁଖରେ ସେମାନଙ୍କର ପ୍ରକଳ୍ପଗୁଡ଼ିକୁ ଉପସ୍ଥାପନ କରିଥିଲେ। ସିଏ ଗୋବିନ୍ଦ ଅଗ୍ରୱାଲ, ପ୍ରାଧାପକ ପ୍ରଭାତ କୁମାର ମହାପାତ୍ର ଏବଂ ଅଧ୍ୟାପିକା ଡକ୍ଟର ମମତାମୟୀ ଗୁରୁ ବିଚାରକ ଭାବରେ କାର୍ଯ୍ୟ କରିଥିଲେ। ଡକ୍ଟର ସୁବୋଧ କୁମାର ତ୍ରିପାଠି, ଚନ୍ଦ୍ରକାନ୍ତ ସୁନା, ଡକ୍ଟର ଭେଙ୍କଟେଶ୍ୱର ମେହେର, ବ୍ରଜ କୁମ୍ଭାର, ଦୟାନିଧି ବଗର୍ତ୍ତୀ ଇତ୍ୟାଦି ପଞ୍ଜିକୃତ ଛାତ୍ରଛାତ୍ରୀଙ୍କ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ପ୍ରତିଯୋଗିତା ସମୟରେ,ନବକୃଷ୍ଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ସଦାନନ୍ଦ ଭୋଇ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ। ସମସ୍ତଙ୍କୁ ଧନ୍ୟବାଦ ଜଣାଇ ପ୍ରତିଯୋଗିତା ଶେଷ ହୋଇଥିଲା।

# ୨ ବାଲି ବୋଝେଇ ହାଇୱା ସହ ପୋକଲିନ ଜବତ

ଲହୁଣୀପଡା, (ଭାସ୍କର ନ୍ୟୁଜ୍): ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ବ୍ରାହ୍ମଣୀ ନଦୀରୁ ବେନିୟମ ଭାବେ ବାଲି ବୋଝେଇ ହେଉଥିବା ଖବରପାଇ ମାଇନିଂ ବିଭାଗ କର୍ମଚାରୀ ଅତର୍କିତ ଭାବେ ଚଢ଼ାଉ କରି ଦୁଇଟି ୧୨ ଚକିଆ ହାଇୱା ଓ ଗୋଟିଏ ପକଲିନ ଲୋଡ଼ର ଗାଡି ଜବତ କରି ଲହୁଣୀପଡା ଥାନା ପୋଲିସକୁ ଜିମା ଦେଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ତୁମକଲା ଗ୍ରାମ ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀ ପୀଠରୁ ଓଡ଼ି -୧୪ଭି -୫୧୦୧,ଓ ଓଡ଼ି -୧୪ଏଏଫ-୧୨୯୮ ୧୨ ଚକିଆ ହାଇୱା ଏକ ପକଲିନ ସାହାଯ୍ୟରେ ବେନିୟମ ଭାବେ ବାଲି ଲୋଡିଂ ହେଉଥିବା ଖବରପାଇ ରାଉରକେଲା ଜୁନିୟର ମାଇନିଂ ଅଫିସର ହିମାଂଶୁ ସାହୁଙ୍କ ନେତୃତ୍ୱରେ ଏକ ଦଳ ଆସି ଚଢ଼ାଉ କରିବା ସହିତ ଉକ୍ତ ଦୁଇ ହାଇୱା ଟ୍ରକକୁ ଓ ପକଲିନ ଗାଡିକୁ ଜବତ କରି ଲହୁଣୀପଡା ଥାନା ପୁଲିସକୁ ଜିମା ଦେଇଥିବା ଜଣାପଡିଛି। ଏହି ଘାଟରୁ ପ୍ରତେକ ଦିନ ଟ୍ରିପ ଟ୍ରିପ ବାଲି ଲୋଡ଼ ହୋଇ ଗାଡି ପିଛା ୨୦ ରୁ ୨୫ ହଜାର ଟଙ୍କା ରେ ବିକ୍ରି ହେଉଛି ମାତ୍ର ଏଠାରେ ବିଲେଇ ଆଖି ବନ୍ଦ କରି କ୍ଷୀର ପିଇଲା ପରି ଅନୁଭବ ହୁଏ। ଅଫିସରଙ୍କ ଆରୋପ ପ୍ରତିଆରୋପ ଯୋଗୁଁ ମାଫିଆ ମାନେ କୋଟି କୋଟି ମୁନଫା କରୁଥିବା ବେଳେ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ଏ ସଂକ୍ରାନ୍ତ ରେ ପୋଲିସକୁ ପଚାରି ବାରୁ ତାର ଦୋଷ ଦୁର୍ବଳତାକୁ ଲୁଚେଇ ବାକୁ ଯାଇ ଆମେ ଗାଡି ଧରିଲେ କ'ଣ ହେବ ମାଫିଆ ମାନଙ୍କୁ ଖଣି ବିଭାଗ ର ଅହେତୁକ ଅନୁକମ୍ପା ରହୁଛି କେବଳ ଆଖି ଦୃଶିଆ କିଛି ଫାଇନ ପକାଇ କାର୍ଯ୍ୟ ଶେଷ କରିଦେଉଛ ଖଣି ବିଭାଗ। ଯାହାଫଳ ରେ ମାଫିଆ ମାନଙ୍କ ମନୋବଳ ବଢିବାରେ ଲାଗୁଛି।

# ଲଗାଣ ବର୍ଷାରେ ଫସଲ କ୍ଷୟକ୍ଷତିର ଅନୁଧ୍ୟାନ କଲେ ବିଧାୟକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ରାଣୀପେଣ୍ଠ ପଞ୍ଚାୟତର ବଡ଼ଖୁଙ୍ଗରୋ ଧାନଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ ଗତକାଲି ସନ୍ଧ୍ୟାରେ ଉକ୍ତ ଅଞ୍ଚଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବର୍ଷାଦିନ ପୂର୍ବରୁ କ୍ଷୁଦ୍ର ଜଳସେଚନ ବିଭାଗ ନାଳ ସଫା ନ କରିବା ଏବଂ ସେଠାରେ ଥିବା କଲଭର୍ଟ କମ୍ ଉଚ୍ଚ ହୋଇଥିବା ଯୋଗୁଁ ଜଳ ନିଷ୍କାସନ ହୋଇପାରୁନଥିବା ଚାଷୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିବର୍ଷ ସେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇ ବହୁ ପରିମାଣରେ ଧାନ ଫସଲ କ୍ଷତି ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରାଗଲେ ଫସଲ କ୍ଷତି ହେବ ନାହିଁ. ଚାଷୀଙ୍କ ଠାରୁ ଏସବୁ ଶୁଣିବା ପରେ ବିଧାୟକ ଶ୍ରୀ ପାଣିଗ୍ରାହୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ କହିଲେ ଘଟଣା ନେଇ ବିଭାଗୀୟ ଅଧିକାରୀଙ୍କ ସହ ତୁରନ୍ତ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ।

## ବନ ବିଭାଗ ପକ୍ଷରୁ ଚଢାଉ

# ଶିକାର ପାଇଁ ବ୍ୟବହୃତ ତାର ଜବତ, ୩ ଗିରଫ

ନୂଆପଡା, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା କୋମନା ବନାଞ୍ଚଳ ଅନ୍ତର୍ଗତ ଭାଲୁକୋନା ଗ୍ରାମରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ବନ୍ୟପ୍ରାଣୀ ଶୀକାର ପାଇଁ ବ୍ୟବହୃତ ବହୁ ପରିମାଣର ବିଦ୍ୟୁତ୍ ତାର ଜବତ ସହ ତିନି ଯୁବକ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ନୂଆପଡା ଜିଲ୍ଲା, କୋମନା ଥାନା ଅନ୍ତର୍ଗତ ଭାଲୁକେନା ଗ୍ରାମର ତିନି ଅଭିଯୁକ୍ତ ସୋମନାଥ ସାହୁ (୫୦) ମାଧବ ମାଝୀ (୨୫) ଚାମର ମାଝୀ (୩୦) ବୋଲି ଖଡ଼ିଆଳ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନୂଆପଡା ଜିଲ୍ଲା ବନଖଣ୍ଡ ଅଧିକାରୀ ଆଜିଜ ଖାନ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଠାରୁ ବହୁ ପରିମାଣର ବିଦ୍ୟୁତ ତାର ୨୨.୧ ମିଟର, ୪.୪୨ କେଜିର ବାଇଣ୍ଡିଙ୍ଗ ତାର ଯାହା କି ବନ୍ୟପ୍ରାଣୀ ମାନଙ୍କୁ ବିଦ୍ୟୁତ କରେଣ୍ଟ ଦେଇ ହତ୍ୟା କରିବାରେ ବ୍ୟବହାର ହେଉଥିବା ସାମଗ୍ରୀ ଜବତ। ସେହିପରି ଛୋଟ ଛୋଟ ଜନ୍ତୁ ଓ ପକ୍ଷୀ ଶିକାରରେ ବ୍ୟବହାର ଠେକୁଆ ଧରିବା ପାଇଁ ବ୍ୟବହାର ହେଉଥିବା ୨୪ ଗୋଟି ଫାସ, ପକ୍ଷୀ ଫାସ ୩.୧୦ ମିଟର, ବାଦୁଡି ଧରିବା ଜାଲ ୨୬.୫ ମିଟର ଯାହାକି ବନ୍ୟପ୍ରାଣୀ ମାନଙ୍କୁ ହତ୍ୟା କରିବାରେ ସହଯୋଗ କରୁଥିବା ବହୁ ପରିମାଣର ଉପକରଣ ଗୁଡିକୁ ଜବତ କରିଛନ୍ତି ବନ କର୍ମଚାରୀ।ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ବନ ଖଣ୍ଡ ଅଧିକାରୀ ଗଣ ମାଧ୍ୟମ ମାଧ୍ୟମରେ ଲୋକକୁ ଜଙ୍ଗଲରେ ଥିବା ପଶୁ, ପକ୍ଷୀ, ସରୀସୃପ କୁ ହତ୍ୟା ନ କରିବା ପାଇଁ ଆହ୍ୱାନ କରିଛନ୍ତି।।

## ଅଲସିଗୁଡା ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ

କାଳିମେଳା, (ଭାସ୍କର ନ୍ୟୁଜ୍): କାଳିମେଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଲସିଗୁଡା ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବୃନ୍ଦାବନ ପାତ୍ର ସମେତ ଅନ୍ୟ ମାନେ ଏଥିରେ ସାମିଲ ହୋଇଥିଲେ । ଏ ଅବସରରେ ବିଦ୍ୟାଳୟ ଠାରେ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା । ଗଛଟିଏ ଜୀବଜଗତ ପାଇଁ କେତେ ଉପକାରୀ, ତାହା ସଚେତନ କରାଯାଇଥିଲା । ସରକାର ପରିବେଶକୁ ଦୃଷ୍ଟିରେ ରଖି ନୂତନ ବନୀକରଣ ପାଇଁ ବନମହୋତ୍ସବ କାର୍ଯକ୍ରମ ଭୋଳି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବୌଦ୍ଧ ବିଭୁତି ଭୁଷଣ ନାୟକ ଏହି ବୈଠକକୁ ଅଧକ୍ଷତା କରିଥିଲେ । ସବୁ କ୍ଷେତ୍ରରେ ଆଧାର ବାଧତା ମୂଳକ କରାଯାଇଥିବାରୁ ସେଥିରେ ନିର୍ଭୁଲ ତଥ୍ୟ ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ତେଣୁ ଜନ୍ମଠାରୁ ସମସ୍ତ ବର୍ଗର ବ୍ୟକ୍ତିଙ୍କ ଆଧାର କାର୍ଡ ପ୍ରସ୍ତୁତି କରାଯିବ। ସେଥିରେ ସତର୍କତା ଅବଲମ୍ବନ କରିବା ସହିତ ନିଜ ନିଜ ବିଭାଗର ହିତାଧିକାରୀ ମାନଙ୍କର ଯେମିତି ଶତ ପ୍ରତିଶତ ଆଧାର ପଞ୍ଜୀକରଣ ହୋଇପାରିବ ସେଥିପାଇଁ ସଚେତନତା ଓ ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର ଆୟୋଜନ କରିବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଜନ୍ମରୁ ୫ବର୍ଷ ଶିଶୁ ଏବଂ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କୁ ୫ ରୁ ୧୮ବର୍ଷ ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ୧୦ବର୍ଷରେ ଥରେ ସମସ୍ତେ ଯେମିତି ନିଜ ନିଜର ବାୟୋମେଟ୍ରିକ ଅପଡେଟ୍ କରିବେ ତାପାଇଁ ଜନସାଧାରଣଙ୍କୁ ସଚେତନ କରାଇବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ଆଧାର ଡାଟାବେଶ ନିର୍ଭୂଲ୍ ରହିବା ସହିତ ହିତାଧିକାରୀ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲାଭ ଉଠେଇ ପାରିବେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଆଧାର ନୋଡାଲ ଅଧିକାରୀ ବୌଦ୍ଧ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଶାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଇଣ୍ଡିଆନ ପୋଷ୍ଟ ଦେବବ୍ରତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୌଦ୍ଧ ଯୁଧିଷ୍ଠିର ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରଭଙ୍ଗା ବିଜୟ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଣ୍ଟାମାଳ ସୂର୍ଯ୍ୟ ନାରାୟଣ ଦାସ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଡନ ବୋସ୍କୋ, ଜିଲ୍ଲା ଆଧାର ସଂଯୋଜକ ସୁରେନ୍ଦ୍ର ଗାଇଗୌରିଆ (ସାରଦା ସିଷ୍ଟମ୍ ପ୍ରା. ଲି.), ଗୌତମ ମେହେର (ସହଜ ଇ-ଭିଲେଜ୍ ଲି.) ଓ ଅନିରୁଦ୍ଧ ମହାମଲ୍ଲିକ (କମନ ସର୍ଭିସ୍ ସେଣ୍ଟର) ପ୍ରମୁଖ ଯୋଗଦାନ କରିଥିଲେ। ଟଓଡଇଓ ରାଜ୍ୟ କାର୍ଯ୍ୟାଳୟ ପ୍ରତିନିଧି ଜ୍ୟୋତିପ୍ରକାଶ ଗୁରୁ ପାୱାର ପଏଣ୍ଟ ପ୍ରେଜେନଷ୍ଟେସନ ମାଧ୍ୟମରେ ଜିଲ୍ଲାରେ ଆଧାର ଷ୍ଟାଟସ୍ ଉପସ୍ଥାପନା କରିଥିଲେ । ଜିଲ୍ଲା ଇ- ଗଭର୍ଣ୍ଣାସ ମ୍ୟାନେଜର ସମୀର କୁମାର ନାଏକ ବୈଠକ ପରିଚାଳନା କରିଥିଲେ ।

# ୟୁରିଆ ସାର ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା କୃଷକ ସଂଗଠନ ପକ୍ଷରୁ ୟୁରିଆ ସାରରେ ଅନିୟମିତତାକୁ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜିଲ୍ଲାର ତଣ୍ଡିକି, ଚଲାଣଗୁଡା, ମାଟାପାକା, ଶିଖପାଲ୍ଲୀ, ଗୋରାଖୁଣ୍ଟା, ଚିତ୍ରାଙ୍ଗପାଲ୍ଲୀ, ବଦଲି, ମାନ୍ଦାପାଲ୍ଲୀ, ନିଲିଗୁଡ଼ା ଓ ମାଟେରୁ ଆଦି ଅଞ୍ଚଳର ଚାଷୀ ଧାନଚାଷ ଆରମ୍ଭକରିଥିଲେ ସୁଦ୍ଧା ୟୁରିଆ ସାର ଅଭାବ ଯୋଗୁ ଚାଷକାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏଥିସହ ଲ୍ୟାମ୍ପସ୍‌ରେ ପ୍ରତି ସପ୍ତାହର ସୋମବାର ୟୁରିଆ ସାର ଯୋଗାଇଦେବାର ନିୟମ ଥିବା ବେଳେ ଗତ ଏକମାସ ଧରି ଲ୍ୟାମ୍ପସ୍ ତରଫରୁ କୌଣସି ୟୁରିଆ ସାର ଯୋଗାଇ ଦିଆଯାଇନାହିଁ। ଯେଉଁ ପରିମାଣରେ ୟୁରିଆ ସାର ଲ୍ୟାମ୍ପସ୍‌କୁ ଆସୁଛି, ତାହା ମଧ୍ୟ ଅତି କମ୍ ଆସୁଥିବାରୁ ସମସ୍ତ ଚାଷୀ ଠିକ୍ ସମୟରେ ସାର ପାଇ ପାରୁନାହାନ୍ତି। ବର୍ତ୍ତମାନ ଚାଷ କାମ ଆରମ୍ଭ ହୋଇଥିବା ବେଳେ ଠିକ୍ ସମୟରେ ୟୁରିଆ ସାର ବ୍ୟବହାର କରା ନ ଗଲେ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି ଓ ୟୁରିଆ ସାରରେ ଅନିୟମିତତା ଦେଖାଦେଇଥିବା ବେଳେ ବାହାରେ କଳାବଜାର ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ଫଳରେ ବହୁ ଚାଷୀ ଅଧିକ ଟଙ୍କା ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି । ୩ ଦିନ ମଧ୍ୟରେ ୟୁରିଆ ସାର ସମସ୍ତ ଚାଷୀଙ୍କୁ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଂଗଠନ ସଭାପତି ଏରା ପଡିଆମି, କାନାୟା ଦୁରୁଆ, ରାଜେନ୍ଦ୍ର କବାସୀ, ଲଖମା ବାକା, ସମ୍ବାରୁ ମାଡକାମି, ଲଛମୁ କବାସୀ, ଈଶ୍ୱର ମାଡକାମି ଓ ଦେବା ମୁଚାକିଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।



ବୋଲଗଡ଼(ଭାସ୍କର ନ୍ୟୁଜ):ବୋଲଗଡ ମଣ୍ଡଳ ସ୍ତରୀୟ କ୍ରୀଡା କମିଟିର ସାଧାରଣ ବୈଠକ ସ୍ଥାନୀୟ ମିନି ଷ୍ଟାଡିୟମରେ ଶୁକ୍ରବାର ଦିନ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ରୂପେ ପ୍ରାକ୍ତନ ସହଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମ ଚରଣ ବେହେରା,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ପ୍ରଧାନ ଶିକ୍ଷକ ପୀତାବାସ ଲେଙ୍କା, ତିନି ସେବାନିବୃତ୍ତ କ୍ରୀଡା ଶିକ୍ଷକ ଜୟରାମ ଦାସ, ଗୋପାଳ ମହାନ୍ତି, ଅଜୟ ସୁବୁଦ୍ଧି ଯୋଗ ଦାନ କରିଥିଲେ । ଭଗବତ ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ, ପ୍ରାକ୍ତନ ସମ୍ପାଦକ ମାନସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିବୃନ୍ଦ ଖେଳ ଓ କ୍ରୀଡାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ତାହାପରେ ୨୦୨୫-୨୬ ଶିକ୍ଷାବର୍ଷରେ ହେବାକୁ ଥିବା ସମସ୍ତ ଖେଳ ଓ କ୍ରୀଡା ପ୍ରତିଯୋଗିତା ପାଇଁ ସ୍ଥାନ, ତାରିଖ ସ୍ଥିର କରାଯିବା ସହ ପ୍ରତ୍ୟେକଟି ପାଇଁ ଜଣେ ଲେଖାଏଁ କ୍ରୀଡା ଶିକ୍ଷକ /ଶିକ୍ଷୟିତ୍ରୀଙ୍କ ନାମ ତାଲିକା ପ୍ରସ୍ତୁତ କରାଗଲା । କମିଟିରେ ନୂତନ ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ସ୍ୱାଇଁଙ୍କୁ ସଭାପତି, ଅଭିଷେକ ମହାନ୍ତିଙ୍କୁ ସମ୍ପାଦକ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରାଙ୍କୁ ସଭ୍ୟ ଏବଂ ପ୍ରଣତି ସିଂହଙ୍କୁ ସଭ୍ୟା ରୂପେ ନିଆଗଲା ।ସେବାନିବୃତ୍ତ କ୍ରୀଡା ଶିକ୍ଷୟିତ୍ରୀ ଦୀପ୍ତିମୟୀ ହୋତାଙ୍କୁ ପ୍ରଶଂସା ପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଉକ୍ତ ବୈଠକରେ ସମୁଦାୟ ୬୭ ଟି ଶିକ୍ଷା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ, ପିଟିଆଇ, କମିଟିର ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କେନ୍ଦୁଝର ପାଇଁ ଆରମ୍ଭ ହେଲା ସୁବର୍ଣ୍ଣମୟ ଯୁଗ: ପୃଥ୍ୱୀରାଜ କୁଅଁର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତାର ୭୮ ବର୍ଷ ପରେ ଓଡ଼ିଶାରେ ପ୍ରଥମ ଥର ପାଇଁ ନିଜସ୍ୱ ବଳରେ ଭାରତୀୟ ଜନତା ପାର୍ଟି ସରକାର ଗଠନ ସୁଯୋଗ ପାଇଥିଲା ଓ ଜିଲ୍ଲାର ସୁଯୋଗ୍ୟ ସନ୍ତାନ ତଥା ୪ ଥରର ବିଧାୟକ ମୋହନ ଚରଣ ମାଝୀ ଓଡ଼ିଶା ସରକାରରେ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ। ଏବେ ଦେଶ ପାଳିଲା ୭୯ ତମ ସ୍ୱାଧୀନତା ଦିବସ। ଅତୀତରେ ଜିଲ୍ଲାରେ ବଡ଼ ବଡ଼ ନେତା ଓ ଅନେକ ବାର ନିର୍ବାଚିତ ହୋଇ ରାଜ୍ୟ ସରକାରରେ ବଡ଼ ବଡ଼ ଦାୟୀତ୍ୱରେ ଥାଇ ସୁଦ୍ଧା ଏବଂ ଆମ ଜିଲ୍ଲା ଖଣିଜ ସଂପଦ ଭରା ଜିଲ୍ଲା ହୋଇଥିବା ସ୍ଥଳେ ନେତା ମାନଙ୍କର ଇଚ୍ଛା ଶକ୍ତିର ଅଭାବରୁ କେନ୍ଦୁଝର ଜିଲ୍ଲାର ଅଗ୍ରଗତି ହୋଇ ପାରିନଥିଲା । ବିଜେଡ଼ି ର ୨୪ ବର୍ଷର ଶାସନ କାଳ ସମୟରେ କୋଟି କୋଟି ଟଙ୍କାର ଲୁଟ୍‌ର ଶିକାର ହୋଇଥିଲା କେନ୍ଦୁଝର ଜିଲ୍ଲା। ଏଥିରେ ଜିଲ୍ଲାର ବିଜେଡି ଦଳର ବଡ଼ ବଡ଼ ନେତାଙ୍କ ଠୁ ଆରମ୍ଭ କରି ରାଜ୍ୟର ବଡ଼ ବଡ଼ ନେତା ମାନେ ସମ୍ପୃକ୍ତିକୁ ଅସ୍ୱୀକାର କରିହେବ ନାହିଁ। ଜିଲ୍ଲାର ବିଜେଡି ଦଳର ନେତା କହୁଥିବା ବଦ୍ରୀ ନାରାୟଣ ପାତ୍ର ଅନେକ ବାର ବିଧାୟକ ତଥା ମନ୍ତ୍ରୀ ହେବାର ସୁଯୋଗ ପାଇ ମଧ୍ୟ ଜିଲ୍ଲା ପାଇଁ ଗୋଟିଏ ବି ଆଖି ଦେଖିଲା ଭଳି ଯୋଜନା ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ବିଧାୟକ ବଦ୍ରି ପାତ୍ରଙ୍କ ବିଜେଡି ଶାସନ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଥିବାର ଜଣାଯାଏ । ଏପରିକି ତାଙ୍କରି ସମୟରେ ୮/୧୦ ଜଣ ନିରିହ ଲୋକ ହତ୍ୟାର ଶିକାର ହୋଇଛନ୍ତି। ଅତୀତରେ




ଏହା ପ୍ରତିଷ୍ଠା ହେବାକୁ ଯାଉଛି। ଜିଲ୍ଲାର ଆରାଧ୍ୟା ଦେବୀ ମା ତାରିଣୀ ଙ୍କ ମନ୍ଦିର ର ଆଧୁନୀକରଣ ପାଇଁ ୩୦୦ କୋଟି ଟଙ୍କା ର ବ୍ୟବସ୍ଥା କରିଛନ୍ତି ମୁଖ୍ୟମନ୍ତ୍ରୀ । ଜିଲ୍ଲାରେ ଏବେ ଚାରିଆଡେ ବିକାଶ କାର୍ଯ୍ୟ ତ୍ୱରାନିତ ହେବାର ଦେଖା ଯାଇଛି। ଜିଲ୍ଲା ଆଜି ଉଲ୍ଲସିତ ଓ ଜିଲ୍ଲାର ଜଣ ସାଧାରଣ ଏବେ ଅନ୍ତ୍ୟନ୍ତ ଖୁସି। ସେହି ପରିପ୍ରେକ୍ଷୀରେ ଗତକାଲି ହଜାର ହଜାର ସାଧାରଣ ଲୋକ, ଜିଲ୍ଲାର ବିଭିନ୍ନ ସଂଗଠନ ଓ ଦଳମତ ନିର୍ବିଶେଷରେ ବୋହୁ ଲୋକ ତାଙ୍କର ପ୍ରିୟ ନେତା ତଥା ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି ଧନ୍ୟବାଦ୍ ଜଣାଇଛନ୍ତି। ତେଣୁ ଏବେ ନିଶ୍ଚିନ୍ତ ଭାବରେ କେନ୍ଦୁଝର ଜିଲ୍ଲା ପାଇଁ ଏକ ସୁବର୍ଣ୍ଣମୟ ଯୁଗ ଆରମ୍ଭ ହେଲା ବୋଲି ଘଷିପୁରା ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର କହିଛନ୍ତି।

ସମପରିମାଣରେ କେନ୍ଦୁଝର ଜିଲ୍ଲାରେ ଢୀର୍ଘ ଦିନ ଶାସନରେ ଥିବା କଂଗ୍ରେସ ଦଳ ଓ ଏହାର ନେତା ମାନେ ମଧ୍ୟ ଦାଇ। ତେଣୁ ଜିଲ୍ଲାକୁ କିଭଳି ଭାବରେ ବିକାଶ ପଥରେ ଆଗେଇ ନିଆଯିବା ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ କରିବାକୁ ବଦ୍ଧପରିକର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାର ସବୁବେଳେ ଦାବୀ ଥିବା ମେଗା ଷ୍ଟିଲ ପ୍ରକଳ୍ପ ଆଜି ପାଟଣ ଠାରେ ସାକାର ହେବାକୁ ଯାଉଛି। ଦକ୍ଷିଣ କୋରିଆ ର ପ୍ରସିଦ୍ଧ ଇସ୍ପାତ ଶିଳ୍ପ ପସ୍କୋ ଓ ଭାରତର ଜେ ଏସ ଡବ୍ଲୁର ର ମିଳିତ ଆନୁକୁଲ୍ୟରେ

# ବେଦାନ୍ତ ଝାରସୁଗୁଡା ଗ୍ରାମୀଣ ମହିଳାଙ୍କୁ ସଶକ୍ତ ଜୀବନ ଗଠନରେ ସାହାଯ୍ୟ କରୁଛି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡ଼ିଶାର ଗ୍ରାମାଞ୍ଚଳରେ ପ୍ରାଚୀନ ପରମ୍ପରା ଏବଂ ନିପୁଣ କାରିଗରୀ ଦୀର୍ଘକାଳ ଧରି ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ସମ୍ବଲପୁରୀ ହସ୍ତତନ୍ତର ସ୍ପନ୍ଦନଶୀଳ ଢାଞ୍ଚାଠାରୁ ଟେରାକୋଟା କଳାର ମାଟିର ସୁନ୍ଦରତା ପର୍ଯ୍ୟନ୍ତ, ଏହି ସାଂସ୍କୃତିକ ଅଭିବ୍ୟକ୍ତିଗୁଡ଼ିକ ପିଢ଼ି ପରେ ପିଢ଼ି ଚାଲିଆସିଥିବା ପରିଚୟ ଏବଂ କାହାଣୀଗୁଡ଼ିକୁ ପ୍ରକାଶ କରେ। ତଥାପି ପରିବର୍ତ୍ତିତ ଆର୍ଥିକ ଭୂଦୃଶ୍ୟ, ଗ୍ରାହକଙ୍କ ରୁଚି ଏବଂ ସମର୍ଥନ ପାଇଁ ସୀମିତ ଉପାୟ ସହିତ, ଅନେକ କାରିଗର ସେମାନଙ୍କର କାରିଗରୀ ପରିତ୍ୟାଗ କରିବାକୁ ବାଧ ହୋଇଥିଲେ, ଯାହା ଏହି ଐତିହ୍ୟ କଳାର ବଞ୍ଚିବା ପାଇଁ ବିପଦ ସୃଷ୍ଟି କରିଥିଲା। ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ୍, ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଗୋଟିଏ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀର ବ୍ୟାପକ ସହାୟତା ମାଧ୍ୟମରେ -ମହିଳା କାରିଗରମାନଙ୍କୁ ସେମାନଙ୍କ ମୂଳ ସହିତ ପୁନଃ ସଂଯୋଗ, ଦକ୍ଷତା ବୃଦ୍ଧି ଏବଂ ସଶକ୍ତ ଜୀବନ ଗଠନ କରିବାରେ ସାହାଯ୍ୟ କରୁଛି। ଭେଦସୁତା ଝାରସୁଗୁଡାର ରଘୁନାଥପାଲି ଗାଁରେ ହସ୍ତତନ୍ତର ତାଳମୟ ଶବ୍ଦକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛି। ବୁଣାକାରମାନଙ୍କ ମଧ୍ୟରୁ ସସ୍ମିତା ମେହେର, କହିଛନ୍ତି ଯେ, ଭେଦସୁତା ମାଧ୍ୟମରେ ମୁଁ କେବଳ ନୂତନ କୌଶଳ ଶିଖିନାହିଁ ବରଂ ମୋ



ପରିବାରକୁ ପ୍ରତିପାଳନ କରିବାର ଏକ ଉପାୟ ମଧ୍ୟ ପାଇଛି। ବେଦମୂର୍ତ୍ତିକା ମାଧ୍ୟମରେ ୩୦ ରୁ ଅଧିକ ମହିଳା ସକ୍ରିୟ ଉତ୍ପାଦକ କ୍ଲଷ୍ଟର ଗଠନ କରିଛନ୍ତି, ନିଜ ହାତରେ ସେମାନଙ୍କର ଭବିଷ୍ୟତ ନିର୍ମାଣ କରିବା ପାଇଁ ଏକାଠି କାମ କରୁଛନ୍ତି। ଏହି ପ୍ରୟାସଗୁଡ଼ିକର ବ୍ୟାପକ ପ୍ରଭାବ ଉପରେ ଆଲୋକପାତ କରି, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି ଚନ୍ଦ୍ରୁ କହିଛନ୍ତି, ବେଦସୁତା ଏବଂ ବେଦମୂର୍ତ୍ତିକା ଭଳି ପଦକ୍ଷେପ ମାଧ୍ୟମରେ ଆମେ ମହିଳା କାରିଗରମାନଙ୍କୁ କେବଳ ପାରମ୍ପରିକ ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରୁନାହୁଁ ବରଂ ସେମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ଉନ୍ନତ, ଅଧିକ ସୁରକ୍ଷିତ ଜୀବିକା ନିର୍ମାଣ କରିବାରେ ମଧ୍ୟ ସକ୍ଷମ କରିଛୁ। ଏହା ସ୍ଥାୟୀ ଭିତିରେ ପରିବର୍ତନକୁ ସଶକ୍ତ ଏବଂ ସକ୍ଷମ କରିବା ପାଇଁ ସ୍ପଷ୍ଟ ପ୍ରଗତି ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରଦର୍ଶନ ଅଟେ।

## AFFIDAVIT

By virtue of an affidavit sworn before Notary Public, Bhubaneswar, dated: 19.08.2025, I Rakesh Kumar Padhi, S/o- Sudam Charan Padhi, resident of Plot No. 310, Ganganagar, Unit-6, Bhimpur, Ps- Airport, Bhubaneswar, Dist-Khordha, declares that I have change my minor son's name from Advik Apdhi to Advik Padhi. Henceforth, he shall be known as Advik Padhi for all purposes.

**Sd/- Rakesh Kumar Padhi**

## NOTICE

By virtue of an affidavit No.02, sworn before Executive Magistrate, Nimapara, Dated 22.08.2025, I, Biswa Bhusan Swain, S/o- Bhramarbar Swain permanent resident of Vill-Nuharakiri, Po/Ps-Nimapara, Dist-Puri, Odisha, Pin-752106, declare that I have change my daughterâ•™s name from Bs Ananya to Ananya Swain. Henceforth my daughter shall be known as Ananya Swain for all purpose.

**Sd/- Biswa Bhusan Swain**

## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ ସିକେପି-ସେଣ୍ଟ୍ରାଲ-୨୫-୨୬-୩୩, ତାରିଖ: ୨୧.୦୮.୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଡିଭିଜନାଲ ରେଲୱେ ମ୍ୟାନେଜର/ ଇଞ୍ଜିନିୟରିଂ/ ଚକ୍ରଧରପୁର, ଦକ୍ଷିଣ-ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟପାଇଁ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ଏ କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଯଦି ବି ଆସେ ତେବେ ଏହାକୁ ଅଗ୍ରାହ୍ୟ କରି ଦିଆଯିବ। କାର୍ଯ୍ୟର ନାମ: ସିନିୟର ସେକ୍ସନ ଇଞ୍ଜିନିୟର/ପିୱେ/ଚକ୍ରଧରପୁରଙ୍କ ଅଧୀନରେ ଥିବା ରାଜଖରସୁଆଁ-ସୋନୁଆଁରେ ଡ୍ରେନ୍ ଏବଂ ସେସ୍ କାର୍ଯ୍ୟ ମରାମତି। ଟେଣ୍ଡର ମୂଲ୍ୟ: ଟ. ୨,୩୨,୪୨,୩୧୩.୩୬/-, ଅମାନତ ଜମା: ଟ. ୨,୬୬,୨୦୦/-, ଟେଣ୍ଡର ଫର୍ମର ମୂଲ୍ୟ: ୦.୦୦/- ଖୋଲିବା ତାରିଖ: ୧୬.୦୯.୨୦୨୫। ଏହି ଟେଣ୍ଡରର ସମସ୍ତ ବିବରଣୀ https://www.ireps.gov.in ୱେବସାଇଟ୍‌ରେ ଦର୍ଶାଯାଇଛି। ଟେଣ୍ଡରର/ବିଡରମାନଙ୍କର ନିଶ୍ଚିତ ଭାବେ କ୍ଲାସ୍-ଥ୍ରୀ ଡିଜିଟାଲ ସିଗନେଚର ସାର୍ଟିଫିକେଟ ରହିଥିବ ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ନିଶ୍ଚିତଭାବେ ରେଜିଷ୍ଟ୍ରଭୁକ୍ତ ହୋଇଥିବେ। କେବଳ ରେଜିଷ୍ଟ୍ରର ଟେଣ୍ଡରରା/ ବିଡରମାନେ ଏହି ଟେଣ୍ଡରରେ ଭାଗ ନେଇପାରିବେ। ନୋଟ୍: ଇ-ଟେଣ୍ଡର ଫର୍ମ ସମସ୍ତ ଟେଣ୍ଡରରଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। (ଅଥରିଟି-ରେଲୱେ ବୋର୍ଡର ଚିଠି ନମ୍ବର ୨୦୨୦/ ସିଇ-୧/ସିଟି/ଥ୍ରୀଇ/ଜିସିସି/ପଲିସି, ତାରିଖ: ୧୬.୦୭.୨୦୨୦)

**(PR-554)**

HDB Financial Services Limited

## ଏଚଡିବି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ : ରାଧିକା, ଦ୍ୱିତୀୟ ମହଲା, ଲ ଗାର୍ଡେନରୋଡ୍, ନଭରଙ୍ଗପୁରା, ଅହମ୍ମଦାବାଦ, -୩୮୦୦୦୯, ଶାଖା କାର୍ଯ୍ୟାଳୟ: ପ୍ଲଟ ନଂ.୩୪୭/୩୪୭୭ ଓ ୩୪୮/୩୪୭୮, ଜୟଦେବ ବିହାର, ବିଜୁ ପଟ୍ଟନାୟକ କଲେଜ ନିକଟ,ଭୁବନେଶ୍ୱର, ଓଡ଼ିଶା-୭୫୧୦୧୩

ଦଖଲ ନୋଟିସ୍
ସର୍ଫେସି ଆଇନ,୨୦୦୨ର ଧାରା ୧୩(୨) ଅଧୀନ

ନିମ୍ନରେ ପ୍ରଦତ୍ତ ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟରମାନେ ଏଚଡିବି ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ରୁ ଆପଣ ସ୍ଥାବର ସମ୍ପତ୍ତି (ସିକ୍ୟୁରିଟିଜ୍) ବନ୍ଧକ ଦେଇ ଋଣ (ଏସ୍) ଫାସିଲିଟି (ଲେସ୍) ଉପଲବ୍ଧ କରିଥିଲେ । ଆପଣ ନିଜର ଫାଇନାନ୍ସିଆଲ ଶୃଙ୍ଖଳା ମେନ୍‌ଟେନ୍ କରିନଥିବା ବେଳେ ଋଣ ପୈଠ କରିବାରେ ବିଫଳ ହୋଇଛନ୍ତି । ତେଣୁ ଫଳସ୍ୱରୂପ ଆପଣଙ୍କର ଋଣ ନନ୍-ପରଫର୍ମିଂ ଆସେଟ୍ ଭାବେ କ୍ଲାସିଫାଇଡ୍ ହୋଇଛି । ଆପଣ ଋଣ (ଏସ୍) ଆଭେଲ୍ କରିବା ସହିତ ଋଣ ପୈଠ ପାଇଁ ସିକ୍ୟୁରିଟିଜ୍‌ର ନିମ୍ନଲିଖିତ ସିକ୍ୟୁରିଟି ଇଣ୍ଟରେଷ୍ଟ କ୍ରିଏଟେଡ୍ ହୋଇଛି । ତେଣୁ ଏଚଡିବି ଆଉଟଷ୍ଟାଣ୍ଡିଂ ବକେୟା ଦେୟ ଆଦାୟ କରିବା ପାଇଁ ଅଧିକାର ପ୍ରାପ୍ତ । ସିକ୍ୟୁରାଇଜେସନ୍ ଧାରା ୧୩(୨) ଓ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଓ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅଧୀନରେ ଡିମାଣ୍ଡ ନୋଟିସ ଜାରି କରିଛି । ଏହାର ବିଷୟବସ୍ତୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ (୧)ର ଧାରା ୧୩(୨) ଅନୁଯାୟୀ ଏହା ପ୍ରକାଶ କରାଯାଇଛି । ଏହାସହିତ ଆପଣଙ୍କ ଉପରେ ଅଲଟରନେଟ୍ ସର୍ଭିସ୍ ମାଧ୍ୟମରେ ସେକ୍ସନ୍ ୧୩(୨) ଅଧିନରେ ଋଣକର୍ତ୍ତା, କୋ-ଋଣକର୍ତ୍ତା, ଗ୍ୟାରେଣ୍ଟର, ସିକ୍ୟୁରିଟିଜ୍, ଆଉଟଷ୍ଟାଣ୍ଡିଂ ଦେୟ ନିମ୍ନରେ ସବିଶେଷ ବିବରଣୀ ପ୍ରଦତ୍ତ କରାଯାଇଛି ।

୧. ଋଣକର୍ତ୍ତା ଓ ସହ ଋଣକର୍ତ୍ତାଙ୍କ ନାମ- ମେସର୍ସ ମାହେଶ୍ୱର ମେଡ଼ିକାଲ ଷ୍ଟୋର, ସା-ବଡ଼ବଜାର ଚୌକ, ବଡ଼ବଜାର, ସମ୍ବଲପୁର, ସମ୍ବଲପୁର କ୍ଷେତରାଜପୁର-୭୬୮୦୦୩, ଓଡ଼ିଶା ଏବଂ ଖାତା ନଂ ୩୬୮/୧୪୮୯, ପ୍ଲଟ ନଂ ୧୬୯୧/୩୮୬୩ ଏବଂ ୧୬୯୨/୩୮୬୪, ମୌଜା- ସମ୍ବଲପୁର ସହର, ୟୁନିଟ୍ ନଂ-୯୦, ଡଲଭଟ, ପିଏସ୍-ସମ୍ବଲପୁର ନଂ ୧୬, କ୍ଷେତରାଜପୁର-୭୬୮୦୦୩, ଅନାମିକା ମେହେର, ରାଧାକାନ୍ତ ମେହେର, ରଜନୀକାନ୍ତ ମେହେର ଏବଂ ସରୋଜିନୀ ମେହେର, ସା-କୁମ୍ଭପଡ଼ା, ବଡବଜାର, କ୍ଷେତରାଜପୁର ସଦର, ସମ୍ବଲପୁର, କ୍ଷେତରାଜପୁର-୭୬୮୦୦୩, ଓଡ଼ିଶା, ଋଣ ଆକାଉଣ୍ଟ ନଂ-୨୪୦୫୮୬୩୧, ଋଣ ମଞ୍ଜୁରିର ବିବରଣୀ- ଟ.୩୧୫୦୦୦୦ (ଏକତିରିଶ ଲକ୍ଷ ପଚାଶ ହଜାର ଟଙ୍କା କେବଳ), ଲୋନ ଆକାଉଣ୍ଟ ନଂ ୨୪୦୫୮୬୩୧, ବନ୍ଧକର ବିବରଣୀ- ସମସ୍ତ ସେଟଲମେଣ୍ଟ ଖାତା ନଂ ୩୬୮/୧୪୮୯, ପ୍ଲଟ ନଂ ୧୬୯୧/୩୮୬୩, ଏରିଆ- ୦.୦୧୪ ଡିସିମିଲ, କିସମ- ଘରବାରୀ-୧ ଏବଂ ପ୍ଲଟ ନଂ ୧୬୯୨/୩୮୬୪, ଏରିଆ- ଏ୦.୦୦୮, କିସମ- ଘରବାରୀ (ମୋଟ ଗୋଟିଏ ଖାତା, ଦୁଇଟି ପ୍ଲଟ୍ ଏବଂ ମୋଟ ଏରିଆ ୦.୦୨୨ ଡିସିମିଲ [illegible]

୨. [illegible] ୦୩.୦୭.୨୦୨୫, ଡିମାଣ୍ଡ [illegible] ୧୬୫୮୨୩୭୬ ( ଏକକୋଟି ପଞ୍ଚଷଠୀ ଲକ୍ଷ ବୟାଅଶୀ ହଜାର ତିନିଶହ ଛଅସ୍ତରୀ ଟଙ୍କା [illegible] ଋଣର ଚୁକ୍ତିନାମା ଅନୁଯାୟୀ ସୁଧ ଏବଂ ସମସ୍ତ ଆବଶ୍ୟକ ଖର୍ଚ୍ଚ ସହିତ ଇତ୍ୟାଦି।

[illegible] ପାଇଁ ବାରଣ କରାଯାଇଛି । ଏହା ସହିତ ଏଚ୍‌ଡିବିର ଲିଖିତ ସମ୍ମତି ବିନା କୌଣସି ମତେ କୌଣସି ବ୍ୟକ୍ତିବିଶେଷ ଉପରୋକ୍ତ ଆଇନ ଓ ରୁଲ୍ ଉଲ୍ଲଙ୍ଘନ କଲେ ନିମ୍ନ ପ୍ରଦତ୍ତ ରୁଲ୍ ଦ୍ୱାରା ଜେଲଦଣ୍ଡ ଓ/କିମ୍ବା ଆଇନ ଅନୁଯାୟୀ ଦଣ୍ଡ ଭୋଗିବାକୁ ପଡ଼ିବ । ପରବର୍ତ୍ତୀ ସମୟରେ ଆପଣ ଯଦି ଏଚ୍‌ଡିବିର ଉପରୋକ୍ତ ଦେୟ ପୈଠ କରିବାରେ ବିଫଳ ହେବେ ତେବେ ଉପରଲିଖିତ ସିକ୍ୟୁରିଟି (ଆଇଏସ୍) ଆଇନର ଧାରା ୧୩ (୪) ଅଧିନରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ପରିଣତି ପ୍ରତି ଆପଣ ରିସ୍କ ନେବାକୁ ପଡ଼ିବ । ଋଣକର୍ତ୍ତା/କୋ-ଋଣକର୍ତ୍ତା ବନ୍ଧକ ଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି, ଆଇନର ଧାରା ୧୩ର ଉପଧାରା (୮) ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ଉଦ୍ଧାର କରିପାରିବେ । ପରବର୍ତ୍ତୀ କୌଣସି ଅନୁସନ୍ଧାନ ଓ ସେଟେଲମେଣ୍ଟ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ: ବିଦ୍ୟୁତ ମଜମ୍‌ଦାର:୯୦୦୭୧୭୭୭୪୬ କିମ୍ବା ପୂଜା ସର: LA1.Maniktala@HDBFS.com HDB Financial services Limitedଙ୍କ ସହିତ ଯୋଗାଯୋଗ କରନ୍ତୁ ।

ସ୍ଥାନ: ଓଡ଼ିଶା
ତାରିଖ: ୨୩.୦୮.୨୦୨୫

ସ୍ୱା/- ଏଚଡିବି ଫାଇନାନ୍‌ସିଆଲ୍ ଲିମିଟେଡ ପାଇଁ
ପ୍ରାଧିକୃତ ଅଧିକାରୀ

## ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍

IDFC FIRST Bank

(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

### ଆପେଣ୍ଡିକ୍ସ ୪ (ରୁଲ୍ ୮(୧)
### ପଜେସନ ନୋଟିସ
### (ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୬.୦୪.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ନୃସିଂହ ବେହେରା,୨. ସଂଯୁକ୍ତା ବେହେରା,** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୨,୭୮,୭୦୮.୮୧/-** (ଦୁଇଲକ୍ଷ ଅଠସ୍ତରୀ ହଜାର ସାତଶହ ଆଠ ଟଙ୍କା ଏକାଅଶୀ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୧୬.୦୪.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୮ ଅଗଷ୍ଟ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୨,୭୮,୭୦୮.୮୧/-** (ଦୁଇଲକ୍ଷ ଅଠସ୍ତରୀ ହଜାର ସାତଶହ ଆଠ ଟଙ୍କା ଏକାଅଶୀ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

**ବନ୍ଧକ ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଖାତା ନଂ ୮୯, ପ୍ଲଟ ନଂ ୬୪, ଏରିଆ- ଏ.୦.୦୧୭ ଡିସିମିଲ, ମୌଜା ଅବସ୍ଥିତି: ବସ୍ତାପଡ଼ା, ପିଏସ୍/ତହସିଲ- ସତ୍ୟବାଦୀ, ଜିଲ୍ଲା-ପୁରୀ, ରାଜ୍ୟ- ଓଡ଼ିଶା-୭୫୨୦୧୪ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ନିରଞ୍ଜନ କର, ପଶ୍ଚିମ- ସରକାରୀ ରାସ୍ତା, ଉତ୍ତର- କୃଷ୍ଣଚନ୍ଦ୍ର ପାଣି, ଦକ୍ଷିଣ- ନରେନ୍ଦ୍ର ବେହେରା ।

ତାରିଖ : ୧୮.୦୮.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୪୭୪୦୧୧୬୩

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ଧ୍ୟାକରଣ...

ଅନୁସାରେ, ୨୦୨୪ ମସିହାରେ ସାରା ଦେଶରେ ୩୭ ଲକ୍ଷରୁ ଅଧିକ କୁକୁର କାମୁଡ଼ାଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିଥିଲା । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ଯଦି କର୍ମଚାରୀ...

ବି ଜନସାଧାରଣଙ୍କ ଟଙ୍କାର ମୂଲ୍ୟ ବୁଝି ନାହାନ୍ତି। ସେମାନଙ୍କ ପାଇଁ ଜନସାଧାରଣଙ୍କ ଟଙ୍କା କେବଳ ସେମାନଙ୍କ ସିନ୍ଧୁକ ଭର୍ତ୍ତି କରିବାରେ ଲାଗିଛି। ଏହି କାରଣରୁ ସେମାନଙ୍କ ଅମଳରେ ବର୍ଷବର୍ଷ ଧରି ପ୍ରକଳ୍ପଗୁଡ଼ିକ ସଂପୂର୍ଣ୍ଣ ହୋଇନଥିଲା ବୋଲି ସେ ଉଲ୍ଲେଖ କରିଥିଲେ।

## ସେପ୍ଟେମ୍ବର ୧୫ରୁ...

ଭିତର ଧାଡ଼ି ଦର୍ଶନ ବ୍ୟବସ୍ଥା କିନ୍ତୁ ହୋଇନଥିଲା ।ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବରୁ କହିଥିଲେ, ଜାନୁଆରିରୁ ଶ୍ରୀମନ୍ଦିରରେ ଭିତର ଦର୍ଶନ ଲାଗି ଧାଡ଼ି ବ୍ୟବସ୍ଥା ଲାଗୁ ହେବ । କିନ୍ତୁ ଜାନୁଆରିରେ ହୋଇନଥିଲା । ଆଠ ମାସ ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ଘୋଷଣା କରିଛନ୍ତି ଆଇନମନ୍ତ୍ରୀ । ଏହାଦ୍ୱାରା ଭିତର ଦର୍ଶନ ସମୟରେ ସାତ ପାହାଚ ଦ୍ୱାରରେ ପ୍ରବେଶ କରି ଭକ୍ତ ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାରରେ ବାହାରି ପାରିବେ । ଘଣ୍ଟି ଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକ, ଗାରଦ ଦ୍ୱାରରେ ପୁରୁଷଙ୍କ ପାଇଁ ପ୍ରସ୍ଥାନ ରହିବ ।

## କାନ୍ଥ ଡେଇଁ...

ପରେ ହଇଚଇ ସୃଷ୍ଟି ହୋଇଥିଲା। ସେହିପରି ୨୦୨୩ ମସିହାରେ ମଧ୍ୟ ସଂସଦ ଆକ୍ରମଣର ବାର୍ଷିକୀରେ ଏକ ବଡ଼ ସୁରକ୍ଷା ତ୍ରୁଟି ହୋଇଥିଲା। ସଂସଦରେ ଚାଲିଥିବା ଅଧିବେଶନ ମଧ୍ୟରେ ଦୁଇ ଯୁବକ ସାଗର ଶର୍ମା ଏବଂ ମନୋରଞ୍ଜନ ଡି ଲୋକସଭା ଚାମ୍ବରରେ ପ୍ରବେଶ କରିଥିଲେ। ଏହି ଦୁଇଜଣ ସଂସଦର ପରିଦର୍ଶକ ଗ୍ୟାଲେରୀରୁ ଡେଇଁ ଲୋକସଭା ଚାମ୍ବର ଭିତରେ ହଳଦିଆ ଧୂଆଁର ଏକ ବେଲୁନ ଫୁଟାଇଥିଲେ। ଗୃହରେ ଉପସ୍ଥିତ ଥିବା ସାଂସଦମାନେ ତାଙ୍କୁ ଧରିଥିଲେ। ଏହି ମାମଲାରେ ମୋଟ ୬ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ମହେଶ କୁମାୱତ ଏବଂ ଲଳିତ ଝା ଥିଲେ। ଲଳିତ ଝା ସମଗ୍ର ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଇଥିଲା।

## ନିମ୍ନମାନର...

ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରି ମିଳିଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି।

୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀ, ସର୍ବୋଚ୍ଚ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ସାହୁ ଏବଂ ଇଂ ପ୍ରଦୀପ କୁମାର ଜେନା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜନ୍ମମାଟିରେ...

ଏଥିପାଇଁ ଭଦ୍ରକ ବିଜେପି ଶିବିର ବେଶ ଚଳଚଞ୍ଚଳ ହୋଇ ଉଠିଥିବା ଦେଖିବାକୁ ମିଳିଥିଲା। ଶ୍ରୀ ସାମଲଙ୍କୁ ଏକ ସୁସଜ୍ଜିତ ଖୋଲା ଗାଡ଼ିରେ ବସାଯାଇ ଶୋଭାଯାତ୍ରାରେ ନିଆଯାଇଥିଲା। ଏହାପରେ ଅଗ୍ରସେନ ଭବନଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରୀ ସାମଲ ତାଙ୍କ ଉଦବୋଧନରେ କହିଥିଲେ ଯେ ଓଡ଼ିଶାରେ ସରକାର ପରିବର୍ତ୍ତନ କରି ବିଜେପି କ୍ଷମତାକୁ ଆସିବାରେ ଭଦ୍ରକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଓଡ଼ିଶାର ବିକାଶ ଭଦ୍ରକରୁ ହିଁ ଆରମ୍ଭ ହେବ। ମେଡ଼ିକାଲ କଲେଜ, ବିଶ୍ୱବିଦ୍ୟାଳୟ, ଟେକ୍ସଟାଇଲ ପାର୍କ ଆଦି ପ୍ରତିଷ୍ଠା କରାଯିବ । ଅନ୍ୟପକ୍ଷରେ ଭଦ୍ରକର ବିକାଶକୁ ମଧ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବିଜେପି ନେତା ଅଜୟ ନାୟକ, ସୁଧାଂଶୁ ନାୟକ, ବାଣୀକଲ୍ୟାଣ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସମ୍ବର୍ଦ୍ଧନା ପାଇଁ ବିଜେପି, ବିଜେପି ମହିଳା ମୋର୍ଚ୍ଚା, ଯୁବମୋର୍ଚ୍ଚା, ବଜରଙ୍ଗଦଳ, ଆରଏସଏସ, ବିଶ୍ୱହିନ୍ଦୁ ପରିଷଦ, ଏବିଭିପି ଛାତ୍ର ସଂଗଠନ ପ୍ରମୁଖ ପ୍ରସ୍ତୁତି କରିଥିଲେ।

## ZILLA SWASTHYA SAMITI, NUAPADA
DISTRICT PROGRAMME MANAGEMENT UNIT,NHM
NUAPADA, ODISHA, 766105
E-mail : nhmnuapada2025@gmail.com
E-345

Letter No: 2362 /DPMU/NHM/2025 Date: 22.08.2025

**TENDER CALL NOTICE**

Sealed tenders are invited from the reputed supplier/private individuals of stationary items, computer consumables and reputed travels agencies/Tour Operators/Private individuals for empanelment as per details below:
**Tender A - Empanelment of vehicles on monthly hiring basis.**
**Tender B - Empanelment for providing stationary items and computer consumables.**

The sealed tender documents should reach at O/o -CDM&PHO ,Nuapada ,DHH ,Nuapada ,pin-766105 in any working day by date 06.09.2025 till 2.00 PM. Along with all requisite documents as mentioned in the tender documents by speed post/regd.post/reputed courier only. The tender will be opened on 06.09.2025 at 4.00 PM in the office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from Nuapada district website i.e. www.nuapada.odisha.gov.in from date 22.08.2025 The undersigned reserves the right to accept or reject any or all the quotation without assigning any reason thereof.

OIPR 10055/11/0021/2526

Sd/-Chief District Medical and Public Health -cum-District Mission Director, Nuapada

## Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
MM-167
Email – dfo.jharsuguda@odisha.gov.in/Ph – 06645 - 450249
Address- BTM (Ekatali), Jharsuguda Unit No.1, Dist.-Jharsuguda

Office Order No. 181 Date: 21.08.2025

The following tenders under Office order No.157 dated 15.07.2024 are hereby cancelled due to following reason

| Sl. No. | Name of the Office | Number and Model / Type of Vehicle to be hired (Bolero/ Mahindra (Diesel AC) | Remarks |
|---|---|---|---|
| 1 | Range Office, Jharsuguda Range | 2 | Cancelled as the selected bidders (L1 & L2) declined to supply the vehicle as per the terms and conditions |
| 2 | Range Office, Brajrajnagar Range | 1 | |
| 3 | Range Office, Belpahar Range | 1 | |
| 4 | Division Office | 1 | |
| | Total:- | 5 | |

OIPR 08054/11/0022/2526

Sd/- Divisional Forest Officer
Jharsuguda Forest Division

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
CAD-1519
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-239 (Vol.-II)/3186 Date: 19.08.2025

**TENDER CALL NOTICE NO.-CHEP-26/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the **Manufacturers / Manufacturer's Suppliers** meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Potential Transformers for 132KV Switchyard of CHEP, Chiplima | Rs.7,080/- (Rs.6,000/- + GST @18%) | Rs.14,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.25.08.2025 up to 12:30 PM of dtd.09.09.2025.

OIPR 04006/11/0098/2526 Sd/- C & P Head, CHEP, Chiplima

SURYODAY A BANK OF SMILES

## ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍
ରେଜିଷ୍ଟ୍ରାର୍ଡ ଏବଂ କର୍ପୋରେଟ୍ ଅଫିସ୍: ୧୧୦୧,ଶାରଦା ଟେରାସେସ୍, ପ୍ଲଟ୍ ନଂ ୬୫, ସେକ୍ଟର-୧୧, ସିବିଡି ବେଲାପୁର, ନାଭି ମୁମ୍ବାଇ-୪୦୦୬୧୪,ସିଆଇଏନ: ଏଲ୬୫୯୨୩ଏମ୍‌ଏଚ୍୨୦୦୮ପିଏଲ୍‌ସି୨୬୧୪୭୨

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ମେସର୍ସ ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ଏସଏସ୍‌ଏଫବିଏଲ)ର ପ୍ରାଧିକୃତ ଅଧିକାରୀ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ଧାରା ୧୩(୧୨)ର ଉପଧାରା ୩ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ-୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା(ମାନେ), ସହ-ଋଣଗ୍ରହୀତା(ମାନେ), ଗ୍ୟାରେଣ୍ଟରମାନଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ସେମାନଙ୍କ ଉପରେ ଥିବା ବକେୟା ଋଣ [illegible]

| ଋଣ ଗ୍ରହୀତା/ସହଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କ ନାମ | | |
|---|---|---|
| [illegible] | ଡିମାଣ୍ଡ ନୋଟିସ ତାରିଖ | [illegible] |
| | ଏନ୍‌ପିଏ ତାରିଖ | [illegible] |
| | ମୋଟ ବକେୟା ପରିମାଣ ଟ. | [illegible] |
| ୨୧୬୦୩୦୦୦୧୯୨୩, ଜୟନ୍ତ କୁମାର ବେହେରା, ପିତା- ଜଟାଧର ବେହେରା, ୨. ନିରୂପମା ବେହେରା, ସ୍ୱାମୀ- ଜୟନ୍ତ କୁମାର ବେହେରା, ୩. ଜନ୍ମେଜୟ ବେହେରା, ପିତା- ଜଟାଧାରୀ ବେହେରା | ଡିମାଣ୍ଡ ନୋଟିସ ତାରିଖ | ୧୪.୦୮.୨୦୨୫ |
| | ଏନ୍‌ପିଏ ତାରିଖ | ୦୮.୦୮.୨୦୨୫ |
| | ମୋଟ ବକେୟା ପରିମାଣ ଟ. | ଟ.୧୬,୮୩,୯୪୪.୩୮/- ୧୩.୦୮.୨୦୨୫ ସୁଦ୍ଧା |

ସୁରକ୍ଷିତ ସାମଗ୍ରୀର ବିବରଣୀ(ଗୁଡ଼ିକ)/ସ୍ଥାବର ସମ୍ପତ୍ତି (ଗୁଡ଼ିକ), ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ପ୍ଲଟ ନଂ ୪୮୨ଏବଂ ୪୮୩, ଖାତା ନଂ-୪୬୧/୧୬୯, ମୌଜା- ନୁହାନକିରି, ଥାନା- ନିମାପଡ଼ା, ତହସିଲ- ନିମାପଡ଼ା, ଜିଲ୍ଲା-ପୁରୀ, ପିନ୍-୭୫୨୧୦୬, ବାଉଣ୍ଡରୀ ଯଥା: ପୂର୍ବ- ରାସ୍ତା, ପଶ୍ଚିମ- ସରସ୍ୱତୀ ସାହୁ, ଉତ୍ତର- ସରସ୍ୱତୀ ସାହୁ, ଦକ୍ଷିଣ- ଦେବରାଜ ପ୍ରଧାନ।

ସ୍ଥାନ: ଓଡ଼ିଶା, ତାରିଖ: ୨୩.୦୮.୨୦୨୫ ପ୍ରାଧିକୃତ ଅଧିକାରୀ, ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

## जिला परिषद कार्यालय
## पूर्वी सिंहभूम, जमशेदपुर

**शुद्धि पत्र**

एतद द्वारा सूचित किया जाता है कि PR 359439 Panchayat Raj (25-26)D के माध्यम से प्रकाशित अति अल्पकालीन ई0 निविदा आमंत्रण सूचना संख्या – ESZP/JSR/ Epro-09 / 2025–26 में संशोधन निम्नवत् है :–

| | | | |
|---|---|---|---|
| 1. | निविदा प्राप्त करने की अंतिम तिथि | – | 26.08.2025 को अपराह्न 05:00 बजे तक |
| 2. | निविदा खोलने की तिथि एवं समय | – | 28.08.2025 को अपराह्न 05:00 बजे। |

नोट – अन्य सभी नियम एवं शर्ते यथावत रहेंगी।

जिला अभियंता,
जिला परिषद, पूर्वी सिंहभूम,
जमशेदपुर

PR 360178 Panchayati Raj (25-26)_D

## कार्यालय कार्यपालक अभियंता,
## लघु सिंचाई प्रमंडल, लातेहार

**निविदा रद्द संबंधित सूचना**

पत्रांक–628 दिनांक–22.08.2025

एतद् द्वारा सूचित किया जाता है कि इस कार्यालय के ई0 निविदा आमंत्रण सूचना सं0- WRD/MID/Latehar/F2-12/2025-26 यथा सेडे नदी, लाटो नदी नाला एवं डेली करचा नाला पर पक्का चेकडैम निर्माण कार्य प्रखंड–महुआडाड़ विभिन्न समाचार पत्रों में प्रकाशित की गयी थी जिसका PR No-359907 (water Resources)25-26*D है, को अपरिहार्य कारणवश रद्द किया जाता है।

PR 360200 Water Resource(25-26)#D

कार्यपालक अभियंता,
लघु सिंचाई प्रमंडल, लातेहार

## जिला परिषद् कार्यालय, जामताड़ा
Email Id: zilaparishad_jamtara@yahoo.com

**शुद्धि–पत्र**

एतद् द्वारा सूचित किया जाता है कि इस कार्यालय के अल्पकालीन ई0–निविदा आमंत्रण सूचना सं0–ZILA/PARISHAD/JAMTARA/RE/01/2025-26, PR-359417, (District) 25-26 (D) में SBD Clause-4.5A Page No.-11 To qualify for award of the contract, each bidder in its name should have in the last five years as referred to in Appendix.
(b) Satisfactorily completed Similar nature of civil work (*not less than 50% of contract value*), as a prime contractor. And at least one similar work of value not less than amount indicated in Appendix (usually not less than 50% of estimated value of contract in last five years); and APPENDIX to ITB -Page No.-24 Clause Reference with respect to Section-I 4. Minimum value of single civil work of similar nature is (50% of estimated cost) = Rs. 120.698 Lac को इस हद तक संसोधित समझा जाय।
निविदा की अन्य शेष शर्तें यथावत् रहेंगे।

ह0 / –
जिला अभियंता
जिला परिषद्, जामताड़ा

PR 360202 (District)25-26*D

## झारखण्ड सरकार
## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल, सरायकेला-खरसावाँ

**-: ई- निविदा आमंत्रण सूचना :-**

ई– पुनर्निविदा संख्या :– 03/2025-26/EE/RWD/SRK दिनांक 21.08.2025

1. कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में | प्राक्कलित राशि अक्षर में | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| 1. | RWD/EE/SRK/29/2024-25 | चाण्डिल | एन0एच0–33 से हुमिद गाँव तक पथ निर्माण। (लम्बाई– 1.46 कि0मी0) | 1,11,34,577.00 | एक करोड़ ग्यारह लाख चौंतीस हजार पाँच सौ सतहत्तर रू0 मात्र। | 09 माह | 2nd Call |
| 2. | RWD/EE/SRK/19/2024-25 | नीमडीह | सिरका टोला कान्ठालडीह हरिमंदिर से ससांगडीह तक पथ निर्माण। (लम्बाई– 1.85 कि0मी0) | 1,64,92,037.00 | एक करोड़ चौसठ लाख बिरानवे हजार सैंतीस रू0 मात्र। | 12 माह | 3rd Call |

2. वेबसाईट में निविदा प्रकाशन की तिथि :– 28.08.2025
3. ई–निविदा प्राप्ति की अंतिम तिथि एवं समय :– 11.09.2025 अपराह्न 5:00 बजे तक।
4. निविदा खोलने की तिथि एवं समय :– 13.09.2025 को अपराह्न 03:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
6. ई–निविदा प्रकोष्ठ का दूरभाष संख्या :– 7209661815

विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल,
सरायकेला–खरसावाँ

PR 360153 Rural Work Department (25-26)_D




ଶ୍ରୀନଗର: ଶୁକ୍ରବାର ଦିନ ଉପରାଜ୍ୟପାଳ ମନୋଜ ସିହ୍ନା ଦୁଇ ଜଣ ସରକାରୀ କର୍ମଚାରୀଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିଛନ୍ତି। ସେମାନେ ଦୁହେଁ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା, ଆଇନ ପ୍ରବର୍ତ୍ତନ ଏବଂ ଗୁଇନ୍ଦା ସଂସ୍ଥା ପାଇଁ କାମ କରୁଥିଲେ। ଜମ୍ମୁ ଏବଂ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଶୁକ୍ରବାର ସମ୍ବିଧାନର ଧାରା ୩୧୧ (୨) (ଗ) କୁ ଆଧାର କରି ଆତଙ୍କବାଦୀ ଲିଙ୍କ୍ ଅଭିଯୋଗରେ ଦୁଇ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି। ଉଭୟଙ୍କୁ ଗିରଫ ମଧ୍ୟ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଶିକ୍ଷକ ଏବଂ ଅନ୍ୟ ଜଣେ ସହକାରୀ ପଶୁପାଳକ। ଶିକ୍ଷକଙ୍କୁ ଖୁର୍ସିଦ ଅହମ୍ମଦ ରାଥର ଭାବରେ ଚିହ୍ନଟ କରାଯାଇଛି ଯିଏ କୁପୱାଡ଼ାର କରନାହରେ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ ଏବଂ ସହକାରୀ ପଶୁପାଳକ (ମେଷପାଳନ ବିଭାଗ) ସିଆଦ ଅହମ୍ମଦ ଖାନ ଭାବରେ ଚିହ୍ନଟ କରାଯାଇଛି।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

## 'ପଶ୍ଚିମବଙ୍ଗର ବିକାଶକୁ ତ୍ୱରାନ୍ୱିତ କରିବାର ସୁଯୋଗ ମିଳିଛି'

କୋଲକାତା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପଶ୍ଚିମବଙ୍ଗର କୋଲକାତାରେ ୫,୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କୁ ପୁଣି ଥରେ ପଶ୍ଚିମବଙ୍ଗର ବିକାଶକୁ ତ୍ୱରାନ୍ୱିତ କରିବାର ସୁଯୋଗ ମିଳିଛି। ନୋଆପାରାରୁ ଜୟ ହିନ୍ଦ ବିମାନବନ୍ଦର ପର୍ଯ୍ୟନ୍ତ କୋଲକାତା ମେଟ୍ରୋ ଯାତ୍ରାର ତାଙ୍କର ଅଭିଜ୍ଞତା ପ୍ରଦାନ କରି ଶ୍ରୀ ମୋଦୀ କହିଛନ୍ତି ଯେ ଏହି ଗସ୍ତ ସମୟରେ ସେ ଅନେକ ସହକର୍ମୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ସମସ୍ତେ କୋଲକାତାର ସାଧାରଣ ପରିବହନ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ଖୁସି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଛଅ ଲେନ୍ ବିଶିଷ୍ଟ ଉନ୍ନତ କୋନା ଏକ୍ସପ୍ରେସୱେ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ବହୁ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ସେ କୋଲକାତାର ଜନସାଧାରଣ ଏବଂ ପଶ୍ଚିମବଙ୍ଗର ସମସ୍ତ ନାଗରିକଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଇଛନ୍ତି। 'କୋଲକାତା ଭଳି ସହରଗୁଡ଼ିକ ଭାରତର ଇତିହାସ




ଏବଂ ଏହାର ଭବିଷ୍ୟତ ଉଭୟର ଏକ ସମୃଦ୍ଧ ପ୍ରତିମୂର୍ତ୍ତି, କାରଣ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ଆଡକୁ ଅଗ୍ରସର ହେଉଛି। ଏପରି ସମୟରେ ଦମ୍ ଦମ୍ ଏବଂ କୋଲକାତା ଭଳି ସହରଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ', ବୋଲି ଶ୍ରୀ ମୋଦୀ କହିଛନ୍ତି। 'ଏକବିଂଶ ଶତାବ୍ଦୀର ଭାରତକୁ ଏକବିଂଶ ଶତାବ୍ଦୀର ପରିବହନ ବ୍ୟବସ୍ଥା ଆବଶ୍ୟକ। ତେଣୁ, ଆଜି ସାରା ଦେଶରେ, ରେଳପଥରୁ ରାସ୍ତା, ମେଟ୍ରୋରୁ ବିମାନବନ୍ଦର ପର୍ଯ୍ୟନ୍ତ ଆଧୁନିକ ପରିବହନ ସୁବିଧା ବିକଶିତ ଏବଂ ପରସ୍ପର ସହିତ ଜଡିତ', ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ଭାରତ ସରକାର ପଶ୍ଚିମବଙ୍ଗର ବିକାଶ ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି ବୋଲି ଦୃଢ଼ୋକ୍ତି କରି ଶ୍ରୀ ମୋଦୀ କହିଛନ୍ତି ଯେ ପଶ୍ଚିମବଙ୍ଗ ଏବେ ସେହି ରାଜ୍ୟମାନଙ୍କ ମଧ୍ୟରେ ସାମିଲ ଯେଉଁଠାରେ ୧୦୦% ରେଳ ବିଦ୍ୟୁତୀକରଣ ହାସଲ କରାଯାଇଛି। ଗତ ୧୧ ବର୍ଷ ମଧ୍ୟରେ ଭାରତ ସରକାର ଏହି ଅଞ୍ଚଳରେ ଅନେକ ପ୍ରମୁଖ ରାଜପଥ ପ୍ରକଳ୍ପ ସମାପ୍ତ କରିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଅନ୍ୟାନ୍ୟ ଅନେକ ଭିତ୍ତିଭୂମି ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଛି। ସେ ଆଲୋକପାତ କରିଥିଲେ ଯେ ଛଅ ଲେନ୍ ବିଶିଷ୍ଟ କୋନା ଏକ୍ସପ୍ରେସୱେ ସମ୍ପୂର୍ଣ୍ଣ ହେବା ପରେ, ଏହା ବନ୍ଦର ସଂଯୋଗୀକରଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ସେ ଏହା ସହିତ ଶେଷରେ କହିଥିଲେ ଯେ ଏହି ବର୍ଦ୍ଧିତ ସଂଯୋଗୀକରଣ କୋଲକାତା ଏବଂ ପଶ୍ଚିମବଙ୍ଗ ପାଇଁ ଏକ ଉନ୍ନତ ଭବିଷ୍ୟତର ମୂଳଦୁଆକୁ ମଜବୁତ କରିବ। ପଶ୍ଚିମବଙ୍ଗର ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷ, କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର,ରଭନୀତ ସିଂହ ବିଟ୍ଟୁ, ଡକ୍ଟର ସୁକାନ୍ତ ମଜୁମଦାର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉପସ୍ଥିତ ଥିଲେ।

### ଚାଇନା-ଜାପାନ
## ଗସ୍ତ କରିବେ ମୋଦି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ଜାପାନ ଏବଂ ଚାଇନା ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ୨୯-୩୦ ଅଗଷ୍ଟ ୨୦୨୫ରେ ଜାପାନ ଗସ୍ତ କରିବେ ଏବଂ ତା'ପରେ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଇନା ଗସ୍ତ କରିବେ। ଚାଇନାରେ, ପ୍ରଧାନମନ୍ତ୍ରୀ ମୋଦି ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଯୋଗଦେବେ ଏବଂ ସେଠାରେ ଅନେକ ଦ୍ୱିପାକ୍ଷିକ ବୈଠକରେ ମଧ୍ୟ ଅଂଶଗ୍ରହଣ କରିବେ। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ନିମନ୍ତ୍ରଣରେ ଜାପାନ ଗସ୍ତ କରିବେ, ଯାହା ତାଙ୍କର ଅଷ୍ଟମ ଜାପାନ ଗସ୍ତ ହେବ। ପ୍ରଧାନମନ୍ତ୍ରୀ ମୋଦି ଏବଂ ପ୍ରଧାନମନ୍ତ୍ରୀ ଇଶିବାଙ୍କ ନେତୃତ୍ୱରେ ଭାରତ-ଜାପାନ ବାର୍ଷିକ ବୈଠକ ଆୟୋଜିତ ହେବ, ଯେଉଁଥିରେ ଦ୍ୱିପାକ୍ଷିକ ସମ୍ପର୍କର ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯିବ ଏବଂ ଭବିଷ୍ୟତ ରଣନୀତି ଘୋଷଣା କରାଯିବ।

### ମନୋରମା ନ୍ୟୁଜ୍ କନକ୍ଲେଭ-୨୦୨୫ରେ ଅମିତ ଶାହଙ୍କ ସମ୍ବୋଧନ
## ଭାରତ ବିକଶିତ ନହେବା ପର୍ଯ୍ୟନ୍ତ ଆମେ ବିଶ୍ରାମ ନେବୁ ନାହିଁ

ନୂଆଦିଲ୍ଲୀ: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଶୁକ୍ରବାର କେରଳର କୋଚିରେ ମନୋରମା ନ୍ୟୁଜ୍ କନକ୍ଲେଭ୍ ୨୦୨୫ କୁ ସମ୍ବୋଧିତ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ, ଭଲ ଉଦ୍ଦେଶ୍ୟ ସହିତ ଏକ ବହୁଦଳୀୟ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଗ୍ରହଣ କରାଯିବା ସତ୍ତ୍ୱେ, ସ୍ୱାଧୀନତାର ତୃତୀୟ ଦଶନ୍ଧି ଠାରୁ ଅନେକ ତ୍ରୁଟି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଦୂଷିତ କରିବା ଆରମ୍ଭ କରିଥିଲା। ଶ୍ରୀ ଅମିତ ଶାହ କହିଥିଲେ ଯେ ଅସ୍ଥିରତାର ବାତାବରଣ କାରଣରୁ ଦେଶ ଦୀର୍ଘକାଳୀନ ନୀତିଗୁଡ଼ିକରୁ ବଞ୍ଚିତ ଥିଲା। ଭାରତ ବିକଶିତ ନହେବା ପର୍ଯ୍ୟନ୍ତ ଆମେ ବିଶ୍ରାମ ନେବୁ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସଫଳତାର ସହ ଆମ ଅର୍ଥ ବ୍ୟବସ୍ଥାକୁ ବିଶ୍ୱସ୍ତରରେ ୧୧ତମ ସ୍ଥାନକୁ ଆଣିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ଏବଂ ଏହାର ସ୍ଥିରତା ବଜାୟ ରଖି ଅର୍ଥବ୍ୟବସ୍ଥା ଯେପରି ଏକାଦଶ ସ୍ଥାନରୁ ଦ୍ୱାଦଶ ସ୍ଥାନକୁ ଖସିବ ନାହିଁ ତାହା ସୁନିଶ୍ଚିତ କରିଥିଲେ। ସେ କହିଥିଲେ ଯେ ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଆମ ଅର୍ଥବ୍ୟବସ୍ଥାକୁ ୧୧ତମ ସ୍ଥାନରୁ ବିଶ୍ୱର ଶ୍ରେଷ୍ଠ ୪ଟି ଅର୍ଥବ୍ୟବସ୍ଥା ମଧ୍ୟରୁ ଗୋଟିଏକୁ ଉନ୍ନୀତ କରିଛନ୍ତି। ଗୃହ



ମନ୍ତ୍ରୀ କହିଥିଲେ ଯେ ଉତ୍ତର-ପୂର୍ବ ବାମପନ୍ଥୀ ଉଗ୍ରବାଦ ଏବଂ ଜାମ୍ମୁ-କାଶ୍ମୀର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ନିରନ୍ତର ଆହ୍ୱାନ ଥିଲା। ଏହି ତିନୋଟି କ୍ଷେତ୍ରରେ ହିଂସାତ୍ମକ ଘଟଣାରେ ୭୦ ପ୍ରତିଶତ ହ୍ରାସ, ମୃତ୍ୟୁ ହାରରେ ୭୦ ପ୍ରତିଶତ ହ୍ରାସ ଏବଂ ସୁରକ୍ଷା ବାହିନୀର ମୃତ୍ୟୁରେ ୭୪ ପ୍ରତିଶତ ହ୍ରାସ ଘଟିଛି। ଆତଙ୍କବାଦର ମୁକାବିଲା ପାଇଁ ଆମେ ଏକ ସୁଦୃଢ଼ ବ୍ୟବସ୍ଥା ବିକଶିତ କରିଛୁ, ଯାହାର ସକାରାତ୍ମକ ଫଳାଫଳ ମିଳିଛି। ଶ୍ରୀ ଅମିତ ଶାହ କହିଥିଲେ ଯେ କେରଳର ଲୋକମାନେ ଦୁର୍ନୀତିକୁ ବରଦାସ୍ତ କରନ୍ତି ନାହିଁ। ଭୋଟ ବ୍ୟାଙ୍କ ରାଜନୀତି କାରଣରୁ ଏଠାରେ ଜାତୀୟ ସୁରକ୍ଷା ସହ ସାଲିସ୍ କରାଯାଇଛି। ଆଇନ ଶୃଙ୍ଖଳା ସ୍ଥିତି ମଧ୍ୟ ନିମ୍ନ ସ୍ତରକୁ ଖସିଛି। ସୀମା ପୁନଃ ନିର୍ଦ୍ଧାରଣ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ତାମିଲନାଡୁରେ ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ଯେଉଁ ଆଶଙ୍କା କରାଯାଉଛି ତାହା ଭିତ୍ତିହୀନ। 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ପ୍ରସଙ୍ଗରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଏହା ସମସ୍ତ ଦଳ ପାଇଁ ସମାନ ଭାବେ ଲାଗୁ ହେବ। ସେ କହିଥିଲେ ଯେ ଯଦି କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଛି, ତେବେ ସେଗୁଡ଼ିକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ରେ ଉଠାଯାଇ ଆଲୋଚନା କରାଯାଇ ପାରିବ। ତିନୋଟି ନୂଆ ଅପରାଧିକ ଆଇନ ସମ୍ପର୍କରେ ଶ୍ରୀ ଅମିତ ଶାହ କହିଥିଲେ ଯେ ବ୍ରିଟିଶ ଶାସନ କାଳରେ ଯେଉଁ ଆଇନ ପ୍ରଣୟନ କରାଯାଇଥିଲା, ତାହାର ଉଦ୍ଦେଶ୍ୟ ଥିଲା ଭାରତରେ ବ୍ରିଟିଶ ସରକାରଙ୍କୁ ସୁଦୃଢ଼ କରିବା, ଆମ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନୁହେଁ। ତେଣୁ ଭାରତୀୟ ଦଣ୍ଡ ସଂହିତାର ନାମ ଏବେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ ବିଷୟରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ସବୁଠାରୁ ସଫଳ ମୁଖ୍ୟମନ୍ତ୍ରୀ, ସବୁଠାରୁ ସଫଳ ପ୍ରଧାନମନ୍ତ୍ରୀ ଏବଂ ଉଭୟ ରାଜ୍ୟ ତଥା ରାଷ୍ଟ୍ରର ଦୀର୍ଘତମ ସେବା କରୁଥିବା ନେତା।

### ଜାପାନ ଗସ୍ତରେ ବିଷ୍ଣୁଦେବ
## ବୈଷୟିକ ଏବଂ ବାଣିଜ୍ୟ ବ୍ୟବସାୟକୁ ନେଇ ଆଲୋଚନା

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ଜାପାନ ଗସ୍ତରେ ଯାଇ ରାଜଧାନୀ ଟୋକିଓରେ ପହଞ୍ଚିଛନ୍ତି। ସେଠାରେ ସେ ବିଭିନ୍ନ ଶିଳ୍ପପତିଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ବିଶେଷ କରି ବୈଷୟିକ ଜ୍ଞାନ କୌଶଳ ଏବଂ ବାଣିଜ୍ୟ କାରବାରର ବିକାଶ ନିମନ୍ତେ ଆଲୋଚନା କରିବେ। ତାଙ୍କ ଗସ୍ତର ପ୍ରଥମଦିନର ଐତିହାସକି ଅଷାକୁଷା ମନ୍ଦିର ପରିଦର୍ଶନରେ ଯାଇଥିଲେ। ଏହି ମନ୍ଦିରଟି ଐତିହ୍ୟ ସଂପନ୍ନ ଓ ବହୁ ପ୍ରାଚୁର୍ଯ୍ୟରେ ଭରପୁର। ବିଷ୍ଣୁଦେବ ଏହି ମନ୍ଦିରରେ ବେଶ୍ କିଛି ସମୟ ଅତିବାହିତ କରିବା ସହ ଛତିଶଗଡର ୩କୋଟି ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ଏହାପରେ ସେ ଏନ୍‌ଟିଟି ଲିମିଟେଡର ସିଇଓ କାୟୋ ଇଟୋଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ଛତିଶଗଡର ଭିତ୍ତିଭୂମିର ବିକାଶ ଏବଂ ଡିଜିଟାଲ କାରବାର ଉପରେ ଆଲୋଚନା କରିବା ସହ ଛତିଶଗଡରେ ଏନେଇ ପୁଞ୍ଜି ନିବେଶ କରିବାକୁ ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ସାଏ ଦର୍ଶାଇଥିଲେ ଯେ, ଛତିଶଗଡରେ ଡିଜିଟାଲ ଇକୋ ସିଷ୍ଟମ କାର୍ଯ୍ୟକାରି ହେଉଅଛି। ବର୍ତ୍ତମାନ ସାରା ବିଶ୍ୱ ଡିଜିଟାଲ ଉପରେ ନିର୍ଭର କରୁଥିବାରୁ ଛତିଶଗଡରେ ଏହା ବିକାଶ ଜରୁରୀହୋଇ ପଡିଛି।



ସେହିପରି ସାଇବର ସିକ୍ୟୁରିଟି ଉପରେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ଶ୍ରୀ ସାଏ ଜାପାନର ଆମ୍ବାସଡର ସିବି ଜର୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାକରିଥିଲେ। ବାଣିଜ୍ୟ, ଅର୍ଥନୈତିକ ବିକାଶ, ବାଣିଜ୍ୟ ସୁରକ୍ଷା, ସବୁଜ ପରିବେଶ ଏବଂ ଶିଳ୍ପର ବିକାଶ ଉପରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ଏଥିସହ ଉଭୟ ଛତିଶଗଡ ଏବଂ ଜାପାନ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ଯାଇଥିବା ପ୍ରତିନିଧିଦଳମଧ୍ୟ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ।

## ଉଦ୍ୟୋଗପତି ଲର୍ଡ ସ୍ୱରାଜଙ୍କ ପରଲୋକ, ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ : ଭାରତରେ ଜନ୍ମିତ ବ୍ରିଟେନର ପ୍ରମୁଖ ଉଦ୍ୟୋଗପତି ଲର୍ଡ ସ୍ୱରାଜ ପଲଙ୍କ ପରଲୋକ ହୋଇଯାଇଛି। କିଛିଦିନ ପୂର୍ବରୁ ଅସୁସ୍ଥତା ହେତୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରଲୋକ ବେଳକୁ ପଲଙ୍କୁ



୯୪ ବର୍ଷ ବୟସ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଲଙ୍କ ପରଲୋକରେ ଶୋକ ବ୍ୟକ୍ତ କରି ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ପଲ ବ୍ରିଟେନରେ କପାରୋ ଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜର ସଂସ୍ଥାପକ ଥିଲେ। ପଲଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସରେ ଏକ ଶୋକବାର୍ତ୍ତା ପୋଷ୍ଟ କରିଛନ୍ତି। ମୋଦି ଲେଖିଛନ୍ତି ଯେ 'ସ୍ୱରାଜ ପଲଙ୍କ ପରଲୋକରେ ମୁଁ ଅତ୍ୟନ୍ତ ଦୁଃଖି, ବ୍ରିଟେନରେ ଉଦ୍ୟୋଗ, ପରୋପକାର ଓ ଜନସେବାରେ ତାଙ୍କ ଯୋଗଦାନ ସାଙ୍ଗକୁ ଭାରତ ସହିତ ତାଙ୍କର ଘନିଷ୍ଠ ସମ୍ବନ୍ଧ ତାଙ୍କୁ ସର୍ବଦା ସ୍ମରଣୀୟ କରିବ'। ଜଲନ୍ଧରରେ ଜନ୍ମିତ ପଲ ବିପୁଳ ସମ୍ପତ୍ତିର ମାଲିକ ଥିଲେ। ତାଙ୍କ ଅନୁମାନିକ ସମ୍ପତ୍ତିର ମୂଲ୍ୟ ୨ ବିଲିୟନ ପାଉଣ୍ଡରୁ ମଧ୍ୟ ଅଧିକ। କପାରୋ କମ୍ପାନୀର ମୁଖ୍ୟାଳୟ ଲଣ୍ଡନରେ ରହିଛି ଓ ଏହା ୪୦ରୁ ଅଧିକ ସ୍ଥାନରେ ଅନ୍ତର୍ଜାତୀୟ ସ୍ତରରେ କାମ କରୁଛି। ଏହି କମ୍ପାନୀର ସଞ୍ଚାଳନ ବ୍ରିଟେନ, ଉତ୍ତର ଆମେରିକା, ଭାରତ ଓ ମଧ୍ୟପ୍ରାଚ୍ୟରୁ ହେଉଛି। କପାରୋ ସମୂହର ନିର୍ଦ୍ଦେଶକ ତାଙ୍କ ପୁଅ ଆକାଶ ପଲ ଅଛନ୍ତି। ୧୯୭୫ ମସିହାରେ ସ୍ୱରାଜ ପଲ ଭାରତ ଓ ବ୍ରିଟେନ ମଧ୍ୟରେ ବୁଝାମଣାକୁ ପ୍ରୋତ୍ସାହିତ କରିବା ପାଇଁ ଇଣ୍ଡୋ-ବ୍ରିଟିଶ ଆସୋସିଏସନର ସ୍ଥାପନା କରିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ରିଅଲମି ପି୪ ପ୍ରୋ ଓ ରିଅଲମି ପି୪ର ଶୁଭାରମ୍ଭ ସହିତ ଏହାର ବହୁପ୍ରତିକ୍ଷୀତ ରିଅଲମି ପି୪ ସିରିଜର ଉନ୍ମୋଚନ କରାଯାଇଛି। ଫ୍ଲାଗସିପ-ଲେଭେଲ ଉଦ୍ଭାବନଗୁଡିକ ସହିତ ନିର୍ମିତ ଏହି ସିରିଜ ଡୁଆଲ-ଚିପ ପରିଚାଳିତ କାର୍ଯ୍ୟଦକ୍ଷତା, ପ୍ରୋ-ଗ୍ରେଡ ଗେମିଂ, ସିନେମାଟିକ ଡିସ୍‌ପ୍ଲେ ଓ ସାରାଦିନର ସହନଶୀଳତା ଆଣିଛି। ଡେଡିକେଟେଡ ହାଇପର ଭିଜନ ଏଆଇ ଚିପ, ସ୍ନାପଡ୍ରାଗନ ୭ ଜେନ ୪ ପ୍ରୋସେସ, ଡୁଆଲ ୫୦ଏମପି ଏଆଇ କ୍ୟାମେରା, ୧୪୪ଏଚଜେଡ ହାଇପରଗ୍ଲୋ ଆମୋଲେଡ ଡିସ୍‌ପ୍ଲେ ଏବଂ ୭୦୦୦ ଏମଏଏଚ ଟାଇଟାନ ବ୍ୟାଟେରୀ ଭଳି ଉଦ୍ଭାବନଗୁଡିକ ସହିତ ରିଅଲମି ପି୪ ସିରିଜ ଏହି ମୂଲ୍ୟ ବର୍ଗରେ ଉପଭୋକ୍ତାଙ୍କ ଆକାଂକ୍ଷାଗୁଡିକୁ ନୂଆ ରୂପ ଦେଇଛି, ଯାହା ଏହାକୁ ୨୦,୦୦୦ ଟଙ୍କା ଓ ୧୫୦୦୦ ଟଙ୍କାରୁ କମ୍ ମୂଲ୍ୟରେ ସର୍ବୋତମ ଡୁଆଲ-ଚିପ ସ୍ମାର୍ଟଫୋନ ଭାବେ ଅବସ୍ଥାପିତ କରୁଛି। ଏହି ଅବସରରେ ରିଅଲମି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଫ୍ରାନ୍ସିସ ୱଙ୍ଗ କହିଛନ୍ତି, 'ସ୍ୱତନ୍ତ୍ର ଭାବେ ଭାରତ ପାଇଁ ଡିଜାଇନ କରାଯାଇଥିବା ପି୪ ପ୍ରୋ ଓ ପି୪ କେବଳ ପ୍ରତିଦ୍ୱନ୍ଦିତା କରୁନାହାନ୍ତି ବରଂ ପ୍ରତ୍ୟେକ ପ୍ରତିଦ୍ୱନ୍ଦୀଙ୍କୁ ଅତିକ୍ରମ କରୁଛନ୍ତି ଏବଂ ଏହା ନିଶ୍ଚିତ ରୂପେ ୨୦୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ସର୍ବୋତମ ସ୍ମାର୍ଟଫୋନ ଅଟେ।'

## ଆମାଜନ ପକ୍ଷରୁ ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ପକ୍ଷରୁ ଆମାଜନ.ଇନରେ ଏକ ସମର୍ପିତ ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଛି। ଯାହା ଗ୍ରାହକମାନଙ୍କୁ ପରିବେଶ ଅନୁକୂଳ ଏବଂ ପାରମ୍ପରିକ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀର ଏକ ସୁଚିନ୍ତିତ ଚୟନ ପ୍ରଦାନ କରୁଛି। ଏହି ଷ୍ଟୋରରେ ମାଟି ଗଣେଶ ମୂର୍ତ୍ତି ଏବଂ ହସ୍ତଶିଳ୍ପ ସାଜସଜ୍ଜା ଠାରୁ ଆରମ୍ଭ କରି ଉତ୍ସବକାଳୀନ ପୋଷାକ, ପୂଜା ଆବଶ୍ୟକୀୟ ସାମଗ୍ରୀ ଏବଂ ମିଠା ଖାଦ୍ୟ ପର୍ଯ୍ୟନ୍ତ ସବୁକିଛି ଉପଲବ୍ଧ ରହିଛି। ଗ୍ରାହକମାନେ ଉତ୍ପାଦଗୁଡ଼ିକ ଆବିଷ୍କାର କରିବା, ବ୍ୟକ୍ତିଗତ ସୁପାରିଶ ପାଇବା ଏବଂ ସେମାନଙ୍କର ଉତ୍ସବକାଳୀନ ସପିଂ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆମାଜନ ର ଏଆଇ-ଚାଳିତ ସପିଂ ଆସିଷ୍ଟାଂଟ ରୁଫସ ମଧ୍ୟ ବ୍ୟବହାର କରିପାରିବେ। ଏହି ଗଣେଶ ଚତୁର୍ଥୀ ଷ୍ଟୋରରେ ଉପଲବ୍ଧ କିଛି କ୍ୟୁରେଟେଡ୍ ଚୟନ ମଧ୍ୟରେ ଉତ୍ସବକାଳୀନ ସାଜସଜ୍ଜା ଉପରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ପରିବେଶ ଅନୁକୂଳ ମାଟି ମୂର୍ତ୍ତି, ମୂର୍ତ୍ତି ଏବଂ ଡିୱାଇ କିଟ୍ ଉପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ପୂଜା ଆବଶ୍ୟକୀୟ ଜିନିଷ ଉପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ଷ୍ଟାଇଲିସ୍ ଏବଂ ସ୍ଥାୟୀ ଫ୍ୟାଶନ୍ ପିକ୍ସ ଉପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ଉତ୍ସବକାଳୀନ ଖାଦ୍ୟ ଏବଂ ଲଡ୍ଡୁ, ଶୁଖିଲା ଫଳ ଏବଂ ଅନ୍ୟାନ୍ୟ ମିଠାଇ ବାକ୍ସ ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ଆମାଜନ କାରୀଗରରୁ ସମୟହୀନ, ହସ୍ତଶିଳ୍ପ ଚୟନ ଉପରେ ୮୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଉପଲବ୍ଧ ରହିଛି । ଆମାଜନ୍ ପେ ଆପଣଙ୍କୁ ରିୱାର୍ଡସ ଗୋଲ୍ଡ ସହିତ ଅନେକ ପୁରସ୍କାର ପ୍ରଦାନକାରୀ ଅଫର ଆଣିଛି ଯେଉଁଠାରେ ଆପଣ ୩ ମାସ ମଧ୍ୟରେ ୨୫ଟି ପେମେଣ୍ଟ କରିପାରିବେ ଏବଂ ଦୈନନ୍ଦିନ ଆବଶ୍ୟକୀୟ ଜିନିଷ, ଫ୍ୟାଶନ୍, ଯାତ୍ରା ଏବଂ ଅଧିକଞ୍ଚ ସମେତ ୧୫+ ଲୋକପ୍ରିୟ ବର୍ଗରେ ପ୍ରାଇମ୍ ସଦସ୍ୟଙ୍କ ପାଇଁ ୫% ଏବଂ ଅଣ-ପ୍ରାଇମ୍ ସଦସ୍ୟଙ୍କ ପାଇଁ ୩% ନିଶ୍ଚିତ କ୍ୟାସବ୍ୟାକ୍ ଅନଲକ୍ କରିପାରିବେ।

## ଆଶାର ନୂଆ ଯୁଗ ଆଣିଛି ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋ ପକ୍ଷରୁ ସମ୍ବଲପୁରର ବରେଇପାଲିରେ ସ୍ଥାପିତ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ସ୍ଥାନୀୟ ଶତାଧିକ ଯୁବକ ଯୁବତୀଙ୍କ ସେମାନଙ୍କ ଜୀବନ ଧାରାକୁ କାହାର ଦୟାରେ ନୁହେଁ, ବରଂ ଦକ୍ଷଦତା, ଆତ୍ମବିଶ୍ୱାସ ଏବଂ କ୍ୟାରିୟର ଗଠନ ଜରିଆରେ ଉନ୍ନତ କରିବା ନିମନ୍ତେ ଏକ ଉତ୍‌କ୍ଷେପଣ ସ୍ଥଳ ପାଲଟିଛି। ୨୦୨୪ ମେ ମାସରେ ସ୍ଥାପିତ ଏହି ସେଣ୍ଟର ସ୍ଥାନୀୟ ଯୁବବର୍ଗଙ୍କୁ ଇଲେକ୍‌ଟ୍ରିକାଲ ଟେକ୍‌ନିସିଆନ, କ୍ୟୁମର ଡ୍ୟୁରେବଲ ଟେକ୍‌ନିସିଆନ, ଫାଶନ ଟେକ୍‌ନିସିଆନ, ରିଟେଲ ସେଲ୍‌ସ ଆସୋସିଏଟ ଏବଂ ଫାଇନାନ୍‌ସିଆଲ ସର୍ଭିସେସ୍ ଆଦି କ୍ଷେତ୍ରରେ ଦକ୍ଷତା ବୃଦ୍ଧିକାରୀ ନିର୍ମାଣ ଏବଂ ଦକ୍ଷତା ବୃଦ୍ଧିକାରୀ ତାଲିମ ପ୍ରଦାନ କରୁଛି। ଏହି ସେଣ୍ଟର ଛାତ୍ର ଛାତ୍ରୀଙ୍କୁ କେବଳ ହାର୍ଡ ସ୍କିଲ୍‌ରେ ସୁସଜ୍ଜିତ କରୁନାହିଁ, ତାହାସହିତ ସେମାନଙ୍କୁ କମ୍ୟୁନିକେସନ ତାଲିମ, ଡିଜିଟାଲ ସାକ୍ଷରତା, ଜୀବନର କୌଶଳ



ଏବଂ ଆର୍ଥିକ ପରିଚାଳନା ଆଦି କ୍ଷେତ୍ରରେ ସେମାନଙ୍କ ବ୍ୟକ୍ତିତ୍ୱକୁ ଦକ୍ଷକରି ବାସ୍ତବ ଦୁନିଆଁ ସେମାନଙ୍କର ସାମଗ୍ରିକ ପ୍ରସ୍ତୁତିକୁ ସୁନିଶ୍ଚିତ କରୁଛି। ଏପର୍ଯ୍ୟନ୍ତ 'ଦକ୍ଷତା କାର୍ଯ୍ୟକ୍ରମ ନିମନ୍ତେ ୩୩୩ ଆକାଂକ୍ଷୀ ଯୁବବର୍ଗ ସେମାନଙ୍କ ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯୬ ଜଣ ସଫଳତାର ସହିତ ସେମାନଙ୍କର ତାଲିମ ଶେଷ କରିଛନ୍ତି। ଏହି ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି କୈଳାସ ପାଣ୍ଡେ, ମାଇନିଂ ବିଜିନେସ ହେଡ ଏବଂ ସମ୍ବଲପୁର କ୍ଲଷ୍ଟର ହେଡ କହିଥିଲେ, 'ହିଣ୍ଡାଲକୋରେ ଆମେ ଶିକ୍ଷା ସହିତ ସଶକ୍ତିକରଣ ଆରମ୍ଭ ହୋଇଥାଏ ବୋଲି ବିଶ୍ୱାସ କରୁ। ସ୍କିଲ ସେଣ୍ଟର ଏକ କ୍ଲାସରୁମ ଠାରୁ ଯଥେଷ୍ଟ କିଛି ଅଧିକ ଏବଂ ଏହା ସାମର୍ଥ୍ୟ ଓ ଉଦ୍ଦେଶ୍ୟ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରୁଛି। ଏବିସିଏସ ସମ୍ପର୍କରେ ନିଜ ଅନୁଭୂତି ପ୍ରକାଶ କରି ସମ୍ବଲପୁର ଦେହରିପାଲିର ଅଜୟ କୁମାର ବାଗ କହିଥିଲେ, ଏକାଧିକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ସେ ୩ ବର୍ଷ ପାଇଁ ଶଯ୍ୟାଶାୟୀ ରହିଥିଲେ। ତାଙ୍କୁ ଏହା ନିରୁତ୍ସାହିତ କରିବା ସହିତ ଆତ୍ମଚେତନା ସ୍ତର ହ୍ରାସ ପାଇଥିଲା। ତେବେ ସେ ଆଶା ହରାଇନଥିଲେ। ତାଙ୍କର ଆରୋଗ୍ୟ ଲାଭ ସମୟରେ ସେ ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ସମ୍ପର୍କରେ ଜାଣିବାକୁ ପାଇ ଏଫଏସଏ ଟ୍ରେଡ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏକାଗ୍ରତା ଏବଂ ଗୋଷ୍ଠୀର ସମର୍ଥନ ବଳରେ ଅଜୟ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ ଜଣେ ଟିସିଓ ଭାବରେ ଚାକିରୀ ପାଇଥିଲେ। ଏ ସମ୍ପର୍କରେ ପ୍ରକାଶ କରି ଶଙ୍କର ଚରଣ ମୁର୍ମୁ, ଡେପୁଟି ଡାଇରେକ୍ଟର, ସ୍କିଲ ଡେଭେଲପମେଣ୍ଟ ଆଣ୍ଡ ଏମ୍ପ୍ଲୟମେଣ୍ଟ କହିଛନ୍ତି, 'ସମ୍ବଲପୁର ଜିଲ୍ଲାରେ ଏବିଏସସି ଜିଲ୍ଲାର ଚାକିରୀ ଆଶାୟୀଙ୍କୁ ବହୁବିଧ କ୍ଷେତ୍ରରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ କରିଛି। ଏଠାରେ ଅତ୍ୟୁଚ୍ଚ କୁଶଳୀ ବୃତ୍ତିଧାରୀମାନେ ନିୟୋଜିତ ହେବା ସହିତ ଉତ୍ସର୍ଗୀକୃତ ଭାବରେ ସେମାନଙ୍କର ପ୍ରଦାନ କରୁଛନ୍ତି ଏବଂ ତାହାସହିତ ଏଠାରେ ଅତ୍ୟନ୍ତ ଉଚ୍ଚମାନର ଭିତ୍ତିଭୂମି ବ୍ୟବସ୍ଥା ରହିଛି। ଦକ୍ଷତା ବିକାଶ କାର୍ଯ୍ୟ ଏବଂ ସାମ୍ପ୍ରତିକ ସମୟରେ ନିଯୁକ୍ତି ବଜାର ଆବଶ୍ୟକତା ପୂରଣ କରିବା ଯାତ୍ରାରେ ଏହା ଅତ୍ୟନ୍ତ ଉତ୍ତମ ତାଲିମ ସହଯୋଗୀ ହୋଇଛି। ଏହି ପ୍ରତିଷ୍ଠାନର ମୁଁ ସର୍ବକୁଶଳତା କାମନା କରିବା ସହିତ ଆଗାମୀ ଦିନଗୁଡିକରେ ଏହାକୁ ବଜାୟ ରଖିବାର ଆଗ୍ରହ ରଖୁଛି।'

## ବନ୍ଧନ ବ୍ୟାଙ୍କ ପକ୍ଷରୁ 'ଲିଗାସି ଖାତା'ର ଶୁଭାରମ୍ଭ

ନୂଆଦିଲ୍ଲୀ: ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସାର୍ବଜନୀନ ବ୍ୟାଙ୍କ ବନ୍ଧନ ବ୍ୟାଙ୍କ ପ୍ରିମିୟମ୍ ଉତ୍ପାଦ 'ଲିଗାସି ସଂଚୟ ଖାତା' ଶୁଭାରମ୍ଭ କରାଯାଇଛି। ଉନ୍ନତ ଓ ସମୃଦ୍ଧ ବ୍ୟାଙ୍କିଂ ଅନୁଭୂତି ଚାହୁଁଥିବା ସମ୍ଭ୍ରାନ୍ତ ଶ୍ରେଣୀର ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କ ଏହାର ପରିଚାଳନା ଓ ବ୍ୟାଙ୍କିଂ ଉତ୍କର୍ଷର ୧୦ ବର୍ଷ ପୂରଣ କରିଥିବା ମାଇଲଖୁଂଟ ପରିପ୍ରେକ୍ଷୀରେ ବ୍ୟାଙ୍କ ଏହି ଖାତାର ଶୁଭାରମ୍ଭ କରିଛି। ଲିଗାସି ସଂଚୟ ଖାତା ସହ ଗ୍ରାହକମାନେ ଏକ ୱାର୍ଲଡ ଇଲାଇଟ୍ ମାଷ୍ଟରକାର୍ଡ ଡେବିଟ୍ କାର୍ଡ ପାଇପାରିବେ ଯାହା ଉଭୟ ଡୋମେଷ୍ଟିକ୍ (ସହଯୋଗୀଙ୍କ ସମେତ) ଏବଂ ଅନ୍ତର୍ଜାତୀୟ ବିମାନବନ୍ଦର ଲାଉରେ ପ୍ରବେଶ, ତାଜ ଏପିକ୍ୟୁର୍ ସଦସ୍ୟତା, ମାଗଣା ସିନେମା ଓ କାର୍ଯ୍ୟକ୍ରମ ଟିକଟ, କେତେକ ନିର୍ଦ୍ଦିଷ୍ଟ କ୍ଲବ୍‌ରେ ଗଲ୍‌ଫ ସେସନ ଆଦି ସୁବିଧା ମିଳିବ। ଲିଗାସି ସଂଚୟ ଖାତାରେ ଗ୍ରାହକମାନେ ଜଣେ ଉତ୍ସର୍ଗୀକୃତ ରିଲେସନ୍‌ସିପ୍ ମ୍ୟାନେଜର, ଲକର ରେଂଟାଲ୍‌ରେ ଜୀବନବ୍ୟାପୀ ରିହାତି ଏବଂ ଭ୍ରମଣ, ମେଡିକାଲ୍, ଶିକ୍ଷା, ଲିଗାସି ଓ ଇଷ୍ଟେଟ୍ ଯୋଜନା ଆବଶ୍ୟକତା ପାଇଁ ବିଶେଷଜ୍ଞ ପରାମର୍ଶ ସେବା ପାଇପାରିବେ। ଏହି ଉତ୍ପାଦ ବ୍ୟାପକ ଜୀବନଶୈଳୀ, ଭ୍ରମଣ ଓ ଆର୍ଥିକ ସୁବିଧା ପ୍ରଦାନ କରିବ। ଲିଗାସି ଗ୍ରାହକମାନଙ୍କୁ ବିମାନ ଦୁର୍ଘଟଣା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ, ବ୍ୟକ୍ତିଗତ ଦୁର୍ଘଟଣା ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରୟ ସୁରକ୍ଷା ଭଳି ଉନ୍ନତ ବୀମା ସୁରକ୍ଷା ପ୍ରଦାନ କରାଯିବ। ଏହି ଅବସରରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, 'ବନ୍ଧନ ବ୍ୟାଙ୍କ ୧୦ ବର୍ଷ ପୂରଣ କରିଥିବା ବେଳେ ଏହା ପ୍ରକୃତରେ ଏକ ଗର୍ବ ଓ କୃତଜ୍ଞତାର ମୁହୂର୍ତ୍ତ। ଲିଗାସି ସଂଚୟ ଖାତାର ଶୁଭାରମ୍ଭ ସହିତ ଅଭିନବ ସମାଧାନ ଓ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବା ଲାଗି ନୂଆ ପ୍ରତିବଦ୍ଧତା ନେଇ ଆମେ ପରବର୍ତୀ ଦଶନ୍ଧିରେ ପ୍ରବେଶ କରିଛୁ ଏବଂ ଅନ୍ତର୍ଭୁକ୍ତୀକରଣ ଓ ସ୍ଥାୟୀ ଅଭିବୃଦ୍ଧିର ଉଦ୍ଦେଶ୍ୟକୁ ବଜାୟ ରଖିଛୁ।'

## ବିର୍ଲା ଓପସ୍ ପେଣ୍ଟସ୍ ପକ୍ଷରୁ 'ବିର୍ଲା ଓପସ ଆସ୍ୟୁରାନ୍ସ'ର ଶୁଭାରମ୍ଭ

ନୂଆଦିଲ୍ଲୀ: ଡେକୋରେଟିଭ ପେଣ୍ଟ ସେକ୍ଟରରେ ମିଳିଥିବା ବଡ ସଫଳତାରେ ଅନୁପ୍ରାଣିତ ହୋଇ ଆଦିତ୍ୟ ବିର୍‌ଲା ଗ୍ରୁପର ଗ୍ରାସିମ ଇଣ୍ଡଷ୍ଟ୍ରୀଜ୍ ଅଧିନରେ ଥିବା ବିର୍ଲା ଓପସ ପେଣ୍ଟସ ପକ୍ଷରୁ ଆଜି ଏହାର ନୂଆ କ୍ୟାମ୍ପେନ 'ବିର୍ଲା ଓପସ ଆସ୍ୟୁରାନ୍ସ'ର

BIRLA opus ASSURANCE

ଶୁଭାରମ୍ଭ ଘୋଷଣା କରାଯାଇଛି। ବ୍ରାଣ୍ଡର ଏହି ନୂଆ ଟିଭିସି ଏକ ନିୟୋଜିତ ଶୈଳୀରେ ସ୍ୱତନ୍ତ୍ର 'ବିର୍ଲା ଓପସ ଆସ୍ୟୁରାନ୍ସ' ପ୍ରସ୍ତାବକୁ ଆଲୋକପାତ କରିଛି, ଯେଉଁଠାରେ ବିର୍ଲା ଓପସ ପେଂଟ୍‌ସ ସମ୍ପୂର୍ଣ୍ଣ ମାଗଣାରେ ପୁନର୍ବାର ପେଂଟିଙ୍ଗ କରିବାର ପ୍ରତିଶ୍ରୁତି ଦେଉଛି। କମ୍ପାନୀର ଏହି ବିଜ୍ଞାପନ କ୍ୟାମ୍ପେନରେ ବ୍ରାଣ୍ଡ ଆମ୍ବାସାଡର ବିକି କୌଶଳ ଓ ରଶ୍ମିକା ମନ୍ଦାନା ଅଭିନୟ କରିଛନ୍ତି ଯିଏକି ବିର୍ଲା ଓପସ ପେଂଟ୍‌ସ ସହ ନିଜର ସଫଳ ସହଯୋଗିତା ଜାରି ରଖିଛନ୍ତି। ଏହି ଟିଭିସି କ୍ୟାମ୍ପେନରେ ରଣବୀର ସୋରେ, ମୁରଲୀ ଶର୍ମା, ସୀମା ପାୱା ଓ ଜାବେଦ ଜାଫ୍‌ରିଙ୍କ ଭଳି ପ୍ରତିଭାବାନ କଳାକାରମାନେ ଭିନ୍ନ ଭିନ୍ନ ଫିଲ୍ମରେ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ ମାଧ୍ୟମରେ ବିର୍ଲା ଓପସ ପେଂଟ୍‌ସ ଆଡ୍‌ଭାନ୍ସଡ ପ୍ରଡକ୍ଟଗୁଡିକ ସହ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କ୍ୟାମ୍ପେନ ସମ୍ପର୍କରେ ବିର୍ଲା ଓପସ ପେଂଟ୍‌ସର ସିଇଓ ରକ୍ଷିତ ହରଗଭେ କହିଛନ୍ତି, 'ଆମର 'ବିର୍ଲା ଓପସ ଆସ୍ୟୋରାନ୍ସ' ପଦକ୍ଷେପ ଆମ ଉତ୍ପାଦଗୁଡିକର କାର୍ଯ୍ୟଦକ୍ଷତା ଓ ଚମତ୍କାର ଗୁଣବତା ସହ ଗଭୀର ଭାବେ ଜଡିତ ଆମର ବିଶ୍ୱାସକୁ ପ୍ରତିଫଳନ କରୁଛି। 'ବିର୍ଲା ଓପସ ଆସ୍ୟୋରାନ୍ସ' ହେଉଛି ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାର ଆମର ଏକ ମାଧ୍ୟମ, ଯାହା ପ୍ରକୃତରେ ଏକ ଉପଭୋକ୍ତା-କେନ୍ଦ୍ରିତ ବ୍ରାଣ୍ଡରେ ପରିଣତ ହେବା ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ବିର୍ଲା ଓପସ ପେଂଟ୍‌ସର ମାର୍କେଟିଂ ହେଡ୍ ଇନ୍ଦରପ୍ରୀତ ସିଂହ କହିଛନ୍ତି, 'ଏହି ଫିଲ୍ମ ହାସ୍ୟରସ ଓ ନିଶ୍ଚିତତା ମାଧ୍ୟମରେ ଏକ ଉପଯୁକ୍ତ ସନ୍ତୁଳନ ସୃଷ୍ଟି କରିଥିବା ବେଳେ, ବିକି ଓ ରଶ୍ମିକା ଭିନ୍ନ ଭିନ୍ନ ଲୁକ ଓ ପରିସ୍ଥିତିରେ ସେମାନଙ୍କର ଆକର୍ଷଣକୁ ସାମିଲ କରିଛନ୍ତି। ବଲିଉଡ ସୁପରଷ୍ଟାର ବିକି କୌଶଳ ଉଲ୍ଲେଖ କରିଛନ୍ତି, 'ମୁଁ ଏହି ଅତ୍ୟାଧୁନିକ କ୍ୟାମ୍ପେନ ପାଇଁ ବିର୍ଲା ଓପସ ପେଂଟ୍‌ସ ସହ ମୋର ସହଯୋଗିତା ବଜାୟ ରଖି ଉତ୍ସାହିତ ଅଛି। 'ବିର୍ଲା ଓପସ ଆସ୍ୟୋରାନ୍ସ' ହେଉଛି ଏକ ନିର୍ଭିକ ପଦକ୍ଷେପ ଯାହା ଗୃହ ମାଲିକଙ୍କ ସହ ଗଭୀର ଭାବେ ପ୍ରତିଧ୍ୱନିତ୍ୱ କରିବ ବୋଲି ମୁଁ ବିଶ୍ୱାସ କରୁଛି। ଭାରତର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏସମ୍ପର୍କରେ କହିଛନ୍ତି, 'ମୁଁ ବିର୍ଲା ଓପସ ପେଂଟ୍‌ସ ଭଳି ଏକ ବ୍ରାଣ୍ଡ ପାଇଁ ଏଭଳି ଏକ ଅଭିଯାନର ଅଂଶ ହୋଇ ଖୁସି ଅନୁଭବ କରୁଛି।' 'ବିର୍ଲା ଓପସ ଆସ୍ୟୋରାନ୍ସ' କ୍ୟାମ୍ପେନକୁ ଟିଭି, ଡିଜିଟାଲ ଓ ପ୍ରିଂଟକୁ ଅନ୍ତର୍ଭୁକ୍ତ କରି ଏକ ବିସ୍ତୃତ ସକ୍ରିୟକରଣ ମାଧ୍ୟମରେ ହିନ୍ଦୀ ଓ ସମସ୍ତ ଆଂଚଳିକ ଭାଷାରେ ବିସ୍ତାର କରାଯିବ ଯାହା ଉପଭୋକ୍ତାଙ୍କ ବିଶ୍ୱାସକୁ ବୃଦ୍ଧି କରିବା ଓ ଟ୍ରାଏଲଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଏବଂ ଓଡିଶା ସରକାରର ଏକ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) କେନ୍ଦୁଝର ସର୍କଲରେ ମିଟରିଂ, ବିଲିଂ ଏବଂ କଲେକ୍ସନ (ଏମବିସି) କାର୍ଯ୍ୟକଳାପରେ



ନିୟୋଜିତ 'ଉର୍ଜା ସଖୀ' ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଛି। କେନ୍ଦୁଝରର ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର, ଯୋଡ଼ା ଏବଂ ଆନନ୍ଦପୁର ଡିଭିଜନର ୧୫୦ରୁ ଅଧିକ ଉର୍ଜା ସଖୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଡିଭିଜନରେ ବିଲିଂ ଏବଂ ରାଜସ୍ୱ ସଂଗ୍ରହ ସୁନିଶ୍ଚିତ କରିବାରେ ଉର୍ଜା ସଖୀମାନଙ୍କ ଭୂମିକାକୁ ସ୍ୱୀକୃତି ଦେବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଦକ୍ଷତା ଗଠନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲର ବାଣିଜ୍ୟିକ ଏବଂ ସିଏସଆର ମୁଖ୍ୟ ଜୟଦୀପ ରାୟ, ସିଏସଆର ମୁଖ୍ୟ ଦିଲୀପ କୁମାର ସାହୁ, କେନ୍ଦୁଝର ଏସଇ (ସୁପରିଟେଣ୍ଡିଂ ଇଞ୍ଜିନିଅର) ରଶ୍ମିକାନ୍ତ ବେହେରା, ବାଣିଜ୍ୟିକ ଏସଇ ସଞ୍ଜୀବ କୁମାର ଜେନା, ଏମଆରବିଡି ଏବଂ ଆରସିଜି ମୁଖ୍ୟ ସୁଭଜ୍ୟୋତି ଦାସ, ଆନନ୍ଦପୁର ଇଲେକ୍ଟ୍ରିକାଲ୍ ଡିଭିଜନ ଇଇ (ଏକଜିକ୍ୟୁଟିଭ ଇଂଜିନିୟର) ଅଶ୍ୱିନୀ କୁମାର ମହନ୍ତ, କେନ୍ଦୁଝର ଇଲେକ୍ଟ୍ରିକାଲ୍ ଡିଭିଜନ ଇଇ ମିନକେତନ ସାମଲ ଏବଂ ଏମଆରଟି ଇଇ ରାଜଲକ୍ଷ୍ମୀ ମଲ୍ଲିକ ଏବଂ ଉପ-ବିଭାଗୀୟ ଅଧିକାରୀ ଏବଂ କନିଷ୍ଠ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ମିଟର ରିଡିଂ, ବିଲିଂ ଏବଂ କଲେକ୍ସନରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଉର୍ଜା ସଖୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସଏଚଜି) ଏବଂ ଡିଭିଜନାଲ୍ ମ୍ୟାନେଜରମାନଙ୍କୁ ବିଲିଂ ଏବଂ ରାଜସ୍ୱ ସଂଗ୍ରହରେ ସଶକ୍ତ କରିବା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି କରିବା ପାଇଁ ବ୍ୟବହାରିକ ଦୃଷ୍ଟିକୋଣ ଏବଂ ଅଭିନବ ଧାରଣା ବିନିମୟ କରିବାକୁ ଉତ୍ସାହିତ କରିଥିଲା। କର୍ମଚାରୀମାନେ ଡିଭିସନ ଏବଂ ସେକ୍ସନ ଟିମମାନଙ୍କୁ ଉର୍ଜା ସଖୀମାନଙ୍କୁ ସକ୍ରିୟ ସମର୍ଥନ କରିବାକୁ ଅନୁରୋଧ କରିଥିଲେ ଏବଂ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଉର୍ଜା ସଖୀମାନେ ବିଦ୍ୟୁତ ସୁରକ୍ଷା, ସଠିକ୍ ମିଟରିଂ, ସଠିକ୍ ବିଲିଂ ଏବଂ ଡିଜିଟାଲ୍ ପେମେଣ୍ଟର ଉପକାରିତା ଉପରେ ଗୁରୁତ୍ୱାରୋପ କରି ଏକ ଛୋଟ ନାଟକ ପ୍ରଦର୍ଶନ କରିଥିଲେ।



ନୂଆଦିଲ୍ଲୀ: ଏସିଆ କପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ପୂର୍ବରୁ ଭାଜପା ମୁଖପାତ୍ର ବ୍ରିଗେଡିୟର ଅନିଲ ଗୁପ୍ତା ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆମେ ଏହି ମ୍ୟାଚ ନ ଖେଳିବୁ, ତେବେ ଆମକୁ ଆନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ କରାଯାଇପାରେ। ସେ କହିଛନ୍ତି ଯେ ଏସିଆ କପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ ରଣନୈତିକ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ଆନ୍ତର୍ଜାତୀୟ ଦାୟିତ୍ୱ ସହିତ ଜଡିତ। ଯଦି ଆମେ ଏହାକୁ ପୂରଣ ନ କରୁ, ତେବେ ଆମକୁ ଆନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ କରାଯାଇପାରେ। ଭାରତ ୨୦୩୬ ଅଲିମ୍ପିକ ଗେମ୍ସ ଆୟୋଜନ କରିବାକୁ ଚେଷ୍ଟା କରୁଛି, ତେଣୁ ଏଥିପାଇଁ ଆମକୁ ଆନ୍ତର୍ଜାତୀୟ ନିୟମ ପାଳନ କରିବାକୁ ପଡିବ। ବ୍ରିଗେଡିୟର ଅନିଲ ଗୁପ୍ତା ଆହୁରି କହିଛନ୍ତି, 'ଲୋକମାନଙ୍କର ଭାବନା ଅଛି, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଆମକୁ ବାସ୍ତବବାଦୀ ହେବାକୁ ପଡିବ। ଆମେ ସବୁକିଛିରେ ଆଦର୍ଶବାଦୀ ହୋଇପାରିବା ନାହିଁ। ନ୍ୟୁଜ ଏଜେନ୍ସି ଆଇଏଏନଏସ ସହିତ କଥାବାର୍ତ୍ତା କରି ଭାଜପା ନେତା ଏହା ମଧ୍ୟ କହିଛନ୍ତି ଯେ ଆମେ ଲୋକଙ୍କ ଭାବନାକୁ ଅଣଦେଖା କରିପାରିବୁ ନାହିଁ କିନ୍ତୁ ଆମକୁ ବ୍ୟବହାରିକ ଭାବରେ ଚିନ୍ତା କରିବାକୁ ପଡିବ। ଯଦି ଆମେ ଭାରତର ମଙ୍ଗଳ ଚାହୁଁ, ତେବେ ଆମକୁ ଦେଖିବାକୁ ପଡିବ ଯେ ଆମେ କ୍ରୀଡାରେ ଅନ୍ତର୍ଜାତୀୟ ନିୟମ ପାଳନ କରୁ। ଏଠାରେ ଉଲ୍ଲେଖନୀୟ ଯେ ୨୨ ଏପ୍ରିଲରେ ପହଲଗାମର ବୈସାରଣ ଘାଟିରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ।

### ମହିଳା ଏସିଆ କପ୍ ହକି ପାଇଁ ଭାରତୀୟ ଦଳ ଘୋଷିତ

# ମଙ୍ଗ ସମ୍ଭାଳିବେ ସଲିମା, ଓଡ଼ିଶାରୁ ସୁନେଲିତା



ନୂଆଦିଲ୍ଲୀ: ଚୀନର ହ୍ୱାଙ୍ଗଝୌରେ ସେପ୍ଟେମ୍ବର ୫ରୁ ୧୪ ପର୍ଯ୍ୟନ୍ତ ମହିଳା ଏସିଆ କପ୍ ହକି-୨୦୨୫ ଖେଳାଯିବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୨୦ ଜଣିଆ ଭାରତୀୟ ଦଳ ମନୋନୟନ କରାଯାଇଛି। ଅଭିଜ୍ଞ ମିଡ୍‌ଫିଲଡର ସଲିମା ଟେଟେ ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ଦଳରେ ଦୁଇଜଣ ଗୋଲ୍‌ରକ୍ଷକ ବଂଶାରି ସୋଲାଙ୍କି ଓ ବିଚ୍ଛୁ ଦେବୀ ଖାରିବାମ୍‌ଙ୍କୁ ସ୍ଥାନ ମିଳିଛି। ଡିଫେଣ୍ଡର ଭାବେ ମନୀଷା ଚୌହ୍ୱାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୋଡାମ, ନିକ୍କି ପ୍ରଧାନ, ଇସିକା ଚୌଧୁରୀ ପ୍ରମୁଖ ରହିଛନ୍ତି। ମିଡ୍‌ଫିଲଡରରେ ନେହା, ବୈଷ୍ଣବୀ ଭିଟିଲ ପାଖଲେ, ସଲିମା ଟେଟେ, ଶର୍ମିଳା ଦେବୀ, ଲାଲରିମସିଆମି, ସୁନେଲିତା ଟପ୍ପୋ ରହିଛନ୍ତି। ନବନୀତ କୌର, ଋତୁଜା ଦାଦାସୋ ପିସାଲେ, ବିୟୁଟି ଡୁଙ୍ଗଡୁଙ୍ଗ, ମୁମତାଜ ଖାଁ, ଦୀପିକା ଓ ସଙ୍ଗୀତା କୁମାରୀ ଫରୱାର୍ଡ ଦାୟିତ୍ୱ ତୁଲାଇବେ। ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ କହିଛନ୍ତି, ଦଳ ସନ୍ତୁଳିତ ରହିଛି। ଆମେ ଏକ ଶକ୍ତିଶାଳୀ ଗ୍ରୁପରେ ରହିଛୁ। ଏସିଆ କପରୁ ଆମକୁ ୨୦୨୬ ଏଫଆଇଏଚ୍ ମହିଳା ହକି ବିଶ୍ୱକପ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ଏଭଳି ଲକ୍ଷ୍ୟ ନେଇ ଆମେ ପ୍ରସ୍ତୁତି କରିଛୁ। ଦଳରେ ଅଭିଜ୍ଞ ଓ ଯୁବ ଖେଳାଳି ରହିଛନ୍ତି। ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ। ପ୍ରତିଯୋଗିତାରେ ପ୍ରତ୍ୟେକ ଦଳ ଶକ୍ତିଶାଳୀ। କେଉଁ ଦଳକୁ ଆମେ ହାଲ୍‌କା ଭାବେ ନେଉ ନାହିଁ ବୋଲି ହରେନ୍ଦ୍ର କହିଛନ୍ତି। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଚୀନ, ଦକ୍ଷିଣ କୋରିଆ, ମାଲେସିଆ ଓ ଚାଇନିଜ ତାଇପେ ରହିଥିବା ବେଳେ ଗ୍ରୁପ୍ 'ବି'ରେ ଭାରତ, ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ରହିଛନ୍ତି। ଭାରତ ୫ରେ ଥାଇଲାଣ୍ଡ, ୬ରେ ଜାପାନ ଓ ୮ରେ ସିଙ୍ଗାପୁର ବିପକ୍ଷରେ ମ୍ୟାଚ ଖେଳିବ। **ଭାରତୀୟ ମହିଳା ହକି ଦଳ:** ବଂଶାରି ସୋଲାଙ୍କି ଓ ବିଚ୍ଛୁ ଦେବୀ ଖାରିବାମ୍ (ଗୋଲ୍‌ରକ୍ଷକ), ମନୀଷା ଚୌହ୍ୱାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୋଡାମ, ନିକି ପ୍ରଧାନ, ଇସିକା ଚୌଧୁରୀ (ସମସ୍ତେ ଡିଫେଣ୍ଡର), ନେହା, ବୈଷ୍ଣବୀ ଭିଟିଲ ପାଖଲେ, ସଲିମା ଟେଟେ, ଶର୍ମିଳା ଦେବୀ, ଲାଲ୍‌ରେମ୍‌ସିଆମି, ସୁନେଲିତା ଟପ୍ପୋ (ସମସ୍ତେ ମିଡ୍‌ଫିଲଡର), ନବନୀତ କୌର, ଋତୁଜା ଦାଦାସୋ ପିସାଲେ, ବିୟୁଟି ଡୁଙ୍ଗଡୁଙ୍ଗ, ମୁମତାଜ ଖାଁ, ଦୀପିକା ଓ ସଙ୍ଗୀତା କୁମାରୀ।

## ବିସିସିଆଇ ପକ୍ଷରୁ ପଦ ପୂରଣ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡକୁ ଟିମ ଇଣ୍ଡିଆ ପାଇଁ ଆଉ ୭ଟି ଚୟନ କମିଟି ସଦସ୍ୟର ଆବଶ୍ୟକତା ରହିଛି। ସିନିୟର ପୁରୁଷ ଟିମର ୨ଟି, ମହିଳା ପ୍ୟାନେଲ ପାଇଁ ୪ ଓ ଜଣେ ଜୁନିୟର ଚୟନ କମିଟି ପଦ ଖାଲି ରହିଛି। ଆବେଦନକାରୀ ଅତି କମରେ ୭ଟି ଟେଷ୍ଟ କିମ୍ବା ୩୦ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିବା ଜରୁରୀ। ଏହା ବ୍ୟତୀତ ୧୦ ଏକ ଦିବସୀୟ ଆନ୍ତର୍ଜାତୀୟ ମ୍ୟାଚ ଓ ୨୦ ପ୍ରଥମ ଶ୍ରେଣୀ ଖେଳିଥିବା ପ୍ରାର୍ଥୀଙ୍କ କଥା ମଧ୍ୟ ବିଚାରକୁ ନିଆଯିବ। ଚୟନ କମିଟି ସଦସ୍ୟରୁ କିଏ ବାଦ ପଡିବେ ସେ ସମ୍ପର୍କରେ ବିସିସିଆଇ ପକ୍ଷରୁ କିଛି କୁହାଯାଇ ନାହିଁ। ସେହିପରି ମହିଳା ଟିମ ପାଇଁ ଖେଳାଳିଜଣଙ୍କ ଅତି କମରେ ୫ ବର୍ଷ ତଳୁ ଅବସର ଘୋଷଣା କରିଥିଲେ। ସେହିପରି ଜୁନିୟର ଟିମ ପାଇଁ ଅତି କମରେ ୨୫ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବା ସହ ୫ ବର୍ଷ ତଳୁ ଅବସର ନେଇଥିବା ମଧ୍ୟ ଜରୁରୀ। ବର୍ତ୍ତମାନ ସିନିୟର ପୁରୁଷ ଟିମରେ ଏବେ ଚୟନ କମିଟି ମୁଖ୍ୟ ଦାୟିତ୍ୱ ଅଜିତ ଅଗରକରଙ୍କ ପାଖରେ ରହିଛି। ତାଙ୍କ ସହ ଶିବସୁନ୍ଦର ଦାସ, ସୁବ୍ରତ ବାନାର୍ଜୀ, ଅଜୟ ରାତ୍ରା ଓ ଶରଥ ରହିଛନ୍ତି । ଏଥିରୁ ୨ଟି ପଦବୀ ଖାଲି ପଡିବ।

### ଏସିଆ କପ୍ ୨୦୨୫ରେ ବଦଳିବ ଟିମ୍ ଇଣ୍ଡିଆର ଜର୍ସି

# ଜର୍ସିରୁ ହଟିବ 'ଡ୍ରିମ୍ ୧୧' ଲୋଗୋ

ନୂଆଦିଲ୍ଲୀ : ଗୁରୁବାର ବିଳମ୍ବିତ ରାତିରେ ସଂସଦର ଉଭୟ ଗୃହରେ 'ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ବିଲ୍' ଗୃହୀତ ହେବା ପରେ ଖେଳାଳିମାନଙ୍କ ପରି 'ଟିମ୍ ଇଣ୍ଡିଆ' ବି ଏବେ ଚିନ୍ତାରେ। ଟିମ୍ ଇଣ୍ଡିଆ ୨୦୨୫ ଏସିଆ କପ୍ ପାଇଁ ଦଳ ଘୋଷଣା କରିସାରିଛି। ଏହି ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଟି-୨୦ ଫର୍ମାଟରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଯେଉଁଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ସମସ୍ତଙ୍କ ନଜର ପୁଣି ଥରେ ଭାରତୀୟ ଦଳ ଉପରେ ରହିଛି । ଯାହା ସବୁବେଳେ ଟାଇଟଲ ଦାବିଦାର। ଟିମ୍ ଇଣ୍ଡିଆ ଗତ ଥର ଏସିଆ କପ୍ ଟାଇଟଲ ଜିତିଥିଲା । କିନ୍ତୁ ସେହି ଦଳ ଓ ଏଥର ଖେଳୁଥିବା ଦଳ ମଧ୍ୟରେ କିଛି ବଡ଼ ପାର୍ଥକ୍ୟ ରହିବ। ଏହି ପାର୍ଥକ୍ୟ ଅନେକ ଖେଳାଳିଙ୍କ ଅନୁପସ୍ଥିତି କିମ୍ବା ଉପସ୍ଥିତି ହେବ। ଜର୍ସିର ମଧ୍ୟ ଏକ ବଡ଼ ପାର୍ଥକ୍ୟ ହୋଇପାରେ। ଗତ ଥର ଭାରତୀୟ ଜର୍ସିର ଉପରେ କିଛି ଲେଖାଯାଇଥିଲା, ଯାହା ଏଥର ହଜିଯାଇପାରେ। ଏହି ଜିନିଷ ହେଉଛି ଟାଇଟଲ୍ ସ୍ପନସର 'ଡ୍ରିମ୍ ୧୧'। ଭାରତୀୟ କ୍ରିକେଟ୍ ଦଳ ୧୦ ସେପ୍ଟେମ୍ବରରେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୟୁଏଇ ବିପକ୍ଷରେ ଖେଳିବ। ଏହି ସମୟ ମଧ୍ୟରେ, ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସମେତ ସମସ୍ତ ଖେଳାଳିଙ୍କ ନୀଳ ଟି-୨୦ ଜର୍ସିରେ ଭାରତର ନାମ, ବିସିସିଆଇ ଲୋଗୋ ଏବଂ ଏସିଆ କପ୍ ୨୦୨୫ର ଲୋଗୋ ରହିବ। କିନ୍ତୁ ଡ୍ରିମ୍ ୧୧ର ଲୋଗୋ ଏହାର ଅଂଶ ନ ହେବାର ସମ୍ଭାବନା ଅଛି । ଏହି ଲୋଗୋ ଭାରତୀୟ ଜର୍ସିର ସାମ୍ନାରେ ଛାତିରେ ଲେଖାଯାଇଛି କାରଣ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ । ଏହି କମ୍ପାନୀ ସହିତ ଏକ ଟାଇଟଲ୍ ପ୍ରାୟୋଜକ ଚୁକ୍ତି ସ୍ୱାକ୍ଷର କରିଥିଲା। ପ୍ରକୃତରେ, କେନ୍ଦ୍ର ସରକାର ସଂସଦରେ ଅନଲାଇନ୍ ମନି ଗେମିଂ ଅର୍ଥାତ୍ ଟଙ୍କା ଦେଇ ଟଙ୍କା ରୋଜଗାର କରୁଥିବା ଖେଳଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ଏକ ବିଲ୍ ଆଗତ କରିଥିଲେ। କେନ୍ଦ୍ର ସରକାର ଦୁଇ ଦିନ ମଧ୍ୟରେ ସଂସଦର ଉଭୟ ଗୃହରେ 'ଅନଲାଇନ୍ ଗେମିଂର ପ୍ରମୋସନ୍ ଏବଂ ନିୟନ୍ତ୍ରଣ ବିଲ୍ ୨୦୨୫' ପାସ୍ କରାଇଥିଲେ । ଏବେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ, ଏହା କିଛି ଦିନ ମଧ୍ୟରେ ଆଇନର ରୂପ ନେବ। ଏହାର ସବୁଠାରୁ ବଡ଼ ପ୍ରଭାବ ଭାରତରେ ଚାଲୁଥିବା ଅନଲାଇନ୍ ଫ୍ୟାଣ୍ଟାସି ଖେଳଗୁଡ଼ିକ ଉପରେ ପଡ଼ିବ । ଯେଉଁଥିରୁ ଡ୍ରିମ୍ ୧୧ର ସର୍ବାଧିକ ଅଂଶ ରହିଛି। କ୍ରିକେଟ୍ ଠାରୁ ଫୁଟବଲ୍ ଏବଂ କବାଡି ପର୍ଯ୍ୟନ୍ତ, ଏହି କମ୍ପାନୀ ଅନେକ ଖେଳରେ ଫ୍ୟାଣ୍ଟାସି ଖେଳ ଚଳାଏ । ଯେଉଁଥିରେ ବ୍ୟବହାରକାରୀମାନେ ଟଙ୍କା ଦେଇ ଅଂଶଗ୍ରହଣ କରନ୍ତି ଏବଂ ତା'ପରେ ବିଜେତାଙ୍କୁ ବଦଳରେ ଟଙ୍କା ମିଳେ। କିନ୍ତୁ ଏହି ବିଲ୍ ଆଇନ ହେବା ମାତ୍ରେ, ଏହି ଖେଳଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଯିବ। ଭାରତରେ ଫ୍ୟାଣ୍ଟାସି ଖେଳଗୁଡ଼ିକର ବର୍ଦ୍ଧିତ ପରିସର ହେତୁ, ଡ୍ରିମ୍ ୧୧ ସମେତ ଅନେକ କମ୍ପାନୀ ଏଥିରେ ପ୍ରବେଶ କରିଥିଲେ। ଏହାର ସଫଳତାକୁ ପୁଞ୍ଜି କରି, ଡ୍ରିମ୍ ୧୧ ବିସିସିଆଇ ସହିତ ୩୫୮ କୋଟି ଟଙ୍କାରେ ଟାଇଟଲ୍ ପ୍ରାୟୋଜକ ହାସଲ କରିଥିଲା। ଯାହା ଅଧୀନରେ ଭାରତୀୟ ଦଳର ଜର୍ସି ଠାରୁ ପ୍ରଶିକ୍ଷଣ କିଟ୍ ପର୍ଯ୍ୟନ୍ତ ସବୁଠି ଏହାର ନାମ ସବୁଠାରୁ ବଡ଼ ଅକ୍ଷରରେ ଦେଖାଯାଏ। ଏହି ଚୁକ୍ତି ୨୦୨୩ ମସିହାରେ ହୋଇଥିଲା ଏବଂ ୨୦୨୬ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଏହି ନୂତନ ବିଲ୍ ପରେ, ଡ୍ରିମ୍ ୧୧କୁ ଏହାର ଫ୍ୟାଣ୍ଟାସି ଗେମିଂ ବ୍ୟବସାୟ ବନ୍ଦ କରିବାକୁ ପଡିବ, ଯାହା ଏହାର ଆୟର ସବୁଠାରୁ ବଡ଼ ଉତ୍ସ।

# ବିସିସିଆଇ ଚୟନ କମିଟି ସଦସ୍ୟ ହେବେ ପ୍ରଜ୍ଞାନ !

ନୂଆଦିଲ୍ଲୀ: ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକରଙ୍କ କାର୍ଯ୍ୟକାଳକୁ ଜୁନ୍ ୨୦୨୬ ଯାଏଁ ବଢାଇଛି । କିନ୍ତୁ ଚୟନ କମିଟିର ଅନ୍ୟ ଦୁଇ ସଦସ୍ୟଙ୍କ କ୍ଷେତ୍ରରେ ଏହା ଘଟିନାହିଁ । ବିସିସିଆଇ ଚୟନ କମିଟିରେ ଦୁଇ ନୂଆ ସଦସ୍ୟ ନିଯୁକ୍ତି ପାଇଁ ଆବେଦନ ପତ୍ର ଆମନ୍ତ୍ରଣ କରିଛି । ଆବେଦନ ପତ୍ର ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୦ ରଖାଯାଇଛି । ଏହାରି ଭିତରେ ଏକ ବଡ଼ ଖବର ସାମନାକୁ ଆସୁଛି । ଧୋନୀ, ରୋହିତ୍ ଓ କୋହଲିଙ୍କ ଟିମ୍ ଏବେ ଅଗରକରଙ୍କ ଟିମ୍‌ରେ ସାମିଲ ହୋଇପାରନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ ୧୪୦ରୁ ଅଧିକ ୱିକେଟ୍ ନେଇଥିବା ପୂର୍ବତନ ଖେଳାଳିଙ୍କୁ ବଡ଼ ସୁଯୋଗ




ମିଳିପାରେ। କ୍ରିକ୍‌ବଜ୍‌ର ରିପୋର୍ଟ ଅନୁସାରେ ପୂର୍ବତନ ଭାରତୀୟ ସ୍ପିନର ପ୍ରଜ୍ଞାନ ଓଝା ସିନିୟର ପୁରୁଷ ଚୟନକର୍ତ୍ତା ଟିମର ନୂଆ ସଦସ୍ୟ ହୋଇପାରନ୍ତି । ସାଉଥ୍ ଜୋନରୁ ଆସୁଥିବା ଏସ୍. ସରଥ୍‌ଙ୍କ ସ୍ଥାନରେ ସେ ଚୟନକର୍ତ୍ତା ଟିମରେ ସଦସ୍ୟ ହୋଇପାରନ୍ତି । କେନ୍ଦ୍ରୀୟ ଚୟନ କମିଟିର ଦ୍ୱିତୀୟ ସଦସ୍ୟ କେନ୍ଦ୍ରୀୟ ଜୋନରୁ ଆସିପାରନ୍ତି । ତେବେ, ସେ କାହା ସ୍ଥାନ ନେବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଶିବ ସୁନ୍ଦର ଦାସ ଏବଂ ସୁବ୍ରୋତୋ ବାନାର୍ଜୀଙ୍କୁ ମଧ୍ୟ ବଦଳାଯାଇପାରେ ଉଭୟ ଇଷ୍ଟ୍ ଜୋନ୍‌ର ପ୍ରତିନିଧିତ୍ୱ କରନ୍ତି । ବିସିସିଆଇ ଉତ୍ତର ଜୋନରୁ ଅଜୟ ରାତ୍ରା ଓ ପଶ୍ଚିମ ଜୋନରୁ ଆସୁଥିବା ଅଜିତ୍ ଅଗରକରଙ୍କ କାର୍ଯ୍ୟକାଳକୁ ବଢାଇ ସାରିଛି। ବିସିସିଆଇର ଆବେଦନ ସର୍ତ୍ତ ଅନୁସାରେ, ଆବେଦନକାରୀ ଅତି କମରେ ୭ଟି ଟେଷ୍ଟ, ୧୦ଟି ଦିନିକିଆ ଓ ୨୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ଦରକାର । ଏହାଛଡ଼ା ପାଞ୍ଚ ବର୍ଷ ପୂର୍ବରୁ ଅବସର ନେଇଥିବେ ଓ ବିସିସିଆଇ କୌଣସି କ୍ରିକେଟ୍ କମିଟିର ପାଞ୍ଚ ବର୍ଷରୁ ଅଧିକ ସମୟ ଯାଏ ସଦସ୍ୟ ହୋଇନଥିବେ। ପ୍ରଜ୍ଞାନ ଓଝା ଭାରତ ପାଇଁ ୨୪ଟି ଟେଷ୍ଟ, ୧୮ଟି ଦିନିକିଆ ଓ ୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ତାଙ୍କ ନାଁରେ ଅନ୍ତର୍ଜାତୀୟ କ୍ରିକେଟରେ ୧୪୪ ୱିକେଟ୍ ରହିଛି । ୧୦୮ଟି ପ୍ରଥମ ଶ୍ରେଣୀ କ୍ରିକେଟ୍ ମଧ୍ୟ ସେ ଖେଳିଛନ୍ତି। ୨୦୨୦ ଫେବ୍ରୁଆରୀ ୨୧ରେ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ।

# ୩୦ରୁ ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା




ଧାମନଗର (ଭାସ୍କର ନ୍ୟୁଜ୍) : ଭଦ୍ରକ ଓ ମା' ଦୁର୍ଗା ଆସୋସିଏସନ ଧାମନଗର ମିଳିତ ସହଯୋଗରେ ଓଡ଼ିଶା ଷ୍ଟେଟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ସ୍ୱୀକୃତି ପ୍ରାପ୍ତ ଭଦ୍ରକ ଜିଲ୍ଲା ଚାମ୍ପିୟନସିପ ଟୁର୍ନାମେଣ୍ଟ ପ୍ରଥମଥର ଧାମନଗର ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ଅଗଷ୍ଟ ୩୦ ଓ ୩୧ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଯଥା ୧୧ବର୍ଷରୁ କମ ବର୍ଗ (ମିନି), ୧୩ ଓ ୧୫ ବର୍ଷ ବର୍ଗର (ସବଜୁନିଅର ), ୧୯ବର୍ଷର କମ ବର୍ଗର (ଜୁନିୟର) ବାଳକ ଓ ବାଳିକା ଓ ସିନିୟର ବର୍ଗରେ ପୁରୁଷ ଓ ମହିଳା ମାନେ ଅଂଶ ଗ୍ରହଣ କରିପାରିବେ। ୨୫ ତାରିଖ ପଞ୍ଜିକରଣ କରିବାର ଶେଷ ତାରିଖ ଭାବେ ନିର୍ଦ୍ଧାରିତ କରାଯାଇଛି। ପ୍ରତିଯୋଗୀ ମାନେ ଉଭୟ ଅନଲାଇନ ଓ ଅଫ ଲାଇନ ମାଧ୍ୟମରେ ପଞ୍ଜିକୃତ କରିବାକୁ କୁହାଯାଇଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଜିଲ୍ଲା ସଟଲ ଆସୋସିଏସନର ସଭାପତି ମହେଶ ଦାସଙ୍କ ସଭାପତୀତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସମ୍ପାଦକ ସମୀର ଦାସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ସହଯୋଗୀ ଅନୁଷ୍ଠାନ ମା ଦୁର୍ଗା ଆସୋସିଏସନ ଧାମନଗରର ସମ୍ପାଦକ ଅଜିତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକ ଜେନା ଉପସ୍ଥିତ ଥିଲେ। ଚାମ୍ପିୟନସିପ କମିଟିର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ମାନଙ୍କୁ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରିବା ସହିତ ଜିଲ୍ଲା ପ୍ରଶାସନ ଓ ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ ପ୍ରଥମ ଥର ପାଇଁ ଧାମନଗରରେ ଏପରି ଆୟୋଜନ କରିବା ପାଇଁ ସ୍ୱୀକୃତି ଦେଇଥିବାରୁ କୃତଜ୍ଞତା ଜଣାଇ ଥିଲେ। ଏହି ଅବସରରେ ବିକାଶ ଗୁପ୍ତା ଓ ଅମର ରାମ ପ୍ରମୁଖ ପରିଚାଳନା କରିଥିଲେ।

# ବଦଳିଯିବ ମୁମ୍ବାଇ ଇଣ୍ଡିଆନ୍ସ ଦଳର ନାମ !



ମୁମ୍ବାଇ: ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ବିଦେଶରେ ମଧ୍ୟ ବହୁତ ଟଙ୍କା ନିବେଶ କରୁଛି। କିଛି ସପ୍ତାହ ପୂର୍ବରୁ, ଏମ୍‌ଆଇ ଫ୍ରାଞ୍ଚାଇଜ ଦି ହଣ୍ଡ୍ରେଡ ଲିଗର ଓଭାଲ ଇନଭିନ୍ସିବଲ୍ସ ଦଳରେ ୪୯ ପ୍ରତିଶତ ଅଂଶଧନ କିଣିଛି। ଏବେ ଏକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି ଯେ ଓଭାଲ ଇନଭିନ୍ସିବଲ୍ସ 'ଏମ୍‌ଆଇ ଲଣ୍ଡନ' ଭାବରେ ଜଣାଯିବ। ଏହି ନୂତନ ନାମ ପରବର୍ତ୍ତୀ ସିଜିନ ପ୍ରଯୁଜ୍ୟ ହେବ। ସୂଚନାଯୋଗ୍ୟ ଯେ ଓଭାଲ ଇନଭିନ୍ସିବଲ୍ସ ଷଷ୍ଠ ଦଳ ପାଲଟିଛି ଯାହାର ମାଲିକାନା ମୁମ୍ବାଇ ଇଣ୍ଡିଆନ୍ସ ପାଖରେ ଅଛି। ଦି ଟେଲିଗ୍ରାଫ ଅନୁଯାୟୀ, ଦି ହଣ୍ଡ୍ରେଡ ସିଜିନ ୨୦୨୬ ପୂର୍ବରୁ ଓଭାଲ ଇନଭିନ୍ସିବଲ୍ସର ନାମ 'ଏମ୍‌ଆଇ ଲଣ୍ଡନ' ରଖାଯିବ। ୨୦୨୫ ସିଜିନ ଆରମ୍ଭ ହେବା ପୂର୍ବରୁ, ଦି ହଣ୍ଡ୍ରେଡ ଦଳରେ ଅତି କମରେ ୪୯ ପ୍ରତିଶତ ଅଂଶଧନ ପାଇଁ ବିଡିଂ ଆରମ୍ଭ ହୋଇଥିଲା। ଏଥିମଧ୍ୟରୁ, ଏମ୍‌ଆଇ ଫ୍ରାଞ୍ଚାଇଜ ଓଭାଲ ଇନଭିନ୍ସିବଲ୍ସ ଦଳ ପାଇଁ ବିଡିଂ କରିଥିଲା, ଯାହାର ମୂଲ୍ୟ ୧୨୩ ନିୟୁତ ପାଉଣ୍ଡ ବୋଲି କୁହାଯାଉଥିଲା। ଯେହେତୁ ମୁମ୍ବାଇ ଇଣ୍ଡିଆନ୍ସ ୪୯ ପ୍ରତିଶତ ଅଂଶଧନ କିଣିଛି, ତେଣୁ ସେମାନଙ୍କୁ ଏଥିପାଇଁ ୬୦ ନିୟୁତ ପାଉଣ୍ଡରୁ ଅଧିକ ଦେବାକୁ ପଡିବ। ଯାହା ଭାରତୀୟ ମୁଦ୍ରାରେ ୭୦୦ କୋଟି ଟଙ୍କାରୁ ଅଧିକ ହେବ। ମୁମ୍ବାଇ ଇଣ୍ଡିଆନ୍ସ ଏବେ ଓଭାଲ ଇନଭିନ୍ସିବଲ୍ସରେ ୪୯ ପ୍ରତିଶତ ଅଂଶଧନ ରଖିଛି, ବାକି ୫୧ ପ୍ରତିଶତ ଏବେ ବି ସରେ କାଉଣ୍ଟି କ୍ଲବର ମାଲିକାନା। ଦି ଟେଲିଗ୍ରାଫ ରିପୋର୍ଟ ଅନୁଯାୟୀ, ସରେ ଚାହୁଁଥିଲା ଯେ ଓଭାଲ ଇନଭିନ୍ସିବଲ୍ସର ନିଜସ୍ୱ ନାମ ରହୁ, ଏହା ସତ୍ତ୍ୱେ, ପରବର୍ତ୍ତୀ ସିଜନରୁ ଦଳଟି ଏମ୍‌ଆଇ ଲଣ୍ଡନ ନାମରେ ନାମିତ ହେବ। ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍‌ର ବର୍ତ୍ତମାନ ସାରା ବିଶ୍ୱରେ ମୋଟ ୬ଟି ଦଳ ଅଛି। ମୁମ୍ବାଇ ଇଣ୍ଡିଆନ୍ସ ଦଳ ବିସିସିଆଇ ଦ୍ୱାରା ପରିଚାଳିତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ଏବଂ ମହିଳା ପ୍ରିମିୟର ଲିଗ (ଡବ୍ଲ୍ୟୁପିଏଲ୍)ରେ ଖେଳେ। ମୁମ୍ବାଇ ଇଣ୍ଡିଆନ୍ସ ଆମେରିକାର ମେଜର ଲିଗ କ୍ରିକେଟ (ଏମ୍‌ଏଲ୍‌ସି)ରେ ଏମ୍‌ଆଇ ନ୍ୟୁୟର୍କର ମାଲିକ। ଏହା ବ୍ୟତୀତ ଦକ୍ଷିଣ ଆଫ୍ରିକାର ଏସ୍‌ଏ ୨୦ ରେ ଏମ୍‌ଆଇ କେପ ଟାଉନ, ଇଣ୍ଟରନ୍ୟାସନାଲ ଲିଗ ଟି୨୦ (ଆଇଏଲ୍‌ଟି ୨୦) ରେ ଏମ୍‌ଆଇ ଏମିରେଟ୍ସ ଏବଂ ଇଂଲଣ୍ଡର ଦି ହଣ୍ଡେଣ୍ଡ ଲିଗରେ Oval Invincibles, ଏସବୁ ଏମ୍‌ଆଇ ଫ୍ରାଞ୍ଚାଇଜର ମାଲିକାନା।

# କୋହଲି, ପଣ୍ଟିଂଙ୍କୁ ପଛରେ ପକାଇଲେ ରୋହିତ



ନୂଆଦିଲ୍ଲୀ: ଭାରତୀୟ ଦିନିକିଆ କ୍ରିକେଟ ଟିମର ଅଧିନାୟକ ରୋହିତ ଶର୍ମା ଟେଷ୍ଟ ଏବଂ ଟି୨୦ରୁ ଅବସର ନେଇ ସାରିଛନ୍ତି। ୧୦୦ରୁ ଅଧିକ ମ୍ୟାଚରେ ନେତୃତ୍ୱ ନେଇଥିବା ଅଧିନାୟକଙ୍କ ମଧ୍ୟରେ ରୋହିତଙ୍କ ବିଜୟ ପ୍ରତିଶତ ଅଧିକ ରହିଛି । ସେ ଏଥିରେ ରିକି ପଂଟିଂ, ଷ୍ଟିଭ ୱ, ହ୍ୟାନ୍ସି କ୍ରୋନିଏ ଓ ବିରାଟ କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି । ରୋହିତଙ୍କ ବିଜୟ ପ୍ରତିଶତ ୭୩.୨୩ ରହିଛି । ପଂଟିଂ ୬୭.୯୦ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ପଂଟିଂଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଷ୍ଟିଭ ୱଙ୍କ ଅଧିନାୟକ ଭାବେ ପ୍ରଦର୍ଶନ ଭଲ ରହିଥିଲା । ସେ ୬୪.୩୨ ପ୍ରତିଶତ ସହ ତୃତୀୟ ସ୍ଥାନରେ ରହିଛନ୍ତି । ଦକ୍ଷିଣ ଆଫ୍ରିକାର ହ୍ୟାନ୍ସି କ୍ରୋନିଏ ୬୫.୯୬ ଓ ଭାରତର ବିରାଟ କୋହଲି ୬୩.୩୨ ପ୍ରତିଶତ ସହ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି। ରୋହିତଙ୍କ ନେତୃତ୍ୱରେ ଭାରତ ୨ଟି ଆଇସିସି ଟ୍ରଫି ଜିତିଛି । ୨୦୨୪ ଟି୨୦ ବିଶ୍ୱକପ ଓ ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଭାରତକୁ ବିଜୟୀ କରାଇଥିବା ବେଳେ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଥିଲେ । ଏବେ ରୋହିତ ୨୦୨୭ ବିଶ୍ୱକପ ଖେଳିବା ଲକ୍ଷ୍ୟରେ ରହିଛନ୍ତି । ସେଥିପାଇଁ ସେ ଜୋରଦାର ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି ।

# ଚଣ୍ଡିମାତା ଫୁଟବଲ କପ୍ ଉଦ୍‌ଯାପିତ: କରନ ଏଫ୍‌ସି ଚାମ୍ପିଅନ୍




ଲହୁଣୀପଡ଼ା (ଭାସ୍କର ନ୍ୟୁଜ୍): ଚଣ୍ଡିମାତା ଫୁଟବଲ କ୍ଲବ, ବ୍ରାହ୍ମଣଗାଁ ଆନୁକୂଲ୍ୟରେ ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲଲେଇ ସ୍ଥିତ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଅଞ୍ଚଳର ୨୪ଟି ଫୁଟବଲ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ କରନ୍ ଏଫ୍‌ସି ଚାମ୍ପିଅନ ହୋଇଛି। ରୋନର୍ସ ଅପ୍ ଭାବେ ନେହେରୁ ବ୍ରଦର୍ସ ଯୋଗ୍ୟତା ଅର୍ଜନ କରିଛି। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଲହୁଣୀ ପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ ତଥା ସମ୍ମାନୀତ ଅତିଥି ଭାବେ ଅଭିରାମ ମହାକୁଳ ଓ ଗୋବିନ୍ଦ ମିଶ୍ର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଚଣ୍ଡିମାତା ଫୁଟବଲ କମିଟିର ସଭାପତି ପ୍ରଦୀପ କୁମାର ମାହାନ୍ତ, ସମ୍ପାଦକ ସୁମନ କୁମାର ମାହାନ୍ତ, ସଦସ୍ୟ ଡମ୍ବରୁଧର ମାହାନ୍ତ, ଲୋକନାଥ ମାହାନ୍ତ, (କାହ୍ନା) ଯତୀନ ମାହାନ୍ତ, ସନ୍ତୋଷ କୁମାର ମାହାନ୍ତ, ରୋହିତ କୁମାର ମାହାନ୍ତ, ମନୋଜ କୁମାର ମାହାନ୍ତ, ପ୍ରଭାତ କୁମାର ମାହାନ୍ତ, ପ୍ରତାପ କୁମାର ମାହାନ୍ତ ପ୍ରମୁଖ ସହଯୋଗ କରିଥିବା ବେଳେ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶାର ସ୍ୱିକୃତିପ୍ରାପ୍ତ ରେଫରି ମହୋନ ପାତ୍ର, ସୁଶାନ୍ତ କିସାନ, ଅଜିତ କୁମାର ମାହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ଅଶ୍ୱିନଙ୍କ ଶୋ'ରେ ଦ୍ରାବିଡଙ୍କ ଖୁଲାସା

# ଗ୍ଲେନ୍ ମ୍ୟାକଗ୍ରା ବିପଜ୍ଜନକ ଥିଲେ



ନୂଆଦିଲ୍ଲୀ : ରବିଚନ୍ଦ୍ରନ ଅଶ୍ୱିନଙ୍କ ଶୋ'ରେ ଏକ ପ୍ରଶ୍ନର ଉତ୍ତର ରାହୁଲ ଦ୍ରାବିଡ କହିଥିଲେ ଯେ, ବୋଲରଙ୍କ ମଧ୍ୟରେ ଗ୍ଲେନ୍ ମ୍ୟାକ୍‌ଗ୍ରା ସବୁଠାରୁ ବିପଜ୍ଜନକ ଥିଲେ। ରାହୁଲ ଦ୍ରାବିଡ୍ ନିଜର ଅନ୍ତର୍ଜାତୀୟ କ୍ୟାରିୟରରେ ୧୬୪ଟି ଟେଷ୍ଟ, ୩୪୪ଟି ୱାନଡେ ଓ ଗୋଟିଏ ଟି-୨୦ ମ୍ୟାଚ୍ ଖେଳି ଥିଲେ। ୧୯୯୬ରୁ ୨୦୧୨ ଯାଏ ସେ ବିଶ୍ୱର ଗୋଟିଏ ପରେ ଗୋଟିଏ ବିପଜ୍ଜନକ ବୋଲରଙ୍କ ସାମ୍ନା କରିଥିଲେ। ୱାସିମ୍ ଆକ୍ରମଙ୍କ ଠାରୁ ନେଇ ୱକାର ୟୁନୁସ୍ ଓ ସୋଏବ ଅଖତରଙ୍କ ଯାଏ, ଶେନ ୱାର୍ଣ୍ଣଙ୍କ ଠାରୁ ନେଇ ଗ୍ଲେନ୍ ମ୍ୟାକଗ୍ରା ଓ ବ୍ରେଟ୍ ଲିଙ୍କ ଯାଏ, ମୁଥେୟା ମୁରଲିଧରନଙ୍କ ଠାରୁ ନେଇ ଚାମିଣ୍ଡା ଭାସ୍‌ଙ୍କ ଯାଏ, କୋର୍ଟନୀ ୱାଲ୍ସଙ୍କ ଠାରୁ ନେଇ କୋର୍ଟନୀ ଏବ୍ରୋଜ ଯାଏ, ଜେମ୍ସ ଆଣ୍ଡରସନଙ୍କ ଠାରୁ ଷ୍ଟୁଆର୍ଟ ବ୍ରାଡ୍ ଯାଏ, ଏଲନ ଡୋନାଲ୍ଡଙ୍କ ଠାରୁ ନେଇ ମଖାୟାଏଣ୍ଟିନିଙ୍କ ଯାଏ ... ସେ ଅନେକ ବିଶ୍ୱ ସ୍ତରୀୟ ବୋଲକଙ୍କ ବିରୋଧରେ ଖେଳିଥିଲେ। 'କୁଟି ଷ୍ଟୋରିଜ୍ ୱିଦ୍ ଆଶ୍' ଶୋ'ରେ ଆର୍ ଅଶ୍ୱିନ ରାହୁଲ ଦ୍ରାବିଡ୍‌ଙ୍କୁ ପଚାରି ଥିଲେ ଯେ, ତାଙ୍କୁ କେଉଁ ଦ୍ରୁତ୍ ବୋଲର ସବୁଠୁ ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ ଲାଗନ୍ତି। ଉତ୍ତରରେ ଦ୍ରାବିଡ୍ ଗ୍ଲେନ୍ ମ୍ୟାକଗ୍ରାଙ୍କ ନାମ କହିଥିଲେ। ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ କୋଚ୍ କହିଛନ୍ତି, ଦ୍ରୁତ୍ ବୋଲରଙ୍କ କଥା କହିବି ତ ଗ୍ଲେନ୍ ମ୍ୟାକଗ୍ରା। ସେ ଜଣେ ଜବରଦସ୍ତ ବୋଲର ଥିଲେ। ସେ ମୋର ଅଫ୍ ଷ୍ଟମ୍ପକୁ ଅନ୍ୟ କୌଣସି ବି ବୋଲରଙ୍କ ଠାରୁ ଅଧିକ ଚ୍ୟାଲେଞ୍ଜ ଦେଇଥିଲେ। ମୁଁ ତାଙ୍କ ଠାରୁ ମଧ୍ୟ ଅଧିକ ଦ୍ରୁତ ବୋଲରଙ୍କୁ ଖେଳିଛି, କିନ୍ତୁ ନିରନ୍ତରତା ଓ ଦକ୍ଷତା ମାମଲାରେ ସେ ସବୁଠୁ ମୁସ୍କିଲ ବୋଲର ଥିଲେ, ଯାହାଙ୍କର ମୁଁ ସାମ୍ନା କରିଛି। କୌଣସି ସ୍ପିନରଙ୍କୁ ଖେଳିବା ତାଙ୍କୁ ସବୁଠୁ ଅସୁବିଧା ହେଉଥିଲା କି, ଏହାର ଉତ୍ତରରେ ଦ୍ରାବିଡ୍ ମୁଥେୟା ମୁରଲିଧରନଙ୍କ ନାଁ ନେଇ ଥିଲେ। ସେ କହି ଥିଲେ, ସ୍ପିନରଙ୍କ କଥା ଯଦି କହିବା ତ, ମୁଁ ଯାହାଙ୍କ ବିରୋଧରେ ଖେଳି ଥିଲି, ଏଥରେ ମୁଥେୟା ମୁରଲିଧରନ ସର୍ବଶ୍ରେଷ୍ଠ ବୋଲର ଥିଲେ।

### ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ସାଧାରଣ ବୈଠକ

# ୨୫ରୁ ଜୋନ୍‌ସ୍ତରୀୟ କ୍ରୀଡା ମହୋତ୍ସବ



ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ସାଧାରଣ ବୈଠକ ଏମପିସି ଉଚ୍ଚବିଦ୍ୟାଳୟ ବେତନଟୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଏମପିସି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନୀତ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ଓ ରମାକାନ୍ତ ମହାନ୍ତ, ପୂର୍ବତନ କ୍ରିଡ଼ା ଶିକ୍ଷକ ହରିଶ ଚନ୍ଦ୍ର ରାଉତ ଯୋଗଦାନ କରିଥିଲେ। ବ୍ଲକ୍ ନୋଡାଲ ଖେଳ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ଏହି ବୈଠକକୁ ପରିଚାଳନା କରିଥିବାବେଳେ ବେଳେ ବ୍ଲକ୍‌ର ସମସ୍ତ ଖେଳ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଖେଳରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବେତନଟୀ ବ୍ଲକକୁ ମଧ୍ୟ ୪ଟି ଜୋନ୍ ଯଥା ବେତନଟୀ, ଛଚିନାପଦ, ଅଁଳା ଓ ବୈଶିଙ୍ଗାରେ ବିଭକ୍ତ କରାଯାଇଅଛି। ଚଳିତ ବର୍ଷ ଜୋନ୍ ସ୍ତରୀୟ କ୍ରୀଡ଼ା ଆସନ୍ତା ଅଗଷ୍ଟ ୨୫ ତାରିଖ ସମସ୍ତ ଜୋନ୍‌ରେ ଓ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ସେପ୍ଟେମ୍ବର ୪ ତାରିଖ ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ କରାଯିବାକୁ ସ୍ଥିର ହୋଇଛି। ଉକ୍ତ ବୈଠକରେ ବେତନଟୀ ବ୍ଲକ ନୋଡାଲ ଖେଳ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ଜିଲ୍ଲା କ୍ରୀଡା ଶିକ୍ଷକ ସଂଗଠନର ସଂପାଦକ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ବ୍ଲକ୍ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହିତ ସନ୍ତରା ଓ ହେମପୁର ହାଇସ୍କୁଲରେ ନୂତନ ଭାବରେ ଯୋଗଦାନ କରିଥିବା କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସର୍ବଶେଷରେ ସଠିଲୋ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କ୍ଷଣପ୍ରଭା ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ୟୁନିର୍ଭସିଟୀ ଅଫ ମେରୀଲ୍ୟାଣ୍ଡ ସ୍କୁଲ ଅଫ ମେଡିସିନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ଏହି ଖୁଲାସା କରାଯାଇଛି ଯେ, କିଛି ବ୍ଲଡ ଗ୍ରୁପର ଲୋକେ ଅନ୍ୟ ଗ୍ରୁପ ତୁଳନାରେ ଅଧିକ ବ୍ରେନ ଷ୍ଟ୍ରୋକର ଶିକାର ହୋଇଛନ୍ତି। ନ୍ୟୁରୋଲୋଜୀ ଖବର କାଗଜରେ ଛପାଯାଇଥିବା ଏହି ଷ୍ଟଡୀରେ ଜଣାପଡିଛି ଯେ, ବ୍ଲଡ ଗ୍ରୁପ 'ଏ' ର ଲୋକଙ୍କୁ ବ୍ରେନ ଷ୍ଟ୍ରୋକର ବିପଦ ସବୁଠାରୁ ଅଧିକ। ଏହି ଲୋକମାନଙ୍କର ବ୍ଲଡ କ୍ଲଟିଙ୍ଗର ସମସ୍ୟା ଅଧିକ ଥାଏ। ଯାହା ବ୍ରେନ ଷ୍ଟ୍ରୋକର ଏକ ମୁଖ୍ୟ କାରଣ ଅଟେ। ଏହା ବ୍ୟତୀତ, ଏହି ଗ୍ରୁପର ଲୋକଙ୍କ ମଧ୍ୟରେ ହାଇ ବ୍ଲଡ ପ୍ରେସର ଏବଂ ଡାଇବେଟିସ ଭଳି ସ୍ୱାସ୍ଥ୍ୟ ସମସ୍ୟା ଅଧିକ ରହିଥାଏ। ଅନୁସନ୍ଧାନକାରୀ ଟିମ ୬ ଲକ୍ଷ ଲୋକଙ୍କ ଡାଟାକୁ ଏକତ୍ରିତ କରିଥିଲେ, ଯେଉଁଥିରେ ଭିନ୍ନ ଭିନ୍ନ ବୟସ, ଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲୋକେ ସାମିଲ ଥିଲେ। ଏମାନଙ୍କୁ ବ୍ଲଡ ଗ୍ରୁପ ଆଧାରରେ ଭିନ୍ନ ଭିନ୍ନ କାଟାଗୋରୀରେ ରଖାଗଲା ଏବଂ ସମୋନଙ୍କର ମେଡିକାଲ ହିଷ୍ଟ୍ରୀର ଅଧ୍ୟୟନ କରାଗଲା। ଏହାର ପରିଣାମସ୍ୱରୂପ, ବ୍ଲଡଗ୍ରୁପ 'ଏ'ର ଲୋକଙ୍କ ମଧ୍ୟରେ ଷ୍ଟ୍ରୋକର ମାମଲା ଅନ୍ୟ ବ୍ଲଡ ଗ୍ରୁପ ତୁଳନାରେ ଅଧିକ ମିଳିଥିଲା।





## ମୁହଁର ଲୋମ ଦୂରେଇବାକୁ ଚାହୁଁଥିଲେ

## ଆପଣାନ୍ତୁ ସହଜ ଘରୋଇ ଉପାୟ

*ମହିଳାଙ୍କ ମୁହଁରେ ଲୋମ ହେବା ଅନେକଙ୍କ ପାଇଁ ସାଧାରଣ କଥା । ବିଶେଷ କରି ଏହା ହର୍ମୋନ ଅସନ୍ତୁଳନ , ପିସିଏଏସ୍ ଏବଂ ମନୋପଜ୍ ସମସ୍ୟା ଯୋଗୁଁ ହୋଇଥାଏ । କିନ୍ତୁ ଏନେଇ ଚିନ୍ତା କରିବାର କାରଣ ନାହିଁ । କାରଣ ଏହାକୁ ଘରୋଇ ଉପାୟରେ ଦୂରେଇ ହେବ ।*

☐ ହଳଦୀ, ଓଟମିଲ୍ସ ଓ କଦଳୀ ମିଶାଇ ଏକ ପ୍ୟାକ୍ ବନାନ୍ତୁ । ଏହାକୁ ମୁହଁରେ ଲଗାଇ ହାଲକା ଶୁଖିବା ଯାଏଁ ଛାଡ଼ିଦିଅନ୍ତୁ । ଏହାକୁ ହାତରେ ଘସି ଛଡ଼ାଇବା ପରେ ସାଦା ପାଣିରେ ଧୋଇଦିଅନ୍ତୁ । ଏପରି ଲଗାତାର କଲେ ମୁହଁରେ ଲୋମମୁକ୍ତ କରିହେବ ।

☐ ଲେମ୍ବୁ ରସ, ମହୁ ଓ ବେସନ ମିଶାଇ ଏକ ପ୍ୟାକ୍ ବନାନ୍ତୁ । ଏହା ବ୍ଲିଚର କାମ କରେ । ଏହି ପ୍ୟାକକୁ ସପ୍ତାରେ ଦୁଇରୁ ତିନିଥର ମୁହଁରେ ଲଗାଇ ସ୍କ୍ରବ କଲେ ମଧରେ ଫେସିଆଲ ଲୋମ ସମସ୍ୟାରୁ ମୁକ୍ତି ପାଇହେବ ।

☐ ଅମୃତଭଣ୍ଡା ଚୋପାକୁ ମୁହଁରେ ଘଷିବା ଦ୍ୱାରା ଏଥିରେ ଥିବା ପପେନ୍ ଏନଜାଇମ୍ ମୁହଁ ଲୋମ ମୂଳକୁ ଦୁର୍ବଳ କରେ । ଫଳରେ ମୁହଁରେ ଲୋମ ଉଠିବା ବନ୍ଦ ହୁଏ । ଏହାକୁ ମୁହଁରେ ଘଷି ସାରିବା ପରେ କିଛି ବୁନ୍ଦା ଟି ଟ୍ରି ତେଲ ନେଇ ମୁହଁରେ ହାଲକା ମସାଜ କରନ୍ତୁ ।

☐ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରତି ଦିନ କିଛି ସମୟ ପ୍ରାଣାୟାମ କରିବା ସହ ୧୦ରୁ ୧୫ ମିନିଟ୍ ଚାଲନ୍ତୁ ।







# କେଉଁ ଜିନିଷ ଘରେ ରଖିଲେ ଅଶୁଭ

***ଘର ସଜାଇବା କାହାକୁ ବା ଭଲ ନ ଲାଗେ। ସେଥିପାଇଁ କିଏ କେତେ ପ୍ରକାରର ଘରସଜ୍ଜା ସାମଗ୍ରୀରେ ଘର ସଜାଇଥାନ୍ତି। ହେଲେ ଏମିତି ବି କିଛି ଜିନିଷ ଅଛି; ଯେଉଁଥିରେ ଘର ସଜାଇବାକୁ ନେଇ ବାସ୍ତୁଶାସ୍ତ୍ରରେ ବାରଣ କରାଯାଇଛି...***

ବାସ୍ତୁଶାସ୍ତ୍ର ଅନୁଯାୟୀ, ଦର୍ପଣ ହେଉଛି ଏକ ଶକ୍ତିଶାଳୀ ତତ୍ତ୍ୱ; ଯାହା ସକାରାତ୍ମକ ଉର୍ଜାକୁ ଆକର୍ଷିତ କରିବା ସହ ଧନକୁ ବି ପ୍ରଭାବିତ କରିଥାଏ। ତେଣୁ କାଚରେ ତିଆରି ଘରସଜ୍ଜା ସାମଗ୍ରୀକୁ ଘରେ ରଖିବା ଶୁଭ। କିନ୍ତୁ ଭାଙ୍ଗି ଯାଇଥିବା କାଚ କି ଦର୍ପଣକୁ ମୁହୂର୍ତ୍ତକ ପାଇଁ ବି ଘରେ ରଖିବା ଶୁଭଙ୍କର ନୁହେଁ। ଏହା ସମ୍ପର୍କରେ ତିକ୍ତତା ଆଣିବା ସହ ପ୍ରଗତିରେ ବାଧା ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ।

■ ଘରେ କୌଣସି ଜଙ୍ଗଲୀ ପ୍ରାଣୀ ଯେମିତି କି ବାଘ, ସିଂହ, ଭାଲୁ, ସାପ, ପେଚା ଆଦିଙ୍କର ଫଟୋ କି ଚିତ୍ର ରଖିବା ବି ଠିକ୍ ନୁହେଁ। ଏହା ପରିବାର ସଦସ୍ୟଙ୍କ ମନରେ ଡର, ଏକଲାପଣର ଭାବନା ସୃଷ୍ଟି କରିଥାଏ।

■ ଏହା ବଦଳରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ କିମ୍ବା ପକ୍ଷୀମାନଙ୍କର ସୁନ୍ଦର ଫଟୋ ହେଉ କି ଚିତ୍ର ଲଗାଇପାରିବେ।

■ କାପଟସ୍ ଭଳି କଣ୍ଟା ଜାତୀୟ ଉଭିଦକୁ ଘରେ ରଖିବା ଆଦୌ ଠିକ୍ ନୁହେଁ। ଏହା ପରିବାରବର୍ଗଙ୍କ ମନରେ ଚିଡିଚିଡ଼ାପଣ, ଝଗଡ଼ା ଭଳି ନକାରାତ୍ମକତା ସୃଷ୍ଟି କରିଥାଏ। କିନ୍ତୁ ଗୋଲାପ ଗଛ କଣ୍ଟାଜାତୀୟ ହେଲେ ବି ଏହାକୁ ଘରେ ରଖିପାରିବେ।

■ କାନ୍ଦୁଥିବା ଶିଶୁ, ସମୁଦ୍ରରେ ଝଡ଼ ସୃଷ୍ଟି ହେଉଥିବାର ଚିତ୍ର, ଯୁଦ୍ଧର ଫଟୋ ଅଥବା ଏକାକୀ ଗୋଟିଏ ପକ୍ଷୀ ବସିଥିବାର ପେଣ୍ଟିଂକୁ ବି ଘରେ ଲଗାଇବା ଠିକ୍ ନୁହେଁ। ଏହା ମନରେ ନକାରାତ୍ମକ ଭାବ ସୃଷ୍ଟି କରିଥାଏ।

■ ଖରାପ କିମ୍ବା ବନ୍ଦ ହୋଇଯାଇଥିବା ଘଣ୍ଟାକୁ ବି ଘରେ ରଖିଲେ ପରିବାରର ସୁଖଶାନ୍ତି ଉପରେ କୁ-ପ୍ରଭାବ ପଡ଼ିଥାଏ।

# ହର୍ଷବର୍ଦ୍ଧନ ରାଣେଙ୍କ 'ଏକ ଦିୱାନେ କି ଦିୱାନିୟତ'ର ଟିଜର ଆଉଟ୍

**ପୁ**ଣି ବଡ଼ ପରଦାରେ ନଜର ଆସିବେ ଅଭିନେତା ହର୍ଷବର୍ଦ୍ଧନ ରାଣେ । ବହୁପ୍ରତୀକ୍ଷିତ ଫିଲ୍ମ 'ଏକ ଦିୱାନେ କି ଦିୱାନିୟତ'ରେ ଅଭିନେତ୍ରୀ ସୋନମ ବାଜୱାଙ୍କ ସହ ଆସିବେ ନଜର । ପ୍ରଥମ ଥର ଏହି ଯୋଡ଼ି ପରଦାରେ ଅନସ୍କ୍ରିନ ରୋମାନ୍ସ ଦେଖିବାକୁ ମିଳିବ । ବର୍ତ୍ତମାନ ଫିଲ୍ମର ଟିଜର ରିଲିଜ ହୋଇଯାଇଥିବା ବେଳେ ଖୁବଶୀଘ୍ର ଫିଲ୍ମ ରିଲିଜ ହେବ । ତେବେ ୧ ମିନିଟ୍ ୪୦ ସେକେଣ୍ଡର ଏହି ଟିଜରରେ ପ୍ରବଳ ବର୍ଷାରୁ ଏକ ସିନ୍ ଆରମ୍ଭ ହୋଇଛି। ଯେଉଁଥିରେ ହର୍ଷବର୍ଦ୍ଧନ ରାଣେ ଏବଂ ସୋନମ ବାଜୱାଙ୍କ ଏକ ଝଲକ ଦେଖିବାକୁ ମିଳେ। ଏହି ସମୟରେ, ହର୍ଷବର୍ଦ୍ଧନ ରାଣେଙ୍କ କଣ୍ଠରେ ଏକ ଭଏସ୍ ଓଭର ଆସେ, ଯେଉଁଥିରେ ସେ କୁହନ୍ତି, 'ତୁମର ପ୍ରତି ମୋର ପ୍ରେମ ତୁମ ଉପରେ ନିର୍ଭରଶୀଳ ନୁହେଁ । ଏହା କେବଳ ଆଜି ନୁହେଁ, ମୃତ୍ୟୁ ପର୍ଯ୍ୟନ୍ତ ରହିବ ।' ଏହା ପରେ, ହର୍ଷବର୍ଦ୍ଧନ ରାଣେ ଏବଂ ସୋନମ ବାଜୱାଙ୍କ ବିଚ୍ଛେଦ ପର୍ଯ୍ୟନ୍ତ ପ୍ରେମ କାହାଣୀର କାହାଣୀ ଦେଖିବାକୁ ମିଳେ । ତେବେ ଏହି ଫିଲ୍ମଟି ୨ ଅକ୍ଟୋବର ୨୦୨୫ରେ ସିନେମା ହଲରେ ମୁକ୍ତିଲାଭ କରିବ । ପ୍ରକାଶ ଥାଉକି, ହାଇ ଭୋଲଟେଜ ଷ୍ଟୋରୀ ଟେଲିଂ( ମାଷ୍ଟର ମିଲାପ ମିଲନ ଜାୱେରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ମୁସ୍ତାକ ଶେଖଙ୍କ ଦ୍ୱାରା ଲିଖିତ । 'ଦ ସାବରମତି ରିପୋର୍ଟ'ର ନିର୍ମାତାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମ ଦର୍ଶକଙ୍କୁ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ନିର୍ମାତା । ଏହି ଫିଲ୍ମଟି ଦୀପାବଳିରେ ମୁକ୍ତିଲାଭ କରୁଥିବା ଦିନେଶ ବିଜାନଙ୍କ ହରର-କମେଡି ୟୁନିଭର୍ସ ଫିଲ୍ମ 'ଥାମା' ସହିତ ବକ୍ସ ଅଫିସରେ ଟକ୍କର ଦେବ ।



# ବିରଳ କଙ୍କଡ଼ା

## ପୃଥିବୀ ପାଇଁ ଦିଏ ଏହି ଗୁରୁତ୍ୱପୂର୍ଣ୍ଣ ସଙ୍କେତ



**ଥା**ଇଲାଣ୍ଡର କାଏଙ୍ଗ କ୍ରାଚାନ ଜାତୀୟ ଉଦ୍ୟାନରେ ଏକ ଅତ୍ୟନ୍ତ ବିରଳ ଏବଂ ଅନନ୍ୟ ପ୍ରଜାତିର କଙ୍କଡ଼ା ଦେଖାଯାଇଛି, ଯାହାର ରଙ୍ଗ ବାଇଗଣୀ। ଏହା ସୋସିଆଲ ମିଡିଆରେ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କିଛି ଫଟୋରେ ଏହି କଙ୍କଡ଼ାର ସୌନ୍ଦର୍ଯ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। କୁହାଯାଇଛି ଯେ, ପାର୍କ ରେଞ୍ଜରମାନେ ପାଟ୍ରୋଲିଂ ସମୟରେ ଏହି ସ୍ୱତନ୍ତ୍ର ତଥା ବିରଳ କଙ୍କଡ଼ାକୁ ଦେଖି କ୍ୟାମେରାରେ କଏଦ କରିଥିଲେ। ପାର୍କ ପ୍ରଶାସନ ଏହି ଆବିଷ୍କାରକୁ ପ୍ରକୃତିର ଏକ ମୂଲ୍ୟବାନ ଉପହାର ବୋଲି କହି ଫେସ୍‌ବୁକ୍‌ରେ ସେମାନଙ୍କର ଫଟୋ ଶେୟାର କରିଛି। କାଏଙ୍ଗ କ୍ରାଚାନ ଜାତୀୟ ଉଦ୍ୟାନ ମଧ୍ୟ ଏହି ସୁଯୋଗକୁ ବ୍ୟବହାର କରି କହିବାକୁ ଚେଷ୍ଟା କରିଥିଲା ଯେ, ଜଙ୍ଗଲର ପରିବେଶ ଏବଂ ପୃଥିବୀରେ ଜୈବ ବିବିଧତା ପାଇଁ ଏପରି ବିରଳ ପ୍ରଜାତିର ଉପସ୍ଥିତି କେତେ ଗୁରୁତ୍ୱପୂର୍ଣ୍ଣ। ସେମାନେ ବିଶ୍ୱାସ କରନ୍ତି ଯେ ରାଜା କଙ୍କଡ଼ାର ବଞ୍ଚିବା ଏକ ସଙ୍କେତ। ଏଠାରେ ଜଙ୍ଗଲ ସୁସ୍ଥ ଏବଂ ସୁରକ୍ଷିତ। ଏହା ସେମାନଙ୍କର ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରତିଫଳିତ କରେ। ପାର୍କର ସୋସିଆଲ ମିଡିଆ ପୋଷ୍ଟରେ ଲେଖାଯାଇଛି, ରାଜା କଙ୍କଡ଼ାର ଉପସ୍ଥିତି କେବଳ ଏକ ବିରଳ ପ୍ରାଣୀର ଆବିଷ୍କାର ନୁହେଁ, ବରଂ ଏହା ପାର୍କର ପରିବେଶର ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ଏହି ବିଶ୍ୱ ଐତିହ୍ୟସ୍ଥଳ ଏବେ ଏହାର ଆଶ୍ଚର୍ଯ୍ୟଜନକ ଜୈବ ବିବିଧତା ପାଇଁ ସାରା ବିଶ୍ୱରେ ଜଣାଶୁଣା ହେବ ଏବଂ ଏହି ସଂରକ୍ଷିତ ବନ୍ୟପ୍ରାଣୀର ଅସ୍ତିତ୍ୱ ଜଙ୍ଗଲର ଉତ୍କୃଷ୍ଟ ପରିବେଶର ପ୍ରମାଣ। ସିରିଣ୍ଡହର୍ନ କଙ୍କଡ଼ା ନାମରେ ମଧ ଜଣାଶୁଣା ରାଜା କଙ୍କଡ଼ା, ଥାଇଲାଣ୍ଡର ରାଜକୁମାରୀ ମହାଚକ୍ରୀ ସିରିଣ୍ଡହର୍ନଙ୍କ ନାମରେ ନାମିତ। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ପ୍ରଜାତି ପାଣ୍ଡା ପରିବାରର। ସାଧାରଣତଃ ପାଣ୍ଡା କଙ୍କଡ଼ା ସେମାନଙ୍କର ଧଳା ଏବଂ କଳା ପ୍ୟାଟର୍ଣ୍ଣ ପାଇଁ ଜଣାଶୁଣା, କିନ୍ତୁ ଏହି ବାଇଗଣୀ ସଂସ୍କରଣ ଅତ୍ୟନ୍ତ ବିରଳ। ପାଣ୍ଡା କଙ୍କଡ଼ା ବିଷୟରେ ବହୁତ କମ ସୂଚନା ଉପଲବ୍ଧ, ଏବଂ ଲୋକମାନେ ସେମାନଙ୍କର ବାଇଗଣୀ ରୂପ ବିଷୟରେ ଆହୁରି କମ ଜାଣନ୍ତି। ନ୍ୟାଶନାଲ ଜିଓଗ୍ରାଫିକର ୨୦୧୨ ରିପୋର୍ଟ ଅନୁଯାୟୀ, ଜର୍ମାନୀର ସେନକେନବର୍ଗ ପ୍ରାଣୀ ବିଜ୍ଞାନ ସଂଗ୍ରହାଳୟର ବୈଜ୍ଞାନିକ ହେଣ୍ଡ୍ରିକ ଫ୍ରିଟାଗ ଅଧ୍ୟୟନରେ କହିଛନ୍ତି ଯେ, ଏହି କଙ୍କଡ଼ାର ବାଇଗଣୀ ରଙ୍ଗ 'ଦୌଡ଼କୁ' ବିକଶିତ ହୋଇଥାଇପାରେ। ତାଙ୍କ ଅନୁସାରେ, ଏହି ବିଶେଷ ବାଇଗଣୀ ରଙ୍ଗ କୌଣସି ନିର୍ଦ୍ଦିଷ୍ଟ କାରଣ କିମ୍ବା କାର୍ଯ୍ୟ ପାଇଁ ନୁହେଁ ବରଂ କେବଳ ଚିହ୍ନଟର ଏକ ସାଧାରଣ ଦୃଶ୍ୟ ଚିହ୍ନ ଭାବରେ ବିକଶିତ ହୋଇଥାଇପାରେ। ସୋସିଆଲ ମିଡିଆରେ ଏହା କୌତୁହଳ ଏବଂ ଆଶ୍ଚର୍ଯ୍ୟ ଉଭୟ ସୃଷ୍ଟି କରିଛି। ଲୋକମାନେ କେବଳ ଏହାର ରଙ୍ଗ ପ୍ରତି ଆକର୍ଷିତ ନୁହନ୍ତି, ବରଂ ଏହାର ବିରଳତାକୁ ନେଇ ଚର୍ଚ୍ଚା କରୁଛନ୍ତି। ପ୍ରକୃତିରେ ଏପରି ପ୍ରାଣୀଙ୍କ ବଞ୍ଚିବା ଆମକୁ ମନେ ପକାଇ ଦିଏ ଯେ ଜୈବ ବିବିଧତାକୁ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ କରାଯାଇଥିବା ପ୍ରୟାସ କେତେ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ପ୍ରୟାସଗୁଡ଼ିକ ଏହି ଆଶ୍ଚର୍ଯ୍ୟଜନକ ପ୍ରାଣୀ ଏବଂ ସେମାନଙ୍କର ବାସସ୍ଥାନକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖେ।

# ଚର୍ଚ୍ଚାରେ ନ୍ୟାସା ଦେବଗନ



**ନ୍ୟା**ସା ଦେବଗନ ବର୍ତ୍ତମାନ ନିଜ ବିଟାଉନ୍ ଡେବ୍ୟୁକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ଅଜୟ ଦେବଗନ ଓ କାଜୋଲଙ୍କ ତନୟା ନ୍ୟାସା ଅନେକ ସମୟରେ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟିଥାଆନ୍ତି । ତେବେ ଷ୍ଟାରକିଡ୍‌ଙ୍କ ରେସ୍‌ରେ ତାଙ୍କୁ କେତେ ମାଇଲେଜ୍ ମିଳିବ ସେନେଇ ଦର୍ଶକ କଳନା କରିବା ଆରମ୍ଭ କରିସାରିଲେଣି । ନ୍ୟାସା ଦେବଗନ୍ ପ୍ରଥମରୁ ଏହି ଷ୍ଟାରକିଡ୍ ଜଣଙ୍କ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । କେତେବେଳେ ନିଜର ସ୍କ୍ରିନ୍ କଲରକୁ ନେଇ ତ କେତେବେଳେ ନିଜର କସମେଟିକ୍ ସର୍ଜରୀକୁ ନେଇ । ବିଭିନ୍ନ କଥା ପାଇଁ ଲାଇମ୍ ଲାଇଟ୍‌ରେ ରହୁଥିବା ନ୍ୟାସା ବର୍ତ୍ତମାନ ନିଜର ଡେବ୍ୟୁକୁ ନେଇ ଚର୍ଚ୍ଚାରେ। ଖୁବଶୀଘ୍ର ତାଙ୍କୁ ବଡପରଦାରେ ଦେଖିବାକୁ ମିଳିବ । ନିକଟରେ ପରିଚିତ ଫ୍ୟାଶନ ଡିଜାଇନର ତଥା ପ୍ରଯୋଜକ ମନୀଷ ମଲହୋତ୍ରା ନ୍ୟାସାଙ୍କର ଏକ ଫଟୋ ପୋଷ୍ଟ କରି ସିନେମା ନ୍ୟାସାଙ୍କର ଅପେକ୍ଷା କରିଥିବାନେଇ କ୍ୟାପସନରେ ଲେଖିଛନ୍ତି । ଅନ୍ୟ ଷ୍ଟାରକିଡଙ୍କ ଭଳି ତାଙ୍କୁ ମଧ ଅନେକ ସମୟରେ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ । ତେବେ ସେ ଅଧିକାଂଶ ସମୟରେ ନିଜର କସମେଟିକ୍ ସର୍ଜରୀ ଓ ଲୁକ୍ ପାଇଁ ସମାଲୋଚନାର ଶିକାର ହୋଇଥାଆନ୍ତି। କିଛି ଟ୍ରୋଲର୍ସ ନ୍ୟାସାଙ୍କୁ ସୌନ୍ଦର୍ଯ୍ୟ ପାଇଁ ମଧ ଟ୍ରୋଲ କରିଥାଆନ୍ତି । ହେଲେ ନିକଟରେ ନ୍ୟାସାଙ୍କୁ ଗ୍ରୁମିଂ ହେଉଥିବାର ଦେଖିବାକୁ ମିଳିଥିଲା । ଯାହା ତାଙ୍କର ବଲିଉଡ ଏଣ୍ଟ୍ରିକୁ ଚର୍ଚ୍ଚାକୁ ଆଣିଥିଲା । କେବଳ ଅଭିନୟ ନୁହେଁ ଫିଲ୍ମ ମେକିଂରେ ମଧ୍ୟ ରୁଚି ରଖନ୍ତି ନ୍ୟାସା ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

## ଟାଉନ୍ ଫୁଟବଲ୍-ଲିଗ୍- ୨୦୨୫ ଉଦ୍‌ଘାଟିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥା ପକ୍ଷରୁ ୨୧ତାରିଖ ଗୁରୁବାର ଦିନ 'ଷଷ୍ଠ ଭବାନୀପାଟଣା ଟାଉନ୍ ଫୁଟବଲ ଲିଗ୍-୨୦୨୫' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଖେଳର ମୁଖ୍ୟ ଅତିଥି ଭାବେ ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡା କ୍ଷେତ୍ରରେ କଳାହାଣ୍ଡିର ସୁନାମକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଏସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକ, ଉପ ସଭାପତି ରାମ କୁମାର ଜୈନ୍ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ୍ କାଦର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଅନ୍ୟାନ୍ୟ ଖେଳର ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାସ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ମିଶ୍ର, ବିପିନ ମିଶ୍ର, ଅଜୟ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ପଙ୍କଜ ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ ଓ ସୁରେଶ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ସହ ସ୍ୱାସ୍ଥ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଖେଳଟି ମାଣିକେଶ୍ୱରୀ ଫୁଟବଲ୍ ଟିମ୍ ବନାମ ମାରାଡୋନା ଫୁଟବଲ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଖେଳ ଶେଷ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଗୋଲ୍ ଦେଇ ୧-୧ ପଏଣ୍ଟ ବାଣ୍ଟି ନେଇଥିଲେ। ଖେଳଟିକୁ ବରିଷ୍ଠ ରେଫରୀ ନବୀନ କୁମାର ନାଏକ ପରିଚାଳନା କରିଥିବାବେଳେ ତାଙ୍କୁ ଛବିଲାଲ ନାଏକ,ମନୋରଞ୍ଜନ ମାଝୀ ଓ ଉଦ୍ଧବ ମାଝୀ ସହଯୋଗ କରିଥିଲେ।ଏଠାରେ ପ୍ରକାଶଯୋଗ୍ୟ ଯେ ଏହି ଟାଉନ୍ ଲିଗ୍ ଖେଳରେ ୨ ଟି ଗ୍ରୁପ ଜରିଆରେ ଭବାନୀପାଟଣା ସହରର ମୋଟ ୭ ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ୨୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଷଷ୍ଠ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଆସନ୍ତା ସେପ୍ଟେମ୍ବର ମାସ ୦୮ ତାରିଖରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେବେ କଳାହାଣ୍ଡିର ଗଣପର୍ବ ଭାବେ ପରିଚିତ ନୂଆଖାଇ ପର୍ବ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୭ ଠାରୁ ସେପ୍ଟେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଆସନ୍ତା ସେପ୍ଟେମ୍ବର ୫ରୁ ପୁଣି ଆରମ୍ଭ କରାଯିବ।

## ମଦ ଦୋକାନରେ ଅବକାରୀ ନିୟମର ଉଲ୍ଲଙ୍ଘନ, ମନଇଚ୍ଛା ଦର କଷୁଛନ୍ତି ବେପାରୀ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ମୋଟେର ଗ୍ରାମ ଠିପି ଖୋଲା ମଦ ଦୋକାନରେ ଅବକାରୀ ନିୟମର ଖୋଲାଖୋଲି ଉଲଂଘନ ହେଉଥିବା ଅଭିଯୋଗ ହେଉଛି। 'ବାର'ଲେଖାଥିଲେ ମଧ ଭିତରେ କୌଣସି ଆନୁସାଙ୍ଗିକ ସୁବିଧା ନାହିଁ। କେବଳ କିଛି ଟେବୁଲ୍ ଚଉକି ବ୍ୟତୀତ ଆଉ କୌଣସି ସୁବିଧା ନାହିଁ। ୱାସିଙ୍ଗ ବେସିନ ନାହିଁ କି ଟଏଲେଟ ସୁବିଧା ନାହିଁ। ଯାହା ଗୋଟିଏ ବାର କିମ୍ବା ରେଷ୍ଟୁରାଣ୍ଟର ସର୍ବନିମ୍ନ ଆନୁସାଙ୍ଗିକ ସୁବିଧା। ଗ୍ରାହକ ବସୁଥିବା କୋଠରୀର ସଫେଇ ନକହିବା ଭଲ। ପୁତିମୟ ଗନ୍ଧ। ଅଭିଯୋଗ କଲେ 'ପିନା ହେ ତୋ ପିଓ, ନେହି ତୋ ଭାଗୋ, କୋଇ ତୁମକୋ ୟହାଁ ବୁଲାକେ ନେହି ଲାୟେ ହେଁ'ବୋଲି ଜବାବ ଶୁଣିବାକୁ ମିଳୁଥିବା ଗ୍ରାହକ ଅଭିଯୋଗ କରନ୍ତି ।ମଦ ଦର ବି ଆବଶ୍ୟକତା ଠାରୁ ଅଧିକ ନେଉଥିବା ଅଭିଯୋଗ ହୋଇଛି। କେହି ଯଦି ପାଟି ଫିଟେଇଲା ଦୋକାନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ତାକୁ ଭୟଭୀତ କରୁଛନ୍ତି। ବିଲ ମାଗିଲେ ସଠିକ ବିଲ ଦେଉନାହାନ୍ତି। କମ୍ପ୍ୟୁଟରୀକୃତ ବିଲ ବଦଳରେ ସାଦା କାଗଜରେ ଏକ ଚିଠା ଲେଖି ଗ୍ରାହକ ହାତରେ ଧରାଉଛନ୍ତି। ଯେଉଁଠି ମଦ ଦୋକାନରେ ନାଁ ନାହିଁ କି କେଉଁ ବାବଦକୁ କେତେ ପ୍ରତିଶତ ଟାକ୍ସ/ ଭାଟ ଲାଗିଲା ତାହା ଲେଖାଯାଉ ନାହିଁ। କେବଳ ଟିନ ନମ୍ବର ଲେଖା ରହିଛି। ନିୟମ ଅନୁଯାୟୀ ସେସବୁ ଉଲ୍ଲେଖ ରହିବା କଥା ଏବଂ ତା ସହ ପାଣି ବୋତଲ ଓ ଗ୍ଲାସ ଫ୍ରି ଦେବା କଥା। ପ୍ରଥମତଃ ଧାର୍ଯ୍ୟଠାରୁ ଅଧିକ ଦର ନେଉଛନ୍ତି ତା ସହ ପାଣି ବୋତଲ ଏବଂ ଗ୍ଲାସ ଦର ମଧ୍ୟ ନେଉଥିବା ଅଭିଯୋଗ ହେଉଛି। ସହର ଠୁଁ ଗାଁ ସବୁଠି ଛତୁ ଫୁଟିଲା ଭଳି ଠିପି ଖୋଲା ବିଦେଶୀ ମଦ ଦୋକାନ । ଦରରେ କୌଣସି ନିୟନ୍ତ୍ରଣ ନାହିଁ। ଅବକାରୀ ନିୟମକୁ ତିଳେ ମାତ୍ର ଖାତିରି ନାହିଁ। ଏନେଇ କୋକସରା ଅବକାରୀ ଉପନିରିକ୍ଷକ ନରେନ୍ଦ୍ର ମିଞ୍ଜଙ୍କୁ ପଚାରିବାରୁ କେତେ ପ୍ରତିଶତ ଟାକ୍ସ ନେବା କଥା ସେ ଜାଣି ନାହାଁନ୍ତି ଏବଂ ଯେଉଁ ସବୁ ସୁବିଧା ରହିବା କଥା ତା'ର ତଦାରଖ ଅବକାରୀ ନିରୀକ୍ଷକଙ୍କ ଦାୟିତ୍ୱ ବୋଲି କହିଥିଲେ। ଜଣେ ଉପନୀରିକ୍ଷକ ହୋଇ ବାର ବା ରେଷ୍ଟୁରାଣ୍ଟରେ କେଉଁ ଆଇଟମ ଉପରେ କେତେ ପ୍ରତିଶତ ଟାକ୍ସ ନେବା ଜାଣିନାହାନ୍ତି ବୋଲି କହିବା ନିଶ୍ଚୟ ମଦ ଦୋକାନୀଙ୍କ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ପ୍ରୟାସ ବୋଲି ସାଧାରଣରେ ଚର୍ଚ୍ଚା।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ବିଧାୟକ



ଧର୍ମଗଡ, (ଭାସ୍କର ନ୍ୟୁଜ) : ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାର ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଧର୍ମଗଡ ବ୍ଲକର ବିଭିନ୍ନ ପଞ୍ଚାୟତର ଦିବ୍ୟାଙ୍ଗ, ବିଧବା, ବୃଦ୍ଧ ବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଧର୍ମଗଡ ସଭାଗୃହ ଠାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ୬୫ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା କାର୍ଡ ସହ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଏହା ସହ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ ଧର୍ମଗଡ ବିଧାୟକ। କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ବିଡ଼ିଓ ସଦାଶିବ ନାୟକ, ବରିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଦାୟିତ୍ୱ ପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକ ନାଥ ଭାଟି, କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥାଇ ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ଟଙ୍କା ସହ ଭତ୍ତା କାର୍ଡ ପ୍ରଦାନ କରିଥିଲେ।

## ସ୍ୱାସ୍ଥ୍ୟ ଶିବିରରେ ଏକ୍ସପାରୀ ମେଡ଼ିସିନ ବଣ୍ଟନ





ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଧାମନପୁର ସ୍ୱାସ୍ଥ୍ୟ ଶିବିରରେ ଏକ୍ସପାରୀ ମେଡ଼ିସିନ ଦେଇଥିବା ଦେଖିବାକୁ ମିଳିଛି। ସୂଚନାରୁ ପ୍ରକାଶ ଉକ୍ତ ସ୍ୱାସ୍ଥ୍ୟ ଶିବିରଟି କେଗାଁ କେନ୍ଦୁ ପତ୍ର ରେଞ୍ଜ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଚିକିତ୍ସାଳୟରୁ ଡାକ୍ତରମାନେ ଆସି ଚିକିତ୍ସା କରୁଥିଲେ। ଚିକିତ୍ସା ପରେ ସୁପତି କାଣ୍ଡ ନାମକ ଜଣେ ବୃଦ୍ଧାଲୋକଙ୍କୁ କ୍ୟାଲସିୟମ ସିରପ ଦେଇଥିଲେ। ହେଲେ ସେହି ସିରପର ଅବଧି ଗତ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଥିଲା। ଅନେକ ଲୋକଙ୍କୁ ଏକ୍ସପାରୀ ମେଡ଼ିସିନ ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଡାକ୍ତର ମାନେ ଯଦି ଏପରି ମେଡ଼ିସିନ ନିରୀହ ଲୋକମାନଙ୍କୁ ଦେବେ ତାହେଲେ ଲୋକଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ନେଇ ଚପରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରବିନ୍ଦ ଦାସଙ୍କୁ ଫୋନ ଯୋଗେ ପଚାରିବାରୁ ସେହି ମେଡ଼ିସିନ ଗୁଡିକ ଚପରିଆ ଡାକ୍ତରଖାନାରୁ ଯାଇ ନାହିଁ। ତାହା ଜିଲ୍ଲା ଚିକିତ୍ସାଳୟରୁ ଡାକ୍ତର ବିଜୟ ପଣ୍ଡା ମେଡ଼ିସିନ ଆଣି ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଗୋଲାମୁଣ୍ଡାରେ କଂଗ୍ରେସର ସାଙ୍ଗଠନିକ ବୈଠକ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ):ଗୋଲାମୁଣ୍ଡା ନିକଟସ୍ଥ ତୁମୁରା ଧାନ ମଣ୍ଡି ଠାରେ କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ନଉକେଶ୍ୱର ପୁଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଲୋକସଭା ପ୍ରାର୍ଥୀନୀ ଦ୍ରୋପଦୀ ମାଝୀ, ପିସିସି ସମ୍ପାଦକ ତୁଳେଶ୍ୱର ନାଏକ, ପିସିସି ଏସସି ସେଲ ସମ୍ପାଦକ ସାଉଳ ମଙ୍ଗରାଜ, ବରିଷ୍ଠ କଂଗ୍ରେସ ନେତା ନରହରି ବାଗ,ସହଦେବ ମାଝୀ, ଜୟରାମ ସୁନା ପ୍ରମୁଖ ମଞ୍ଚାସିନ ରହି ଆଗାମୀ ଦିନରେ କଂଗ୍ରେସ ଦଳକୁ କିପରି ମଜବୁତ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂତନ ବ୍ଲକ କଂଗ୍ରେସ କମିଟି ସଭାପତି ଚୟନ କରାଯାଇଥିଲେ ସଭାପତି ଚୟନ ହୋଇ ନପାରିବାରୁ ଉପସ୍ଥିତ କର୍ମୀ ମାନଙ୍କ ମଧ୍ୟରେ ୯ ଜଣଙ୍କ ନାମ ଜିଲ୍ଲା କମିଟିକୁ ପଠାଇଥିବା ଜଣାପଡିଛି।

## ଶ୍ରୀମଦ୍ ଭଗବଦ୍ କଥା ଜ୍ଞାନ ଯଜ୍ଞ ଆୟୋଜନ ପାଇଁ ପ୍ରସ୍ତୁତି



ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ସ୍ଥିତ ରୁପ୍ରାରୋଡ ଶର୍ମା ପରିବାରଙ୍କ ସୌଜନ୍ୟରେ ରୂପ୍ରାରୋଡ଼ରେ ଶ୍ରୀମଦ ଭଗବଦ୍ କଥା ଜ୍ଞାନ ଯଜ୍ଞ ଆୟୋଜନ ହେବାକୁ ସ୍ଥିର କରାଯାଇଛି। ଏହା ଚଳିତ ମାସ ୨୫ ତାରିଖ ଠାରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ପାପନାଶିନୀ ଓ ମୋକ୍ଷଦାୟିନୀ ସଙ୍ଗୀତମୟୀ ଶ୍ରୀମଦ୍ ଭାଗବତ କଥା ଜ୍ଞାନ ଯଜ୍ଞର ଆୟୋଜନ ଶ୍ରୀ ଦେବସର ଧାମରେ କରାଯାଇଛି। ଯେଉଁଠାରେ କଥା-ବ୍ୟାସ ଭାବେ ବ୍ରହ୍ମଚାରୀ ଶ୍ରୀ କୌଶିକ ଚୈତନ୍ୟଜୀ ମହାରାଜ ଅବତୀର୍ଣ୍ଣ ହେବେ ଏବଂ କର୍ତ୍ତା ରାଧେଶ୍ୟାମ ଶର୍ମା ତାଙ୍କ ସପତ୍ନୀ ସହିତ ପୂଜା କାର୍ଯ୍ୟ ତୁଲାଇବେ। କାର୍ଯ୍ୟକ୍ରମ ଅନୁସାରେ ସୋମବାର ୨୫ ଅଗଷ୍ଟ ପ୍ରଭାତରୁ କଳଶ ଯାତ୍ରା, ଦେବପୂଜନ ଓ କଥାର ଶୁଭାରମ୍ଭ ହେବ। ୨୬ ଅଗଷ୍ଟରେ ପରୀକ୍ଷିତ ସମ୍ବାଦ, ଶୁକଦେବ ଆଗମନ ଓ ହିରଣ୍ୟାକ୍ଷ ବଧ, ୨୭ ଅଗଷ୍ଟରେ କପିଳ ଅବତାର ଓ ଧ୍ରୁବ ଚରିତ୍ର। ୨୮ ଅଗଷ୍ଟରେ ବାମନ ଚରିତ୍ର, ବାସୁଦେବ ଜନ୍ମ ଓ ଶ୍ରୀକୃଷ୍ଣ ଜନ୍ମ। ୨୯ ଅଗଷ୍ଟରେ ଶ୍ରୀକୃଷ୍ଣ ବାଲ୍ୟଲୀଳା, ଦାନଲୀଳା ଓ ଗୋବର୍ଦ୍ଧନ ଲୀଳା, ୩୦ ଅଗଷ୍ଟରେ ଗୋପୀ ଗୀତ, ମହାରାସ ଓ ରୁକ୍ମିଣୀ ବିବାହ ଓ ୩୧ ଅଗଷ୍ଟରେ ଶ୍ରୀକୃଷ୍ଣ-ସୁଦାମା ଚରିତ୍ର, ପରୀକ୍ଷିତ ମୋକ୍ଷ ସହିତ କଥା ସମାପନ ହେବ। ପୂର୍ଣ୍ଣାହୁତି ଓ ହବନ ୧ ସେପ୍ଟେମ୍ବର ପ୍ରଭାତରେ ହେବାକୁ ନିର୍ଦ୍ଧାରିତ ହୋଇଛି। ପ୍ରତିଦିନ କଥାର ସମୟ ଦୁଇପହର ୩ଟାରୁ ୭ଟା ପର୍ଯ୍ୟନ୍ତ ରହିବ।

## ସୁରକ୍ଷିତ ସଫେଇ କାର୍ଯ୍ୟ ପାଇଁ ଆଲୋଚନାଚକ୍ର

କେସିଙ୍ଗା, (ଭାସ୍କର ନ୍ୟୁଜ୍) : ବିଜ୍ଞାପିତ ଅଂଚଳ ପାରିଷଦ କେସିଙ୍ଗା ଦ୍ୱାରା ଆଇନଗତ ସଫେଇ ସୁରକ୍ଷିତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି କେସିଙ୍ଗାର ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା, ବିଜ୍ଞାପିତ ଅଞ୍ଚଳ ପାରିଷଦ କେସିଙ୍ଗାର ପାରିଷଦ ବୃନ୍ଦ, ଅଧ୍ୟକ୍ଷ, ଉପାଧ୍ୟକ୍ଷା, ସ୍ୱଚ୍ଛ ସାଥୀ, ସୁପରଭାଇସର ଏବଂ ଏନ୍ଏସି କର୍ମଚାରୀ ମାନେ ଉପସ୍ଥିତ ରହି ମଳ ଉପଚାର କେନ୍ଦ୍ରର ପରିଦର୍ଶନ କରିଥିଲେ। ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ ନୃପରାଜ୍ ଯାଦବ, ଅଧ୍ୟକ୍ଷତା କରିଥିଲେ। ଆଲୋଚନାର ବିଷୟବସ୍ତୁ ଥିଲା ପାଇଖାନା ଟାଙ୍କି ସଫା କରିବା ସମୟରେ ଶେଷପୁଲ୍ ଗାଡ଼ିର ବ୍ୟବହାର, ପାଇଖାନା ଟାଙ୍କି ସଫା କରିବା ସମୟରେ ପଞ୍ଜୀକୃତ ପରିମଳ କର୍ମଚାରୀ ଙ୍କୁ ନିୟୋଜିତ କରିବା ସହ ସୁରକ୍ଷା ଉପକରଣ ବ୍ୟବହାର କରିବା। ଏହିସମ୍ବନ୍ଦରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।




## ୟୁରିଆ ସାର ଘୋଟାଲା ପ୍ରସଙ୍ଗ: ଚାଷୀ ହନ୍ତସନ୍ତ




**କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ୟୁରିଆ ସାର ଅଭାବ ଦେଖାଯାଇଛି। ୟୁରିଆ ସାର ପାଇଁ ଚାଷୀମାନଙ୍କୁ ନାକେଦମ ହେବାକୁ ପଡୁଛି। ସୁଲଭ ମୂଲ୍ୟରେ ୟୁରିଆ ସାର ପାଇବା ଲାଗି ଚାଷୀ କଳବଳ ହେବା ସହ ଘଣ୍ଟା ଘଣ୍ଟା ରାସ୍ତାରେ ଅପେକ୍ଷା କରୁଛନ୍ତି। ଗୁରୁବାର ରିଷିଡ଼ା ମେନ୍ ରୋଡ୍ ମୁଖ୍ୟରାସ୍ତା, ରିଷିଡ଼ା ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଶତାଧିକ ଚାଷୀ ଆଧାର କାର୍ଡ ଧରି ସରକାରୀ ମୂଲ୍ୟରେ ୟୁରିଆ ସାର ପାଇଁ ଅପେକ୍ଷା କରିଥିଲେ। ଘଣ୍ଟା ଘଣ୍ଟା ଧରି ପ୍ରବଳ ଭିଡ଼ ରହିଥିବାରୁ ମୁଖ୍ୟ ରାସ୍ତାରେ ଯାନ ବାହାନ ଚଳାଚଳରେ ସମସ୍ୟା ଦେଖା ଦେଇଥିଲା। ସାର ପାଇବା ଆଶାରେ ଚାଷୀଙ୍କ ମଧ୍ୟରେ ଧସ୍ତା ଧସ୍ତି ମଧ୍ୟ ହୋଇଥିଲା। ଅନ୍ୟପକ୍ଷରେ ଭିଡ଼ ଅଣଆୟତ୍ତ ହେବାରୁ ଅନେକ ଚାଷୀ ଅନ୍ୟ ଖୁଚୁରା ଦୋକାନରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ସାର କଣିଥିବା ଜଣାପଡ଼ିଛି। କର୍ଲାମୁଣ୍ଡା ବକ୍ଲରେ ଥିବା ଅନେକ ସାର ରିଟେଲ ମାନଙ୍କୁ ଗୋଦାମରେ ୟୁରିଆ ସାର ନାହିଁ। ୟୁରିଆ ସାର ନ ମିଳିବାରୁ କିଛି ରିଟେଲର ହାତବାନ୍ଧି ବସିଥିବା ବେଳେ କିଛି ରିଟେଲ ମାନଙ୍କୁ ଗୋଦାମରେ ୟୁରିଆ ସାର ଭରପୁର ଥିବା ଜଣା ପଡିଛି। ଏଭଳି ସ୍ଥିତିରେ ବ୍ଲକରେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଚାଷୀମାନେ ଏକପ୍ରକାର ୟୁରିଆ ସାର ନେଇ ଶୋଷଣର ଶିକାର ହୋଇଛନ୍ତି। କେତେ ପରିମାଣରେ ସାର ଯୋଗାଡ଼ କଲେ ଚାଷୀ ଆବଶ୍ୟକତା ଅନୁଯାୟୀ ସାର ପାଇପାରିବେ ତାହା ଆକଳନ କରାଯାଇନାହିଁ। ଚାଷୀ ୟୁରିଆ ସାର ପାଇଁ ଦହଲବିକଳ ହୋଇଥିବା ବେଳେ ଚାଷୀଙ୍କ ସମସ୍ୟା ବୁଝିବ କିଏ ବୋଲି ପ୍ରଶ୍ନ ହୋଇଛି ଓଚାଷୀମାନେ ସାର ଖୁଚୁରା ଦୋକାନଙ୍କ ଠାରୁ ଚଢା ଦରରେ କିଣି ନାକେଦମ ହୋଇଛନ୍ତି। କର୍ଲାମୁଣ୍ଡା ବକ୍ଲରେ ୟୁରିଆ ସାର ଅଭାବ ଦେଖା ଦେଇଥିବାରୁ କଳାବଜାରୀ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା କୃଷି ଅଧିକାରୀଙ୍କ ଠାରେ ଚାଷୀ ମହଲରେ ଦୃଢ ଦାବି ହୋଇଛି ।ଚଳିତ ବର୍ଷ ଧାନଚାଷୀଙ୍କ ପାଇଁ ପାଣିର ଆବଶ୍ୟକତା ଥିଲେ ମଧ ୟୁରିଆ ସାରର ଅଧିକ ଆବଶ୍ୟକତା ପଡୁଥିବା ଜଣାପଡିଛି। ୟୁରିଆ ସାର ପାଇବା ପାଇଁ ଚାଷୀ ଘାଣ୍ଟି ହୋଇଛନ୍ତି। ଚାଷୀଙ୍କୁ ଉପଯୁକ୍ତ ସମୟରେ ୟୁରିଆ ସାର ମିଳିପାରୁନାହିଁ ।

## ଦଲାଲ ମାଧ୍ୟମରେ ଆଧାର କାର୍ଡ ସଂଗ୍ରହ ଅଭିଯୋଗ

ଧର୍ମଗଡ(ଭାସ୍କର ନ୍ୟୁଜ୍): ଚାଷୀଙ୍କୁ ନିସ୍ତାର ନାହିଁ। ସବୁ କ୍ଷେତ୍ରରେ ଶୋଷଣର ଶିକାର ସାଜୁଛି ଚାଷୀ।ଧନ ବିହନ ଠାରୁ ଆରମ୍ଭ କରି ସାର, କୀଟନାଶକ ଔଷଧ ଯାଏ ଲମ୍ବୀ ରହିଛି। ବର୍ତ୍ତମାନ ଧାନ ଉଠିବା ପରେ ରାସାୟନିକ ସାର ୨ପଯ୍ୟାୟ ଡେବା ଆରମ୍ଭ ହେଲାଣି। ଠିକ ଏତିକି ବେଳେ ୟୁରିଆ ସାର ଅଭାବ ଦେଖା ଦେଲାଣି। ୟୁରିଆ ସାରରେ ବଡ଼ ଧରଣର କଳା ବେପାରୀ ଆରମ୍ଭ ହେଲାଣି। ବିଭାଗ ଆଉ ବେପାରୀ ମଧ୍ୟରେ ତାଳମେଳ ରହୁନାହିଁ। ସାର ଡିଲର ବେପାରୀଙ୍କ ପାଖରେ ୟୁରିଆ ମଜବୁତ ରହିଥିବା କୁହାଯାଉଥିବା ବେଳେ ଚାଷୀ ୟୁରିଆ ପାଇଁ ଦରାଣ୍ଡି ହେଉଥିବା କୁହାଯାଉଛି। ଜଣେ ଚାଷୀଙ୍କୁ ହେକ୍ଟର ପିଛା ୨-୩ ବସ୍ତା ୟୁରିଆ ର ଆବଶ୍ୟକ ଥିବା ବେଳେ ବେପାରୀ ମାନେ ୧-୨ବସ୍ତା ପାଉଥିବା ଅଭିଯୋଗ ହୋଉଛି। ତେବେ ଚାଷୀଙ୍କୁ ଶୋଷଣ କରିବା ପାଇଁ ବେପାରୀ ମାନେ ନୂଆ ପନ୍ଥା ଆପଣେଇ ଥିବା ଆଲୋଚନା ହେଉଛି। ଗାଁ ଗାଁରେ ଦଲାଲ ଲଗେଇ ଲୋକଙ୍କ ଠାରୁ ଆଧାର କାର୍ଡ ସଂଗ୍ରହ କରୁଥିବା ଚର୍ଚ୍ଚା ହେଉଛି। ଲୋକଙ୍କ କାର୍ଡରେ ୟୁରିଆ ସାର ଇସ୍ୟୁ କରି ତାହା ନବରଙ୍ଗପୁର, ଛତିଶଗଡ଼ ଆଦି ସ୍ଥାନକୁ ଚୋରା ଚାଲାଣ କରୁଥିବା କୁହାଯାଉଛି। ବିଶେଷ ଭାବେ ଧର୍ମଗଡ ବ୍ଲକଦଣ୍ଡପାଟ ଅଞ୍ଚଳ ବେହେରା ଠାରେ ଏଭଳି କାରବାର ହେଉଥିବା ଆଲୋଚନା ହୋଉଛି। ତେବେ ବିଭାଗ କାରବାରରେ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ବାରମ୍ବାର ଅଞ୍ଚଳରେ ସାର ଚୋରାଚାଲାନା ହେଉଥିବା ଖବର ବିଭିନ୍ନ ଗଣମାଧ୍ୟମ ପ୍ରକାଶ ପାଇଥିଲେ ମଧ୍ୟ ବିଭାଗ ନିରବ ସାଜିଛି। ନିକଟରେ ସାର ଚୋରାଚାଲାନା ପିକକପ ଜବତ ହୋଇଥିଲେ ୨୪ଘଣ୍ଟା ନ ପୁରୁଣୁ ଛାଡ଼ିଦେବା ନିହାତି ବିଭାଗର କାର୍ଯ୍ୟାନୁଷ୍ଠାନ ଉପରେ ସାଧରଣ ଭାବେ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ ଧର୍ମଗଡ କୃଷି ଜିଲ୍ଲା ଅଧୀନରେ ତଥା କୋକସରା, ଗୋଲାମୁଣ୍ଡା ଓ ଧର୍ମଗଡ ବ୍ଲକ ରେ ମୋଟ ୫୦ହଜାର ହେକ୍ଟର ରେ ଧାନ ଚାଷ ହୋଉଥିବା ବେଳେ ୫୮ହଜାର ହେକ୍ଟର ଜମି ରେ ଅନ୍ୟାନ୍ୟ ଚାଷ ହୋଉଥିବା ଜଣାପଡ଼ିଛି। ଧାନ ଚାଷ ପାଇଁ ମୋଟ ୭୫ହଜାର କୁଇଣ୍ଟାଲ ୟୁରିଆ ସାର ଆବଶ୍ୟକ ଥିବା ବେଳେ ଧର୍ମଗଡ଼ ବ୍ଲକରେ ମୋଟ ୧୬ଜଣଙ୍କୁ ସାରା ବିକ୍ରି ପାଇଁ ସରକାର ଅନୁମତି ଦେଇଛନ୍ତି। ଅଗଷ୍ଟ ସୁଦ୍ଧା ୧୮୨୦,୩୧କୁଇଣ୍ଟାଲ ସାର ବିକ୍ରି ହୋଇଥିବା ଜଣାପଡିଛି। ଧର୍ମଗଡ କୃଷି ଜିଲ୍ଲା ଅଧିକାରୀ ସଞ୍ଜୟ କୁମାର ପାତ୍ର -ଚାଷୀ ନିଜ ଆଧାର କାର୍ଡରେ ଫିଙ୍ଗର ପ୍ରିଣ୍ଟ ଦେଇ ସାର ନେଇଥାନ୍ତି- ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ରାଶିଫଳ

ଶନିବାର, ୨୩ ଅଗଷ୍ଟ ୨୦୨୫



**ମେଷ:** ଚାକିରୀ କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ। ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢିବା କାରଣରୁ ଚାପରେ ରହିପାରେ। ବିବାହିତ ଜୀବନ ଭଲ ହେବ। ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ। ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ। କାର୍ଯ୍ୟରେ ଅଳ୍ପ ସମୟ ରହିପାରେ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ।




**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ। ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ,, ଯାହା ଲାଭଦାୟକ ହେବ। ପରିବାର ସହିତ ଏକ ଖୁସିର ଦିନ ବିତାଇବ। ପିକନିକ୍ କିମ୍ବା ଅନ୍ୟ କୌଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ। ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ। ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ। ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ। ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ। ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ। ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ। ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ। ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ। ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିବ।



**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ। ବ୍ୟବସାୟରେ ଲାଭଜନକ କାରବାର ହେବ। ନୂତନ ବିନିଯୋଗ ସୁଯୋଗ ମିଳିବ। ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ। ବୌଦ୍ଧିକ ଏବଂ ଲେଖା କାର୍ଯ୍ୟରେ ସକ୍ରିୟ ହୋଇପାରେ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ। ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ। ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ। ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯